

କାଂସ୍ୟ ଜିତି ସମ୍ମାନ ରଖିଲେ ରିଷଭ
ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 141 | ଭାଗ ୩୩ | ସଂଖ୍ୟା ୧୪୧ | Bhubaneswar | Monday 11 August 2025 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର ୧୧ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଗରିବ କଲ୍ୟାଣ ଓ ବିକାଶ ସମାବେଶରେ କେନ୍ଦ୍ରମନ୍ତ୍ରୀ

## ଗଞ୍ଜାମର ବିକାଶ ବିନା ବିକଶିତ ଓଡ଼ିଶା ଅସମ୍ଭବ: ଧର୍ମେନ୍ଦ୍ର



**ବ୍ରହ୍ମପୁର,୧୦।୮(ସଂଚାର ବ୍ୟୁରୋ):** ଛତ୍ରପୁରସ୍ଥିତ ଅନସ୍ଲୋ ହାଇସ୍କୁଲ ପଡ଼ିଆରେ ଆଜି 'ଗରିବ କଲ୍ୟାଣ ଓ ବିକାଶ ସମାବେଶ' ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସମାବେଶରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାନ ଜନନାୟକ ସ୍ୱର୍ଗତ ଭିଭି ଗିରିଙ୍କ ଜନ୍ମଦିନ ଅବସରରେ ଗଞ୍ଜାମ ଜିଲ୍ଲାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ବିଶ୍ୱନାଥ ଦାସ, ଶଶିଭୂଷଣ ରଥ, ବିନାୟକ ଆଚାର୍ଯ୍ୟ, ବିଜୁ ପଟ୍ଟନାୟକ, ସଂଯୁକ୍ତା ପାଣିଗ୍ରାହୀ, ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ଆଦିବାସୀ ଜନନାୟକ ଚକରା ବିଷୋୟୀ ଆଦି ଜିଲ୍ଲାର ସୁଯୋଗ୍ୟ ସନ୍ତାନମାନଙ୍କୁ ସର୍ବପ୍ରଥମେ ପ୍ରଣାମ ଜଣାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ➪ ପୃଷ୍ଠା-୬

### କୋରାପୁଟ ମେଡ଼ିକାଲ କଲେଜ୍‌ରେ ୬୫୦ ଶଯ୍ୟାବିଶିଷ୍ଟ ଚିକିତ୍ସାଳୟ ଉଦ୍‌ଘାଟିତ

# ହାତପାହାନ୍ତାରେ ଉନ୍ନତ ସ୍ୱାସ୍ଥ୍ୟସେବା

- ନିରନ୍ତର ବିକାଶ ଧାରାରେ ଯୋଡ଼ିହୋଇଛି କୋରାପୁଟ: ମୁଖ୍ୟମନ୍ତ୍ରୀ
- ଖୁବ୍‌ଶୀଘ୍ର ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନୋମିକ କରିଡର୍‌ର ୬ ଲେନ୍ ରାସ୍ତା
- ପୂରଣ ହେବ ସବୁ ଖାଲି ପଦ
- ଚିକିତ୍ସାଳୟରେ ୨୮୦ କୋଟି ବ୍ୟୟ
- ହଇରାଣ ହେବେନି କୋରାପୁଟବାସୀ



**ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ (ଏସ୍‌ଏଲ୍‌ଏନ୍‌ଏମ୍‌ସିଏଚ୍)ଠାରେ ୨୮୦ କୋଟି ଟଙ୍କା ବ୍ୟୟରେ ୬୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଚିକିତ୍ସାଳୟ ଉଦ୍‌ଘାଟିତ ହେବା ଫଳରେ ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟସେବା ସଶକ୍ତ ହୋଇଛି ବୋଲି କହିବା ସହ ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନୋମିକ କରିଡର୍‌ର ୬ ଲେନ ବିଶିଷ୍ଟ ରାସ୍ତା ଖୁବ ଶୀଘ୍ର ନିର୍ମାଣ ହେବ ବୋଲି ଘୋଷଣା କରିଛନ୍ତି। ଏଥିସହ ଏହି ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ର ସମସ୍ତ ଖାଲି ପଦ ମଧ୍ୟ ତୁରନ୍ତ ପୂରଣ ହେବା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାସ୍ଥ୍ୟ ସେବା ପାଇଁ କୋରାପୁଟବାସୀଙ୍କୁ ଯେପରି ଆଉ ଦୂରଦୂରାନ୍ତ ସହରକୁ ଯାଇ ହଇରାଣ ହରକତ ହେବାକୁ ନପଡେ, ସେଥିପାଇଁ ଆମ ସରକାର ସମସ୍ତ ବ୍ୟବସ୍ଥା କରୁଛନ୍ତି। ଏହି ମେଡିକାଲ କଲେଜ ଓ ହସ୍ପିଟାଲ୍ ଦ୍ୱାରା କୋରାପୁଟ ସହ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲ୍ଲା ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ଲୋକମା ମଧ୍ୟ ଉପକୃତ ହେବେ। ଏଠାରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା ମଧ୍ୟ ଲୋକମାନଙ୍କୁ ମିଳିପାରିବ। ବିକାଶ ସହ ଦୁର୍ନୀତିମୁକ୍ତ ଶାସନ ଦେବା ଆମର କର୍ତ୍ତବ୍ୟ। ଆମ ସରକାର ଆସିବା ପରେ ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁଣାତ୍ମକମାନ ବୃଦ୍ଧି କରିବା ଉପରେ ପ୍ରାଥମିକତା ଦେଉଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବର୍ଷ ବର୍ଷ ଧରି ଖାଲି ପଡିଥିବା ପଦବୀ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯାଉଛି। ରାଜ୍ୟରେ ଏବେ ୧୨ଟି ସରକାରୀ ମେଡିକାଲ କଲେଜ ରହିଥିବା ବେଳେ ଖୁବ୍‌ଶୀଘ୍ର ଢେଙ୍କାନାଳ, ଜଗତସିଂହପୁର, ଭଦ୍ରକ ଓ ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ଏହା ପ୍ରତିଷ୍ଠା କରାଯିବ। ଏସ୍‌ଏଲ୍‌ଏନ୍‌ଏମ୍‌ସିଏଚ୍ ରୋଗୀଙ୍କ ପାଇଁ ବହୁବିଧ ଚିକିତ୍ସା ସୁବିଧା କରାଯାଉଛି। ସିଟି ସ୍କାନ୍, ଡାଏଲିସିସ୍, ମାମୋଗ୍ରାଫି ପରି ବ୍ୟୟବହୁଳ ରୋଗ ନିରୁପଣ ପାଇଁ ପରୀକ୍ଷାନିରୀକ୍ଷା ବ୍ୟବସ୍ଥା ମଧ୍ୟ କରାଯାଉଛି। ଗୁରୁତର ରୋଗୀଙ୍କୁ ନିରନ୍ତର ଅକ୍ସିଜେନ ଯୋଗାଣ ପାଇଁ ସ୍ୱତନ୍ତ୍ର ଅକ୍ସିଜେନ୍ ପ୍ଲାଣ୍ଟ ବସାଯାଉଛି। ହସ୍ପିଟାଲ ସଂଲଗ୍ନ ୨ ଏକର ପରିମିତ ଜାଗାରେ କ୍ୟାନ୍ସର ଚିକିତ୍ସା ହସ୍ପିଟାଲ ମଧ୍ୟ ନିର୍ମାଣ କରାଯାଉଛି। ଏଥିପାଇଁ ଆମ ସରକାର ପ୍ରାୟ ୪୧ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୩ କୋଟି ୪୬ ଲକ୍ଷ ଅର୍ଥାତ୍ ୮୦ ପ୍ରତିଶତ ଲୋକ ଉପକୃତ ହେଉଛନ୍ତି। ଏବେ ଏହି ଦୁଇଟି ଯୋଜନାରେ ରାଜ୍ୟର ପ୍ରାୟ ୩ ଲକ୍ଷ ୯୧ ହଜାର ହିତାଧିକାରୀଙ୍କ ପାଇଁ ➪ ପୃଷ୍ଠା-୬

### ଗ୍ରାଉଣ୍ଡରେ ବୁଲୁଛନ୍ତି ମନ୍ତ୍ରୀ, ନେତା

## ରାଜଧାନୀ ରାଜନୀତିରେ ମାତିଛି ବିଜେଡି

**ଭୁବନେଶ୍ୱର,୧୦।୮ (ସଂଚାର ବ୍ୟୁରୋ):** ବିଜେପି ରାଜ୍ୟରେ ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିଛି । ଏକ ବଡ଼ ଆଦିବାସୀ ଚେହେରାକୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇଛି ଦଳ। ରାଜ୍ୟ ଜନସଂଖ୍ୟାର ପ୍ରାୟ ୪୦ ପ୍ରତିଶତରୁ ଅଧିକ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ହୋଇଥିବାରୁ ଏହି ଦୃଷ୍ଟିରୁ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀଙ୍କର ଗ୍ରହଣୀୟତା ମଧ୍ୟ ଯଥେଷ୍ଟ ଅଧିକ। କିନ୍ତୁ ଗତ କିଛିମାସ ହେବ ବିଭିନ୍ନ ଘଟଣାକୁ ନେଇ ସରକାର ଅଡୁଆରେ ପଡ଼ିଛନ୍ତି ବୋଲି ବିରୋଧୀ ପ୍ରଚାର କରୁଛନ୍ତି। ହେଲେ ଦଳର ବରିଷ୍ଠ ନେତାଙ୍କ ସହ ନିଜେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ କୋରାପୁଟଠାରୁ ଆରମ୍ଭ କରି ମାଲକାନଗିରି, ନବରଙ୍ଗପୁର, ଗଞ୍ଜାମ ଆଦି ଜିଲ୍ଲା ଗସ୍ତ କରୁଛନ୍ତି। ଲୋକଙ୍କ ସହ ମିଶୁଛନ୍ତି, ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଉଛନ୍ତି।




ମୁଖ୍ୟମନ୍ତ୍ରୀ ନିଜେ ଦୁଇ ଦିନ କୋରାପୁଟରେ ରହିଲେ। ଉପମୁଖ୍ୟମନ୍ତ୍ରୀ ମଧ୍ୟ ନବରଙ୍ଗପୁର ଓ ରାୟଗଡ଼ାରେ ଆଶ୍ରମ ସ୍କୁଲ ଓ ମହିଳା ଏସଏଚ୍‌ଜିଙ୍କୁ ଭେଟି ଆଲୋଚନା କରୁଛନ୍ତି। ସେପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଞ୍ଜାମ ଗଡ଼ ସମ୍ଭାଳିଛନ୍ତି। ଏମିତିବି ଗଞ୍ଜାମ ଜିଲ୍ଲାର ୧୩ଟି ବିଧାନସଭା ଆସନ ବିଜେପି ଦଖଲରେ ଥିବା ବେଳେ ବିଜେଡି ମାତ୍ର ଗୋଟିଏ ଆସନ ପାଇଛି। ରାୟଗଡାରେ ୩ରୁ ୩ ଆସନ କଂଗ୍ରେସ ଖାତାକୁ ଯାଇଛି। ବିଜେପି କି ବିଜେଡି ଗୋଟିଏ ହେଲେ ଆସନ ପାଇନାହାନ୍ତି। ସେହିପରି କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ବିଜେଡି ଗୋଟିଏ ହେଲେ ଆସନ ପାଇନି। ନବରଙ୍ଗପୁର ଜିଲ୍ଲାର ୪ ଆସନରୁ ବିଜେପି ୩ଟି ➪ ପୃଷ୍ଠା-୬

## ଅଙ୍ଗନବାଡ଼ି ଛାତରୁ ମୃତଦେହ ଉଦ୍ଧାର

**କେନ୍ଦୁଝର, ୧୦ ।୮ (ସଂଚାର ବ୍ୟୁରୋ):** ଅଙ୍ଗନବାଡ଼ି କେନ୍ଦ୍ର ଛାତ ଉପରୁ ମିଳିଲା ନାବାଳକର ମୃତଦେହ। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ନେଇ ସନ୍ଦେହ କରାଯାଉଛି। ଏହିଭଳି ଘଟଣା ସାମ୍ନାକୁ ଆସିଛି କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦାରୁ। ବିଲେଇପଦା ସ୍ଥିତ ପୁରୁଣା ଅଙ୍ଗନବାଡ଼ି କେନ୍ଦ୍ରର ଛାତ ଉପରୁ ଜଣେ ନାବାଳକର ମୃତଦେହ ଉଦ୍ଧାର ହୋଇଛି। ମୃତକ ବିଲେଇପଦା ମୁଣ୍ଡା ସାହିର ଗୋବିନ୍ଦ ବବୋଙ୍ଗାଙ୍କ ୭ ବର୍ଷର ପୁଅ ଅରୁଣ ବବୋଙ୍ଗା ହୋଇଥିବା ନେଇ ସୂଚନା ମିଳିଛି। ଏହି ପୁରୁଣା ଅଙ୍ଗନବାଡ଼ି କେନ୍ଦ୍ରର ଛାତ ଉପର ଦେଇ ଅସୁରକ୍ଷିତ ଭାବେ ପାଖ ଦୋକାନକୁ ବିଦ୍ୟୁତ୍ ତାର ସଂଯୋଗ ଯାଇଥିବା ବେଳେ ନାବାଳକର ମୃତଦେହ ବିଦ୍ୟୁତ୍ ତାର ଉପରେ ପଡ଼ିଥିବାର ଦେଖିବାକୁ ମିଳିଛି। ➪ ପୃଷ୍ଠା-୬

## ଭୁବନେଶ୍ୱରରେ ହେବ ବିଶ୍ୱସ୍ତରୀୟ ଷ୍ଟାଡିୟମ



- ଖର୍ଚ୍ଚ ହେବ ୧ ହଜାର କୋଟି ଟଙ୍କା
- ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୦।୮ (ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ତିଆରି ହେବ ନୂଆ ବିଶ୍ୱସ୍ତରୀୟ ଷ୍ଟାଡିୟମ। ଏଥିପାଇଁ ଖର୍ଚ୍ଚ ହେବ ପ୍ରାୟ ୧ ହଜାର କୋଟି ଟଙ୍କା। ରବିବାର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ଆଥଲେଟିକ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ୍ ପ୍ରତିଯୋଗିତାର ଶୁଭାରମ୍ଭ ଅବସରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ରାଜ୍ୟରେ ୧୪ଟି ବ୍ଲକରେ ଉଚ୍ଚମାନର ଷ୍ଟାଡ଼ିୟମ ନିର୍ମାଣ କରିବାକୁ ସରକାର ଯୋଜନା କରିଛନ୍ତି। ଏନେଇ ବଜେଟରେ ୪୧୨୪ କୋଟି ଟଙ୍କା ଅଟକଳ କରାଯାଇଛି। ସେହିଭଳି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ଓଡ଼ିଶା ପାଇଁ ଏକ ଗୌରବର ଦିନ। କଳିଙ୍ଗ ➪ ପୃଷ୍ଠା-୬

### ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମାହୁତି ଘଟଣା

## ପୁରୁଷ ବନ୍ଧୁ ପ୍ରମୋଦ ଗିରଫ



**କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୧୦।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ କାଠିଆପଡ଼ା ଗ୍ରାମର ଯୁକ୍ତ ତିନି ଶେଷ ବର୍ଷର ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ଆଜି ପୁରୁଷ ବନ୍ଧୁ ପ୍ରମୋଦ ବେହେରାଙ୍କୁ ଗିରଫ କରାଯାଇଛି। ଏଥିସହ ପ୍ରମୋଦଙ୍କ ମୋବାଇଲ୍‌ରୁ ପୀଡ଼ିତାଙ୍କ ମୋବାଇଲକୁ ୬୦ରୁ ଅଧିକ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ପଠାଯାଇଥିବା ସ୍ପଷ୍ଟ ହୋଇଛି। ଏହାକୁ ଆଧାର କରି ତେରେଇ ଗ୍ରାମନିବାସୀ ପ୍ରମୋଦଙ୍କୁ ଗିରଫ ପରେ ପୁଲିସ୍ କୋର୍ଟଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହା ପ୍ରତିବାଦରେ ପ୍ରମୋଦଙ୍କ ପରିବାର ଓ ଗ୍ରାମବାସୀ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। ସମ୍ପୃକ୍ତ ଛାତ୍ରୀଙ୍କ ଆତ୍ମାହୁତି ମାମଲାରେ ପ୍ରମୋଦଙ୍କର କୌଣସି ଭୂମିକା ନାହିଁ ବୋଲି ସେମାନେ ଦାବି କରିଛନ୍ତି। ସେମାନଙ୍କ କହିବା କଥା ଯେ ପୀଡ଼ିତାଙ୍କୁ ତାଙ୍କ ବାପା ହତ୍ୟା କରିଛନ୍ତି ଓ ଏଥିରେ ସେ ପ୍ରମୋଦଙ୍କୁ ଫସାଇବାକୁ ଉଦ୍ୟମ କରିଛନ୍ତି। ତେଣୁ ପୁଲିସ୍ ତୁରନ୍ତ ପ୍ରମୋଦଙ୍କୁ ଖଲାସ କରିବା ସକାଶେ ସେମାନେ ଦାବି କରିବା ସହ ଧାରଣା ଚଳାଇଛନ୍ତି।

- ପ୍ରତିବାଦରେ ଥାନା ଘେରିଲେ ପରିବାର ଓ ଗ୍ରାମବାସୀ
- ଛାତ୍ରୀଙ୍କ ମୋବାଇଲକୁ ଆସିଛି ୬୦ ଭିଡିଓ
- ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ହୋଇନି: ଏସ୍‌ପି

ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ତଦନ୍ତ ନେଇ କହିଛନ୍ତି ଯେ ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଛନ୍ତି କି ଏହା ଏକ ହତ୍ୟାକାଣ୍ଡ, ସେନେଇ କିଛି ବି ସ୍ପଷ୍ଟ ହୋଇନାହିଁ। ପୁଲିସ୍ ଫରେନ୍‌ସିକ୍ ଲ୍ୟାବ୍ ଓ ଏଫ୍‌ଏମ୍‌ଟି ଡାକ୍ତରଙ୍କ ରିପୋର୍ଟ ସହ ସାଇଣ୍ଟିଫିକ୍ ରିପୋର୍ଟକୁ ଅପେକ୍ଷା କରିଛି। ଏହି ରିପୋର୍ଟ ଆସିଲେ ହିଁ ସବୁକିଛି ସ୍ପଷ୍ଟ ହେବ। ଏଥିପାଇଁ ଆହୁରି ୫/୬ ଦିନ ସମୟ ଲାଗିବ। ପୂର୍ବରୁ ପୀଡ଼ିତାଙ୍କ ବାପା ➪ ପୃଷ୍ଠା-୬

# ଦେଉଳଠୁ ମୁଖଶାଳା ବଡ଼: ଯନ୍ତ୍ରୀ-ଠିକାଦାରଙ୍କ ହନିମୁନ୍

**ଯାଜପୁର,୧୦।୮(ସଂଚାର ବ୍ୟୁରୋ):** ଯାଜପୁର ଆରଡି ଡିଭିଜନରେ ଡେଭିଏସନ୍ ନାମରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଭଳି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ବିଜୁ ସେତୁ ଯୋଜନାରେ ପୋଲ ନିର୍ମାଣ ପାଇଁ ଆକଳନ ମୂଲ୍ୟ ଅସ୍ୱାଭାବିକ ଭାବେ ବୃଦ୍ଧି କରାଯାଇ କୋଟି କୋଟି ଟଙ୍କାର ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିବା ବେଳେ ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ଉପରେ ମଧ୍ୟ ପ୍ରଶ୍ନଚିହ୍ନ ଲଗାଇଛି।

- ଡେଭିଏସନ୍ ନାଁରେ ଆଖିବୁଜା ଦୁର୍ନୀତି
- ୯ କୋଟି ପୋଲରେ ୨୨ କୋଟି ସ୍ୱାହା
- ଜୋର୍ ଧରିଲା ଭିଜିଲାନ୍ସ ତଦନ୍ତ ଦାବି

ସୂଚନା ଅଧିକାରରେ ମିଳିଥିବା ତଥ୍ୟ ଅନୁଯାୟୀ, ବୈତରଣୀ ନଦୀ ଉପରେ ପାଟପୁରଠାରୁ ଜୟନ୍ତରା ରାସ୍ତା ପର୍ଯ୍ୟନ୍ତ ପୋଲ ନିର୍ମାଣ ପାଇଁ ୮ କୋଟି ୯୯ ଲକ୍ଷ ୯୨ ହଜାର ୭୩୨ ଟଙ୍କାରେ ଠିକାସଂସ୍ଥା ଏଗ୍ରିମେଣ୍ଟ କରିଥିବା ବେଳେ ଅଧିକ ୧୩୮.୭୨ ପ୍ରତିଶତ ଡେଭିଏସନ୍ କରାଯାଇ ଅତିରିକ୍ତ ୧୨ କୋଟି ୪୮ ଲକ୍ଷ ୩୦ ହଜାର ୩୧୨ ଟଙ୍କା ଗତ ୨୦୨୪ ସେପ୍ଟେମ୍ବର ୨୭ ତାରିଖରେ ମଞ୍ଜୁର କରଯାଇଥିଲା। ଫଳରେ ପୋଲର ଆକଳନ ମୂଲ୍ୟ ବୃଦ୍ଧି ପାଇ ୨୧ କୋଟି ୪୮ ଲକ୍ଷ ୩୦ ହଜାର ୩୧୨ ଟଙ୍କାରେ ପହଞ୍ଚିଛି। ଏହି ତଥ୍ୟ ସାମ୍ନାକୁ ଆସିବା ପରେ ଏହି ଡେଭିଏସନ୍ ହିଁ ସରକାରୀ ଅଧିକାରୀ ଓ ଠିକାସଂସ୍ଥା ମଧ୍ୟରେ ଅସାଧୁ ମେଣ୍ଟ ଥିବା ଚର୍ଚ୍ଚା ହେଉଛି। ସାଧାରଣତଃ ପୋଲ ନିର୍ମାଣ ପାଇଁ ଆକଳନ ଅନୁମୋଦିତ ହେବା ପରେ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇ ଏ ବାବଦରେ ଏଗ୍ରିମେଣ୍ଟ ସ୍ୱାକ୍ଷରିତ ହୋଇଥାଏ। କିନ୍ତୁ ଏହାପରେ ଡେଭିଏସନ୍ ନାମରେ ଏଗ୍ରିମେଣ୍ଟ ମୂଲ୍ୟର ଶହେ ପ୍ରତିଶତରୁ ବି ଅଧିକ ମୂଲ୍ୟ ମୂଲ୍ୟ ବୃଦ୍ଧି କରାଯାଇଛି। ଏହା ସମ୍ପୂର୍ଣ୍ଣ ଭାବେ ସରକାରରୀ ନିୟମର ଖୋଲାଖୋଲି



ଉଲ୍ଲଂଘନ ବୋଲି କହିବାରେ କୌଣସି ଦ୍ୱିଧା ନାହିଁ। ଏହି ଅତିରିକ୍ତ ମୂଲ୍ୟ ବିନା ଟେଣ୍ଡରରେ ଠିକାସଂସ୍ଥାକୁ କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଯାଇଛି ଓ ମୂଳ ଆକଳନ ପ୍ରସ୍ତୁତି ସମୟରେ ଯନ୍ତ୍ରୀମାନେ ଏତେ ଅଧିକ କାର୍ଯ୍ୟର ଆବଶ୍ୟକତାକୁ କେମିତି ଭୁଲିଯାଉଛନ୍ତି, ତାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଡେଭିଏସନ୍ ନାମରେ କୋଟି କୋଟି ଟଙ୍କାର ହରିଲୁଟ କରାଯାଉଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ତେବେ ପୋଲ ବାବଦ ଟେଣ୍ଡର ପରେ ଡେଭିଏସନ୍ ନାମରେ ଅଧିକ ୧୨ କୋଟି ଟଙ୍କା କାହା ସ୍ୱାର୍ଥରେ ମଞ୍ଜୁର କରାଯାଇଛି ବୋଲି ମଧ୍ୟ ପ୍ରଶ୍ନ ହେଉଛି। ତେବେ ପୋଲ କାର୍ଯ୍ୟ ନେଇଥିବା ଠିକାଦାର ଯାଜପୁର ଜିଲ୍ଲାର ଜଣେ ପ୍ରଭାବଶାଳୀ ପୂର୍ବତନ ବିଧାୟକଙ୍କ ନିକଟତମ ଲୋକ ହୋଇଥିବାରୁ ଏପରି ଅନୁକମ୍ପା ଦେଖାଯାଇଥିବା ଚର୍ଚ୍ଚା ହେଉଛି।

ଏହି ଅନିୟମିତତା ପଛରେ ବିଭାଗୀୟ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ଥିବା ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ଯାଜପୁର ଆରଡି ଡିଭିଜନରେ ଅନେକଗୁଡିଏ ପ୍ରକଳ୍ପରେ ଏପରି କେଳେଙ୍କାରୀ ହୋଇଥିବା ଅଭିଯୋଗ ହେଉଛି। ଏପରି ଏକ ବଡ଼ ଧରଣର ଅନିୟମିତତାର ତୁରନ୍ତ ଭିଜିଲାନ୍ସ ତଦନ୍ତ କରାଯିବା ସକାଶେ ଯାଜପୁରବାସୀ ଦାବି କରିଛନ୍ତି।



### କାନ ଡେରିଥା

ପାଞ୍ଚ ବରଷରେ ପଚାଶ ହଜାର
ସୁଭଦ୍ରା ମାନଙ୍କୁ ମିଳିବ
ଜଳି ପୋଡ଼ିଗଲେ କୋଡିଏ ଲକ୍ଷ
ପରିବାର ଟିଏ ପାଇବ
ଏମିତି ହୋଇଲେ ସ୍ୱଭାବ...
ରାଜକୋଷ ସିନା ଖାଲି
ହୋଇଯିବ
ନାରୀଟିଏ ନ ମିଳିବ
ପୁରୁଷ ଟି ଖାଲି କାନ୍ଦିବ ।

■ ଦେବାଶିଷ

### ୟୁନିଭର୍ସିଟି ଲ' କଲେଜରେ ଅତିଥି ଅଧ୍ୟାପକ ନିଯୁକ୍ତି କେଳେଙ୍କାରୀ

# ସନ୍ଦେହ ଘେରରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭୂମିକା

**ଭୁବନେଶ୍ୱର, ୧୦।୭ (ସଂଚାର ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟର ଆଇନ ମହାବିଦ୍ୟାଳୟରେ ଗତ ବର୍ଷ ସେପ୍ଟେମ୍ବରରେ ୮ ଜଣ ଅତିଥି ଅଧ୍ୟାପକ ନିଯୁକ୍ତି ପାଇଥିଲେ ଆଇନ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ଗତ ଜୁନରେ ନିର୍ଦ୍ଦେଶନାମା ଜାରି କରିଥିଲେ ଯେ ଅତିଥି ଅଧ୍ୟାପକମାନଙ୍କୁ ବାହାର ନ କରି ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେମାନଙ୍କୁ ପୂର୍ବ ପଦରେ ରଖାଯିବ। ଏହା ରାଜ୍ୟର ସମସ୍ତ କଲେଜ ପାଇଁ ପ୍ରଯୁଜ୍ୟ ହେବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଥିଲା।

> ୨ ମାସ ପରେ ବି କେମିତି ପହଞ୍ଚିଲାନି ଚିଠି?
> ଚୟନରେ ପାତରଅନ୍ତର




କିନ୍ତୁ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆଇନ କଲେଜରେ ନିଯୁକ୍ତ ଥିବା ଅତିଥି ଅଧ୍ୟାପକମାନଙ୍କୁ ଗତ ଜୁନ୍ ୨୭ରେ ଏକ ଚିଠି ମାଧ୍ୟମରେ କାର୍ଯ୍ୟରୁ ଅନ୍ତର କରିଥିଲେ। ଏପରିକି ମେ' ମାସର ଚୁକ୍ତି ଅନୁଯାୟୀ ଦରମା ନ ଦେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଗଷ୍ଟ ମାସରେ କାର୍ଯ୍ୟାନ୍ତର କରିଥିଲେ। ବିଡ଼ମ୍ବନାର ବିଷୟ ହେଉଛି ଯେ ପୁନର୍ବାର ଜୁନ୍‌ରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନୂଆ ବିଜ୍ଞାପନ ପ୍ରକାଶ କରିଥିଲେ। ଏଥିସହ ଉକ୍ତ ବିଜ୍ଞାପନରେ କର୍ତ୍ତୃପକ୍ଷ ଏକ ସର୍ତ୍ତ ରଖିଥିଲେ ଯେ ୪୫ ବର୍ଷରୁ ଉର୍ଦ୍ଧ୍ୱ ପ୍ରାର୍ଥୀମାନେ ଆବେଦନ କରିପାରିବେ ନାହିଁ, ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ୍। ଏଥିସହ କର୍ତ୍ତୃପକ୍ଷ ୧୯ ଜଣ ପ୍ରାର୍ଥୀଙ୍କୁ ଚୟନ କରିଥିବା ବେଳେ ସେମାନଙ୍କୁ ନିଯୁକ୍ତିର ୬ ମାସ ପରେ ଏକକାଳୀନ ଦରମା ଦିଆଯିବ ବେଲି ମଧ୍ୟ କହିଥିଲେ। ଏଥିରେ ମଧ୍ୟ କର୍ତ୍ତୃପକ୍ଷ ଏକ ସର୍ତ୍ତ ରଖିଥିଲେ। କଲେଜ ଅଧ୍ୟକ୍ଷ ସାର୍ଟିଫିକେଟ ଦେବା ପରେ ସେମାନଙ୍କୁ ଦରମା ମିଳିବ ବୋଲି ରହିଥିଲା ସର୍ତ୍ତ। କିନ୍ତୁ ନିକଟରେ ସୂଚନା ଅଧିକାର ଆଇନ (ଆରଟିଆଇ) ରେ ମିଳିଥିବା ତଥ୍ୟ ଅନୁସାରେ, ଆଇନ କଲେଜ କର୍ତ୍ତୃପକ୍ଷ ଅଦ୍ୟାବଧି ଗତ ଜୁନ୍ ୧୧ ତାରିଖରେ ଉଚ୍ଚଶିକ୍ଷା ପଠାଇଥିବା ଚିଠି ପାଇନାହାନ୍ତି। ତେବେ ଉଚ୍ଚ ଶିକ୍ଷା ବିଭାଗର ଉକ୍ତ ଚିଠି କେଉଁ କାରଣରୁ ଦୁଇ ମାସ ପରେ ବି ➪ ପୃଷ୍ଠା-୬

### ଚନ୍ଦ୍ରଭାଗାରେ ଅଘଟଣ

## ସମୁଦ୍ରରେ ବୁଡ଼ିଗଲେ ୩ ଯୁବକ

**କୋଣାର୍କ,୧୦।୫(ସଂଚାର ବ୍ୟୁରୋ):** ପୁରୀ ଜିଲା କୋଣାର୍କ ଚନ୍ଦ୍ରଭାଗା ସମୁଦ୍ରରେ ରବିବାର ଏକ ଅଘଟଣ ଘଟିଛି। ସମୁଦ୍ରରେ ବୁଡ଼ି ୩ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ଜଣ ଯୁବକ ଭୁବନେଶ୍ୱରର ହୋଇଥିବା ବେଳେ ଅନ୍ୟ ଜଣେ କଟକ ପାହାଳ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଗାଧୋଉଥିବା ସମୟରେ ଚନ୍ଦ୍ରଭାଗା ଇକୋରିଟ୍ରିଟ୍ ନିକଟରେ ବୁଡ଼ିଯାଇ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ କିଛି ଦୂରରେ ବୁଡ଼ି ଅନ୍ୟ ଯୁବକ ଜଣଙ୍କ ଜୀବନ ଯାଇଛି। ପାହାଳରେ ରହୁଥିବା ଯୁବକ ଜଣଙ୍କ ପିଣ୍ଟୁ ପଟ୍ଟନାୟକ (୨) ବୋଲି ଜଣାପଡ଼ିଥିଲେ ହେଁ ଅନ୍ୟ ଦୁଇ ଜଣଙ୍କ ପରିଚୟ ମିଳିପାରିନାହିଁ। କିନ୍ତୁ ଉକ୍ତ ଦୁଇ ଜଣ ଭୁବନେଶ୍ୱରର ଏକ କାର୍ ମରାମତି କମ୍ପାନୀରେ କାମ କରୁଥିଲେ ବୋଲି ଚମ୍ପାହାର ଅଗ୍ନିଶମ ବାହିନୀ ଅଫିସର୍‌ଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ପିଣ୍ଟୁ ତାଙ୍କର କେତେକ ବନ୍ଧୁଙ୍କ ସହ ଚନ୍ଦ୍ରଭାଗାରେ ବଣଭୋଜି କରିବାକୁ ଆସିଥିଲେ। କିନ୍ତୁ ଗାଧୋଉଥିବା ସମୟରେ ବୁଡ଼ିଯିବାରୁ ତାଙ୍କୁ ଅନ୍ୟ ସାଙ୍ଗମାନେ ଉଦ୍ଧାର କରି କୋଣାର୍କ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଅବସ୍ଥା ➪ ପୃଷ୍ଠା-୬

## ରକ୍ଷା ବନ୍ଧନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦୁର୍ଘଟଣାଜନିତ ସଚେତନତା ବାର୍ତ୍ତା



**କେନ୍ଦ୍ରାପଡ଼ା,୧୦।୮(ସଂଚାର ବ୍ୟୁରୋ):** ପବିତ୍ର ରକ୍ଷା ବନ୍ଧନ ଅବସରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ପୁଲିସ ପ୍ରଶାସନ ତରଫରୁ ଦୁହୁରିଆ ନିକଟରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଓଡିଶା ସଡ଼କ ସେବା ସମିତି ତରଫରୁ ସମସ୍ତ ଗାଡ଼ି ଚାଳକମାନଙ୍କୁ ରାକ୍ଷୀ ବନ୍ଧା ଯିବା ସହ ଦୁର୍ଘଟଣା ଜନିତ ସଚେତନ ବାର୍ତ୍ତା ଦିଆଯାଇଥିଲା । ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ, କନିଷ୍ଠ ମୋଟର ଯାନ ନିରୀକ୍ଷକ ଶ୍ରୀକାନ୍ତ କୁମାର ଗୁରୁ, ପରିବହନ ବିଭାଗର ଟ୍ରାଫିକ ଇନ୍ସପେକ୍ଟର ରାଜନାରାୟଣ ସ୍ୱାଇଁ, ଅବକାରୀ ବିଭାଗର କର୍ମଚାରୀ, ପୋଲିସ ପ୍ରଶାସନ ଏବଂ ପରିବହନ ବିଭାଗର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏହି ସଚେତନତା କାର୍ଯ୍ୟକ୍ରମକୁ ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସା କରାଯାଇଛି ।

## ବିଭିନ୍ନ ସ୍ଥାନରେ ଆରଏସ୍ଏସ୍ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ



**ମହାକାଳପଡ଼ା,୧୦।୮(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ମହାକାଳପଡ଼ା ଖଣ୍ଡ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇ ଯାଇଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର ଜିଲ୍ଲା ମୁଖ୍ୟ ମାର୍ଗ ସୁଲେଖ ଚନ୍ଦ୍ର ପ୍ରଧାନ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଆର ଏସ ଏସ ର ସ୍ୱୟଂ ସେବକ ମାନେ ପ୍ରଥମେ ଅଳାଲେଇ ଗ୍ରାମରେ ପହଞ୍ଚି ଗ୍ରାମର ବିଭିନ୍ନ ବର୍ଗ ର ଲୋକମାନଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇ ଚାରାର ସମ୍ପର୍କ ଯୋଡ଼ିଥିଲେ । ରାଷ୍ଟ୍ର ର ସୁରକ୍ଷା ପାଇଁ ଆମେ ସମସ୍ତେ ପରସ୍ପର ହାତରେ ରାକ୍ଷୀ ବାନ୍ଧି ଏକ ହୋଇ ରହିବା ସନ୍ଦେଶ ଦେଇଥିଲେ। ପରେ ସ୍ୱୟଂ ସେବକ ମାନେ ମହାକାଳପଡ଼ା ଥାନା ର ଅଧିକାରୀମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ସହ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ଦମକଳ କେନ୍ଦ୍ର, କୋୟାରବାଙ୍କ ସ୍ଥିତ ପ୍ରତିରକ୍ଷା ବିଭାଗ ର କାର୍ଯ୍ୟାଳୟ, ସ୍ୱାମୀ ଶିବନାଥ ମହାରାଜଙ୍କ ମଠ ଆଦି କାର୍ଯ୍ୟାଳୟ କୁ ଯାଇ ରାକ୍ଷୀ ବାନ୍ଧିଥିଲେ। ଏହି କାର୍ଯ୍ୟକ୍ରମ ରେ ସ୍ୱୟଂ ସେବକ କଟକ ଜିଲ୍ଲା ଶାରୀରିକ ପ୍ରମୁଖ ହିମାଂଶୁ ଭୂଷଣ ରାଉତରାୟ , ଅଖିଳ ଭାରତୀୟ ଶିକ୍ଷକ ସଂଘ ର ଜିଲ୍ଲା ସମ୍ପାଦକ ପ୍ରମୋଦ ଖୁଣ୍ଟିଆ, ସୁଦର୍ଶନ ମିଶ୍ର, ଶାନ୍ତନୁ ଦାସ, ବିରଞ୍ଚି ନାରାୟଣ ଦାସ,ଅଶୋକ କୁମାର ସ୍ୱାଇଁ, ବିଘ୍ନେଶ ସେଠି, ଲକ୍ଷ୍ମୀକାନ୍ତ ସ୍ୱାଇଁ, ସମରେନ୍ଦ୍ର ମାହାଲି,ତଥାଗତ ବେହେରା, ଶ୍ରୀମନ୍ତ ଦାସ, କଳ୍ପତରୁ ସାମଲ,ଅମୀୟ କୁମାର ବାରିକ, ପ୍ରକାଶ ସୁତାର ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ସଂସ୍କୃତ ଦିବସ ପାଳିତ




**କେନ୍ଦ୍ରାପଡ଼ା,୧୦।୮(ସଂଚାର ବ୍ୟୁରୋ):** ସମଗ୍ର ବିଶ୍ୱରେ ଆଜି ସଂସ୍କୃତ ଦିବସ ପାଳନ ହେଉଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ମଧ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି । କେନ୍ଦ୍ରାପଡା ସହର ଉପକଣ୍ଠ ଗରାପୁର ସ୍ଥିତ ଆନନ୍ଦମାର୍ଗ ବିଦ୍ୟାଳୟ ପରିସରରେ ଚଉଦକୁଲାଟ ତମାଳଶାସନର ହରକୁମାର ଛାୟା ସେର ଫର ସୋସିଆଲ ଡେଭଲପମେଣ୍ଟ ଆନୁକୂଲ୍ୟରେ ବିଶ୍ୱ ସଂସ୍କୃତ ଦିବସ ପାଳନ ଉପଲକ୍ଷେ କିଶୋର ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପରିବେଶବୀତ ସନ୍ତୋଷ କୁମାର ଜେନା, ମୁଖ୍ୟବକ୍ତା ଭାବେ ଗାଳ୍ପିକ ପ୍ରଦୀପ ନାୟକ, ସମ୍ମାନୀତ ଅତିଥି ଭାବେ ଆନନ୍ଦମାର୍ଗର ଆଚାର୍ଯ୍ୟ ବିକାଶାନନ୍ଦ ଅବଧୂତବାବା, ସମାଜସେବୀ କାନନବାଳା ଦାସ, ରମେଶ ଚନ୍ଦ୍ର ସାହୁ ଓ ପ୍ରଶାନ୍ତ କୁମାର ପାତ୍ର ପ୍ରମୁଖ ଯୋଗଦେଇ ସଂସ୍କୃତ ଶିକ୍ଷାର ଗୁରୁତ୍ୱ ଓ ସାଂସାରିକ କ୍ଷେତ୍ରରେ ବ୍ୟବହାରିକ ବିଷୟ ଉପରେ ଆଲୋକପାତ କରିଥିଲେ । ଘରେ ଘରେ ସଂସ୍କୃତ ଭାଷାର ବ୍ୟବହାର ପାଇଁ ଉପସ୍ଥିତ ସଂସ୍କୃତାନୁରାଗୀମାନେ ଦୃଢ଼ ପ୍ରତିଜ୍ଞ ହୋଇଥିଲେ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସଂସ୍କୃତ ଭାଷା ରହିଛି ଓ ରହିବ ମଧ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୯ଟି ବ୍ଲକରୁ ଯୋଗଦେଇଥିବା ଶତାଧିକ ସଂସ୍କୃତାନୁରାଗୀ ନିଜ ଘରୁ ଦୃଢ଼ ପ୍ରତିଜ୍ଞ ହୋଇ ସଂସ୍କୃତ ଭାଷାକୁ ଚଳାଇ ରଖିବାକୁ ଆହ୍ୱାନ ଦେଇଥିଲେ । ବେଦଧ୍ୱନୀ ମାଧମରେ ଅଧାପକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଆଶୀର୍ବଚନ ପ୍ରଦାନ କରିବା ସହିତ ଉଚ୍ଚାଙ୍ଗରେ ବେଦଧ୍ୱନୀ କରିଥିଲେ । ଶେଷରେ ମନସ୍ୱିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ରସାବଳୀ ଦିବସ

**କେନ୍ଦ୍ରାପଡ଼ା,୧୦।୮(ସଂଚାର ବ୍ୟୁରୋ):** ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ପବିତ୍ର ଗହ୍ମାପୂର୍ଣ୍ଣିମା ଓ ବଳଭଦ୍ର ଜନ୍ମ ଦିବସ ଅବସରରେ ଶ୍ରୀଜୀଉଙ୍କ ମନ୍ଦିର ପରିସରରେ ଥିବା ରୋହିଣୀ ମଣ୍ଡପରେ ଶନିବାର ରସାବଳୀ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପରିଷଦର ସମ୍ପାଦକ ଉମାଶଙ୍କର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଡ. ଚୈତନ୍ୟ ଚରଣ ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପଣ୍ଡିତ କୈଳାସ ଚନ୍ଦ୍ର ଦାଶ ବେଦପାଠ କରିଥିଲେ । ସହସମ୍ପାଦକ ଆଶିଷ ମେକାପ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ଗୋଲଖି ଚନ୍ଦ୍ର ପଢ଼ିଆରୀ ବିବରଣୀ ପାଠ କରିଥିଲେ । ବରିଷ୍ଠ ଆଇନଜୀବୀ ସରୋଜରାଜ ସିଂହ, ଭାଗିରଥୀ ଜେନା, ଚିରଞ୍ଜନ ଦାସ, ସସ୍ମିତା ପଣ୍ଡା, ମମତାମୟୀ ସାମଲ, ଭକ୍ତପ୍ରିୟ ଦାଶ, ଅରବିନ୍ଦ ସାହୁ, ରବିନାରାୟଣ ପତି, ପ୍ରଦୀପ ମହାନ୍ତି, ପ୍ରଫୁଲ୍ଲ ଦାସ, ଧିରେନ ସାହୁ, ମଣିଭଦ୍ର ମେକାପ ପ୍ରମୁଖ ଶ୍ରୀଜୀଉଙ୍କ ଭୋଗ ରସାବଳୀର ପ୍ରସ୍ତୁତି, ପରମ୍ପରା, ପ୍ରଚାର ପ୍ରସାର ଓ ରସାବଳୀ ଟ୍ୟାଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏଥିସହିତ ଦୁହୁରିଆରେ ରସାବଳୀ ହବ୍ ପ୍ରତିଷ୍ଠା କରାଯିବା ନେଇ ପୂର୍ବତନ ଜିଲ୍ଲାପାଳଙ୍କ ପ୍ରତିଶୃତିକୁ ତୁରନ୍ତ କାର୍ଯ୍ୟକାରୀ କରାଇବା ପାଇଁ ଦାବି କରାଯାଇଥିଲା । ଏହି ଅବସରରେ ଶ୍ରୀଜୀଉଙ୍କ ପରମଭକ୍ତ ତଥା ରାଜ୍ୟର ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ଦିବାକର ମହାନ୍ତି, ରସାବଳୀ ଉପରେ ପୁସ୍ତକ ରଚନା କରିଥିବା ଗବେଷକ ନିରଞ୍ଜନ ମେକାପ, ରସାବଳୀର ଜିଆଇ ଟ୍ୟାଗ ପାଇଁ ଆବେଦନ କରିଥିବା 'ରାଇଡ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ କିଶୋର କୁମାର ସାହୁ ଓ ରସାବଳୀ ପ୍ରସ୍ତୁତକାରୀ ସୁନାମଣୀ ସୁଆର, ଅଞ୍ଜନା ସୁଆର, ସୌମେନ୍ଦ୍ର ସାହୁ, ଖଗେଶ୍ୱର ପ୍ରଧାନ, କେଶବ ସାହୁ ଓ କିଶୋର ସାହୁ ପ୍ରମୁଖଙ୍କୁ ଉତରୀୟ,ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରାଇଡର ସମ୍ପାଦକ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ଶ୍ରୀଜୀଉଙ୍କ ମନ୍ଦିର ପରିସରରେ ଥିବା ଭକ୍ତମାନଙ୍କୁ ପରିଷଦ ପକ୍ଷରୁ ରସାବଳୀ ବନ୍ଟନ କରାଯାଇଥିଲା ।

# ଜଣ୍ଡିସ୍ ରୋଗରେ ୬ ଛାତ୍ରଛାତ୍ରୀ ଆକ୍ରାନ୍ତ

## ସ୍କୁଲ ନଳକୂପର ଦୂଷିତ ପାଣି ପିଇ ଆକ୍ରାନ୍ତ ହୋଇଥିବା ଅଭିଯୋଗ

**ଆଳି,୧୦।୮ (ସଂଚାର ବ୍ୟୁରୋ):** ଆଳି ବ୍ଲକ ଅନ୍ତର୍ଗତ ଗୋପାଳପୁର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୂଷିତପାଣି ପିଇ ୬ଜଣ ଛାତ୍ରଛାତ୍ରୀ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ଛାତ୍ରଛାତ୍ରମାନେ ହେଉଛନ୍ତି ଗୋପାଳପୁର ଓ ପତ୍ରପୁର ଗାଁର। ସ୍କୁଲ ପରିସରରେ ଥିବା ଏକ ନଳକୂପରୁ ଦୀର୍ଘଦିନ ହେବ ଦୂଷିତ ପାଣି ବାହାରୁଛି ଆଉ ସେହି ପାଣିକୁ ଛାତ୍ରଛାତ୍ରୀମାନେ ପିଇବା ସହ ଓ ମଧାହ୍ନ ଭୋଜନରେ ରୋଷେଇରେ ମଧ ବ୍ୟବହାର କରାଯାଉଛି। ଯାହା ଫଳରେ ଏହି ସ୍କୁଲରେ ପାଠପଢୁଥିବା ୬ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି।

ଛାତ୍ରଛାତ୍ରୀମାନେ ଜଣ୍ଡିସ୍‌ରେ ଆକ୍ରାନ୍ତ ହେବାପରେ ଅଭିଭାବକଙ୍କ ମଧରେ ଭୟର ବାତାବରଣ ଖେଳିଯାଇଛି। ଯାହାକି ଏହି ସଂଖ୍ୟା ବଢ଼ିପାରେ ବୋଲି ଅଭିଭାବକ ମହଲରେ ଭୟ ସୃଷ୍ଟି ହୋଇଛି। ଖୁବଶୀଘ୍ର ସ୍କୁଲକୁ ଏକ ଡାକ୍ତରୀ ଟିମ୍ ପଠାଇ ପାଣି ନମୁନା ସଂଗ୍ରହ କରିବା ସହ ଛାତ୍ର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଏନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ପତିକ୍ରିୟା ମିଳିପାରିନାହିଁ।

● ତୁଳସୀ ମହିଳା ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ

## ସାଂସଦଙ୍କ ଅନୁଦାନ ପାଣ୍ଠିରୁ ଦୂର ହେବ ପାନୀୟ ଜଳ ସମସ୍ୟା



**କେନ୍ଦ୍ରାପଡା,୧୦।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ୪୭ତମ ସ୍ୱନକ୍ଷତ୍ର ଦିବସ ଅଧକ୍ଷ ଡ଼ ମଥୁରି ଚରଣ ନାୟକଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ାର ସାଂସଦ ବୈଜୟନ୍ତ ପଣ୍ଡା ଯୋଗଦେଇ ତୁଳସୀ ମହିଳା ମହାବିଦ୍ୟାଳୟକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ାର ପ୍ରାକ୍ତନ ସାଂସଦ ଅର୍ଚ୍ଚନା ନାୟକ ଯୋଗଦେଇ ନାରୀ ସୁରକ୍ଷା ଓ ନାରୀର ସ୍ୱାଭିମାନ ରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ପୂର୍ବତନ ଅଧକ୍ଷା ଗୀତାଞ୍ଜଳୀ ସେଠୀ ମହିଳା ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟବକ୍ତା ଖଦୀ ବୋର୍ଡର ପୂର୍ବତନ ଅଧକ୍ଷ ତେଜେଶ୍ୱର ପରିଡା ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଗୁରୁତ୍ୱ ଆରୋପ କରି ମହାବିଦ୍ୟାଳୟର ସାମଗ୍ରୀକ ବିକାଶ ପାଇଁ ସର୍ବଦା ତାଙ୍କର ସହଯୋଗ ରହିବ ବୋଲି ମତବ୍ୟକ୍ତ କରିଥିଲେ । ଅଧକ୍ଷ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲା ବେଳେ ମହାବିଦ୍ୟାଳୟର ପ୍ରଶାସନିକା ଅଧିକାରୀ ସବିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ଡ଼ ସୁଜାତା ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧାପକ ଶକ୍ତି ଶେଖର ଦାଶ ଓ ଅଧାପିକା ଭାରତୀ ଜେନା ମଂଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଙ୍ଘ ପକ୍ଷରୁ ସହାୟତା

**କେନ୍ଦ୍ରାପଡ଼ା,୧୦।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖରେ ଆଉଟସୋର୍ସିଂ ଜରିଆରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଥିବା ଅସ୍ଥାୟୀ କର୍ମଚାରୀ ହିମାଂଶୁ ଶେଖର ଦାଶଙ୍କ ଅକାଳ ବିୟୋଗରେ କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଙ୍ଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଏଥିସହିତ ସଙ୍ଘ ପକ୍ଷରୁ ସାଧାରଣ ସମ୍ପାଦକ ଗଣେଶ୍ୱର ମେକାପଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସ୍ୱର୍ଗତ ହିମାଂଶୁଙ୍କ ନସଡିପୁରସ୍ଥିତ ବାସଭବନରେ ପହି ତାଙ୍କ ବିଧବା ପତ୍ନୀଙ୍କୁ ସଙ୍ଘ ପକ୍ଷରୁ ୧୬ହଜାର ଏକଶହ ଏକ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିଛି । ଏହି ପ୍ରତିନିଧି ମଣ୍ଡଳୀରେ ସଙ୍ଘର ସଦସ୍ୟ ସ୍ୱାଧୀନ କୁମାର



ଦାଶ, ମାଧବାନନ୍ଦ ମହାପାତ୍ର, ମହେନ୍ଦ୍ର କୁମାର ମିଶ୍ର ଓ ସୁବାସ ଚନ୍ଦ୍ର ବରାଳ ପ୍ରମୁଖ ସହାୟତା ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଏହି ଅବସରରେ ସଙ୍ଘର ସାଧାରଣ ସମ୍ପାଦକ ଶ୍ରୀ ମେକାପ ବ୍ୟାଙ୍କ କୃପକ୍ଷ ଏବଂ ସରକାରଙ୍କୁ ଆଉଟସୋର୍ସିଂ ପଦ୍ଧତି(ଶ୍ରମିକ ମାରଣ ନୀତି)କୁ ତୁରନ୍ତ ବନ୍ଦ କରାଯିବା ସହ ଏହି ପଦ୍ଧତିରେ ନିଯୁକ୍ତି ପ୍ରାପ୍ତ କର୍ମଚାରୀମାନଙ୍କୁ ପର୍ଯ୍ୟାୟକ୍ରମେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବାକୁ ଦାବି କରିଛନ୍ତି ।

## ଗୁଳିଭର୍ତ୍ତି ଦେଶୀ ବନ୍ଧୁକ ସହ ୨ ଶିକାରୀ ଗିରଫ

**ନୀଳଗିରି,୧୦।୮(ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟରୁ ଆଜି ଦୁଇଜଣ ସଶସ୍ତ୍ର ଶିକାରୀକୁ ଗିରଫ କରାଯିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ଗୁଳିଭର୍ତ୍ତି ଦେଶୀବନ୍ଧୁକ ଜବତ କରାଯାଇଛି। ସୂଚନା ମୁତାବକ ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତ ଡେଉଁଚଖାଲ ଅଞ୍ଚଳର ସ୍ୱର୍ଗତ ବନମାଳୀ ସିଂଙ୍କ ପୁଅ ହଗୁରୁ ସିଂ ଏବଂ ସିନ୍ଦୁରିଆ ଗ୍ରାମର ଶଙ୍କରା ସିଂର ପୁଅ ସନିଆ ସିଂ ଏକ ଗୁଳିଭର୍ତ୍ତି ଦେଶୀବନ୍ଧୁକ ସହିତ ବାରୁଦ, ଛୁରୀ, ଫାସ ନେଇ କୁଲଡିହା ଜଙ୍ଗଲରେ ଜନ୍ତୁଶିକାର ଉଦ୍ଦେଶ୍ୟରେ ପ୍ରବେଶ କରିଥିବା ବେଳେ ବିଶେଷ ସୂତ୍ରରୁ ଖବରପାଇ କୁଲଡିହା ବନବିଭାଗର ପେଟ୍ରୋଲିଂ ଟିମ ଉଭୟଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ସମସ୍ତ ଜିନିଷକୁ ଜବତ କରିଥିଲା। ଧାରା ୫୧ରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯିବା ସହ ଏନେଇ ଅଧିକ ତଦନ୍ତ ଜାରିରହିଛି।



## ସେବା ସମ୍ମାନରେ ସମ୍ମାନିତ ହେଲେ ହରେକୃଷ୍ଣ ପାତ୍ର



**ମହାକାଳପଡ଼ା,୧୦।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସବୁଜ ବାହିନୀର ଦ୍ୱିତୀୟ ବାର୍ଷିକ ଉତ୍ସବରେ ମହାକାଳପଡ଼ାର ସମାଜସେବୀ ହରେକୃଷ୍ଣ ପାତ୍ରଙ୍କୁ ସେବା ସମ୍ମାନରେ ସମ୍ମାନିତ କରାଯାଇଛି ।

ହରେକୃଷ୍ଣ ପାତ୍ର ରାଷ୍ଟ୍ରୀୟ ମଧବିତ୍ତ ପରିବାର ମହାସଂଘର ରାଜ୍ୟ ସମ୍ପାଦକ ରୂପେ ବିଭିନ୍ନ ସମୟରେ ବୃକ୍ଷରୋପଣ, ପରିବେଶ ସୁରକ୍ଷା ଠାରୁ ଆରମ୍ଭ କରି ଅବହେଳିତ, ନିଷ୍ପେସିତ, ଦୁଃଖୀ ଅସହାୟ ଲୋକଙ୍କୁ ସାହାଯ୍ୟ ସହଯୋଗ ର ହାତ ବଢ଼ାଇବା,ବାତ୍ୟା ବନ୍ୟା ଓ ଘରପୋଡି ଭଳି ଅସୁବିଧା ସମୟରେ ଲୋକଙ୍କ ସାହାରା ସାଜିବା ଆଦି କାର୍ଯ୍ୟ ପାଇଁ ଆଜି ରାଜନଗର ରେ ଅନୁଷ୍ଠିତ ଉତ୍ସବରେ ସବୁଜ ବାହିନୀ ସଙ୍ଗଠନ ପକ୍ଷରୁ ପ୍ରତିଷ୍ଠାତା ସୌରଭ ଜେନା ଓ ଅନ୍ୟ ଅତିଥିମାନେ ତାଙ୍କୁ ସମ୍ମାନିତ କରିଛନ୍ତି ।

## ଶ୍ରୀ ସିଦ୍ଧ ବଳଦେବଜୀଉ ଚାରିଟେବୁଲ ଟ୍ରଷ୍ଟର ପ୍ରଥମ ଜନ୍ମବାର୍ଷିକ ଉତ୍ସବ



**ଡେରାବିଶ,୧୦।୮(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ଚାରିଟେବୁଲ ଟ୍ରଷ୍ଟର ପ୍ରଥମ ଜନ୍ମ ବାର୍ଷିକ ଉତ୍ସବ ଅବସରରେ ଟ୍ରଷ୍ଟର ସମସ୍ତ ସଦସ୍ୟ ମିଶି ଅସୁରେଶ୍ୱର ସ୍ଥିତ ମଦର ଟେରେସା ମୁକ ବଧିର ସ୍କୁଲ୍ ସମସ୍ତ ପିଲାମାନଙ୍କୁ ମଧାହ୍ନ ଭୋଜନ ଦେବା ସହ ରାକ୍ଷୀ ପୂର୍ଣ୍ଣିମା ପାଳନ କରିଥିଲେ ଏବଂ ପିଲାମାନଙ୍କୁ ପଢ଼ିବା ପାଇଁ ନୋଟ୍ ବୁକ୍ ପେନ୍ ବାଣ୍ଟିଥିଲେ । ପରେ ବଳଦେବଜୀଉଙ୍କ ଦର୍ଶନ କରି ରାସ୍ତାରେ ବୁଲୁଥିବା ଷଣ୍ଢ, ଗାଈ, ଗୋରୁ ଯେମିତି ଦୁର୍ଘଟଣାରୁ ରକ୍ଷା ପାଇପାରିବେ ସେଥିପାଇଁ ବେକରେ ରେଡିଅମ୍ ବାଣ୍ଡ ବାନ୍ଧିଥିଲେ।

## ହଂସଦିଆରେ ଝୁଲଣଯାତ୍ରା ଓ ସମ୍ବର୍ଦ୍ଧନା ଉତ୍ସବ

**ମାହାଙ୍ଗା,୧୦।୮(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ଅନ୍ତର୍ଗତ ହଂସଦିଆ ଗ୍ରାମରେ ସଂସ୍କୃତି ପ୍ରେମୀ ନାରାୟଣ କରଙ୍କ ତତ୍ତ୍ୱାବଧାନରେ ୨୮ ତମ ଝୁଲଣାଯାତ୍ରା ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅଖିଳେଶ ମହାନ୍ତି ଯୋଗଦେଇ, ଓଡ଼ିଆ ଅସ୍ମିତା ଭିତରେ ବାର ମାସରେ ତେର ପର୍ବ ଆମ ସଂସ୍କୃତିକୁ ମହନୀୟ କରିପାରିଛି ବୋଲି କହିଥିଲେ । କବି ପ୍ରଶାନ୍ତ କୁମାର କରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବହୁ ଲବ୍ଧ ପ୍ରତିଷ୍ଠିତ କଳାକାର, ସଂଗୀତକାର, ବାଦ୍ୟକାର ଏବଂ ସମାଜସେବୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।



ପ୍ରଭୁ ବଳଭଦ୍ରଙ୍କ ଜନ୍ମ ତିଥିରେ ହଂସଦୀଆ ଗ୍ରାମରେ ଦୀର୍ଘ ୨୮ ବର୍ଷ ଧରି ଝୁଲଣଯାତ୍ରା ଅନୁଷ୍ଠିତ ହୋଇଆସୁଛି। ପ୍ରଭୁଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ଭଜନ-କୀର୍ତ୍ତନ, ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ସ୍ଥାନୀୟ ଅଂଚଳରୁ ବହୁ ଶ୍ରଦ୍ଧାଳୁ ଉତ୍ସବ ସ୍ଥଳୀରେ ଉପସ୍ଥିତ ଥିଲେ । ଚଳିତ ବର୍ଷ ଅନୁଷ୍ଠାନ ପକ୍ଷରୁ ସମାଜସେବା ଓ ସାହିତ୍ୟ ପାଇଁ ଅଖିଳେଶ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଉତ୍ସବରେ କବି ପ୍ରଶାନ୍ତ କରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କଳା ଓ ସଂଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶତାୟୁ ସଂଗୀତକାର ବିଶ୍ୱନାଥ ପଲେଇ, ଉପସ୍ଥାପକ ଅଜୟ ପାତ୍ର, କଣ୍ଠଶିଳ୍ପୀ ସୁଧାଂଶୁ ପଣ୍ଡା, ସୁବାସ ରାଉତ, ତପନ ନନ୍ଦ, ପାୟଲ ନନ୍ଦ, ଅଶୋକ ରାୟ, ଦେବାଶିଷ ମିଶ୍ର, ନରେଶ ରାଉତ, ବସନ୍ତ ରାଉତ, ସନ୍ତୋଷ ଶତପଥୀ, ସୁବାସ ପୃଷ୍ଟି,ମାଷ୍ଟର ଟୁକୁନା, ପ୍ରଶାନ୍ତ ଲେଙ୍କା, ବବଲୁ ପଣ୍ଡା ଏବଂ ବବଲୁ ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମକୁ ଗୟାଧର କର, ପ୍ରମୋଦ ପଣ୍ଡା, ଅଶୋକ ଦାଶ, ପ୍ରଦ୍ୟୁମ୍ନ କର, ମନୋରଞ୍ଜନ ଲେଙ୍କା, ପ୍ରମୁଖ ପରିଚାଳନା କରିଥିଲେ ।

## ସାଲେପୁର ସାହିତ୍ୟ ମହୋତ୍ସବରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଉଦ୍‌ଘାଟିତ

# ଭଲ କବିତା ମନକୁ ଛୁଇଁପାରିଥାଏ

**ସାଲେପୁର,୧୦।୮(ସଂଚାର ବ୍ୟୁରୋ):** କବିତା ସବୁବେଳେ ମନକୁ ଛୁଇଁଥାଏ। ଭଲ କବିତା ରଚନା କରାଯାଇପାରିଲେ ତାହା ଲୋକଙ୍କ ହୃଦୟରେ ଦୀର୍ଘସ୍ଥାୟୀ ପର୍ଯ୍ୟନ୍ତ ରହିପାରିଥାଏ ବୋଲି ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବକୁ ଉଦ୍‌ଘାଟନ କରି ସମାଜସେବୀ ତଥା ସଂଗଠକ ହିମାଂଶୁ ମହାନ୍ତି ଏହି ମତ ପ୍ରଦାନ କରିଛନ୍ତି। ସାଲେପୁର ସାହିତ୍ୟ ମହୋତ୍ସବର ଆବାହକ ଅକ୍ଷୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଗାଳ୍ପିକ ଡଃ ଗିରୀଶ ସାହୁ ଯୋଗଦେଇ କବିତା ସବୁବେଳେ କାଳଜୟୀ ବୋଲି କହିଥିଲେ।



ସୁ ସାହିତ୍ୟିକା ମଧୁସ୍ମିତା ମିଶ୍ର ଓ ବିଷ୍ଣୁଚରଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୩୦ରୁ ଉର୍ଦ୍ଧ୍ୱ କବି ଯୋଗଦେଇ କବିତା ପାଠ କରିଥିଲେ। ଏହି ଅବସରରେ ଡଃ ତରୁଲତା ଦେବୀ, କବି ପ୍ରସନ୍ନ କୁମାର ମିଶ୍ର, ପୂର୍ବତନ ପ୍ରଧାନଶିକ୍ଷକ ବିପିନ ବିହାରୀ କର, ଗାଳ୍ପିକ କାର୍ତ୍ତିକ ଚନ୍ଦ୍ର ବାରିକ, ସାଲେପୁର କଳା କେନ୍ଦ୍ରର ପ୍ରତିଷ୍ଠାତା ସଂଯୁକ୍ତା ଜେନା, ନୃତ୍ୟଶିଳ୍ପୀ ରିତିକା ସାହୁ, ପ୍ରମୋଦ କୁମାର ନାୟକଙ୍କ ସମେତ ବହୁ ସାହିତ୍ୟିକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କବି ଚନ୍ଦ୍ରମଣି ଭୂୟାଁ ଧନ୍ୟବାଦ ଦେଇଥିବାବେଳେ ଅନ୍ୟମାନଙ୍କ ମଧରେ ଡଃ ଯୁଧିଷ୍ଠିର ଖଟୁଆ, ପଣ୍ଡିତ ସଞ୍ଜୟ କୁମାର ଷଡ଼ଙ୍ଗୀ, ବିଶ୍ୱରଞ୍ଜନ ସାହୁ, ମାନସ କୁମାର ଦାଶ, ପ୍ରବୀର ଦାସ, ନାଗମଣି ସ୍ୱାଇଁ, କବି ପ୍ରଫୁଲ୍ଲ ସିଂହଙ୍କ ସମେତ ବହୁ କବି ଓ ଲେଖକ ତଥା ସାହିତ୍ୟିକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ।

## ସମାଜସେବୀଙ୍କ ପରୋଲୋକ



**କେନ୍ଦ୍ରାପଡ଼ା,୧୦।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ନିକିରାଇ ଥାନ ଅନ୍ତର୍ଗତ ଜୟକୃଷ୍ଣପୁର ଗ୍ରାମର ସମାଜସେବୀ ଅଶୋକ କୁମାର ବେହୁରାଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୦ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ହେବ ରାୟପୁରର ଏକ ଘରୋଇ ଅନୁଷ୍ଠାନରେ କାର୍ଯ୍ୟ କରୁଥିଲେ । ସେ ଗ୍ରାମର ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ ଗାଁ ର ହନୁମାନ ମନ୍ଦିର, ଲକ୍ଷ୍ମୀପୂଜା ଆଦି କାର୍ଯ୍ୟ ସୁଚାର ରୂପେ ସମ୍ପାଦିତ କରୁଥିଲେ । ତାଙ୍କ ଦେହାନ୍ତରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ବେଳକୁ ପତ୍ନୀ ମିନତୀ ବେହୁରା ଭାଇ ଅକ୍ଷୟ ବେହୁରା, ଅନିଲ ବେହୁରା ଭାଇବୋହୁ ଅନୁପମା ବେହୁରା, ପ୍ରଭାସିନୀ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର ବାର୍ଷିକ ଉତ୍ସବ




**କେନ୍ଦ୍ରାପଡା,୧୦।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ପ୍ରଫୁଲ୍ଲ କୁମାର ସାହୁ କାର୍ଯ୍ୟକ୍ରମ ରେ ଅଧକ୍ଷତା କରିଥିବା ବେଳେ ରାଜ୍ୟ କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର ସଭାପତି ସତ୍ୟ ନାରାୟଣ ଓ ସଂପାଦକ ପ୍ରଶାନ୍ତ ମହାପାତ୍ର, କୋଷାଧକ୍ଷ ଅଜୟ କୁମାର ଗୋଏଙ୍କା, କଟକ ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର ସଭାପତି ବାଗନ କୁମାର ସାହୁ, ଯୁଗ୍ମ ସଂପାଦକ ମନୋରଞ୍ଜନ ବଳ, କେନ୍ଦ୍ରାପଡା ଜିଲ୍ଲା ସଂପାଦକ ଗୋପୀନାଥ ବାରିକ, ଦିପକ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଅନଲାଇନ ବ୍ୟବସ୍ଥା, ରିହାତି ଦରରେ ଔଷଧ ବିକ୍ରି, ବିପଦ ସମୟରେ ସଂଘର ସଭ୍ୟ ମାନଙ୍କୁ ସହାୟତା ପ୍ରଦାନ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନ ସଧାରଣଙ୍କୁ ସହାୟତା ଯୋଗାଇବା, ରକ୍ତ ସଂଗ୍ରହ କରି ଥାଲାସମିଆ ରୋଗୀଙ୍କୁ ରକ୍ତଦାନ କରିବା ଆଦି ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଥିଲା। ଅୟୋଜିତ ଏହି କାର୍ଯ୍ୟକ୍ରମ ରେ ୧୩ଟି ଥାନା ଅଂଚଳରେ ଔଷଧ ଦୋକାନୀ ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଅନୱାର ଅଲ୍ଲୀ ଖାନତାପସ କୁମାର ପାଢ଼ୀ, ନୟନ କିଶୋର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଗରଦପୁର,୧୦।୮(ସଂଚାର ବ୍ୟୁରୋ):** ମହାମାୟା ମଣ୍ଡପ, କଦମଛନ୍ଦାରେ ଆସନ୍ତା ୪୧ତମ ଦୁର୍ଗାପୂଜା ପାଳନ ପାଇଁ ଶ୍ରୀ ରୁଦ୍ର ସିଂହଙ୍କ ସଭାପତିତ୍ୱରେ ମା"ରଣପୁରୀ ମନ୍ଦିର ସଂଲଗ୍ନ ସ୍ୱଭିମାନ ମଣ୍ଡପରେ ଏକ ପ୍ରାଥମିକ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା । ଏଥିରେ ପୂଜା ସୁରୁଖୁରୁରେ ପରିଚାଳନା କରିବା ନିମନ୍ତେ ଆଲୋଚନା କରା ଯାଇଥିଲା। ଉକ୍ତ ବୈଠକରେ କଦମଛନ୍ଦା ଓ ନୂଆଗାଁ ର ସର୍ବଶ୍ରୀ ବସନ୍ତ ସିଂହ, ରବିନାରାୟଣ ସିଂହ, ସୂର୍ଯ୍ୟ କୁମାର ସିଂହ, ଦେବନ୍ଦ୍ର ସିଂହ,ଗୌତମ ଲେଙ୍କା,ପିତାମ୍ବର ଲେଙ୍କା ବିପନି ଦାସ, କ୍ଷିରୋଦ ସିଂହ, ମାନସ ସିଂହ, ଓମ୍ ପ୍ରକାଶ ଲେଙ୍କା, ଆଷିଶ ସିଂହ, ସାଗର ଜେନା, ରୋହିତ ଲେଙ୍କା, ଜିତେନ୍ଦ୍ର ସାହୁ, କିଶୋର ଜେନା, ବାସୁଦେବ ମହାରଣା, ଲଳିତ ଷେଣ୍ଟ, ଶତ୍ରୁଘ୍ନ ଷେଣ୍ଟ, ସୁରେନ୍ଦ୍ର ମହାରଣା, ମାନସ ମହାନ୍ତି, ନିର୍ମଳ ଜେନା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ସୁଚିନ୍ତିତ ମତାମତ ଦେଇଥଲେ। ସର୍ବଶ୍ରୀ ବିରଞ୍ଚି ସିଂହ, ରାଜେନ୍ଦ୍ର ସିଂହ, ସୁକାନ୍ତ ଲେଙ୍କା, ଜ୍ଞାନେନ୍ଦ୍ର ସିଂହ,ପ୍ର ସନ୍ନ ସିଂହ, ବିଶ୍ୱଧର ରାଜାରାମ ସୂତାର ପମୁଖ ଆଭାସି ମାଧମରେ ଯୋଗଦେଇ ଆଲୋଚନା ରେ ଭାଗ ନେଇଥିଲ। ବିରଞ୍ଚି ଓ ଲିଙ୍କନ୍ ସଫଳ ଆଭାସି ବୈଠକ ପରିଚାଳନା କରିଥିଲେ ।



● ଚିଞ୍ଚେଡ଼ ଗାଁରେ ଚାଞ୍ଚଲ୍ୟ

# କୁକୁର କାମୁଡ଼ାରେ ୨ ମୃତ

**ବଲାଙ୍ଗୀର,୧୦।୮(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ତୁଷୁରା ଥାନା ଚିଞ୍ଚେଡ଼ ଗାଁରେ କୁକୁର କାମୁଡ଼ାରେ ଚାଲିଯାଇଛି ଦୁଇ ଜୀବନ । ମୃତ ବ୍ୟକ୍ତି ଜଣେ ହେଲେ ହୃଷୀକେଶ ରଣା ଓ ଅନ୍ୟ ଜଣେ ୩୩ ବର୍ଷ ଭିନ୍ନକ୍ଷମ ଯୁବକ ଜିତେନ୍ଦ୍ର ଛାତ୍ରିଆ। ବଲାଙ୍ଗୀର ଜିଲ୍ଲା ତୁଷୁରା ଥାନା ଚିଞ୍ଚେଡ ଗାଁରେ ଦୁଇ ଜଣ ଯୁବକଙ୍କୁ କୁକୁର କାମୁଡ଼ି ଥିଲା । ଏହାପରେ ଉଭୟଙ୍କୁ ଚିକିତ୍ସା ନିମନ୍ତେ ବଲାଙ୍ଗୀର ଭିମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ଗୁରୁତର ଥିବାରୁ ଗୁରୁତରଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ସେଠାରେ ଉଭୟଙ୍କର ମୃତ୍ୟୁ ହୋଇଥିଲା । କୁକୁର କାମୁଡ଼ିବା ପରେ ଚିକିତ୍ସାରେ ଅବହେଳାକୁ ଡାକ୍ତରମାନେ ଦାୟୀ କରିଛନ୍ତି। କାମୁଡ଼ିବାର ୨୪ ଘଣ୍ଟା ମଧ୍ୟରେ ଟିକା ନେଲେ ମଣିଷ ମରିନଥାଏ ବୋଲି ସେମାନେ କହିଛନ୍ତି। ସେଥିରେ ଭ୍ୟାକସିନ ସାଙ୍ଗରେ ଇମ୍ୟୁନୋଗ୍ଲୋବ୍ଲିନ ମଧ୍ୟ ଦିଆଯାଇଥାଏ । ଯାହା ଫଳରେ ରାବିଜ୍ ଭାଇରସ ମରିଥାଏ। ପ୍ରାୟତଃ ୨୪ ଘଣ୍ଟା ମଧ୍ୟରେ ଭ୍ୟାକସିନ ଦିଆଯାଇଥିଲେ ମୃତ୍ୟୁର ସମ୍ଭାବନା ନଥାଏ। ହେଲେ ବଲାଙ୍ଗୀର କେସରେ ସଙ୍ଗେ ସଙ୍ଗେ ଚିକିତ୍ସା ଆରମ୍ଭ ହୋଇନଥିବ କିମ୍ବା ଚିକିତ୍ସାରେ ଅବହେଳା ହୋଇଥିବ ବୋଲି ଡାକ୍ତର କହିଛନ୍ତି।

# ରାଜଧାନୀରେ ବୋମା ମାଡ଼, ୪ ବାଇକ ଜଳିଗଲା



**ଭୁବନେଶ୍ୱର, ୧୦।୮ (ସଂଚାର ବ୍ୟୁରୋ) :** ରାଜଧାନୀରେ ବୋମା ମାଡ଼। ଭରତପୁର ପଣ୍ଡା କୁଦିଆ ବସ୍ତିରେ ବୋମାମାଡ଼ ହୋଇଛି। ଜମିଜମା ଗଣ୍ଡଗୋଳକୁ କେନ୍ଦ୍ର କରି ବୋମାମାଡ ହୋଇଥିବା ଅଭିଯୋଗ ହୋଇଛି । ଦୁର୍ବୃତ୍ତ ବୋମାମାଡ କରି ଫେରାର ହୋଇଯାଇଛନ୍ତି । ଘଟଣାର ଖୋଳତାଡ଼ କରୁଛି ଭରତପୁର ପୋଲିସ । ବୋମାମାଡରେ ୪ ବାଇକ ଜଳିଯାଇଥିବା ଜଣାଯାଇଛି ।

# ଓଡ଼ିଶା ସହ ଭାଗିଦାରୀ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

■ ନିବେଶକଙ୍କ ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରସ୍ତୁତ ହେଉଛି

■ ଭୁବନେଶ୍ୱର ସହ କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ବି ହେବ ଡିଜିଟାଲ ହବ୍




ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ଉଦ୍ୟୋମିତା, ନବସୃଜନ ଏବଂ ବିକାଶର ଇଞ୍ଜିନ ଭାବେ ଉତ୍ପାଦନ ଦ୍ୱାରା ପରିଚାଳିତ ଓଡ଼ିଶା ଏହାର ପରବର୍ତ୍ତୀ ପଦକ୍ଷେପ ପାଇଁ ପ୍ରସ୍ତୁତ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଟାଇକନ୍ ଭୁବନେଶ୍ୱର ୨୦୨୫-ଉଦ୍ୟୋଗୀତା ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ଏକ ସମ୍ମିଳନୀର ଉଦଯାପନୀ ସମାରୋହରେ ଏହା କହିଛନ୍ତି। ନିବେଶକମାନଙ୍କୁ ଓଡ଼ିଶା ସହିତ ଭାଗିଦାରୀ କରିବାକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ ନିବେଶକଙ୍କୁ ଓଡ଼ିଶାରେ ନିବେଶ ଓ ରାଜ୍ୟର ଅଭିବୃଦ୍ଧି ପାଇଁ ନିମନ୍ତ୍ରଣ କରୁଛନ୍ତି।

୨୦୨୫ ଅଗଷ୍ଟ ୯ ଏବଂ ୧୦ ତାରିଖରେ ଦୁଇ ଦିନିଆ କାର୍ଯ୍ୟକ୍ରମ ଟାଇକନ୍ ଭୁବନେଶ୍ୱର ୨୦୨୫ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଶିଳ୍ପ ବିଭାଗ, ଓସିଏସି, ଆଇପିଆଇସିଓଏଲ ଏବଂ ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା ଆୟୋଜନ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଗତିଶୀଳ ନୀତି, ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ଭାଗିଦାରୀ ମାନସିକତା ସହିତ ରାଜ୍ୟ ଏପରି ଏକ ଇକୋସିଷ୍ଟମ ନିର୍ମାଣ କରୁଛି, ଯେଉଁଠିରେ ବିଶ୍ୱସ୍ତରୀୟ ବିଶେଷଜ୍ଞମାନେ ସ୍ଥାନୀୟ ପ୍ରତିଭାଙ୍କୁ ଭେଟି ବିକାଶ ଓଡ଼ିଶାର ଭବିଷ୍ୟତକୁ ରୂପ ଦେଉଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶା ଦେଶର ଅଭିବୃଦ୍ଧି ସହ ଯୋଡିହୋଇଛି। ଓଡିଶା ଏବେ ଏକ ନବସୃଜନ କେନ୍ଦ୍ର ଭାବେ ଉଭା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେ କହିଥିଲେ, "ଆମେ ସକ୍ରିୟ ଭାବେ ଓଡ଼ିଶାକୁ ବିଶ୍ୱସ୍ତରୀୟ ସାମର୍ଥ୍ୟ କେନ୍ଦ୍ରଗୁଡ଼ିକ ପାଇଁ ଏକ ପସନ୍ଦଯୋଗ୍ୟ ଗନ୍ତବ୍ୟ ସ୍ଥଳ ଭାବେ ଅବସ୍ଥାପିତ କରୁଛୁ। ଚିପ୍ ଡିଜାଇନ୍ ହେଉ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଗବେଷଣା ହେଉ, ବ୍ଲକ୍ ଚେନ୍ ହେଉ କିମ୍ବା ଆର୍ଥିକ ଅନ୍ତର୍ଭୂକ୍ତିକରଣ-ଓଡ଼ିଶା ନେତୃତ୍ୱ ନେବାକୁ ପ୍ରସ୍ତୁତ। ଏକ ଉତ୍ସର୍ଗୀକୃତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନୀତି ଆରମ୍ଭ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ମଧ୍ୟରୁ ଅନ୍ୟତମ ହୋଇପାରିଛି। ଆମେ ଆମର ସେମିକଣ୍ଡକ୍ଟର ନୀତିରେ ମଧ୍ୟ ପରିବର୍ତ୍ତନ ଆଣିଛୁ ଏବଂ ଖୁବ୍ ଶୀଘ୍ର ଆଇ. ଟି., ବିଶ୍ୱ ସାମର୍ଥ୍ୟ କେନ୍ଦ୍ର ଏବଂ ଫିଣ୍ଟେକ୍ କ୍ଷେତ୍ରରେ ନିବେଶ ପାଇଁ ନୂଆ ରଣନୀତି ଉନ୍ମୋଚନ କରିବୁ ବୋଲି ସେ କହିଛନ୍ତି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସାଇବର ସୁରକ୍ଷା ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ରାଜ୍ୟର ଯୁବକମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ସାମର୍ଥ୍ୟ ସହିତ ସଜ୍ଜିତ କରୁଛୁ ବୋଲି ସେ କହିଛନ୍ତି । ଆମର ଲକ୍ଷ୍ୟ କେବଳ ଜିଡିପି ଅଭିବୃଦ୍ଧି ନୁହେଁ, ଏହା ନିଯୁକ୍ତି ସୃଷ୍ଟି କରିବା, ଯୁବକମାନଙ୍କୁ ସଶକ୍ତ କରିବା ଏବଂ ସାମାଜିକ ନ୍ୟାୟ ପ୍ରଦାନ କରିବା। ନିବେଶକ ଏବଂ ଉଦ୍ୟୋଗୀମାନଙ୍କୁ ଆଶ୍ୱାସନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, "ଥରେ ଆପଣ ଆମ ସହିତ ଆସିଲେ, ଆପଣ ନିଶ୍ଚିତ ଭାବେ ଅନୁଭବ କରିବେ, ଓଡ଼ିଶା ଆପଣଙ୍କ ଦ୍ୱିତୀୟ ଘର। ଏଠାରେ ଆପଣ ନିଜସ୍ୱତାର ଅନୁଭବ ପାଇବେ। ମିଳିତ ଭାବେ, ଆମେ ଓଡ଼ିଶାକୁ ପୂର୍ବ ଭାରତର ଉଦ୍ୟୋଗୀ ରାଜଧାନୀ କରିପାରିବା, ଏବଂ ପୂର୍ବୋଦୟ-ପ୍ରାଚ୍ୟର ଉତ୍ଥାନ-ଲକ୍ଷ୍ୟକୁ ବାସ୍ତବରେ ସାକାର କରିପାରିବା। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ତଥା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଥିଲେ ଯେ ଓଡ଼ିଶାରେ ସଶକ୍ତିକରଣ, ଶାସନରେ ଉନ୍ନତି, କୃଷି ଉତ୍ପାଦକତା ବୃଦ୍ଧି, କାରିଗରଙ୍କ ପାଇଁ ସୁଯୋଗ ସମ୍ପ୍ରସାରଣ ଏବଂ କୌଣସି ନାଗରିକ ପଛରେ ରହିବେ ନାହିଁ ବୋଲି ସୁନିଶ୍ଚିତ କରିବା ପାଇଁ ଏଆଇ କିପରି ଏକ ଉତପ୍ରେରକ ହେବ।

# ରାଷ୍ଟ୍ରପତି ଭବନରେ ରାକ୍ଷୀ ପୂର୍ଣ୍ଣିମା ପାଳିଲେ ଏକଲବ୍ୟ ଆବାସିକ ବିଦ୍ୟାଳୟର ବିଦ୍ୟାର୍ଥୀ



**ଭୁବନେଶ୍ୱର, ୧୦।୮(ସଂଚାର ବ୍ୟୁରୋ):** ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତିଙ୍କ ସହ ରାକ୍ଷୀ ପୂର୍ଣ୍ଣିମା ପାଳିଛନ୍ତି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୨୦ ଜଣ ବିଦ୍ୟାର୍ଥୀ। ସୁନ୍ଦରଗଡ଼ ଓ କନ୍ଧମାଳ ଜିଲ୍ଲାର ଲାଇଂ, ଭବାନୀପୁର, ମହାସିଙ୍ଗ ଓ ଫିରିଙ୍ଗିଆ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବିଦ୍ୟାର୍ଥୀ ଓ ୪ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ ପାଇବା ପରେ ରାକ୍ଷୀ ପୂର୍ଣ୍ଣିମା ପାଳିବା ପାଇଁ ନୂଆଦିଲ୍ଲୀରେ ପହଞ୍ଚିଥିଲେ । ଏହି ବିଶେଷ ଅବସରରେ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଲାଇଂର ପାଞ୍ଚଜଣ ଛାତ୍ରୀ ରାଷ୍ଟ୍ରପତିଙ୍କୁ ପାରମ୍ପରିକ ରାକ୍ଷୀ ପିନ୍ଧାଇଛନ୍ତି । ଏଥିସହ ରାଷ୍ଟ୍ରପତିଙ୍କୁ ରାଧା-କୃଷ୍ଣଙ୍କ କଳାକୃତି ପ୍ରଦାନ କରିଥିଲେ । ଧାନରେ ତିଆରି ଶ୍ରୀଜଗନ୍ନାଥଙ୍କ ମୁଖ କଳାକୃତିକୁ ନେଇ ରାକ୍ଷୀ ପ୍ରସ୍ତୁତ କରାଯାଇଛି, ଯାହା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିଥିଲା । ଛାତ୍ରଛାତ୍ରୀମାନେ ରାଷ୍ଟ୍ରପତି ଭବନର ଐତିହ୍ୟକୁ ଅନୁଭବ କରିଥିଲେ ଏବଂ ଭାରତର ପ୍ରଥମ ନାଗରିକଙ୍କ ଉପସ୍ଥିତିରେ ଏହି ଉତ୍ସବ ପାଳନ କରି ନିଜର ଆନନ୍ଦ ପ୍ରକାଶ କରିଥିଲେ ।



# ୧୩ରୁ ମୋହନ ଭାଗବତଙ୍କ ୩ ଦିନିଆ ଓଡ଼ିଶା ଗସ୍ତ

**ଭୁବନେଶ୍ୱର, ୧୦। ୮:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ. ମୋହନ ଭାଗବତ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଅଗଷ୍ଟ ୧୩ ତାରିଖ ଦିନ ସଂଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ। ସେ ତିନି ଦିନିଆ ଓଡ଼ିଶା ପ୍ରବାସ ସାରି ଅଗଷ୍ଟ ୧୫ ତାରିଖ ଦିନ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ଶ୍ରୀ ପଣ୍ଡା କହିଛନ୍ତି ଯେ, ଡ. ଭାଗବତ ଶ୍ରୀ ଗୌଡୀୟ ମିଶନ ନିମନ୍ତ୍ରଣ କ୍ରମେ ଓଡ଼ିଶା ଆସୁଛନ୍ତି। ସେ ୧୩ ତାରିଖ ଦିନ ଭୁବନେଶ୍ୱରରେ ପହଞ୍ଚିବା ପରେ ଉତ୍କଳ ବିପନ୍ନ ସହାୟତା ସମିତିରେ ଅବସ୍ଥାନ କରିବେ। ୧୪ ତାରିଖ ଦିନ କଟକସ୍ଥିତ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଗୌଡୀୟ ବୈଷ୍ଣବ ସମ୍ମିଳନୀରେ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ଉଦ୍‌ବୋଧନ ଦେବେ। ସେହି ଦିନ ସଂଧ୍ୟାରେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହିତ ଗୋବର୍ଦ୍ଧନ ପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟି ଭୁବନେଶ୍ୱର ଫେରି ଆସିବେ। ଏହାପରେ ୧୫ ତାରିଖ ଦିନ ଡ. ଭାଗବତ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ।

# ଗଣସଫେଇର ନୂଆ ଦିଗକୁ ଆପଣାଇଲେ ବିଏମ୍‌ସି କର୍ତ୍ତୃପକ୍ଷ




**ଭୁବନେଶ୍ୱର, ୧୦।୮(ସଂଚାର ବ୍ୟୁରୋ):** ଆଜି ସକାଳୁ ଆରମ୍ଭ ହୋଇଛି ଗଣ ସଫେଇ କାର୍ଯ୍ୟକ୍ରମ । ଗଣ ସଫେଇ ସାଙ୍ଗକୁ, ଡାଳ କାଟିବା, ଲାଇଟି ମରାମତି, ମଶା ଲାର୍ଭା ନଷ୍ଟ କରିବା, ବୁଶ୍ କଟିଂ ଇତ୍ୟାଦି ସାମଗ୍ରିକ କାର୍ଯ୍ୟ ବି ଏମ୍ ସି ର ୱାର୍ଡ ୫୦ ଅନ୍ତର୍ଗତ ବରମୁଣ୍ଡା ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି । ମେୟର ସୁଲୋଚନା ଦାସ , ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ରାମ ଚନ୍ଦ୍ର ରଣସିଂହ ଏବଂ ଦୀପକ ମିଶ୍ର ସମେତ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏହି ଅଭିଯାନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ମେୟର ନିବେଦନ କରିଛନ୍ତି । ତେବେ ଏ ପ୍ରକାରର ନୂତନ ଗଣ ସଫେଇ ଆମକୁ ଉତ୍ସାହିତ କରିଛି ବୋଲି କହିଛନ୍ତି ସ୍ଥାନୀୟ ନାଗରିକ। ହର ଘର ତ୍ରିରଙ୍ଗା ହର ଘର ସ୍ୱଚ୍ଛତା ବାର୍ତ୍ତାର ବାହକ ହେଉ ଏହି ଅଭିଯାନ ବୋଲି କହିଛନ୍ତି ମେୟର। ତେବେ ଆଜିର କାର୍ଯ୍ୟକ୍ରମରେ ବରମୁଣ୍ଡା ଅଞ୍ଚଳର ଚାରିଗୋଟି ରାସ୍ତା ଯାହାକି; ଆପିକଲ୍ ଛକଠାରୁ ନୀଳକଣ୍ଠେଶ୍ୱର ମନ୍ଦିର, ନୀଳକଣ୍ଠେଶ୍ୱର ଠାରୁ ସିଦ୍ଧି ବିହାର ଜଙ୍କ୍ସନ, ନୀଳକଣ୍ଠେଶ୍ୱର ଠାରୁ ନରୁଲା ସୁଇଟ୍ସ, ଆପିକଲ ଛକରୁ ରମାମଣି ପେଟ୍ରୋଲ ପମ୍ପ ଇତ୍ୟାଦି ରାସ୍ତା ଗୁଡିକର ସମ୍ପୂର୍ଣ୍ଣ ସଫେଇ କରାଯାଇଛି । କମିଶନର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ଘରେ ଘରେ ତ୍ରିରଙ୍ଗା ଘରେ ଘରେ ସ୍ୱଚ୍ଛତା ର ବାର୍ତ୍ତା ପହଞ୍ଚାଇ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ରବିବାର କରାଯିବ। ଏହାକୁ ଭିତିକରି ବି ଏମ୍ ସି ଅଞ୍ଚଳର ସାମଗ୍ରିକ ବିକାଶକୁ ଜନ ସହଯୋଗ ମାଧ୍ୟମରେ ତ୍ୱରାନ୍ୱିତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଆଜିର କାର୍ଯ୍ୟକ୍ରମକୁ ଆଗେଇନେବାରେ ୨୦୦ ରୁ ଅଧିକ ସ୍ୱଚ୍ଛ କର୍ମୀ ଓ ସ୍ୱଚ୍ଛ ସାଥି, ଜାଗୃତି ଏବଂ ବିକାଶ ସଂଗଠନର କର୍ମୀ ଏବଂ ଟିମ୍ ବି ଏମ୍ ସି ମିଳିତ ପ୍ରୟାସ କରିଥିଲେ। ଅତିରିକ୍ତ କମିଶନର ରତ୍ନାକର ସାହୁ ଏବଂ କୈଳାସ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡେପୁଟି କମିଶନର କାଜଲ ପ୍ରଧାନ ଏବଂ ସୁଶ୍ରୀ ରଶ୍ମି ଅମାତ ସହଯୋଗୀ ପରିଚାଳନା ଭାର ନେଇଥିଲେ।

# ଗ୍ୟାସ୍ ଟାଙ୍କି ବିସ୍ଫୋରଣରେ ଉଡ଼ିଲା ଛାତ, ୩ ଗୁରୁତର



**ଅନୁଗୁଳ,୧୦।୮(ସଂଚାର ବ୍ୟୁରୋ):** ଗ୍ୟାସ୍ ଟାଙ୍କି ବିସ୍ଫୋରଣରେ ଛାତ ଉଡ଼ିଯାଇଥିବା ବେଳେ ଏଥିରେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଅନୁଗୁଳ ଜିଲ୍ଲା ନାଲକୋ ଥାନା ଅନ୍ତର୍ଗତ ମା'ବ୍ରାହ୍ମଣୀ ଦେବୀ ପୀଠ ସମ୍ମୁଖରେ ଏପରି ଏକ ଅଘଟଣ ଘଟିଛି। ଘରେ ଶୋଇଥିବା ସମୟରେ ଅଚାନକ ପ୍ରଚଣ୍ଡ ଶବ୍ଦ କରି ଗ୍ୟାସ୍ ସିଲିଣ୍ଡରଟି ଫାଟିଯାଇଥିଲା। ପ୍ରଚଣ୍ଡ ଶବ୍ଦରେ ପଡ଼ୋଶୀ ଲୋକେ ବି ଉଠିପଡ଼ିଥିଲେ। ବିସ୍ଫୋରଣ ପରେ ଉକ୍ତ ଘର ହୁତୁ ହୁତୁ ହୋଇ ଜଳୁଥିବା ଦେଖି ସେମାନେ ପ୍ରଥମେ ନାଲକୋ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ନାଲ୍‌କୋ ପୁଲିସ୍ ସହ ଅନୁଗୁଳ ଅଗ୍ନିଶମ ବିଭାଗ ଓ ପରେ ନାଲକୋ ସିପିପି ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବା ସହ ଗୁରୁତର ଭାବେ ଆହତ ହୋଇଥିବା ୩ ଜଣଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ବିସ୍ଫୋରଣ ଓ ତଜ୍ଜନିତ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି।

■ ଡୁମରିମୁଣ୍ଡା ନର୍ସିଂ ଛାତ୍ରୀ ମୃତ୍ୟୁ ଘଟଣା

# ଆଜି ରାଇଘରରେ ବିଜେଡିର ୧୨ ଘଣ୍ଟିଆ ହରତାଳ

**ଭୁବନେଶ୍ୱର, ୧୦।୮(ସଂଚାର ବ୍ୟୁରୋ):** ରାଇଘର ଡୁମରିମୁଣ୍ଡା ନର୍ସିଂ ଛାତ୍ରୀର ମୃତ୍ୟୁକୁ ତୀବ୍ର ନିନ୍ଦା କରୁଛି ବିଜୁ ଜନତା ଦଳ । ଏହି ସରକାର ଓଡ଼ିଶାରେ ନାରୀକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ପ୍ରତିଦିନ ନାରୀ ନିର୍ଯାତନା ଘଟଣା ଉଦବେଗଜନକ ଭାବେ ବୃଦ୍ଧି ପାଉଛି। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଇସ୍ତଫା ଦାବି କରୁଛି ବିଜେଡି। ଏହା ସହିତ ରାଇଘର ନର୍ସିଂ ପୀଡ଼ିତାକୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବା ପାଇଁ ବିଜୁ ଜନତା ଦଳ ଦାବି କରୁଛି। ଯେତେଦିନ ପର୍ଯ୍ୟନ୍ତ ଏହି ରାଜ୍ୟରେ ନାରୀ, ଛାତ୍ରୀ, ନାବାଳିକା ସୁରକ୍ଷିତ ହେବେନାହିଁ, ବିଜେଡି ସେମାନଙ୍କୁ ସୁରକ୍ଷା ଦେବା ପାଇଁ ସାରା ରାଜ୍ୟରେ ଆନ୍ଦୋଳନକୁ ବ୍ୟାପକ କରିବ।

ରାଇଘର ବ୍ଲକବାସୀଙ୍କୁ ନବରଙ୍ଗପୁର ବିଜେଡି ତରଫରୁ ଅନୁରୋଧ କରାଯାଉଛି କି ସୋମବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ହରତାଳକୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ । ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ, ଦୋକାନ, ବଜାର, ଯାନବାହନ ଚଳାଚଳ, ସ୍କୁଲ୍, କଲେଜ୍କୁ ୧୨ ଘଣ୍ଟିଆ ହରତାଳରେ ସାମିଲ ହେବାକୁ ଅନୁରୋଧ କରାଯାଉଛି । ଏହି ହରତାଳ ସମୟରେ ଜରୁରୀକାଳୀନ ସେବା ବ୍ୟାହତ ହେବନାହିଁ ବୋଲି ନବରଙ୍ଗପୁର ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି ।

■ ପୂଜା ବେଳେ ଅଘଟଣ

# ଦୀପନିଆଁରେ ଜଳିଗଲେ ମହିଳା

**ଜଟଣୀ,୧୦।୮(ସଂଚାର ବ୍ୟୁରୋ):** ଏମିତି ବି ମୃତ୍ୟୁ ଆସେ। ଠାକୁରଙ୍କୁ ପୂଜା କରୁଥିବା ବେଳେ ଦୀପରୁ ନିଆଁ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି ଏହି ମହିଳା ଜଣଙ୍କ। ଏଭଳି ଏକ ଅଭାବନୀୟ ଘଟଣା ଜଟଣୀ ବ୍ଲକ ରଥୀପୁର ଗାଁରେ ଘଟିଛି। ଘଟଣା ସମ୍ପର୍କରେ ଖବର ପାଇ ଜଟଣୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ମହିଳା ଜଣଙ୍କ ରୀନା ପ୍ରଧାନ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, କିଛି ମାସ ପୂର୍ବରୁ ରୀନା ତାଙ୍କ ପୁଅଙ୍କୁ ହରାଇଥିଲେ। ଏହି ଅଘଟଣ ପରେ ତାଙ୍କ ମାନସିକ ସ୍ଥିତି ସେତେଟା ଠିକ୍ ନଥିଲା। ତେବେ ଆଜି ସକାଳେ ସେ ପୂଜା କରୁଥିବା ସମୟରେ ଦୀପ ଲଗାଇଥିଲେ। କିନ୍ତୁ ଦୀପରେ ନିଆଁ ଲଗାଇବାର କିଛି ସମୟ ପରେ ହଠାତ୍ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ନିକଟସ୍ଥ ମେଡିକାଲକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାସ୍ତା ମଝିରେ ଜଳିଗଲା ଟ୍ୟାଙ୍କର

**ଅତାବିରା,୧୦।୮(ସଂଚାର ବ୍ୟୁରୋ):** ବରଗଡ଼ ସମ୍ବଲପୁର ୫୩ ନଂ ଜାତୀୟ ରାଜପଥ ଉପରେ ହଠାତ୍ ହୁତୁହୁତୁ ହୋଇ ଜଳିଯାଇଛି ଏକ ଆଲୁମିନିୟମ ବୋଝେଇ ଟ୍ୟାଙ୍କର। ରବିବାର ସକାଳୁ ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ସରଣ୍ଡା ଛକରେ ଏପରି ଏକ ଅଘଟଣ ଦେଖିବାକୁ ମିଳିଛି। ବିଶାଖାପାଟଣାରୁ ଝାରସୁଗୁଡ଼ା ବେଦାନ୍ତ ଫ୍ୟାକ୍ଟ୍ରିକୁ ଯାଇଥିବା ଆଲୁମିନିୟମ ବୋଝେଇ ଟ୍ୟାଙ୍କରରେ ଶଟ୍‌ସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ତେବେ ନିଆଁ ଲାଗିବା ପରେ ଡ୍ରାଇଭର ଜଣଙ୍କ ଗାଡ଼ିରୁ ଓହ୍ଲାଇ ନିଜ ଜୀବନ ବଞ୍ଚାଇବା ସହ ନିଆଁକୁ ଆୟତ୍ତ କରିବା ସାକଶେ ସ୍ଥାନୀୟ ଲୋକଙ୍କ ସହାୟତା ଲୋଡ଼ିଥିଲେ। ଏନେଇ ତୁରନ୍ତ ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ଅବଗତ କରାଇଥିଲେ। ଅତାବିରା ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ୍ୟ ଘଟଣାସ୍ଥଳରେ ଅବିଳମ୍ବେ ପହଞ୍ଚି ନିଆଁ ଲିଭାଇଥିଲେ। ଫଳତଃ ଏକ ବଡ଼ ଧରଣର ଅଘଟଣକୁ ରୋକାଯାଇପାରିଥିଲା। ଉକ୍ତ ଟ୍ରକ୍‌ର ଡ୍ରାଇଭରଙ୍କ କହିବାନୁଯାୟୀ, ଗାଡ଼ି ଚାଲୁଥିବା ସମୟରେ ଅଚାନକ ଗାଡ଼ି ଭିତରୁ ଧୂଆଁ ବାହାରିବାରୁ ସେ ଗାଡ଼ି ଅଟକାଇ ଚେକ୍ କରୁଥିଲେ। କିନ୍ତୁ ହଠାତ୍ ଏହି ସମୟରେ ନିଆଁ ଲାଗିଯାଇଥିଲା ବୋଲି ସେ କହିଛନ୍ତି।

■ ଡିଭାଇଡର୍‌ରେ ପିଟିହେଲା କାର୍

# ଜଣେ ମୃତ, ୫ ଗୁରୁତର



**ଝାରସୁଗୁଡ଼ା,୧୦।୮(ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ସୁନାରୀମୁଣ୍ଡା ଛକସ୍ଥିତ ହୋଟେଲ ଉତ୍କଳ କଣ୍ଟିନେଣ୍ଟାଲ ସମ୍ମୁଖରେ ଡିଭାଇଡର ସହ କାର୍ ପିଟିହେବା ଫଳରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ରବିବାର ପୂର୍ବାହ୍ନରେ ଘଟିଥିବା ଏହି ଦୁର୍ଘଟଣା ପରେ ଗୁରୁତରମାନଙ୍କୁ ପ୍ରଥମେ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନା ଓ ପରେ ବୁର୍ଲା ବଡ଼ ମେଡିକାଲକୁ ନିଆଯାଇଛି। ମିଳିଥିବା ସୂଚନାନୁସାରେ, ଝାରସୁଗୁଡ଼ାର ଏକ ପ୍ରାଇଭେଟ୍ ସ୍କୁଲର କେତେକ ଛାତ୍ର ବାଲେଶ୍ୱରରୁ ଖୋ ଖୋ ଖେଳି ଫେରିଥିବା ବେଳେ ସେମାନଙ୍କୁ ରେଳ ଷ୍ଟେସନରେ ସ୍ୱାଗତ କରାଯାଇଥିଲା। ସେମାନେ ଖୁସିରେ ଏକ ମାରୁତି ସ୍ୱିଫ୍ଟ କାର୍ (ନଂ.ଓଡି -୨୩ଏମ୍ ୯୫୧୬) ଯୋଗେ କ୍ରିଷ୍ଣା ଯାଦବ, ଉମିତ ଓରାମ, ମେଘନାଦ ଓରାମ ଓ ତାଙ୍କ ୩ ଜଣ ସାଙ୍ଗଙ୍କୁ ନେଇ ବୁଲିବାକୁ ଯାଇଥିଲେ। ତେବେ ସେମାନେ ସୁନାରୀମୁଣ୍ଡାରୁ ଝାରସୁଗୁଡା ସହର ପଟକୁ ଆସୁଥିବା ସମୟରେ ଅଚାନକ ହୋଟେଲ ଉତ୍କଳ କଣ୍ଟିନେଟାଲ ନିକଟରେ ସେମାନଙ୍କ କାର୍ ଡିଭାଇଡରରେ ପିଟି ହୋଇଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଟାଉନ୍ ଥାନା ପୁଲିସ୍ ସହାୟତାରେ ୬ ଜଣ ଯାକ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଝାରସୁଗୁଡା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ କ୍ରିଷ୍ଣା ଓରାମ (୧୫)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଅନ୍ୟମାନଙ୍କୁ ବୁର୍ଲା ସ୍ଥାନାନ୍ତର କରିଛନ୍ତି। ମୃତ କ୍ରିଷ୍ଣା ଏବଂ ଗୁରୁତର ଆହତ ଉମିତ ଓ ମେଘନାଦ ବଡ଼ମାଳ ଅଞ୍ଚଳର ନୂଆ କ୍ୟାମ୍ପର ହୋଇଥିବା ବେଳେ ଅନ୍ୟ ୩ ଜଣଙ୍କ ପରିଚୟ ମିଳିପାରିନାହିଁ। ଏନେଇ ଝାରସୁଗୁଡ଼ା ଟାଉନ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ହୋପ୍ ଫାଉଣ୍ଡେସନ୍ ପକ୍ଷରୁ ରକ୍ତଦାନ ଏବଂ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

**ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ):** ବିଜେବି ନଗର ସ୍ଥିତ ଉର୍ଜା କ୍ଲାସେସ୍ ଶିକ୍ଷାନୁଷ୍ଠାନ ପରିସରରେ ହୋପ୍ ଫାଉଣ୍ଡେସନ୍, ଜୟ ଓଡିଶା ଏବଂ କେୟାର ନେତ୍ରମ୍ ର ମିଳିତ ଆନୁକୂଲ୍ୟରେ ୧୭ତମ ରକ୍ତଦାନ ଶିବିର ଏବଂ ଚକ୍ଷୁ ପରୀକ୍ଷା ସ୍ୱାସ୍ଥ୍ୟ ସେବା ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ପ୍ରଧାନ ଏବଂ ରୁଦ୍ର ନାରାୟଣ ସାମନ୍ତରାୟ ଯୋଗଦେଇ ଫାଉଣ୍ଡେସନ୍ ର ଏପରି ମହତ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହିତ ରକ୍ତଦାନର ମହତ୍ୱ ସଂପର୍କରେ ବୁଝାଇ କହିଥିଲେ ଏବଂ ଯୁବ ଓ ଛାତ୍ର ସମାଜକୁ ବହୁ ସଂଖ୍ୟାରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଆସି ନିଜର ସ୍ୱାସ୍ଥ୍ୟ ଏବଂ ଚକ୍ଷୁ ପରୀକ୍ଷା କରାଇ ଥିଲେ। ୭୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ନିଜର ଚକ୍ଷୁ ପରୀକ୍ଷା କରାଇବା ସହିତ ଚଷମା ନେଲେ। ଆଜିର ଏହି ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଭାରତୀୟ ରେଡକ୍ରସ ସୋସାଇଟ୍ କୁ ପ୍ରଦାନ କରାଯାଇଥିଲା। ଶେଷରେ ହୋପ୍ ର ସଭାପତି ବିକ୍ରମ ନାୟକ ଫାଉଣ୍ଡେସନ୍ ତରଫରୁ ଧନ୍ୟବାଦ ପ୍ରଦାନ କରିଥିଲେ ।




● ରକ୍ଷା ବନ୍ଧନରେ ବଳଭଦ୍ରଙ୍କ ତତ୍ତ୍ୱ ଆଲୋଚନା

# ବଳଭଦ୍ରଙ୍କ ଜନ୍ମଉତ୍ସବ ପାଳିତ



**ଭୁବନେଶ୍ୱର,୧୦।୮ (ସଂଚାର ବ୍ୟୁରୋ):** ବଡ଼ ଠାକୁର ବଳଭଦ୍ରଙ୍କ ଜନ୍ମଦିନ ଓ ଚତୁର୍ଦ୍ଧା ମୂର୍ତ୍ତିଙ୍କ ରକ୍ଷା ବନ୍ଧନ ପାଳନ ଓଡିଶାରେ ପ୍ରଥମ ଥର ମନ୍ଦିର ବାହାରେ ଜନ୍ମଉତ୍ସବ ଚନ୍ଦ୍ରଶେଖରପୁର ଦୁର୍ଗାପୂଜା ମଣ୍ଡପ ଫେଜ - ୧ରେ ଜୟ ଜଗନ୍ନାଥ ପରିବାର ଟ୍ରଷ୍ଟ ଓ ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡ଼ ନାରାୟଣ ମହାପାତ୍ର ଘୋଷଣା କରିଥିଲେ ସେ ସମସ୍ତ ଅନୁଷ୍ଠାନରେ ଜଣେ ଆଜୀବନ ସଦସ୍ୟ ହୋଇ ରହିବେ। କୌଣସି ଅନୁଷ୍ଠାନରେ ପଦବୀରେ ରହିବେ ନାହିଁ, ପୂର୍ବରୁ ବିଭିନ୍ନ ଅନୁଷ୍ଠାନରେ ପଦବୀରେ ରହି ଯାହା ବି କାର୍ଯ୍ୟ କରାହୋଇଛି ତାହା ଈଶ୍ୱର ଆଶୀର୍ବାଦରୁ ହୋଉଛି । ନିଜର ଜୟ ମା' ଭବାନୀ ଟ୍ରଷ୍ଟ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ (ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ) ପାଇଁ କାର୍ଯ୍ୟ କରିବେ । ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତ୍ରିଲୋଚନ ନାୟକ, ସୁରେଶ ମିଶ୍ର, ଅକ୍ଷୟ ସାହୁ, ବଂଶୀଧର ନାୟକ, ବିଜୟ ପଣ୍ଡା, ହେମନ୍ତ ମଲିଆ, ଶରତ ମହାପାତ୍ର, ଶ୍ରୀନିବାସ ରାଓ, ଚୈତନ୍ୟ ନାୟକ, ପ୍ରଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ସହଯୋଗ କରିଥିଲେ । ପ୍ରଭୁ ବଳଭଦ୍ରଙ୍କ କୃପାରୁ ଯେଉଁମାନେ ଏହି କାର୍ଯ୍ୟକ୍ରମ ନିମନ୍ତେ ପ୍ରମୁଖ ସହାୟତା କରିଛନ୍ତି ତାଙ୍କୁ ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ହୃଦୟରୁ କୃତଜ୍ଞତା ଜ୍ଞାପନ କରିଥିଲେ ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ଆମେରିକାରେ ଟିକସ ବୃଦ୍ଧି ଓ ବ୍ୟବସାୟିକ ପ୍ରଭାବ

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଭାରତ ସମେତ ବିଶ୍ୱର ଅନେକ ଦେଶ ଉପରେ ଆମଦାନୀ ଶୁଳ୍କ (ଟାରିଫ) ବୃଦ୍ଧି ନୀତି ଏକ ବିବାଦୀୟ ପଦକ୍ଷେପ ହୋଇଛି। ୨୦୨୫ ଜୁଲାଇରେ ଘୋଷିତ ୨୫% ଶୁଳ୍କ ପରେ ଅଗଷ୍ଟ ୨୭ରୁ ୫୦% ଟାରିଫ ଲାଗୁ ହେବା ନିଷ୍ପତ୍ତି ବିଶ୍ୱ ବାଣିଜ୍ୟରେ ଏକ ନୂଆ ସଙ୍କଟ ସୃଷ୍ଟି କରିଛି। ଏହାର ପ୍ରଭାବ କେବଳ ଭାରତ ନୁହେଁ, ଆମେରିକାର ନିଜ ଅର୍ଥନୀତି ଓ ବ୍ୟବସାୟ ଉପରେ ମଧ ପଡ଼ିବ, ଯାହା ଏକ ବୈଶ୍ୱିକ ଆର୍ଥିକ ଅସ୍ଥିରତାକୁ ଆହ୍ୱାନ କରୁଛି।



ଟାରିଫ ବୃଦ୍ଧି ଆମେରିକାରେ ଆମଦାନୀ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବ, ଯାହା ଗ୍ରାହକଙ୍କ ପାଇଁ ଖର୍ଚ୍ଚ ବଢ଼ାଇବ। ଭାରତୀୟ ଉତ୍ପାଦ ଯେପରି ଚିଙ୍ଗୁଡ଼ି, ବାସୁମତୀ ଚାଉଳ, ମସଲା ଓ କ୍ଷୀର ଜାତୀୟ ସାମଗ୍ରୀ ଆମେରିକାରେ ମହଙ୍ଗା ହେବା ଫଳରେ, ଆମେରିକୀୟ ଗ୍ରାହକଙ୍କ କ୍ରୟ କ୍ଷମତା ହ୍ରାସ ପାଇବ, ଯାହା ସେମାନଙ୍କ ଜୀବନଧାରଣ ଖର୍ଚ୍ଚକୁ ପ୍ରଭାବିତ କରିବ। ଏହା ବ୍ୟତୀତ, ଭାରତୀୟ କମ୍ପାନୀ ଯେମିତି ଅମୂଲ ଆମେରିକାରେ ଉତ୍ପାଦନ ଆରମ୍ଭ କରିବାକୁ ଯୋଜନା କରୁଛନ୍ତି, ଯାହା ଆମେରିକୀୟ ବଜାରରେ ପ୍ରତିଯୋଗିତା ବୃଦ୍ଧି କରିବ। ଏହା ସ୍ଥାନୀୟ ଉତ୍ପାଦକଙ୍କ ପାଇଁ ଚାପ ସୃଷ୍ଟି କରିପାରେ। ଟ୍ରମ୍ପଙ୍କ ଏହି ନୀତି ଆମେରିକାର ବାଣିଜ୍ୟ ଭାଗିଦାର ଦେଶମାନଙ୍କୁ ପ୍ରତିଶୋଧମୂଳକ ଶୁଳ୍କ ଲଗାଇବାକୁ ଉତ୍ସାହିତ କରିଛି। ଉଦାହରଣ ସ୍ୱରୂପ, ଚୀନ ଆମେରିକା ଉପରେ ୧୨୫% ଶୁଳ୍କ ଲାଗୁ କରିଛି। ଏହା ଆମେରିକୀୟ ରପ୍ତାନୀ ଉପରେ ପ୍ରଭାବ ପକାଇବ, ଯାହା ସ୍ଥାନୀୟ ଉତ୍ପାଦକ ଓ ରପ୍ତାନିକାରୀଙ୍କ ପାଇଁ କ୍ଷତିକାରକ ହେବ। ଏହି ଶୁଳ୍କ ଯୁଦ୍ଧ ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ସୃଷ୍ଟି କରିପାରେ, ଯାହା ଆମେରିକୀୟ କମ୍ପାନୀଗୁଡ଼ିକର ଲାଭ ଓ ନିଯୁକ୍ତି ସୁଯୋଗକୁ ହ୍ରାସ କରିବ। ଟାରିଫ ବୃଦ୍ଧି ଆମେରିକାରେ ମୁଦ୍ରାସ୍ଫୀତି ବଢ଼ାଇବ, ଯାହା ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରିବ। ଏହା ସେୟାର ବଜାରକୁ ନିମ୍ନମୁଖୀ କରିପାରେ, ଯାହା ଆମେରିକୀୟ ନିବେଶକ ଓ ବ୍ୟବସାୟୀଙ୍କ ପାଇଁ ଆର୍ଥିକ ଅସ୍ଥିରତା ସୃଷ୍ଟି କରିବ। ଏହା ବ୍ୟତୀତ, ଭାରତ ଓ ଅନ୍ୟାନ୍ୟ ଦେଶରୁ ରପ୍ତାନୀ ହ୍ରାସ ପାଇବା ଫଳରେ ଆମେରିକାରେ ସାମଗ୍ରୀର ଅଭାବ ଦେଖାଦେଇପାରେ, ଯାହା ସ୍ଥାନୀୟ ଶିଳ୍ପଗୁଡ଼ିକୁ ଚାପ ସୃଷ୍ଟି କରିବ।

ଏହି ଶୁଳ୍କ ଯୁଦ୍ଧରୁ ନିସ୍ତାର ପାଇବା ପାଇଁ ଆମେରିକା ଓ ଭାରତ ମଧ୍ୟରେ ସକାରାତ୍ମକ ଆଲୋଚନା ଜରୁରୀ। ପାରସ୍ପରିକ ବୁଝାମଣା ଓ ବାଣିଜ୍ୟ ଚୁକ୍ତି ମାଧମରେ ଏହି ସଙ୍କଟର ସମାଧାନ କରାଯାଇପାରେ। ଆମେରିକାକୁ ନିଜର ଅର୍ଥନୈତିକ ସ୍ୱାର୍ଥ ସହିତ ଅନ୍ୟ ଦେଶର ଆବଶ୍ୟକତାକୁ ମଧ ବିଚାର କରିବାକୁ ହେବ। ନହେଲେ, ଏହି ନୀତି ଆମେରିକୀୟ ବ୍ୟବସାୟ ଓ ଗ୍ରାହକଙ୍କ ପାଇଁ ଦୀର୍ଘକାଳୀନ କ୍ଷତି ଡାକି ଆଣିବ।

# ସତ୍ୟ ବଚନ ସତ୍ୟ ନେତ୍ର, ସତ୍ୟେ ତୋହର ଆତଯାତ...

ଡକ୍ଟର ସୁରେଶ କୁମାର ନାୟକ



କାମ, କ୍ରୋଧ, ଲୋଭ, ମୋହ ଆଦି ରିପୁ ଭଳି ଭୟ ମଧ ମଣିଷର ଏକ ଶତ୍ରୁ, କାରଣ ଏହା ସ୍ୱାଭାବିକ ଶକ୍ତି ପ୍ରଦର୍ଶନକୁ ଲୁକାଇକି ରଖିଥାଏ। ଭୟାଳୁ ନିଜ ଉପରେ ଆସ୍ଥା ନଥିବାରୁ ପ୍ରତିକ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ଓ ଜଡ଼ତ୍ୱ ଉଦ୍ରେକ କରିଥାଏ। ଭୟ ଏଭଳି ଏକ ଶତ୍ରୁ ଯାହା ନିଜର ଅଶେଷ କ୍ଷତି ଘଟାଉଥିଲେ ମଧ ମଣିଷ ତାହା ଜାଣିପାରେ ନାହିଁ। ଯେଉଁ କାର୍ଯ୍ୟସମ୍ପନ୍ନ କରିବାର ସାମର୍ଥ୍ୟ ତା'ର ଅଛି, ଭୟାଳୁ ମଣିଷ ପାଖରେ ସେଠାରୁ ତାହା ଅସମ୍ଭବ ମନେ ହୋଇଥାଏ। ପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ତାଙ୍କ ଦିଗଦର୍ଶନରେ ଉଲ୍ଲେଖ କରିଛନ୍ତି 'ଲକ୍ଷ୍ୟସାଧନ ପାଇଁ ଭୟଶୂନ୍ୟତା ଅପରିହାର୍ଯ୍ୟ। ମାଟିମୁଣ୍ଡାକୁ ସୁନାମୁଣ୍ଡାରେ, ଅସମ୍ଭବକୁ ସମ୍ଭବ କରିବାର କୁହୁକ ରହିଛି ନିର୍ଭୀକ ବ୍ୟକ୍ତିର ଜୀବନର ସାହସିକ ଅଭିଯାନ ନାମଟି ହେଲା ଭୟଶୂନ୍ୟତା'। ମହାପୁରୁଷମାନଙ୍କ ଜୀବନୀ ଅନୁଧ୍ୟାନ କଲେ ଆମେ ଏହାର ବହୁ ଦୃଷ୍ଟାନ୍ତ ପାଇପାରିବା। ନେପୋଲିୟନଙ୍କ ଭଳି ଅସାଧାରଣ ବିଜୟୀ ସମ୍ରାଟ ହେବାରେ ଅନୁପ୍ରେରିତ କରିଥିଲା ଏହି ସାହସ-ଭୟଶୂନ୍ୟତା। ଏ ସମ୍ପର୍କରେ ହିମାଳୟର ପ୍ରସିଦ୍ଧ ସନ୍ନ୍ୟାସୀ ସ୍ୱାମୀ ରାମଙ୍କ ଜୀବନର ଘଟଣାଟିଏ। ସ୍ୱାମୀ ରାମ ତାଙ୍କ ଗୁରୁଙ୍କ ସହ ନେପାଳ ଯାତ୍ରା କରୁଥିଲାବେଳେ ଏକ ଜଙ୍ଗଲରେ ତାଙ୍କୁ ରହିବାକୁ ହୋଇଥିଲା। ସେତେବେଳେ ଖାଦ୍ୟ ଅଭାବରୁ ଏହି ସମୟରେ ଗୁରୁ ଆଦେଶ ଦେଲେ - ଯାଅ, ଟଙ୍କପୁରା ଯାଇ କିଛି ଖାଦ୍ୟ ସଂଗ୍ରହ କରି ଆଣ। ବିପଦସଙ୍କୁଳ ଜଙ୍ଗଲିଆ ରାସ୍ତାରେ ସେଠାରୁ ଟଙ୍କପୁରାର ଦୂରତ୍ୱ ଥିଲା ୧୨ କି.ମି.। ସ୍ୱାମୀ ରାମଙ୍କ ଗୁରୁଙ୍କ ସହ ଅନ୍ୟ ଜଣେ ସାଧୁ ଥିଲେ। ତାଙ୍କର ମଧ ଜଣେ ଶିଷ୍ୟ ଥିଲେ। ଏତେ ଦୀର୍ଘପଥ, ପୁଣି କିଛି ଘଣ୍ଟା ପରେ ସୂର୍ଯ୍ୟାସ୍ତ ହୋଇଯିବ, ରାତିର ଅନ୍ଧକାର ଭିତରେ ଜଙ୍ଗଲ ଭିତରେ ଖାଦ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ଏତେ ଦୀର୍ଘପଥ ଜଣେ ଶିଷ୍ୟଙ୍କୁ ପଠାଇବା ପାଇଁ ଅନ୍ୟ ସାଧୁଜଣକ ପସନ୍ଦ କରିନଥିଲେ। ସେଣୁ କହିଲେ - ମୋ ଶିଷ୍ୟକୁ ମୁଁ ପଠାଇପାରିବି ନାହିଁ। ରାତି ଆସନ୍ନ ଥିଲାବେଳେ କାହିଁ ଏତେ ଦୂରକୁ ପଠାଉଛନ୍ତି ? ସ୍ୱାମୀ ରାମଙ୍କ ଗୁରୁଦେବଙ୍କ ଉତ୍ତର ଥିଲା ତୁମେ ତାଙ୍କୁ ଜଣେ ଭୀରୁ ଭାବରେ ଗଢ଼ିବାକୁ ଚାହୁଁଛ, ଜଣେ ସ୍ୱାମୀଜୀ ନୁହେଁ। ମୁଁ ଏହି ବାଳକକୁ ତାଲିମ ଦେଉଛି, ସେ ନିଶ୍ଚୟ ଯିବ। ଗୋଟିଏ ଲଣ୍ଠନ ଧରାଇ ଦେଇ ସ୍ୱାମୀଜୀ ଶିଷ୍ୟଙ୍କୁ କହିଲେ ଏହି ଲଣ୍ଠନରେ କିରୋସିନ ଭରପୂର ଅଛି। ଗୋଟିଏ ଦିଆସିଲି ପାକେଟ ସାଥିରେ ନିଅ। ଅନ୍ୟଜଣଙ୍କୁ ତୁମ ସାଥିରେ ପଠାଉଛି, ତୁମେ ଏବେ ଯାଅ ଅନ୍ତତଃ ଚାରିଦିନ ପାଇଁ ଖାଦ୍ୟ ସଂଗ୍ରହ କରି ଆଣ। 'ଠିକ୍ ଅଛି' କହି ଶିଷ୍ୟ ବିନା ପ୍ରତିବାଦରେ ସେହି ସ୍ଥାନ ପରିତ୍ୟାଗ କଲେ। ଜଙ୍ଗଲ ଭିତରେ ରାସ୍ତାରେ ଦୁହେଁ ଚାଲିଥାନ୍ତି। ସମୟେ ସମୟେ ଶୁଣୁଥାଏ ବାଘର ଗର୍ଜନ। ହିଂସ୍ରଜନ୍ତୁଙ୍କ ଭୟଙ୍କର ସ୍ୱର, ଲଣ୍ଠନର କ୍ଷୀଣ ଆଲୋକରେ ଶିଷ୍ୟ ଦେଖୁଥାନ୍ତି ସମ୍ମୁଖରେ ହିଂସ୍ର ସାପ ପଡ଼ିକୁ କରିଯାଉଛନ୍ତି। ଏହା ମଣିଷର ଉଚ୍ଚତାଠାରୁ ଅଧିକ ଉଚ୍ଚ ହୋଇଥାଏ। ସେହି ଘାସଗଛ ଭିତରୁ ନାନାଦି ସ୍ୱର ଶୁଣୁଥାଏ ଜଙ୍ଗଲୀ ପଶୁଙ୍କର। ଲଣ୍ଠନ ସୀମିତ ଆଲୋକ ସହାୟତାରେ ଶିଷ୍ୟ ଦୀର୍ଘ ୧୨ କି.ମି. ଯାଇ ଖାଦ୍ୟ ସଂଗ୍ରହ କରି ପରଦିନ ସକାଳେ ଗୁରୁଙ୍କ ନିକଟରେ ପହଞ୍ଚିଲେ। ଫେରିଲା ପରେ ଗୁରୁଙ୍କର ପଚରିଏ ପ୍ରଶ୍ନ ଥିଲା - କିପରି ଅଛ ? ବାଟରେ ଯାହାସବୁ ଦେଖିଥିଲେ ଯେଉଁ ପରିସ୍ଥିତିକୁ ସାମ୍ନା କରିଥିଲେ ଶିଷ୍ୟ ସେସବୁ ବର୍ଣ୍ଣନା କଲେ। ଗୁରୁଙ୍କର ନିର୍ବିକାର ଉତ୍ତର ଥିଲା - ଠିକ୍ ଅଛି। ଚାଲ ଖାଦ୍ୟ ପ୍ରସ୍ତୁତ କରିବା। ସ୍ୱାମୀ ରାମଙ୍କ ଗୁରୁଦେବଙ୍କୁ କେହିକେହି ନିର୍ଦ୍ଦୟ, ହୃଦୟହୀନ କହିପାରନ୍ତି, କିନ୍ତୁ ପ୍ରକୃତରେ ସେ ଶିଷ୍ୟ ଭୟଶୂନ୍ୟ ହେବା ଚାହୁଁଥିଲେ, ଯାହା ବ୍ରହ୍ମଙ୍କ ପ୍ରାପ୍ତିର ଅତ୍ୟାବଶ୍ୟକ। ନିର୍ଭୀକ ହେବା ହିଁ ମହାନ୍ - ଏହା ଜୀବନର ପରୀକ୍ଷିତ ସତ୍ୟ। ଯଥାର୍ଥରେ ଶ୍ରୀମଦ୍ ଭାଗବତରେ ଲେଖାହୋଇଛି - "ଅନିତ୍ୟ ଏ ମନୁଷ୍ୟ ଦେହି, ସାର ଏହାର କିଛି ନାହିଁ ଯେ ହୋଏ ବିମୁକ୍ତ ବନ୍ଧନ, ତାହାକୁ ବୋଲି ମହାଜନ। ସତ୍ୟ ବଚନ ସତ୍ୟ ନେତ୍ର, ସତ୍ୟେ ତୋହର ଆତଯାତ।"

ଅଧକ୍ଷ, ଏସେଲ୍ସ ପବ୍ଲିକ୍ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ମୋବାଇଲ୍: ୯୪୩୭୬୨୨୫୫୯୨

# ଦେଶର ଏକତାକୁ ନଷ୍ଟ କରୁଛି ମୂଳନିବାସୀ ବିମର୍ଷ

ଗୋପାଳ ମହାପାତ୍ର



ଅଗଷ୍ଟ ୯ ତାରିଖକୁ ବିଶ୍ୱ ମୂଳ ନିବାସୀ ଦିବସ ଭାବେ ପାଳନ କରିବାକୁ ଜାତିସଂଘ ୧୯୯୪ ମସିହାରେ ଘୋଷଣା କରିଥିଲା। ଏଭଳି ଘୋଷଣା କରାଯିବା ପଛରେ ଉଦେଶ୍ୟ ଥିଲା ଯେ ୧୯୮୨ ମସିହା ଅଗଷ୍ଟ ୯ ତାରିଖ ଦିନ ଓ୍ୱାର୍କିଙ୍ଗ ଗ୍ରୃପ ଅଫ ଇଣ୍ଡିଜିନିସ ପିପୁଲ ଗୋଷ୍ଠିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏହା ପଛରେ ଥିବା ଜାତିସଂଘର ଭୂମିକା ମଧ ସ୍ପଷ୍ଟ। ଜାତିସଂଘ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ ୯୦ଟି ଦେଶରେ ୪୭.୬ କୋଟି ମୂଳ ନିବାସୀ ରହୁଥିଲେ ଓ ସେମାନେ ବିଶ୍ୱ ଜନସଂଖ୍ୟାର ୫ ପ୍ରତିଶତ ଅଟନ୍ତି। କିନ୍ତୁ ସାରା ବିଶ୍ୱରେ ଥିବା ଗରିବ ମୂଳ ନିବାସୀଙ୍କ ସଂଖ୍ୟା ୧୫ ପ୍ରତିଶତ ଏଣୁ ମୂଳନିବାସୀଙ୍କ ଅଧିକାରର ସୁରକ୍ଷା ତଥା ସେମାନଙ୍କ ଜୀବନସ୍ତରକୁ ଉପରକୁ ଉଠାଇବା ପାଇଁ ଏହି ଦିବସ ପାଳନ କରାଯାଇଥାଏ। ପ୍ରଶ୍ନ ହେଉଛି ମୂଳ ନିବାସୀ କିଏ? ଆମେ ସମସ୍ତେ ଜାଣିଛେ ଓ ଏହା ହେଉଛି ଏକ ଐତିହାସିକ ତଥ୍ୟ ଯେ ଭାରତ ଆସିବା ଉଦେଶ୍ୟରେ ବାହାରିଥିବା ପରିବ୍ରାଜକ କଲମ୍ବସ ୧୪୯୨ ମସିହାରେ ଆମେରିକାରେ ପହଞ୍ଚି ଯାଇଥିଲେ। ସେଠାରେ ପହଞ୍ଚିବା ପରେ ସେ ଆମେରିକାକୁ ଇଣ୍ଡିଆ (ଭାରତ) ବୋଲି ଭାବି ନେଇଥିଲେ। କିନ୍ତୁ ପରେ ସେ ବୁଝିପାରିଥିଲେ ଯେ ତାହା ଇଣ୍ଡିଆ (ଭାରତ) ନୁହେଁ। କଲମ୍ବସ ଆମେରିକାରେ ପହଞ୍ଚିବା ପରେ ସେଠାକାର ମୂଳ ନିବାସୀଙ୍କୁ ଇଣ୍ଡିଆନ ନାମରେ ନାମିତ କରିଦେଇଥିଲେ ଯାହାଙ୍କୁ ରେଡ୍ ଇଣ୍ଡିଆନ୍ସ କୁହାଯାଉଥିଲା। ଏବେ ସେମାନଙ୍କୁ ଆମେରିକାନ ଇଣ୍ଡିଆନ୍ସ ବା ନେଟିଭ ଆମେରିକାନ୍ସ କୁହାଯାଉଛି।

୧୯୪୨ରେ ଯେତେବେଳେ କଲମ୍ବସଙ୍କ ସହ ୟୁରୋପୀୟ ମାନେ ସେଠାରେ ପହଞ୍ଚିଲେ ସେତେବେଳେ ସେଠାକାର ମୂଳନିବାସୀ ବା ଆମେରିକାନ ଇଣ୍ଡିଆନ୍ସଙ୍କ ସଂଖ୍ୟା ୧କୋଟି ୮୦ ଲକ୍ଷ ଥିଲା ବୋଲି ହେନେରି ଡୋବିନ୍ସ ଉଲ୍ଲେଖ କରିଛନ୍ତି। ଜନସଂଖ୍ୟା ବୃଦ୍ଧିର ଅନୁପାତ ଅନୁସାରେ ଏବେ ଏହି ମୂଳନିବାସୀଙ୍କ ସଂଖ୍ୟା ୧୫ କୋଟିରେ ପହଞ୍ଚିବା କଥା। କିନ୍ତୁ ବିଗତ ୪୦୦ରୁ ୫୦୦ବର୍ଷ ମଧ୍ୟରେ ଆମେରିକାରେ ବସବାସ କରିବାକୁ ଆସିବା ଇଂରେଜ, ଫ୍ରେଞ୍ଚ, ସ୍ପେନିସ ଆଦି ୟୁରୋପୀୟ ମାନେ ମୂଳନିବାସୀଙ୍କ ଉପରେ ଅତ୍ୟାଚାର କରି ଏମାନଙ୍କ ବଂଶ ବୃଦ୍ଧିରେ ବାଧକ ସାଜିଥିଲେ। ୨୦୧୦ରେ ଆମେରିକାର ଜନଗଣନା ଅନୁସାରେ ଏହି ମୂଳନିବାସୀଙ୍କ ସଂଖ୍ୟା ୫୫ ଲକ୍ଷ ଯାହା ଆମେରିକାର ଜନସଂଖ୍ୟାର ୧.୬୭ ପ୍ରତିଶତ ଅଟେ। ୧୭୭୦ ମସିହାରେ ବ୍ରିଟିଶ ସେନାର ଲେଫଟନାଣ୍ଟ ଜେମସ୍ କୁକ୍ ଅଷ୍ଟ୍ରେଲିଆରେ ପହଞ୍ଚିଥିଲେ। ସେତେବେଳେ ବ୍ରିଟିଶ ସରକାର କଏଦୀ ମାନଙ୍କୁ ରଖିବା ପାଇଁ ଏକ ଦ୍ୱୀପ ଖୋଜୁଥିଲେ। ଜେମସ୍ କୁକ୍ ଏବଂ ତାଙ୍କ ସହଯୋଗୀ ଜୋସେଫ ବେଙ୍କ୍ସଙ୍କ ପରାମର୍ଶ କ୍ରମେ ବ୍ରିଟିଶ ସରକାର ଅଷ୍ଟ୍ରେଲିଆରେ କଏଦୀଙ୍କୁ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ୧୭୮୭ ମେ ମାସ ୧ ତାରିଖରେ ବ୍ରିଟିଶ ଯାହାଜ ଅଷ୍ଟ୍ରେଲିଆରେ ପହଞ୍ଚିଥିଲା ଯେଉଁଥିରେ ହଜାରେରୁ ଅଧିକ ଇଂରେଜ ଥିଲେ ଓ ୭୩୭ ଜଣ କଏଦୀ ଥିଲେ। ତା ପର ଠାରୁ ଅଷ୍ଟ୍ରେଲିଆରେ ଉପନିବେଶବାଦର ଆରମ୍ଭ ହେଲା। ସେତେବେଳେ ଯେତିକି ମୂଳନିବାସୀ ଥିଲେ ଜନସଂଖ୍ୟା ବୃଦ୍ଧି ଅନୁପାତରେ ଏବେ ସେମାନଙ୍କ ସଂଖ୍ୟା ବହୁତ ବଢ଼ିଯାଇଥାନ୍ତା। କିନ୍ତୁ ଆମେରିକାରେ ଯାହା ଘଟିଥିଲା ଅଷ୍ଟ୍ରେଲିଆରେ ସେକଥା ହିଁ ଘଟିଲା। ବର୍ବରତାର ସହ ଏମାନଙ୍କ ସଂହାର କରାଗଲା। ୨୦୧୬ର ଜନଗଣନା ଅନୁସାରେ ସେଠାକାର ମୂଳନୀବାସୀଙ୍କ ସଂଖ୍ୟା ମାତ୍ର ୭ଲକ୍ଷ ୯୦ ହଜାର ଥିଲା ଯାହା ଅଷ୍ଟ୍ରେଲିଆର ଜନସଂଖ୍ୟାର ୩.୩ ପ୍ରତିଶତ।

ଆମେରିକା, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ ଆଦି ଦେଶରେ ମୂଳନିବାସୀଙ୍କ ଅବସ୍ଥା ଅତ୍ୟନ୍ତ ଖରାପ ଥିଲା। ୟୁରୋପୀୟମାନେ ଏମାନଙ୍କ ଉପରେ ଅତ୍ୟାଚାର କରୁଥିଲେ। ଆମେରିକା ଏହି ମୂଳନିବାସୀ ମାନଙ୍କୁ ସିଭିଲିଆନ ଆଖ୍ୟା ଦେବାକୁ ଚାହିଁଲା। ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ଓ୍ୱାସିଂଟନଙ୍କ ସମୟରେ ଏହି ମୂଳନିବାସୀ ଅର୍ଥାତ୍ ଆମେରିକାନ ଇଣ୍ଡିଆନ୍ସଙ୍କୁ ଜବରଦସ୍ତ ସିଭିଲିଆନ ଆଖ୍ୟା ଦେବା ପାଇଁ ଉଦ୍ୟମ ହେଲା ଓ ଏହି ନୀତି ଏବେ ବି ଜାରି ରହିଛି। ଆମେରିକା ଓ ଆଷ୍ଟ୍ରେଲିଆ ଭଳି ଦେଶର ମୂଳନିବାସୀଙ୍କ ଅବସ୍ଥା ଦୁରୁହ ଅନେକ ଆମେରିକୀ ମୂଳ ନିବାସୀ ଏବେ ଦ୍ରାରିଦ୍ର୍ୟର ସୀମାରେଖାତଳେ ଅଛନ୍ତି। ଭାରତରେ ଏହି ମୂଳନିବାସୀ ଦିବସର ଔଚିତ୍ୟ କ'ଣ? ଏଠି ଭାରତରେ ଆମେ ସମସ୍ତେ ତ ମୂଳନିବାସୀ। ହଁ ମୁସଲିମ ଆକ୍ରମଣକାରୀ ବାହାରୁ ଆସିଥିଲେ ନିଶ୍ଚୟ। ଇରାନ (ପାର୍ଶିଆ), ଇରାକ, ଆଫଗାନିସ୍ଥାନ, ତୁର୍କିସ୍ଥାନ, କିରଗିଜସ୍ଥାନ, ଉଜବେକିସ୍ଥାନ ଆଦି ଅନେକ ଦେଶରୁ ମୁସଲିମ ଆକ୍ରମଣକାରୀ ଆସିଥିଲେ। ଜାତିସଂଘର ପରିଭାଷା ଅନୁସାରେ ଏସବୁ ଆକ୍ରମଣକାରୀଙ୍କୁ ଛାଡି ଅନ୍ୟ ସମସ୍ତେ ଭାରତର ମୂଳ ନିବାସୀ। ଇଂରେଜମାନେ ମଧ ବାହାରୁ ଆସିଥିଲେ କିନ୍ତୁ ୧୯୪୭ରେ ଦେଶ ସ୍ୱାଧିନ ହେବା ପରେ ଏମାନେ ଭାରତ ଛାଡି ଚାଲିଯାଇଥିଲେ। ଏଣୁ ଏସବୁକୁ ଦେଖିଲେ ଭାରତରେ 'ବିଶ୍ୱ ମୂଳନିବାସୀ ଦିବସ'ର ଔଚିତ୍ୱ ରହିବା କଥା ନୁହେଁ। ଆମେରିକା, ଅଷ୍ଟ୍ରେଲିଆ ଭଳି ଦେଶମାନଙ୍କର ମୂଳ ନିବାସୀଙ୍କ ହକ୍ ପ୍ରତି ସହାନୁଭୁତି ଏବଂ ସମର୍ଥନରେ ଆମର (ଭାରତ) ସୀମିତ ଭୂମିକା ରହିବା କଥା।

କିନ୍ତୁ ଏବେ ଆମ ଦେଶରେ ଏହି ଦିବସ ପାଳନ କରିବାର ପ୍ରଥା ଆରମ୍ଭ ହୋଇଯାଇଛି। ଅନେକ ରାଜ୍ୟରେ ଏହି ଦିନକୁ "ଆଦିବାସୀ ଦିବସ" ଭାବେ ପାଳନ କରାଯାଉଛି। ଛତିଶଗଡ଼ ଏବଂ ମଧପ୍ରଦେଶ ଭଳି ରାଜ୍ୟରେ ଏହିଦିନ (୯ଅଗଷ୍ଟ)କୁ ଇଚ୍ଛାକୃତ ଅବସର ଦିବସ ଭାବେ ଘୋଷଣା କରାଯାଉଥିଲା। ଏହି ଦିବସ ପାଳନ ହେଲା କେମିତି? ଏହାର ଉତ୍ତର ହେଉଛି ଏହା ଏକ ବାମପନ୍ଥୀ ରଣନୀତି। ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଏ ପ୍ରସଙ୍ଗରେ ବାମପନ୍ଥୀଙ୍କୁ ଯୋଡାଯାଉଛି କାହିଁକି? ଉତ୍ତର ହେଉଛି ବାମପନ୍ଥୀ ବିଚାରଧାରାର ମୂଳ ହେଉଛି ସମାଜରେ ବର୍ଗ ସଂଘର୍ଷ ସୃଷ୍ଟି କରିବା। ବର୍ଗସଂଘର୍ଷ ପାଇଁ 'ମୂଳନିବାସୀ ଦିବସ' ଏକ ଉତ୍ତମ ସାଧନ ଅଟେ। ଏହାର ଫାଇଦା ମଧ ବାମପନ୍ଥୀ ବିଚାରକ ମାନେ ବେଶ୍ ଭାବରେ ଉଠାଇଥିଲେ। ଜାତିସଂଘ ଦ୍ୱାରା 'ମୂଳନିବାସୀ ଦିବସ'ର ଘୋଷଣା ପରେ ଦେଶରେ ଆଦିବାସୀମାନେ ଭାରତର ମୂଳ ନାଗରିକ ଏବଂ ଅନ୍ୟ ସମସ୍ତେ ବାହାରୁ ଆସିଛନ୍ତି ବୋଲି ବିମର୍ଷ ଚାଲିଲା। ଆର୍ଯ୍ୟମାନେ ବାହାରୁ ଆସିଛନ୍ତି ବୋଲି କୁହାଗଲା। ଏହି ସିଦ୍ଧାନ୍ତ ଇଂରେଜମାନେ ଆରମ୍ଭ କରିଥିଲେ। ଦେଶ ସ୍ୱାଧିନ ହେବାପରେ ମଧ ବାମପନ୍ଥୀ ବିଚାରକ ମାନେ ଏହି ବିମର୍ଷ ଜାରି ରଖିଲେ। ୨୦୧୧ ଜାନୁୟାରୀ ୧୨ ତାରିଖ ଦିନ 'ଦି ହିନ୍ଦୁ' ଇଂରାଜୀ ଖବର କାଗଜରେ ଏକ ଆଲେଖ୍ୟ ପ୍ରକାଶିତ ହୋଇଥିଲା ଯାହାର ଶୀର୍ଷକ ଥିଲା 'ଇଣ୍ଡିଆ, ରାର୍ଜଲି ଏ କଣ୍ଟ୍ରିଅଫ ଇମିଗ୍ରାଣ୍ଟସ୍"। ଏହି ଆଲେଖରେ ଆଦିବାସୀ ମାନେ ଦେଶର ମୂଳନିବାସୀ ବୋଲି ପ୍ରତିପାଦିତ କରାଯାଇଥିଲା। ଦେଶର ୮ ପ୍ରତିଶତ ଆଦିବାସୀ ହେଉଛନ୍ତି ମୂଳନିବାସୀ ଏବଂ ୯୨ ପ୍ରତିଶତ ବାହାରୁ ଆସିଛନ୍ତି।

'ଦି ହିନ୍ଦୁ'ରେ ପ୍ରକାଶିତ ଏହ ଆଲେଖରେ "ଦି କେମ୍ବ୍ରିଜହିଷ୍ଟି ଅଫ ଇଣ୍ଡିଆ"ର ଅନେକ ତଥ୍ୟ ଉଦାହରଣ ଭାବେ ଉଲ୍ଲେଖ କରାଯାଇଛି। ଏହାକୁ ବ୍ୟଙ୍ଗ ନୁହଁ ତ ଆଉ କ'ଣ କୁହାଯାଇ ପାରିବ? ଏମିତି ଅନେକ ଆଲେଖ ବିଗତ କିଛି ବର୍ଷ ହେବ ପ୍ରକାଶ ପାଉଛି ଯେ ଆର୍ଯ୍ୟମାନେ ବାହାରୁ ଆସିଥିଲେ ବୋଲି କିନ୍ତୁ ଯେଉଁ ବିମର୍ଷ ଚାଲିଥିଲା ତାହା ଭୁଲ ବୋଲି ପ୍ରମାଣିତ ହୋଇଛି। ଅନେକ ତଥ୍ୟ ଏବଂ ପ୍ରମାଣରୁ ସ୍ପଷ୍ଟ ଯେ ଆମେ ସମସ୍ତେ ଭାରତର ମୂଳନିବାସୀ। ଏହାର ଠିକ୍ ବିପରିତ 'ଆଉଟ ଅଫ ଇଣ୍ଡିଆ ଥିଓରି'ର ମାନ୍ୟତା ବଢ଼ିବାରେ ଲାଗିଛି। ଏହି ସିଦ୍ଧାନ୍ତ ଅନୁସାରେ ଭାରତରୁ କିଛି ସମ୍ପ୍ରଦାୟ ଭାରତ ବାହାରକୁ ସ୍ଥାନାନ୍ତରିତ ହୋଇଛନ୍ତି। ଯେଉଁ ଲୋକମାନେ ବାହାରୁ ୫ଶହରୁ ଏକ ହଜାର ବର୍ଷ ପୂର୍ବରୁ ଆସିଛନ୍ତି ସେମାନଙ୍କୁ ମୂଳନିବାସୀ ବୋଲି ଜାତିସଂଘ କହୁଛି। କିନ୍ତୁ ଆମ ଦେଶରେ ବେଦ, ପୁରାଣ, ଉପନିଷଦ କେଉଁ କାଳରୁ ରହିଛି ଓ ଏସବୁରେ ଥିବା ପ୍ରମାଣ, ଉଦାହରଣ ଅନୁସାରେ ଆମେ ୮ରୁ ୧୦ ହଜାର ପୂର୍ବରୁ ଏଠାରେ ରହୁଛେ। ଏସବୁ ପ୍ରମାଣରୁ ସ୍ପଷ୍ଟ ଯେ ମୁସଲିମ ଆକ୍ରାନ୍ତା ମାନଙ୍କୁ ଛାଡିଦେଲେ ଆମେ ସମସ୍ତେ ମୂଳନିବାସୀ। ଏବେ ଯେଉଁମାନଙ୍କୁ ଆଦିବାସୀ ବୋଲି କୁହାଯାଉଛି ସେମାନେ ଆଦିମ ଯୁଗର ଆଦିବାସୀ ନୁହଁନ୍ତି ବରଂ ଗ୍ରାମାଞ୍ଚଳରେ ବସବାସ କରୁଥିବା 'ଜନଜାତୀୟ ସମାଜ' ଅଟନ୍ତି। ପାଖାପାଖି ୫ଶହ ବର୍ଷ ପୁର୍ବେ ବନବାସି ରାଣୀ ଦୁର୍ଗାବତୀ ବନ୍ଧୁକ ଚଳାଇବାରେ ଓସ୍ତାଦ ଥିଲେ। ଏମାନଙ୍କ ସାମାଜିକ ଜୀବନ, ପରିବେଷ ସହ ଏମାନଙ୍କ ଜିଇଁବାର ଶୈଳୀ ସବୁ ଅଦ୍ଭୁତ। ଏଭଳି ସମାଜ ବଞ୍ଚିତ, ଶୋଷିତ ହୋଇପାରିବ କେମିତି? ଏଣୁ ମୂଳନିବାସୀ ପ୍ରସଙ୍ଗରେ ଆମର ତୁଳନା ଆମେରିକା, ଅଷ୍ଟ୍ରେଲିଆ ଭଳି ଦେଶ ସହ କରାଯିବ କାହିଁକି? ମୂଳ ନିବାସୀ ଦିବସକୁ ଆଦିବାସୀ ଦିବସ ଭାବେ ପାଳନ କରାଯିବା ପଛରେ ଗଭୀର ଷଡ଼ଯନ୍ତ୍ର ରହିଛି ନିଶ୍ଚୟ। ଦେଶର ଏକତାକୁ ନଷ୍ଟ କରିବାର ଏହା ଏକ ଉଦ୍ୟମ ବୋଲି କୁହାଯାଇପାରେ। ଭାରତରେ ଆମେ ସମସ୍ତେ ମୂଳ ନିବାସୀ ଏହାହିଁ ସତ୍ୟ ଏବଂ ଏହାକୁ ମାନିବା ଉଚିତ୍।

ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪

# ଭକ୍ତ ତୁଳସୀ ଦାସଙ୍କ ପାଇଁ ଦୋହା ଲେଖିଦେଲେ ସ୍ୱୟଂ ହନୁମାନ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଭକ୍ତ ପାଇଁ ଭଗବାନ କ'ଣ ନକରନ୍ତି? ଭକ୍ତର କଥା, ତାର ଖବର ସେ ପ୍ରତି ମୁହୂର୍ତ୍ତରେ ରଖିଥାନ୍ତି। ଆକବରଙ୍କ ଫାଶରୁ ତୁଳସୀଦାସଙ୍କୁ ଭଗବାନ କିପରି ଉଦ୍ଧାର କଲେ, ତାହା ତ ଶୁଣିଲେ। ଏବେ ଆଉ ଗୋଟିଏ କଥା ଶୁଣିବା, ଭକ୍ତ ଭିତରେ ଶୁଦ୍ଧ ଭାବନା ଜାତ ହେବା ମାତ୍ରେ ଭଗବାନ କିପରି ତାର ସହାୟତା କରିଥାନ୍ତି। ଶୁଣାଯାଏ ଯେ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀରାମଚରିତ ମାନସ ପ୍ରଣୟନ କରିବାବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ବନବାସ ପ୍ରସଙ୍ଗ ଲେଖୁ ଲେଖୁ ଅତ୍ୟନ୍ତ ଭାବ ବିହ୍ୱଳ ହୋଇଗଲେ। କାରଣ ଅନୁଜ ଲକ୍ଷ୍ମଣ ଓ ଜାନକୀ ସହିତ ପ୍ରଭୁ ରାଜାପୁର ଗ୍ରାମ ଦେଇ ଚିତ୍ରକୂଟ ଯାଇଥିଲେ ଆଉ ତୁଳସୀ ଦାସଙ୍କ ଜନ୍ମ ସ୍ଥାନ ମଧ ସେହି ରାଜାପୁର ଥିଲା। ସେହି ଗ୍ରାମର ନରନାରୀ ପ୍ରଭୁଙ୍କର ମୁନିମନମୋହନ ରୂପ ସୌନ୍ଦର୍ଯ୍ୟ ଦର୍ଶନ କରି ତୃପ୍ତ ହେଉନଥାନ୍ତି। କିନ୍ତୁ ତାଙ୍କୁ ଗଛ ଛାଇରେ ବସିବା ପାଇଁ କହୁଥାଏ ତ କିଏ କୂଅରୁ କାଢ଼ିଆଣି ଶୀତଳ ଜଳ ପିଇବାକୁ ଦେଉଥାଏ, ପୁଣି ଆହୁରି କଏ ସେମାନଙ୍କର ପରିଚୟ ପଚାରୁଥାଏ। ଏହି ପ୍ରସଙ୍ଗ ବର୍ଣ୍ଣନା କ୍ରମରେ ତୁଳସୀଦାସଙ୍କ ମନରେ ଭାବ ଉଦୟ ହେଲା ଯେ ସେ ଯଦି ସେହି ସମୟରେ ଜନ୍ମ ହୋଇଥାନ୍ତେ, ପ୍ରଭୁଙ୍କ ଦର୍ଶନର ସୌଭାଗ୍ୟ ପାଇଥାନ୍ତେ। କିନ୍ତୁ ତାହା ଆଉ କି ସମ୍ଭବ? ସମୟ ତ ବିତି ସାରିଛି। ଭାବଗ୍ରାହୀ ଭଗବାନ ଭକ୍ତର ଭାବକୁ ରକ୍ଷା କଲେ। ତୁଳସୀଦାସଙ୍କୁ ଲାଗିଲା ସତେ ଯେପରି ପ୍ରଭୁ ତାଙ୍କୁ କହିଛନ୍ତି ଭକ୍ତବର! ତୁମେ ସିନା ମୋର ବନବାସ ଲୀଳା ସମୟରେ ନଥିଲ, କିନ୍ତୁ ମୁଁ ତ ତୁମ ଜୀବନକାଳରେ ଅଛି, ମୋ ଲୀଳା ତ ଏବେ ବି ଚାଲିଛି। ଆସ, ତୁମେ ବି ସେଥିରେ ସମ୍ମିଳିତ ହୋଇଯାଅ। ଗୋସ୍ୱାମୀ ପ୍ରକୃତିରାଜ୍ୟରୁ ହଠାତ୍ ଲୀଳାରାଜ୍ୟରେ ପହଞ୍ଚିଗଲେ। ସେ ଅନୁଭବ କଲେ ଯେ ରାଜାପୁର ଗ୍ରାମର ଅନ୍ୟ ନରନାରୀଙ୍କ ସହିତ ସେ ମଧ ପ୍ରଭୁଙ୍କ ଦର୍ଶନ କରୁଛନ୍ତି। ଜଗନ୍ମାତା ଜାନକୀଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣାମ କରୁଛନ୍ତି। ମାଆ ସ୍ନେହରେ ତାଙ୍କୁ ଆଶୀର୍ବାଦ ଦେଉଛନ୍ତି। ପୁଣି ପ୍ରଭୁ ରାମଚନ୍ଦ୍ରଙ୍କ ପାଦପଦ୍ମରେ ପ୍ରଣାମ କରୁଛନ୍ତି। ମାଆ ସ୍ନେହରେ ତାଙ୍କୁ ଆଶୀର୍ବାଦ ଦେଉଛନ୍ତି। ପୁଣି ପ୍ରଭୁ ରାମଚନ୍ଦ୍ରଙ୍କ ପାଦ ପଦ୍ମରେ ପ୍ରଣାମ କରିବାରୁ ପ୍ରଭୁ ତାଙ୍କୁ ଭୂଇଁରୁ ସାଉଁଟି ନେଇ କୋଳାଗ୍ରତ କରୁଛନ୍ତି। ତାଙ୍କର ଭଲ ମନ୍ଦ ପଚାରୁଛନ୍ତି।

ପ୍ରତିରଦ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, ମୋବାଇଲ୍: ୯୪୩୭୦୫୧୯୫୭

# ଭଗବାନ ଶ୍ରୀକୃଷ୍ଣଙ୍କର ଜନ୍ମାଷ୍ଟମୀ

ଡକ୍ଟର ଲକ୍ଷ୍ମଣ ସାହୁ



ଶ୍ରୀକୃଷ୍ଣ ହେଉଛନ୍ତି ସାକ୍ଷାତ ପରମାତ୍ମା ଓ ପରମ ପୁରୁଷୋତ୍ତମ ଭଗବାନ। ଦୁନିଆର ସକଳ ପ୍ରକାର ପଦାର୍ଥର ବୀଜ ତାଙ୍କଠାରେ ନିହିତ ଅଛି। ସେ ନିତ୍ୟ ଓ ଜଗତର ସୃଷ୍ଟିକର୍ତ୍ତା। ଶାସ୍ତ୍ରରେ ତାଙ୍କୁ ପ୍ରକୃତରେ ସାକ୍ଷାତ ସାକାର ଈଶ୍ୱର ବା ଭଗବାନ କୁହାଯାଏ। କୁରୁକ୍ଷେତ୍ରରେ ସେ ମୋହଗ୍ରସ୍ତ ହୋଇଥିବା ଅର୍ଜୁନଙ୍କୁ ଗୀତାଙ୍କ ଜ୍ଞାନ ଦେଇଥିଲେ। କର୍ମର ମହାନ ମନ୍ତ୍ର ପ୍ରଦାନ କରିଛନ୍ତି , ଯାହା ମାନବଜାତି ପାଇଁ ଏକ ମାର୍ଗଦର୍ଶିକା ଅଟେ। ସେ ଗୀତାରେ ନଶ୍ୱର ଏ ଭୌତିକ ପାର୍ଥିବ ଶରୀର ଓ ନିତ୍ୟ ଅନନ୍ତ ମୌଳିକ ଆତ୍ମା ମଧ୍ୟରେ ପାର୍ଥକ୍ୟ ବ୍ୟାଖ୍ୟା କରିଛନ୍ତି। କୁହାଯାଏ ଆତ୍ମା ଅକ୍ଷୟ , ଅଜୟ, ଅମର , ଅଜର ଅଟେ। ଯେପରି ଜଣେ ବ୍ୟକ୍ତି ପୁରୁଣା ପୋଷାକ ଛାଡି ନୂତନ ପୋଷାକ ଗ୍ରହଣ କରେ, ସେହିଭଳି ଆତ୍ମା ପୁରୁଣା ଶରୀର ଛାଡି ଏକ ନୂତନ ଶରୀରରେ ପ୍ରବେଶ କରେ। ତେଣୁ ଜଣେ ବ୍ୟକ୍ତି ଏହାର ପରିଣାମ ବିଷୟରେ ଚିନ୍ତା ନକରି ନିଜର କର୍ତ୍ତବ୍ୟ ପାଳନ କରିବା ଉଚିତ୍। ସଫଳତା ଓ ବିଫଳତା ପ୍ରତି ସମାନ ସମ୍ମାନ ସହିତ କାର୍ଯ୍ୟ କରିବାକୁ ନିରାଶାର ଘୂର୍ଣ୍ଣିବାତ୍ୟାରେ ଫସି ରହିଥିବା ବିଶ୍ୱକୁ ଶ୍ରୀକୃଷ୍ଣ ପ୍ରେରଣା ଦେଇଛନ୍ତି। ସେ ଏହାକୁ କର୍ମ ଯୋଗ ବୋଲି କହିଛନ୍ତି। ଶ୍ରୀକୃଷ୍ଣଙ୍କ ଶିକ୍ଷା ହେଉଛି ଗୀତା ର ଅମୃତବାଣୀ। ସାଂସାରିକ ସାଗର ଅତିକ୍ରମ କରିବାର ଏହା ହେଉଛି ମହୋଷଧି। ଗୀତାଙ୍କ ଶିକ୍ଷା ଦ୍ୱାରା ହିଁ ଅର୍ଜୁନଙ୍କ ସଂକଳ୍ପ ଜାଗ୍ରତ ହୋଇଥିଲା ଓ କୁରୁକ୍ଷେତ୍ରରେ ଠିଆ ହୋଇଥିବା ତାଙ୍କ ଭାଇ ଓ ସମ୍ପର୍କୀୟ ଆତ୍ମୀୟ ସ୍ୱଜନଙ୍କ ପ୍ରତି ଥିବା ମୋହଗ୍ରସ୍ତ ସମ୍ପର୍କ ହଟାଯାଇଥିଲା। ସେତେବେଳେ ସେ କେବଳ ଅଧାର୍ମିକ ଓ ଦୁର୍ବଳ ହୃଦୟ କୌରବଙ୍କୁ ପରାସ୍ତ କରିବାରେ ସଫଳ ହୋଇଥିଲେ।

କୌରବଙ୍କ ପରାଜୟ କେବଳ ପାଣ୍ଡବଙ୍କ ବିଜୟ ନୁହେଁ ବରଂ ଏହା ଅଧର୍ମ ଉପରେ ଧର୍ମ, ଅନ୍ୟାୟ ଉପରେ ନ୍ୟାୟ ଓ ଅସତ୍ୟ ଉପରେ ସତ୍ୟର ପ୍ରତିଷ୍ଠାତା ଘଟିଥିଲା। ଶ୍ରୀକୃଷ୍ଣ ଗୀତାରେ ଧର୍ମ-ଅନ୍ୟାୟ, ପାପ-ଗୁଣ ଓ ନ୍ୟାୟ-ଅନ୍ୟାୟକୁ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରିଛନ୍ତି। ସେ ଧୃତରାଷ୍ଟ୍ରର ପୁତ୍ରମାନଙ୍କୁ ଅଧାର୍ମିକ, ପାପୀ ଓ ଅନ୍ୟାୟ ଓ ପାଣ୍ଡବଙ୍କ ପୁତ୍ରମାନଙ୍କୁ ଗୁଣାତ୍ମକ ପୁଣ୍ୟାତ୍ମା ବୋଲି କହିଛନ୍ତି। ବିଶ୍ୱ ପାଇଁ କ'ଣ ଗ୍ରହଣୀୟ ଓ କ'ଣ ଗ୍ରହଣୀୟ ନୁହେଁ ସେସବୁ ମଧ ସେ ଉତ୍ତମ ଭାବରେ ବ୍ୟାଖ୍ୟା କରିଛନ୍ତି। ଶ୍ରୀକୃଷ୍ଣଙ୍କ ଶିକ୍ଷା ହେଉଛି ଜ୍ଞାନ, ଭକ୍ତି ଓ କର୍ମର ଏକ ମହାସାଗର। ଏହା ଭାରତୀୟ ଚିନ୍ତନର ଚିନ୍ତାଧାରା ଓ ଧର୍ମର ମୂଳ ବିଷୟ। ଏହା ସମଗ୍ର ବିଶ୍ୱର ମାନବଜାତିର କଲ୍ୟାଣ ପାଇଁ ମାର୍ଗ ପଥ ପ୍ରଦର୍ଶକ ଅଟେ। ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ ମଧ କହିଛନ୍ତି ଯେ ଶ୍ରୀକୃଷ୍ଣଙ୍କ ଶିକ୍ଷା ଅନନ୍ୟ ଅଟେ। ଏହାକୁ ପଢ଼ିବା ପରେ ମୁଁ ଜାଣିଲି ଏହି ଜଗତ କିପରି ସୃଷ୍ଟି ହେଲା। ମହାନ ବ୍ୟକ୍ତି ମହାତ୍ମା ଗାନ୍ଧୀ କହିଛନ୍ତି ଯେ ଯେତେବେଳେ ବି ମୁଁ ଅସୁବିଧାର ସମ୍ମୁଖୀନ ହୁଏ, ମୁଁ ଗୀତା ପୃଷ୍ଠାକୁ ଯାଏ। ମହାନ ଦାର୍ଶନିକ ଶ୍ରୀ ଅରବିନ୍ଦ କହିଛନ୍ତି ଯେ ଭଗବଦ୍ ଗୀତା ଶାସ୍ତ୍ର କିମ୍ବା ପୁସ୍ତକ ନୁହେଁ ବରଂ ଜୀବନଶୈଳୀ, ଯାହାର ପ୍ରତ୍ୟେକ ବୟସ୍କ ଙ୍କ ନିମନ୍ତେ ଭିନ୍ନ ଭିନ୍ନ ବାର୍ତ୍ତା ଭରି ରହିଛି।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଇଥିବା ଉପଦେଶ ମାନବ ଇତିହାସର ସର୍ବଶ୍ରେଷ୍ଠ ସାମାଜିକ, ଧାର୍ମିକ, ଦାର୍ଶନିକ ଓ ରାଜନୈତିକ କଥାବାର୍ତ୍ତା। ଦୁନିଆର ସମସ୍ତ ଉତ୍ତମତା ଏଥିରେ ଅଛି। ଶ୍ରୀକୃଷ୍ଣଙ୍କ ଶିକ୍ଷା ଜଗତର କଲ୍ୟାଣ ପାଇଁ ଏକ ଉତ୍ତମ ମାର୍ଗ ଅଟେ। ଶ୍ରୀ କୃଷ୍ଣ କୁରୁକ୍ଷେତ୍ରରେ ଠିଆ ହୋଇଥିବା ଅର୍ଜୁନ ରୂପରେ ଜୀବକୁ ଧର୍ମ, ସମାଜ, ରାଷ୍ଟ୍ର, ରାଜନୀତି ଓ କୂଟନୈତିକ ଶିକ୍ଷା ଦେଇଛନ୍ତି। ଶାସକଙ୍କ ଆଚରଣ ଓ ତାଙ୍କ ବିଷୟ ପ୍ରତି କାର୍ଯ୍ୟକଳାପ ବିଷୟରେ ଜ୍ଞାନ ପ୍ରକାଶ ପାଇଛି। ଶ୍ରୀକୃଷ୍ଣଙ୍କ ଶିକ୍ଷା ଜଗତ ପାଇଁ ଖୁବ୍ ଉପଦେୟ ସମୟହୀନ ଓ ଲାଭଦାୟକ ଅଟେ। ଯୁଦ୍ଧ ଓ ବିନାଶର ପଥରେ ଠିଆ ହୋଇଥିବା ଜଗତକୁ ବଞ୍ଚାଇବା ପାଇଁ ଏହା ହେଉଛି ଶକ୍ତି କବଚ। ଗୁଣାତ୍ମକ ବୁଦ୍ଧି ସହିତ ଅତ୍ୟାଚାର କିପରି ପରାଜିତ ହୋଇପାରିବ ଏହାର ଏକ ପ୍ରତ୍ୟକ୍ଷ ପ୍ରମାଣ। ମହାଭାରତରୁ ଏହା ସ୍ପଷ୍ଟ ଯେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ରଥରେ ସାରଥୀ ହୋଇ ନ୍ୟାୟିକ ଓ ସତ୍ୟ ଧର୍ମର ପକ୍ଷ ନେଇଥିଲେ। ଅନ୍ୟାୟକୁ ପ୍ରତିରୋଧ କରିଥିଲେ। ଶ୍ରୀକୃଷ୍ଣଙ୍କର ସମଗ୍ର ଜୀବନ ହେଉଛି ଅତ୍ୟାଚାର ଓ ଅହଂକାର ବିରୁଦ୍ଧରେ ଏକ ମାନବିକ ଓ ଦିବ୍ୟ ଐଶ୍ୱରୀକ ସଂଗ୍ରାମ। ପ୍ରକୃତରେ କୃଷ୍ଣ ଯୁଦ୍ଧ ସପକ୍ଷରେ ନଥିଲେ। ସେ ପରିସ୍ଥିତି ଅନୁଯାୟୀ ନିଷ୍ପତ୍ତି ନେବାକୁ ବାଧ ହୋଇଥିଲେ। କ୍ଷମା ଭଲ, ଯୁଦ୍ଧରେ ସାଧାରଣ ଲୋକଙ୍କ ମୃତ୍ୟୁ ତାଙ୍କୁ ସୂଚେଇ ଦେଇଥିଲା। କେତେ ମା'ଙ୍କ କୋଳ ଖାଲି ରହିବ, ନାରୀଙ୍କର ସିନ୍ଦୁର ପୋଛି ଦିଆଯିବା ଆନ୍ତରିକତା ଏହି ପରିସ୍ଥିତିର ସାମ୍ନା କରିବାକୁ ପଡିବ ନାହିଁ, ପ୍ରୟାସରେ କୌଣସି ଦୋଷ ନଥିଲା। ତଥାପି ଯୁଦ୍ଧ ପରି କ୍ରୁର ଶତ୍ରୁଙ୍କୁ କଠୋର ଦଣ୍ଡ ଦେବାପାଇଁ କଠୋର ନିଷ୍ପତ୍ତି ନେବାକୁ ପଡିଲା। ଏହି ଅସମ୍ଭବ ଯୁଦ୍ଧକୁ ଦୂରେଇ ଦେବା ପାଇଁ ସେ ଦୂତ ଭୂମିକା ନିର୍ବାହ କରିଥିଲେ ମଧ କୌରବଙ୍କୁ ଏହି ଯୁଦ୍ଧରୁ ଅଟକାଇ ପାରିନଥିଲେ।

ବାସ୍ତବରେ କୃଷ୍ଣ ହିନ୍ଦୁ ଦେବତା ଓ ଭଗବାନ ବିଷ୍ଣୁଙ୍କ ଅବତାର। କୃଷ୍ଣ ଅନ୍ୟ ହିନ୍ଦୁ ଦେବାଦେବୀଙ୍କଠାରୁ ଅଧିକ ଆଦରଣୀୟ ଓ ଲୋକପ୍ରିୟ ଦେବତା ମଧ୍ୟରେ ଅନ୍ୟତମ। ଅବତାର ଅର୍ଥ ଅବତୀର୍ଣ୍ଣ ହେବା,ଭକ୍ତମାନଙ୍କୁ ଦିବ୍ୟାନନ୍ଦ ପ୍ରଦାନ ନିମିତ୍ତ ଓ ଭଗବତ ଧର୍ମ ଠିକ ସ୍ଥାନରେ ଲାଗି ଦେବକୀଙ୍କ ଗର୍ଭରୁ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। ଶଙ୍ଖ,ଚକ୍ର,ଗଦା,ପଦ୍ମଧାରୀ ସ୍ୱରୂପରେ ମାତାପିତାଙ୍କୁ ଦର୍ଶନ ଦେଇଥିଲେ। ବାଳକ ରୂପରେ ଲୀଳା ଛଳରେ ଦୈତ୍ୟମାନଙ୍କୁ ସ୍ୱଧାମକୁ ପଠେଇ ପୃଥିବୀର ପାପ ଭାର ଲାଘବ କରିଥିଲେ। ବ୍ରହ୍ମା,ଶଙ୍କର ସନକାଦି ମୂନିଋଷିଙ୍କର ପୂଜ୍ୟ ହୋଇମଧ ସାଧାରଣ ବାଳକ ପରି ଲୀଳା କରୁଥିଲେ। ବଂଶୀ ଧାରୀ କୃଷ୍ଣ ବିଷ୍ଣୁଙ୍କ ଅବତାର, ସ୍ୱୟଂ ଭଗବାନ। ଭାଗବତ ପୁରାଣ, ଭଗବତ ଗୀତା ମାନବ ଜାତିର ଉନ୍ନତିକଳ୍ପେ ଭଗବାନ ଶ୍ରୀକୃଷ୍ଣ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ ଲୀଳା କରିଥିଲେ ବୋଲି ବର୍ଣ୍ଣିତ। ମହାଭାରତ ଯୁଦ୍ଧକୁ ଏଡେଇବା ପାଇଁ ଶାନ୍ତିର ବାର୍ତ୍ତାନେଇ ଦୁର୍ଯ୍ୟୋଧନଙ୍କ ନିକଟକୁ ଗମନ କରିଥିଲେ। ସ୍ୱୟଂ ପରବ୍ରହ୍ମ ଶ୍ରୀକୃଷ୍ଣ ଶାନ୍ତିଦୂତର ଭୂମିକା ନିଭାଇ ଥିଲେ। ମହାଭାରତ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ରଥର ସାରଥୀହେଇ ରଥକୁ ସୁଚାରୁ ରୂପେ ଚାଳନା କରିଥିଲେ। ଯୁଦ୍ଧର ପ୍ରାରମ୍ଭରେ ନିଜର ଜ୍ଞାତି କୁଟୁମ୍ବମାନଙ୍କୁ ଅବଲୋକନ କରି ଅର୍ଜୁନଙ୍କ ମନରେ ବିଷାଦ ଆସିଥିଲା ଓ ଯୁଦ୍ଧ ନକରିବା ପାଇଁ ଶ୍ରୀକୃଷ୍ଣଙ୍କୁ ଯେତେବେଳେ ମନା କରିଦେଇଥିଲେ, ସେତେବେଳେ ଭଗବାନ ଗୁରୁ ରୂପରେ ଅବତୀର୍ଣ୍ଣ ହେଇ ଅର୍ଜୁନଙ୍କୁ ଗୀତାଜ୍ଞାନ ପ୍ରଦାନ କରି ଧର୍ମସ୍ଥାପନ ପାଇଁ ଯୁଦ୍ଧ କରିବାଲାଗି ତାଙ୍କୁ ମନେଇବାରେ ସକ୍ଷମ ହେଇଥିଲେ। କୂଟନୀତି ପ୍ରୟୋଗ କରି ପାଣ୍ଡବମାନଙ୍କୁ ଯୁଦ୍ଧରେ ଜିତାଇଥିଲେ।ଏଠାରେ ତାଙ୍କୁ ବିଚକ୍ଷଣ କୂଟନୀତିଜ୍ଞ ରୂପରେ ମାନ୍ୟତା ଦିଆଯାଏ।

ଦେଖିବାକୁ ଗଲେ ବାଲ୍ୟକାଳରୁ ଶ୍ରୀକୃଷ୍ଣ ଅଲୌକିକ ଥିଲେ। ତାଙ୍କ ଅଲୌକିକତା ଜଗତର କଲ୍ୟାଣ ଭାବନାରେ ଅଭିପ୍ରେତ ଥିଲା। ବେଳେବେଳେ ସେ ତାଙ୍କ ବଂଶୀର ମଧୁର ଧ୍ୱନିରେ ସମସ୍ତଙ୍କୁ ଆଧାତ୍ମିକ ସୁଖ ପ୍ରଦାନ କରୁଥିବା ଦେଖିବାକୁ ମିଳିଥିଲା। ବେଳେବେଳେ କଂସର ଅତ୍ୟାଚାର ଯୋଗୁଁ ସେ ଗୋକୁଳ ଗୋପବାସୀଙ୍କୁ ସୁରକ୍ଷା କରୁଥିବାର ଦେଖାଯାଇଥିଲା। ବେଳେବେଳେ ସେ ଏକ ଆଙ୍ଗୁଠିରେ ଗୋବର୍ଦ୍ଧନ ପର୍ବତ ଟେକି ଧରି ଇନ୍ଦ୍ରଙ୍କ ଦର୍ପ ଗର୍ବ ଖଣ୍ଡନ କରିଥାନ୍ତି। ପୁଣି କେତେବେଳେ ସେ ତାଙ୍କର ସମସ୍ତ ଶକ୍ତି , ବୈଭବ , ଧନ , ଐଶ୍ୱର୍ଯ୍ୟ ପ୍ରିୟ ବନ୍ଧୁ ସୁଦାମାଙ୍କୁ ସମର୍ପଣ କରୁଥିବା ଦେଖାଯାଇଥିଲା। କେତେବେଳେ ସମାଜକୁ ସୁରକ୍ଷା ଦେବା ପାଇଁ ସେ କାଳିୟ ନାଗକୁ ଦମନ କରୁଥିବା ଦେଖିବାକୁ ମିଳିଥିଲା ଓ ବେଳେବେଳେ ସେ କଂସ, ଜରାସନ୍ଧ ଓ ଶିଶୁପାଳ ଭଳି ଅହଂକାରୀ ଶାସକମାନଙ୍କୁ ବିନାଶ କରୁଥିବା ଦେଖାଯାଇଥିଲା। ବେଳେବେଳେ ସେ ସାଥି ଗୋପ ବାଳକମାନଙ୍କ ସହିତ ଖେଳକୁଦ କରୁଥିବା ଦେଖାଯାଉଥିଲା। ପୁନଶ୍ଚ ବେଳେବେଳେ ଗୋପୀମାନଙ୍କ ସହିତ ପ୍ରେମରେ ବଂଶୀବାଦନକରି ରାସଲୀଳାରେ ତ୍ରିଭଙ୍ଗୀ ଠାଣିରେ ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏହା ଶ୍ରୀକୃଷ୍ଣଙ୍କ ଜୀବନ ବଳିଦାନ, ପ୍ରେମ ଓ ଉତ୍ସର୍ଗର ଏକ ଆଦର୍ଶ ଉଦାହରଣ। ଅତ୍ୟାଚାର ଓ ଅହଂକାର ବିରୋଧରେ ଜନସଚେତନତା ଅଛି। ତାଙ୍କର ଗୀତା କର୍ମ , ସୃଜନ ଓ ସଂକଳ୍ପର ଏକ ଆଦର୍ଶମୟ ସଂଦର୍ଭର ପ୍ରସଙ୍ଗ ଅଟେ।

କୌରବଙ୍କ ସମାବେଶରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କ ଲଜ୍ୟାରୁ ରକ୍ଷା କରିଥିଲେ। ଭଗବାନ ଶ୍ରୀକୃଷ୍ଣ ବିଶ୍ୱକୁ ଏକ ବାର୍ତ୍ତା ଦେଇଛନ୍ତି ଯେ ଦୁର୍ଯ୍ୟୋଧନ, କର୍ଣ୍ଣ, ବିକର୍ଣ୍ଣ, ଜୟଦ୍ରଥ, କୃତବର୍ମା, ଶଲ୍ୟ, ଅଶ୍ୱଥାମା ଭଳି ଅହଂକାରୀ ତଥା ଅତ୍ୟାଚାରୀ ପ୍ରାଣୀ ଦେଶ-ରାଜ୍ୟ ପାଇଁ ଶୁଭ ନୁହଁନ୍ତି। ଏହିପରି ଅହଂକାରୀ ଶାସକମାନେ କ୍ଷମତା ଏବଂ ଧନ ପାଇଁ ଲୋଭୀ ଅଟନ୍ତି। ଧୃତରାଷ୍ଟ୍ର କେବଳ ଜନ୍ମରୁ ଅନ୍ଧ ନୁହଁନ୍ତି ବରଂ ସେ ଆଧାତ୍ମିକ ଓ ନୈତିକ ଦୃଷ୍ଟିରୁ ମଧ ଅନ୍ଧ ଥିଲେ। କ୍ଷମତା ରାଜଶକ୍ତି ରାଜସିଂହାସନ ପ୍ରତି ତାଙ୍କର ଲୋଭ , ଓ ତାଙ୍କ ପୁଅମାନଙ୍କ ପ୍ରତି ଅତିଶୟ ଆସକ୍ତି ଫଳରେ ହସ୍ତିନାପୁର ଧ୍ୱଂସ ହୋଇଯାଇଥିଲା। ସ୍ୱାର୍ଥପର ଧୃତରାଷ୍ଟ୍ର ଓ ତାଙ୍କର ଅହଂକାରୀ ପୁତ୍ରମାନଙ୍କଠାରେ ଏହି ସମସ୍ତ ବିଲକ୍ଷଣ ଅବଗୁଣ ବିଦ୍ୟମାନ ଥିଲା। ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ଯେ ଯେଉଁମାନେ ବିଷ ଦେଉଛନ୍ତି, ଘରେ ନିଆଁ ଲଗାଇ ଦେଇଛନ୍ତି, ମାରାତ୍ମକ ଅସ୍ତ୍ରରେ ଆକ୍ରମଣ କରୁଛନ୍ତି, ଅର୍ଥ , ସଂପଦ ଲୁଟିଛନ୍ତି, ଅନ୍ୟମାନଙ୍କ ଜମି ଅକ୍ତିଆର କରିଛନ୍ତି ଓ ପର ପତ୍ନୀକୁ ଅପହରଣ କରୁଛନ୍ତି ସେପରି ରାଜାକୁ ଅଧର୍ମୀ , ଅତ୍ୟାଚାରୀ ରାଜା ବୋଲି କୁହାଯାଇଥାଏ। ଧୃତରାଷ୍ଟ୍ରର ପୁଅମାନେ ସେପରି ଥିଲେ। କ୍ଷମତାରେ ରହିବାକୁ ସେମାନେ ସବୁବେଳେ ପଣ୍ଡୁଙ୍କ ପୁଅମାନଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରିଥିଲେ। ସେମାନଙ୍କୁ ଅନେକ ଥର ହତ୍ୟା କରିବାକୁ ଚେଷ୍ଟା କରାଯାଇଥିଲା। ଶ୍ରୀକୃଷ୍ଣ ସେହି ଧୃତରାଷ୍ଟ୍ର କୌରବ ପାପାତ୍ମା ଓ ନରାଧମମାନଙ୍କୁ ହତ୍ୟା ଯୋଗ୍ୟ ବୋଲି କହିଛନ୍ତି। ଏହା ବ୍ୟତୀତ ପ୍ରଜାବତ୍ସଳ ଗଣତାନ୍ତ୍ରିକ ଶାସକ ବାଛିବା ପାଇଁ ସମାଜକୁ ମଧ ବାର୍ତ୍ତା ଦିଆଯାଇଛି। ଆସୁରିକ ପ୍ରବୃତିର ଶାସକମାନେ ଯେଉଁମାନେ ଅହଂକାରୀ, ଲୋଭୀ, ବିଳାସ ବ୍ୟସନ ଭୋଗୀ ଓ ଧନ ସଂଚୟ ସଂଗ୍ରହରେ ବ୍ୟସ୍ତ, ସେମାନେ ଦେଶ ପାଇଁ କ୍ଷତିକାରକ ଅଶୁଭ ବୋଲି ବିବେଚନା କରାଯାଏ। କୁହାଯାଇଛି ଯେ ଏପରି ଶାସକମାନେ ପ୍ରଜାବତ୍ସଳ ନୁହଁନ୍ତି କେବଳ ପ୍ରଜାହନ୍ତା। ବାସ୍ତବରେ ମାନବ ଜାତିର ଉନ୍ନତିକଳ୍ପେ ଭଗବାନ ଶ୍ରୀକୃଷ୍ଣ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଇ ଲୀଳା କରିଥିଲେ।

ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ଅନୁସାରେ ଭାଦ୍ରବମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିକୁ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଦିବସ ବା ଜନ୍ମାଷ୍ଟମୀ ରୂପେ ପାଳନ କରାଯାଉଛି। ଦେଖିବାକୁ ଗଲେ ହିନ୍ଦୁମାନଙ୍କର ଏହା ହୋଇଛି ଏକ ମୁଖ୍ୟ ପର୍ବ। ବେଦବାଣୀ ଓ ଜ୍ୟୋତିଷ ଗଣନାନୁସାରେ ଭଗବାନ ଶ୍ରୀକୃଷ୍ଣ ଦ୍ୱାପର ଯୁଗର ଶେଷ ଭାଗରେ ଧରାଧାମରେ ଅବତୀର୍ଣ୍ଣ ହେଇଥିଲେ।ଗବେଷକଙ୍କ ମତରେ ଖ୍ରୀଷ୍ଟପୂର୍ବ ୩୨୨୭ ପୂର୍ଣ୍ଣମାନ୍ତ ଭାଦ୍ର କୃଷ୍ଣ ଅଷ୍ଟମୀ ତିଥିରେ ତାଙ୍କର ଜନ୍ମ ହେଇଥିଲା। ବିଶେଷ କରି ଜଗନ୍ନାଥ ଦାସଙ୍କ ଭାଗବତରେ ବର୍ଣ୍ଣିତ କଥାମୃତ ଅନୁଯାୟୀ ବନ୍ଦୀଶାଳା ଦିବ୍ୟ ଆଲୋକରେ ଆଲୋକିତ ହେଇଗଲା ,ବସୁଦେବଙ୍କ ଗୋଡରୁ ବେଡି ଖୋଲିଗଲା ଓ ବନ୍ଦୀଶାଳାର ଦ୍ୱାର ମଧ ଆପେଆପେ ଖୋଲିଗଲା। ପ୍ରବଳ ବର୍ଷା ସାଙ୍ଗକୁ ଅନ୍ଧାର ରାତିରେ ବସୁଦେବ ପୁତ୍ରକୁ ନେଇ ଉଛୁଳି ଉଠୁଥିବା ଯମୁନା ନଦୀ ପାର ହେଇ ଗୋପପୁର ଗଲେ।ପ୍ରଭୁ ବର୍ଷାରେ ତିନ୍ତି ଯାଉଥିବାରୁ ବାଟରେ ନାଗରାଜା ଅନନ୍ତ ନିଜର ବିଶାଳ ଫଣା ଢାଙ୍କି ଚାଲିଲେ। ବସୁଦେବ ସବୁ ବାଧାବିଘ୍ନ ଅତିକ୍ରମ କରି ଶ୍ରୀକୃଷ୍ଣଙ୍କୁ ନେଇ ନନ୍ଦଘରେ ଛାଡିଥିଲେ। ନନ୍ଦରାଜା ପ୍ରଭୁ ଶ୍ରୀକୃଷ୍ଣଙ୍କ ଏହି ପବିତ୍ର ଜନ୍ମ ଦିନକୁ ଜନ୍ମାଷ୍ଟମୀ ଭାବେ ପାଳନ କରିଥିଲେ।

ନିଷ୍କର୍ଷରେ କେବଳ ଏତିକି ସୂଚେଇ ଦିଆଯାଇପାରେ ସଂପ୍ରତି ଯୁଦ୍ଧ ଓ ବିନାଶ ପଥରେ ଠିଆ ହୋଇଥିବା ଆଧୁନିକ ଜଗତ କେବଳ ଥରେ ଶ୍ରୀକୃଷ୍ଣଙ୍କ ଶିକ୍ଷା ଅନୁସରଣ କରି ପାରିଲେ ସମାଜ ତଥା ଜାତିର ଅଖଣ୍ଡତା ବଜାୟ ରଖିପାରିବା....!!!

ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ
କଟକ-୪, ମୋବାଇଲ୍: ୯୦୪୦୧୫୧୪୭୫

ଦଶମ-ଦ୍ୱାଦଶ ବୋର୍ଡ ପରୀକ୍ଷା ନେଇ ସିବିଏସଇର ବଡ଼ ନିଷ୍ପତ୍ତି

# ଡିଜିଟାଲାଇଜ ହେବ ଖାତା ମୂଲ୍ୟାଙ୍କନ




ନୂଆଦିଲ୍ଲୀ,୧୦।୮: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପରୀକ୍ଷା ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନେଇଛି। ସିବିଏସଇ ଏବେ ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷାର ଉତ୍ତର ଖାତା ଡିଜିଟାଲ ଭାବରେ ମୂଲ୍ୟାଙ୍କନ କରିବ। ଏଥିପାଇଁ ଗୋଟିଏ କିମ୍ବା ଅଧିକ ଏଜେନ୍ସି ଚୟନ କରାଯିବ।

ସିବିଏସଇର ପରିଚାଳନା ପରିଷଦ ବୈଠକରେ ନିଆଯାଇଥିବା ଏହି ନିଷ୍ପତ୍ତିରେ ସଦସ୍ୟମାନେ ପରାମର୍ଶ ଦେଇଛନ୍ତି ଯେ, ବୋର୍ଡର ବିଭିନ୍ନ ଆଞ୍ଚଳିକ କାର୍ଯ୍ୟାଳୟରେ କିଛି ବିଷୟରେ ପାଇଲଟ୍ ପ୍ରୋଜେକ୍ଟ ସମାପ୍ତ ହେବା ପରେ ହିଁ ଦଶମ-ଦ୍ୱାଦଶର ସମସ୍ତ ବିଷୟରେ ମୂଲ୍ୟାଙ୍କନ କାର୍ଯ୍ୟକାରୀ କରାଯାଇପାରିବ।

ସିବିଏସଇ ଗଭର୍ଣ୍ଣିଂ ବଡି ମିଟିଂ ଅନୁଯାୟୀ, ପୂର୍ବରୁ ମଧ୍ୟ, ଉତ୍ତର ପତ୍ରର ମୂଲ୍ୟାଙ୍କନ ସମୟ ହ୍ରାସ କରିବା ଏବଂ ମୂଲ୍ୟାଙ୍କନରେ ଅଧିକ ସଠିକତା ଆଣିବା ଉଦ୍ଦେଶ୍ୟରେ ସିବିଏସଇ ୨୦୧୪ ମସିହାରେ ଏହାର କିଛି ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଦଶମ ବୋର୍ଡ ପରୀକ୍ଷାର କିଛି ବିଷୟ ପାଇଁ ଡିଜିଟାଲ୍ ମୂଲ୍ୟାୟନ କାର୍ଯ୍ୟକାରୀ କରିଥିଲା ଏବଂ ପରବର୍ତ୍ତୀ ବର୍ଷ ଅର୍ଥାତ୍ ୨୦୧୫ ମସିହାରେ ଦିଲ୍ଲୀରେ ଦ୍ୱାଦଶ ବୋର୍ଡ ପରୀକ୍ଷାର କିଛି ବିଷୟ ପାଇଁ ଡିଜିଟାଲ୍ ମୂଲ୍ୟାୟନ କାର୍ଯ୍ୟକାରୀ କରାଯାଇଥିଲା।

ସିବିଏସଇ ନିଷ୍ପତ୍ତି ନେଇଛି ଯେ, ଉତ୍ତର ପତ୍ରର ଡିଜିଟାଲ୍ ମୂଲ୍ୟାଙ୍କନ ପାଇଁ ଏପରି ଏଜେନ୍ସିଗୁଡ଼ିକୁ ଚୟନ କରାଯିବ ଯାହାଙ୍କ ପାଖରେ ସ୍କୁଲ ବୋର୍ଡ, ବିଶ୍ୱବିଦ୍ୟାଳୟ କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ପରୀକ୍ଷା ସଂସ୍ଥା ଦ୍ୱାରା ପରିଚାଳିତ ପରୀକ୍ଷାରେ ଉତ୍ତର ପତ୍ରର ଡିଜିଟାଲ୍ ମୂଲ୍ୟାଙ୍କନର ଭଲ ଅଭିଜ୍ଞତା ରହିଥିବ। ଯେହେତୁ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର ଉତ୍ତର ପତ୍ର ଯାଞ୍ଚ ଏକ ଗୋପନୀୟ ପ୍ରକ୍ରିୟା, ତେଣୁ ଉତ୍ତର ପତ୍ର ଯାଞ୍ଚ ଦାୟିତ୍ୱପୂର୍ଣ୍ଣ ଭାବରେ ଏବଂ କୌଣସି ପ୍ରକାରର ହେରଫେର ବିନା କରାଯିବା ଆବଶ୍ୟକ।

ବୋର୍ଡ ପରୀକ୍ଷାର ଉତ୍ତର ଖାତାର ଡିଜିଟାଲ ମୂଲ୍ୟାଙ୍କନ କାର୍ଯ୍ୟର ଆନୁମାନିକ ମୂଲ୍ୟ ୨୮ କୋଟି ଟଙ୍କା ହେବ ବୋଲି ରିପୋର୍ଟ କରାଯାଉଛି। ବୋର୍ଡ ଅଧିକାରୀ କହିଛନ୍ତି ଯେ, ଅନେକ ବିଶ୍ୱବିଦ୍ୟାଳୟରେ ଡିଜିଟାଲ ମୂଲ୍ୟାଙ୍କନ କାର୍ଯ୍ୟ ପୂର୍ବରୁ ଚାଲିଛି ଏବଂ ଏହା ଲାଭଦାୟକ ପ୍ରମାଣିତ ହୋଇଛି। ଏହାର ସବୁଠାରୁ ବଡ଼ ସୁବିଧା ହେଉଛି ଉତ୍ତର ଖାତାର ଅଞ୍ଚଳୱାରୀ ମୂଲ୍ୟାଙ୍କନରେ ଥିବା ଅସମାନତାକୁ ଦୂର କରାଯାଇପାରିବ, ଯାହା ପରୀକ୍ଷା ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବ।

ସିବିଏସଇ ୨୦୨୬-୨୭ ଶିକ୍ଷାବର୍ଷରୁ ୯ମ ଶ୍ରେଣୀ ପରୀକ୍ଷାରେ 'ଓପନ୍-ବୁକ୍' ପରୀକ୍ଷାକୁ ମଞ୍ଜୁରୀ ମିଳିଛି। ଶିକ୍ଷକମାନେ ମଧ୍ୟ ଏହି ମୂଲ୍ୟାଙ୍କନକୁ ସମର୍ଥନ କରିଛନ୍ତି। ଏହି ନୂତନ ବ୍ୟବସ୍ଥା ଜାତୀୟ ଶିକ୍ଷା ନୀତି ଅର୍ଥାତ୍ ଏନଇପି ୨୦୨୦ ଆଧାରରେ ପ୍ରସ୍ତୁତ କରାଯାଇଛି। ଏହି ମୂଲ୍ୟାଙ୍କନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କର ବୋଧଗମ୍ୟତା ଏବଂ ବିଶ୍ଳେଷଣାତ୍ମକ କ୍ଷମତା ପରୀକ୍ଷା କରିବା ବଦଳରେ। ଏହି ମୂଲ୍ୟାଙ୍କନରେ ଗଣିତ, ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନକୁ ଅନ୍ତର୍ଭୁକ୍ତ କରାଯିବ।

ଟ୍ରମ୍ପଙ୍କୁ ରାଜନାଥଙ୍କ ମୁହଁତୋଡ଼ ଜବାବ

# ଆମେରିକା ନୁହେଁ, ଆମେ ସମସ୍ତଙ୍କ ବସ୍



ନୂଆଦିଲ୍ଲୀ,୧୦।୮ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଜୋରଦାର ବର୍ଷିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଇସାରା ଇସାରାରେ ଅନେକ କଥା କହି ଟ୍ରମ୍ପଙ୍କ ଟାରିଫକୁ କରିଛନ୍ତି ସମାଲୋଚନା। ମଧ୍ୟପ୍ରଦେଶର ରାୟସେନାରେ ରେଳ କୋଚ ଫ୍ୟାକ୍ଟ୍ରି ଶିଳାନ୍ୟାସ କରିବାକୁ ଯାଇଥିଲେ ରାଜନାଥ ସିଂହ। ସେଠାରେ ନିଜର ବିବୃତ୍ତିରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ହମଲା କରିଥିଲେ। ରାଜନାଥ ସିଂହ ଟାରିଫ୍ ୱାର ଯୋଗୁଁ ଟେନସନ ବୃଦ୍ଧି ମଧ୍ୟରେ କହିଥିଲେ, କିଛି ଲୋକ ନିଜକୁ ଦୁନିଆର ବସ୍ ଭାବୁଛନ୍ତି, କିନ୍ତୁ ତାଙ୍କୁ ଜଣାନାହିଁ ଯେ, ସମସ୍ତଙ୍କ ବସ୍ ହେଉଛୁ ଆମେ। ଟ୍ରମ୍ପଙ୍କ ନାମ ନନେଇ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ, କିଛି ଲୋକଙ୍କୁ ଭାରତର ପ୍ରଗତି ପସନ୍ଦ ଆସୁ ନାହିଁ। ଭାରତର ଅଭିବୃଦ୍ଧି ହାର ସବୁଠାରୁ ଆଗରେ ରହିଛି। ସେମାନେ ଏହାକୁ ପସନ୍ଦ କରୁନାହାନ୍ତି। ସେ ଭାବୁଛନ୍ତି ଯେ, ଭାରତ ଏତେ ଜୋରରେ କେମିତି ଆଗକୁ ବଢ଼ୁଛି ଏବଂ ଅନେକ ଲୋକ ଏମିତି ଚେଷ୍ଟା କରୁଛନ୍ତି ଯେ, ଭାରତରେ ନିର୍ମିତ , ଭାରତୀୟଙ୍କ ହାତରେ ତିଆରି ଜିନିଷ ସେହି ଦେଶରେ ତିଆରି ଜିନିଷ ଠାରୁ ଅଧିକ ମହଙ୍ଗା ହୋଇଯାଉ , ଯାହାକି ଯେତେବେଳେ ଜିନିଷ ମହଙ୍ଗା ହୁଏ ତ ଦୁନିଆ ସେଗୁଡ଼ିକୁ କିଣିବ ନାହିଁ। ଏହା ଚେଷ୍ଟା କରାଯାଉଛି। କିନ୍ତୁ ଭାରତ ଏତେ ଜୋରରେ ଆଗକୁ ବଢ଼ୁଛି , ମୁଁ ପୂରା ବିଶ୍ୱାସର ସହ କହିବି କି, ଏବେ ଦୁନିଆର କୌଣସି ବି ଶକ୍ତି ଭାରତକୁ ଦୁନିଆର ଏକ ବଡ଼ ଶକ୍ତି ହେବାରୁ ରୋକିପାରିବ ନାହିଁ ।

ରାଜନାଥ ସିଂହ ଆହୁରି କହିଛନ୍ତି ଯେ, ଯେତେବେଳେ ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହୋଇଥିଲେ, ସେ ସମୟରେ ଭାରତର ପ୍ରତିରକ୍ଷା ଉତ୍ପାଦର ଜିନିଷ, ଯାହା ଏକ୍ସପୋର୍ଟ ହୋଇ ଥିଲା, ତାର ଦାମ୍ ୬୦୦ କୋଟି ଟଙ୍କା ଥିଲା। ସେ କହିଥିଲେ ଯେ , ଆପଣ ଜାଣି ଖୁସି ହେବେ ଯେ, ଆମେ ଏବେ ୨୪ ହଜାର କୋଟିରୁ ଅଧିକ ଡିଫେନ୍ସ ଜିନିଷକୁ ଅନ୍ୟ ଦେଶକୁ ପଠାଉଛୁ। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଏହା ନୂଆ ଭାରତର ନୂଆ ପ୍ରତିରକ୍ଷା କ୍ଷେତ୍ର ହେବ। ଏହା ଭାରତର ଶକ୍ତି, ଏହା ନୂଆ ଭାରତର ନୂଆ ପ୍ରତିରକ୍ଷା କ୍ଷେତ୍ର ଏବଂ ରପ୍ତାନୀ ନିରନ୍ତର ବୃଦ୍ଧି ପାଉଛି।

ପହଲଗାମ ହମଲା ମାମଲାକୁ ଦର୍ଶାଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି , ପହଲଗାମର ଘଟଣା ପରେ ସେମାନେ ଭାବିଥିଲେ ଯେ, ଭାରତ ଶାନ୍ତିରେ ଚୁପ୍‌ହୋଇ ବସିବ। ପ୍ରଧାନମନ୍ତ୍ରୀଙ୍କର ସଂକଳ୍ପ ଥିଲା ଯେ, ଆମେ ତାଙ୍କୁ ଦୃଢ଼ ଜବାବ ଦେବୁ। ଏମିତି କଳ୍ପନା ମଧ୍ୟ କରାଯାଇ ନଥିଲା ଯେ, ଧର୍ମ ପଚାରି ମାରିବେ। ଆମେ କାହାର ହତ୍ୟାକୁ ବିଶ୍ୱାସ କରନ୍ତି ନାହିଁ। ଆମେ ସ୍ଥିର କରି ନେଇଥିଲୁ କି ଆମେ ଧର୍ମ ପଚାରି ମାରିବା ନାହିଁ , ଆମେ ତାଙ୍କର କର୍ମ ଦେଖି ମାରିବା ଏବଂ ଆମେ କର୍ମ ବା କାର୍ଯ୍ୟ ଦେଖି ମାରିଲୁ।

ଭାରତୀୟ ସେନା ମୁଖ୍ୟଙ୍କ ଚାଞ୍ଚଲ୍ୟକର ଚେତାବନୀ

# ଖୁବଶୀଘ୍ର ହୋଇପାରେ ପରବର୍ତ୍ତୀ ଯୁଦ୍ଧ




ନୂଆଦିଲ୍ଲୀ,୧୦।୮ : 'ଆମେ ଆଶଙ୍କା କରୁଥିବା ପରବର୍ତ୍ତୀ ଯୁଦ୍ଧ ଖୁବ୍ ଶୀଘ୍ର ହୋଇପାରେ' ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏକ ଚାଞ୍ଚଲ୍ୟକର ଚେତାବନୀ ଦେଇଛନ୍ତି। ଏହା ସହିତ, ସେ କହିଛନ୍ତି ଯେ, 'ଆମକୁ ସେହି ଅନୁସାରେ ପ୍ରସ୍ତୁତ ହେବାକୁ ପଡିବ ଏବଂ ଏଥର ଆମକୁ ଏହି ଯୁଦ୍ଧ ଏକାଠି ଲଢ଼ିବାକୁ ପଡିବ।' ସେ କହିଛନ୍ତି ଯେ, ପହଲଗାମ ଆକ୍ରମଣ ପରେ ସରକାରଙ୍କ ପକ୍ଷରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ତିନିସେନାକୁ ସ୍ୱାଧୀନତା ଦିଆଯାଇଥିଲା । ୨୩ ଏପ୍ରିଲରେ ହିଁ ତିନି ସେନାର ବୈଠକ ହୋଇଥିଲା । ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଥିଲେ ଯେ, ବହୁତ ହୋଇଗଲା, ଏଥର କିଛି କରିବାକୁ ହେବ । ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଇଆଇଟି ମାଡ୍ରାସରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ। ଏଠାରେ, ଅପରେସନ ସିନ୍ଦୁର ଉପରେ ଭାଷଣ ଦେଇ ସେ କହିଥିଲେ ଯେ, ଏପ୍ରିଲ ୨୨ ତାରିଖରେ ପହଲଗାମରେ ଯାହା ଘଟିଥିଲା ତାହା ସମଗ୍ର ଦେଶକୁ ଥରାଇ ଦେଇଥିଲା। ଏପ୍ରିଲ ୨୨ ତାରିଖରେ ଆତଙ୍କବାଦୀମାନେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ୨୬ ଜଣ ନିର୍ଦ୍ଦୋଷ ପର୍ଯ୍ୟଟକଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲେ। ସେ କହିଛନ୍ତି ଯେ, ପହଲଗାମ ଆକ୍ରମଣ ପରେ ସରକାରଙ୍କ ପକ୍ଷରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ତିନିସେନାକୁ ସ୍ୱାଧୀନତା ଦିଆଯାଇଥିଲା। ୨୩ ଏପ୍ରିଲରେ ହିଁ ତିନି ସେନାର ବୈଠକ ହୋଇଥିଲା । ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଥିଲେ ଯେ, ବହୁତ ହୋଇଗଲା, ଏଥର କିଛି କରିବାକୁ ହେବ । ତିନିସେନା ବି ଏଥିରେ ଏକମତ ଥିଲେ ଓ ସରକାରଙ୍କ ପକ୍ଷରୁ ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା । ଏହା ରାଜନୈତିକ ନେତୃତ୍ୱଙ୍କ ସ୍ପଷ୍ଟତାର ଏକ ଉଦାହରଣ ଥିଲା ।

ବଢ଼ିଲା ରବର୍ଟ ଭଦ୍ରାଙ୍କ ଅଡୁଆ

# ଜାଲିଆତି କରି ୫୮ କୋଟି ଆୟ କରିଥିଲେ

ନୂଆଦିଲ୍ଲୀ,୧୦।୮ : ବଢ଼ିବାକୁ ଯାଉଛି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭାଡ୍ରାଙ୍କ ସ୍ୱାମୀ ଏବଂ ବ୍ୟବସାୟୀ ରବର୍ଟ ଭାଡ୍ରାଙ୍କ ଅଡୁଆ । ଏକ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପ୍ରକାଶ କରିଛି ଯେ, ଗୁରୁଗ୍ରାମରେ ଏକ



ଜାଲ ଜମି ଚୁକ୍ତିନାମା ମାଧ୍ୟମରେ ସେ ୫୮ କୋଟି ଟଙ୍କା ଆୟ କରିଥିଲେ। ଭାଡ୍ରା ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ଦାଖଲ ହୋଇଥିବା ଚାର୍ଜସିଟରେ ଇଡି କହିଛି ଯେ, ୫୩ କୋଟି ଟଙ୍କା ସ୍କାଏ ଲାଇଟ୍ ହସ୍ପିଟାଲିଟି ମାଧ୍ୟମରେ ଏବଂ ୫ କୋଟି ଟଙ୍କା ବ୍ଲୁ ବ୍ରିଜ୍ ଟ୍ରେଡିଂ ମାଧ୍ୟମରେ ପଠାଯାଇଥିଲା। ପଚରାଉଚରା ସମୟରେ ରବର୍ଟ ଭାଡ୍ରା ତିନି ଜଣ ମୃତ ବ୍ୟକ୍ତିଙ୍କୁ ଏହି ଠକେଇର ଅଭିଯୁକ୍ତ କରିଥିଲେ। ସେମାନେ ହେଲେ ଏଚ୍.ଏଲ୍ ପହୱା, ରାଜେଶ ଖୁରାନା ଏବଂ ମହେଶ ନାଗର। ଗୁରୁଗ୍ରାମ ଜମି ଚୁକ୍ତିନାମାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ତଦନ୍ତରେ ରବର୍ଟ ଭାଡ୍ରାଙ୍କ ବୟାନ ଦୁଇଥର ରେକର୍ଡ କରାଯାଇଥିଲା। ପ୍ରଥମେ ୧୫ ଏପ୍ରିଲ୍ ଏବଂ ଦ୍ୱିତୀୟ ଥର ୧୬ ଏପ୍ରିଲରେ। ଜେରାବେଳେ ରବର୍ଟ କହିଥିଲେ ଯେ , ମୃତବ୍ୟକ୍ତିମାନେ ତାଙ୍କ ପାଇଁ କାମ କରୁଥିଲେ । କିନ୍ତୁ ଏ ନେଇ ସେ କୌଣସି ପ୍ରମାଣ ଦେଇପାରି ନଥିଲେ ।

# ଆଜିଠାରୁ ଭାରତ ଓ ପାକିସ୍ତାନ ନୌସେନାର ସମରାଭ୍ୟାସ

ନୂଆଦିଲ୍ଲୀ,୧୦।୮ : ଅପରେସନ ସିନ୍ଦୂର ଓ ଭାରତ-ପାକିସ୍ତାନ ଯୁଦ୍ଧ ବିରତିକୁ ଇତି ମଧ୍ୟରେ ତିନିମାସ ବିତିଯାଇଥିଲେ ବି ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଜାରି ରହିଛି । ସୂଚନା ଅନୁସାରେ ଆରବ ସାଗରରେ ଉଭୟ ଭାରତ ଓ ପାକିସ୍ତାନର ନୌସେନା ସମରାଭ୍ୟାସ ପାଇଁ ପ୍ରସ୍ତୁତ ହେଉଛନ୍ତି । ଭାରତ ଏବଂ ପାକିସ୍ତାନୀ ନୌସେନା ଏକା ସମୟରେ ନିଜ ନିଜ ଜାହାଜରୁ ଗୁଳିଚାଳନା ଅଭ୍ୟାସ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏଥିପାଇଁ ଉଭୟ ଦେଶ ନାଭିଗେସନ୍ କ୍ଷେତ୍ର ଚେତାବନୀ ଜାରି କରିଛନ୍ତି। ପାକିସ୍ତାନ ଦ୍ୱାରା ଜାରି କରାଯାଇଥିବା ନାଭାରିଆ ଚେତାବନୀ ଅନୁଯାୟୀ, ସାମୁଦ୍ରିକ ଯାତାୟାତକୁ ଅଗଷ୍ଟ ୧୧ ସକାଳ ୪ଟାରୁ ଅଗଷ୍ଟ ୧୨ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଅଭ୍ୟାସ କ୍ଷେତ୍ରରୁ ଦୂରେଇ ରହିବାକୁ ଚେତାବନୀ ଦିଆଯାଇଛି। ପାକିସ୍ତାନ ଦ୍ୱାରା ଗୋଟିଏ ନାଭାରିଆ ଚେତାବନୀ ଦିଆଯାଇଥିବା ବେଳେ ଭାରତ ଦ୍ୱାରା ୩ଟି ସତର୍କତା ଜାରି କରାଯାଇଛି। ଭାରତ ପକ୍ଷରୁ ଓଖା, ପୋରବନ୍ଦର ଏବଂ ମୋର୍ମୁଗାଓ ନିକଟ ସମୁଦ୍ରରେ ସାମୁଦ୍ରିକ ଯାତାୟାତକୁ ଏହି ଅଞ୍ଚଳରୁ ଦୂରେଇ ରହିବାକୁ ଚେତାବନୀ ଦିଆଯାଇଛି। ଓଖା ଉପକୂଳ ନିକଟରେ ଜାରି ହୋଇଥିବା ଚେତାବନୀ ଅନୁଯାୟୀ, ନୌସେନା ଅଗଷ୍ଟ ୧୧ ତାରିଖ ସକାଳ ୧୧:୩୦ ରୁ ଅପରାହ୍ନ ୧:୩୦ ପର୍ଯ୍ୟନ୍ତ ଏକ ଫାୟାରିଂ ଡ୍ରିଲ୍ କରିବ। ପୋରବନ୍ଦର ଉପକୂଳ ନିକଟରେ ଜାରି ହୋଇଥିବା ଚେତାବନୀ ଅନୁଯାୟୀ, ନୌସେନା ଅଗଷ୍ଟ ୧୨ ତାରିଖ ଦିନ ୧୨:୩୦ ରୁ ସନ୍ଧ୍ୟା ୬:୩୦ ପର୍ଯ୍ୟନ୍ତ ଫାୟାରିଂ ଡ୍ରିଲ୍ କରିବ। ମୋରମୁଗାଓ ଉପକୂଳ ନିକଟରେ ଜାରି ହୋଇଥିବା ଚେତାବନୀ ଅନୁଯାୟୀ, ନୌସେନା ଅଗଷ୍ଟ ୧୩ ତାରିଖ ଦିନ ଅପରାହ୍ନ ୧:୩୦ ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଫାୟାରିଂ ଡ୍ରିଲ୍ କରିବ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ସାମୁଦ୍ରିକ ଯାତାୟାତକୁ ଏହି ଅଞ୍ଚଳଗୁଡ଼ିକରୁ ଦୂରେଇ ରହିବାକୁ ସତର୍କ କରାଯାଇଛି।




# 'ଅପରେସନ ସିନ୍ଦୂର' ପରେ ଆଣ୍ଠେଇ ପଡ଼ିଥିଲା ପାକିସ୍ତାନ



ତିନୋଟି ନୂଆ ବନ୍ଦେଭାରତ ଏକ୍ସପ୍ରେସ୍‌ର କଲେ ଉଦ୍‌ଘାଟନ

ନୂଆଦିଲ୍ଲୀ,୧୦।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ବେଙ୍ଗାଲୁରୁରେ ପରିବହନ ସହ ଜଡ଼ିତ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଭାରତର ସିଲିକନ୍ ଭ୍ୟାଲି କୁହାଯାଉଥିବା ବେଙ୍ଗାଲୁରୁକୁ ପ୍ରଧାନମନ୍ତ୍ରୀ ୩ଟି ନୂଆ ବନ୍ଦେ ଭାରତ ଟ୍ରେନ୍ ଭେଟି ଦେଇଛନ୍ତି ଏବଂ ବେଙ୍ଗାଲୁରୁର ନମ୍ମା ମେଟ୍ରୋର ୟେଲୋ ଲାଇନର ମଧ୍ୟ ଉଦଘାଟନ କରିଛନ୍ତି। ତେବେ ଏହି ଅବସରରେ ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ ବେଙ୍ଗାଲୁରୁକୁ ନୂତନ ଭାରତ ଉଦୟର ପ୍ରତୀକ ଭାବରେ ବର୍ଣ୍ଣନା କରିଥିବା ବେଳେ ଦେଶର ଅର୍ଥନୀତି ଏବଂ ଅପରେସନ୍ ସିନ୍ଦୂର ବିଷୟରେ ଉଲ୍ଲେଖ କରି କହିଥିଲେ, 'ସାରା ବିଶ୍ୱ ଏବେ ଭାରତର ନୂଆ ମୁହଁ ଦେଖୁଛି।' ପ୍ରକଳ୍ପର ଉଦଘାଟନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନସାଧାରଣଙ୍କୁ ସମ୍ବୋଧିତ କରି ଅପରେସନ ସିନ୍ଦୂରର ସଫଳତା ବିଷୟରେ କହିଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି ଆମର ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିରକ୍ଷାରେ ମେକ୍ ଇନ୍ ଇଣ୍ଡିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବେଙ୍ଗାଲୁରୁ ଏବଂ କର୍ଣ୍ଣାଟକର ଯୁବକମାନେ ଏଥିରେ ବହୁତ ଅବଦାନ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ଭାରତ ଖୁବ୍ ଶୀଘ୍ର ମେଡ୍ ଇନ୍ ଇଣ୍ଡିଆ ଚିପ୍ ପାଇବ। ମୋଦୀ ଆହୁରି କହିଛନ୍ତି ଅପରେସନ୍ ସିନ୍ଦୂରରେ ସାରା ବିଶ୍ୱ ଭାରତୀୟ ସେନାର ସଫଳତା ଦେଖିଛି। ସୀମା ପାର କିଛି କିଲୋମିଟର ପର୍ଯ୍ୟନ୍ତ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିବାର ଆମର କ୍ଷମତା ସମସ୍ତେ ଦେଖିଛନ୍ତି। ଆତଙ୍କବାଦକୁ ସୁରକ୍ଷା ଦେବା ପାଇଁ ଆସିଥିବା ପାକିସ୍ତାନ କିଛି ଘଣ୍ଟାରେ ଆଣ୍ଠେଇ ପଡ଼ିଥିଲା।

ସେ କହିଛନ୍ତି ଆଜି ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଅର୍ଥନୀତି ଏବଂ ଗତ ୧୧ ବର୍ଷ ମଧ୍ୟରେ ଏକ ବଡ଼ ପରିବର୍ତ୍ତନ ହେବା ନେଇ ସମ୍ଭାବନା ଦେଖାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ୧୧ ବର୍ଷ ତଳେ ଆମର ଅର୍ଥନୀତି ବିଶ୍ୱର ୧୦ମ ସ୍ଥାନରେ ଥିଲା, କିନ୍ତୁ ଏବେ ଆମେ ପଞ୍ଚମ ସ୍ଥାନରେ ପହଞ୍ଚିଛୁ ଏବଂ ଆମେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବା ଦିଗରେ ବହୁତ ଦ୍ରୁତ ଗତିରେ ଆଗକୁ ବଢ଼ୁଛୁ।

# ନିର୍ମାଣାଧୀନ ମନ୍ଦିରର ସ୍ଲାବ ଭୁଶୁଡ଼ି ୧୭ ଆହତ



ମୁମ୍ବାଇ ୧୦।୮ ; ମହାରାଷ୍ଟ୍ରର ନାଗପୁର ଜିଲ୍ଲାରେ ଅଘଟଣ । ମହାଲକ୍ଷ୍ମୀ ଜଗଦମ୍ବା ଦେବସ୍ଥାନ ମନ୍ଦିର ଦ୍ୱାରର ସ୍ଲାବ୍ ଭୁଶୁଡି ୧୭ ଜଣ ଶ୍ରମିକ ଆହତ ହୋଇଛନ୍ତି । ଏପରି ଘଟଣା ଶନିବାର ରାତି ପ୍ରାୟ ୮.୧୫ରେ ଦେଖିବାକୁ ମିଳିଛି । ୧୭ଜଣଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗମ୍ଭୀର ଥିବା ସୂଚନା ମିଳିଛି। ସୂଚନା ପାଇବା ମାତ୍ରେ ସ୍ଥାନୀୟ ପ୍ରଶାସନ, ପୋଲିସ, ଅଗ୍ନିଶମ ବିଭାଗ ଏବଂ ଏନଡିଆରଏଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଚିକିତ୍ସା ପାଇଁ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ କୌଣସି ମୃତ୍ୟୁ ନିଶ୍ଚିତ ହୋଇନାହିଁ। ସୂଚନାନୁଯାୟୀ, ଘଟଣା ଘଟିବା ସମୟରେ ମନ୍ଦିର ଦ୍ୱାରର ନିର୍ମାଣ କାର୍ଯ୍ୟ ଚାଲିଥିଲା। ସେହି ସମୟରେ ସ୍ଲାବ୍ ଖସି ପଡିବାରୁ ଶ୍ରମିକମାନେ ଆହତ ହୋଇଥିଲେ । ୧୭ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାବେଳେ ଅନ୍ୟମାନଙ୍କ ଅବସ୍ଥା ସାମାନ୍ୟ ରହିଛି । ଦୁର୍ଘଟଣା ପରେ ତୁରନ୍ତ ପୋଲିସ, ଅଗ୍ନିଶମ ବାହିନୀ ଏବଂ ଏନଡିଆରଏଫ ଦଳ ସବୁ ପାର୍ଶ୍ୱରୁ ଭଗ୍ନାବଶେଷ ହଟାଇବା ଆରମ୍ଭ କରିଥିଲେ। ସ୍ଥାନୀୟ ଲୋକମାନେ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିଥିଲେ। ବର୍ତ୍ତମାନ ମନ୍ଦିର ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଛି । ତଦନ୍ତ ରିପୋର୍ଟ ଆସିବା ପରେ ହିଁ ପରବର୍ତ୍ତୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ଅନ୍ୟପଟେ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଡେପୁଟି କମିଶନର ଅଫ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି । ସ୍ଲାବ୍ ଭୁଶୁଡ଼ିବାର ସଠିକ୍ କାରଣ ବର୍ତ୍ତମାନ ଜଣାପଡିନାହିଁ ବୋଲି ସୂଚନା ଦେଇଛି। ଏହି ଘଟଣାର ତଦନ୍ତ କରିବା ପାଇଁ ପ୍ରଶାସନ ବିଶେଷଜ୍ଞଙ୍କ ଏକ ଟିମକୁ ଘଟଣାସ୍ଥଳକୁ ଡକାଇଛି । ଯାହାର ସଠିକ୍ ତଦନ୍ତ ସେମାନଙ୍କ ଟିମ୍ କରିବେ।

## ଆମେରିକାର ଋଣ ୩୭ ଟ୍ରିଲିୟନ ଡଲାର ଟପିଲା

ୱାଶିଂଟନ, ୧୦।୮: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅର୍ଥନୀତି ବିଷୟରେ ବଡ଼ ବଡ଼ ଦାବି କରୁଛନ୍ତି କିନ୍ତୁ ଦେଶର ବୃଦ୍ଧି ପାଉଥିବା ଋଣକୁ ରୋକିବାରେ ସେ ବିଫଳ ହୋଇଛନ୍ତି। ପ୍ରଥମ ଥର ପାଇଁ ଆମେରିକାର ଋଣ ଆନୁଷ୍ଠାନିକ ଭାବରେ ୩୭ ଟ୍ରିଲିୟନ ଡଲାର ଅତିକ୍ରମ କରିଛି। ୪ ଜୁଲାଇରେ ୱାନ୍ ବିୟୁଟିଫୁଲ୍ ବିଲ୍ ଆକ୍ଟ ଲାଗୁ ହେବା ପରଠାରୁ ଦେଶର ଋଣ ୭୮୦ ବିଲିୟନ ଡଲାର ବୃଦ୍ଧି ପାଇଛି। ଅର୍ଥାତ୍, ଏହା ପ୍ରତିଦିନ ୨୨ ବିଲିୟନ ଡଲାର ବୃଦ୍ଧି ପାଇଛି। ଆମେରିକାରେ ଋଣ ସଙ୍କଟ ଦିନକୁ ଦିନ ବୃଦ୍ଧି ପାଉଛି। ମହାମାରୀ ପରଠାରୁ ଆମେରିକାର ଋଣ ୧୪ ଟ୍ରିଲିୟନ ଡଲାର ବୃଦ୍ଧି ପାଇଛି । ପରିସ୍ଥିତି ଏପରି ହୋଇଛି ଯେ,ଆମେରିକାକୁ ସୁଧ ଦେବା ପାଇଁ ଦୈନିକ ୩ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ଏଥିରୁ ସ୍ପଷ୍ଟ ଯେ,ଟ୍ରମ୍ପ ଅର୍ଥନୀତି ବିଷୟରେ ଯାହା ଦାବି କରନ୍ତୁ ନା କାହିଁକି, ଦେଶର ଋଣ ପରିସ୍ଥିତି ନିରନ୍ତର ଭୟଙ୍କର ହେବାରେ ଲାଗିଛି। ଯଦି ଏଥିରେ ଶୀଘ୍ର ଉନ୍ନତି ନହୁଏ, ତେବେ ସରକାରଙ୍କ ପାଖରେ ବାକି ବିକାଶ କାର୍ଯ୍ୟ ପାଇଁ ଟଙ୍କା ରହିବ ନାହିଁ ଏବଂ ସମସ୍ତ ଟଙ୍କା ଋଣ ପରିଶୋଧ କରିବାରେ ଖର୍ଚ୍ଚ ହେବ। ଗତ ସପ୍ତାହରେ, ସରକାର ୧୦ଟି ନିଲାମ ମାଧ୍ୟମରେ ୭୨୪ ବିଲିୟନ ଡଲାର ମୂଲ୍ୟର ବଣ୍ଡ ବିକ୍ରି କରିଥିବା କୁହାଯାଉଛି।

# ଭାରତର ରପ୍ତାନି ବୃଦ୍ଧି ଉପରେ ଗଡ଼କରୀଙ୍କ ଗୁରୁତ୍ୱ



ଆର୍ଥିକ ଏବଂ ବୈଷୟିକ ଭାବେ ସକ୍ଷମ ଦେଶମାନେ ଦାଦାଗିରି କରୁଛନ୍ତି

ନୂଆଦିଲ୍ଲୀ,୧୦।୮: କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି, ଆମକୁ ଭାରତର ରପ୍ତାନି ବୃଦ୍ଧି ଏବଂ ଆମଦାନୀ ହ୍ରାସ କରିବା ଉପରେ ଗୁରୁତ୍ୱ ଦେବା ଉଚିତ୍ । ସେ କହିଛନ୍ତି, ଆର୍ଥିକ ଏବଂ ବୈଷୟିକ ଭାବରେ ସକ୍ଷମ ଦେଶମାନେ ଦାଦାଗିରି କରୁଛନ୍ତି, କିନ୍ତୁ ଆମେ ଏପରି କରିବୁ ନାହିଁ କାରଣ ଆମର ସଂସ୍କୃତି ଆମକୁ ଶିଖାଏ ଯେ, ବିଶ୍ୱ କଲ୍ୟାଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।ବିଶ୍ୱେଶ୍ୱରାୟ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ତାଙ୍କ ଭାଷଣରେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଗୁରୁତ୍ୱ ଏବଂ ରପ୍ତାନି ବୃଦ୍ଧି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ,ଆଜି ଯେଉଁ ଦେଶମାନେ ଦାଦାଗିରି କରୁଛନ୍ତି ସେମାନେ ଏହା କରିପାରିବେ କାରଣ ସେମାନେ ଆର୍ଥିକ ଦୃଷ୍ଟିରୁ ସଶକ୍ତ ଏବଂ ସେମାନଙ୍କ ପାଖରେ ନୂତନ ପ୍ରଯୁକ୍ତିବିଦ୍ୟା ଅଛି। ଗଡକରୀ ତାଙ୍କ ଭାଷଣରେ କହିଥିଲେ,ଭାରତ ରପ୍ତାନି ବୃଦ୍ଧି ଏବଂ ଆମଦାନି ହ୍ରାସ କରିବା ଉପରେ ମଧ୍ୟ ଗୁରୁତ୍ୱ ଦେଉଛି। ସେ କହିଥିଲେ,ଯଦି ଆମକୁ ଭାରତକୁ 'ବିଶ୍ୱଗୁରୁ' କରିବାକୁ ପଡିବ, ତେବେ ଆମ ପାଇଁ ରପ୍ତାନି ବୃଦ୍ଧି ଏବଂ ଆମଦାନି ହ୍ରାସ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆମର ରପ୍ତାନି ଏବଂ ଅର୍ଥନୀତି ହାର ବୃଦ୍ଧି ପାଏ, ତେବେ ମୁଁ ଭାବୁନାହିଁ ଯେ ଆମକୁ କାହା ପାଖକୁ ଯିବାକୁ ପଡିବ। ସେ କହିଥିଲେ, ଯେଉଁ ଦେଶମାନେ ଧମକ ଦେଉଛନ୍ତି ସେମାନେ ଏପରି କରୁଛନ୍ତି କାରଣ ସେମାନେ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ ଏବଂ ସେମାନଙ୍କ ପାଖରେ ପ୍ରଯୁକ୍ତିବିଦ୍ୟା ଅଛି। ଯଦି ଆମେ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ସମ୍ବଳ ପାଇଥାନ୍ତୁ, ତେବେ ଆମେ କାହାକୁ ଧମକ ଦେଇ ନଥାନ୍ତୁ। କାରଣ ଆମର ସଂସ୍କୃତି ଆମକୁ ଶିଖାଏ ଯେ,ବିଶ୍ୱ କଲ୍ୟାଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

'ଭୋଟ୍ ଚୋରି' ଅଭିଯୋଗ ପାଇଁ ୱେବସାଇଟ୍ ଏବଂ ମିସ୍‌ଡ କଲ୍ ନମ୍ବର ଜାରି

# ଇସିଙ୍କୁ ଘେରିବାକୁ ରାହୁଲଙ୍କ ଯୋଜନା



ନୂଆଦିଲ୍ଲୀ,୧୦।୮: ନକଲି ଭୋଟର ମାମଲା ସମ୍ପର୍କରେ ନିର୍ବାଚନ କମିସନ(ଇସି)ଙ୍କ ବିରୋଧରେ ଅଭିଯୋଗ ପାଇଁ କଂଗ୍ରେସ ରାହୁଲ ଗାନ୍ଧୀ ୱେବସାଇଟ୍ ଏବଂ ନମ୍ବର ଜାରି କରିଛନ୍ତି।

ନିର୍ବାଚନ କମିସନ ନକଲି ଭୋଟର ପ୍ରସଙ୍ଗରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଭର୍ତ୍ସନା କରି କହିଛନ୍ତି ଯେ, ସେ ନିୟମ ଅନୁଯାୟୀ ଏକ ସ୍ପଷ୍ଟ ଘୋଷଣା ଏବଂ ଶପଥପତ୍ର ଦାଖଲ କରନ୍ତୁ ନଚେତ୍ ତାଙ୍କର ମିଥ୍ୟା ଏବଂ ଭ୍ରାମକ ଅଭିଯୋଗ ପାଇଁ ଦେଶ ନିକଟରେ ସାର୍ବଜନୀନ ଭାବରେ କ୍ଷମା ପ୍ରାର୍ଥନା କରନ୍ତୁ। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଏବେ ଏହା ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଛନ୍ତି। ରାହୁଲ ନିର୍ବାଚନ କମିସନଙ୍କୁ ଘେରିବାକୁ ନିଷ୍ପତ୍ତି ନେଇଛନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି କହିଛନ୍ତି ଯେ, ଭୋଟ ଚୋରି 'ଗୋଟିଏ ବ୍ୟକ୍ତି, ଗୋଟିଏ ଭୋଟ'ର ମୌଳିକ ଗଣତାନ୍ତ୍ରିକ ନୀତି ଉପରେ ଆକ୍ରମଣ। ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ଏକ ସ୍ୱଚ୍ଛ ଭୋଟର ତାଲିକା ଜରୁରୀ। ନିର୍ବାଚନ କମିସନଙ୍କ ବିରୋଧରେ କର ବା ମର ମନୋଭାବରେ ରାହୁଲ ଗାନ୍ଧୀ ରହିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ରାହୁଲ ଗାନ୍ଧୀ କହିଛନ୍ତି ଯେ, ନିର୍ବାଚନ କମିସନଙ୍କ ନିକଟରେ ଆମର ଦାବି ସ୍ପଷ୍ଟ, ସ୍ୱଚ୍ଛତା ଦେଖାନ୍ତୁ ଏବଂ ଡିଜିଟାଲ ଭୋଟର ତାଲିକାକୁ ସାର୍ବଜନୀନ କରନ୍ତୁ। ଯାହା ଦ୍ୱାରା ଜନସାଧାରଣ ଏବଂ ରାଜନୈତିକ ଦଳଗୁଡ଼ିକ ନିଜେ ଏହାର ଅଡିଟ୍ କରିପାରିବେ। ସେ କହିଛନ୍ତି ଯେ, ଆପଣ ମଧ୍ୟ ଆମ ସହିତ ଯୋଗ ଦେଇ ଏହି ଦାବିକୁ ସମର୍ଥନ କରିପାରିବେ। ଏହି ଲଢ଼େଇ ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ବୋଲି ରାହୁଲ କହିଛନ୍ତି।

## ଜାତୀୟ ମାଷ୍ଟର୍ସ ଶକ୍ତିଉତ୍ତୋଳନ

# ଓଡ଼ିଆଙ୍କ ଚମକ



**ଭୁବନେଶ୍ୱର, ୧୦।୮ (ସଂଚାର ବ୍ୟୁରୋ):** କେରଳର କୋଝିକୋଡ୍‌ଠାରେ ଅନୁଷ୍ଠିତ ଜାତୀୟ ମାଷ୍ଟର୍ସ ଇକ୍ୱିପ୍‌ଡ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ୩ ସ୍ୱର୍ଣ୍ଣ ଓ ଏକ ଜାତୀୟ ରେକର୍ଡ ସହ ୧୨ ପଦକ ଜିତିଛନ୍ତି। ୭୪ କିଲୋଗ୍ରାମ ଏମ୍-୩ରେ ବାବା କୁମାର ତାଣ୍ଡି ସ୍କ୍ୱାଡ୍, ବେଞ୍ଚ୍ ପ୍ରେସ୍‌ରେ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଏବଂ ଦଳଗତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ୬୩ କିଲୋଗ୍ରାମରେ ନିହାତି ବର୍ମନ ନାଏକ (ଏମ୍-୧), ୭୬ କିଲୋଗ୍ରାମରେ ମୌସୁମୀ ଟାକ୍ରୀ (ଏମ୍-୧) ସ୍କ୍ୱାଡ୍, ବେଞ୍ଚ୍ ପ୍ରେସ୍, ଡେଡ୍ ଲିଫ୍ଟ ସହିତ ଓଭର୍ ଅଲ୍‌କୁ ମିଶାଇ ୪ ଲେଖାଏଁ କାଂସ୍ୟ ପଦକ ହାସଲ କରିଛନ୍ତି। ବାବୁଲା ସାମଲ (ଏମ୍-୨) ୯୩ କିଲୋଗ୍ରାମରେ କେବଳ ବେଞ୍ଚ୍ ପ୍ରେସ୍ କାଂସ୍ୟ ପଦକ ଜିତିଥିଲେ।

### ଜାତୀୟ ବାଳିକା ହକି

## କ୍ୱାର୍ଟର ଫାଇନାଲ୍‌ରୁ ଓଡ଼ିଶା ବିଦା

**ଭୁବନେଶ୍ୱର, ୧୦।୮ (ସଂଚାର ବ୍ୟୁରୋ):** ଆନ୍ଧ୍ରପ୍ରଦେଶର କାକିନାଡ଼ାଠାରେ ଚାଲିଥିବା ୧୫ତମ ଜାତୀୟ କନିଷ୍ଠ ବାଳିକା ହକି ପ୍ରତିଯୋଗିତାରେ ଓଡ଼ିଶା ଦଳ କ୍ୱାର୍ଟରଫାଇନାଲ୍‌ରୁ ବିଦାୟ ନେଇଛି। ଓଡ଼ିଶା ଦଳକୁ ଶନିବାର ହରିୟାଣା ୪-୧ରେ ପରାସ୍ତ କରି ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରି ନେଇଛି। ହରିୟାଣା ପକ୍ଷରୁ କାଜଲ (୨ ମିନିଟ୍), ସୁପ୍ରିୟା (୨୭ ମିନିଟ୍), ଶିଶୀ ଖାସା (୩୬ ମିନିଟ୍), ସାଭୀ (୬୦ ମିନିଟ୍) ପ୍ରତି କ୍ୱାର୍ଟରରେ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଓଡ଼ିଶା ପାଇଁ ଏକମାତ୍ର ସାନ୍ତ୍ୱନାମୂଳକ ଗୋଲଟି ଦେଇଥିଲେ ଅମିତା ଏକ୍କା (୪୭ ମିନିଟ୍)। ଅନ୍ୟ ମ୍ୟାଚ୍ ଗୁଡ଼ିକରେ ମଧ୍ୟପ୍ରଦେଶ ୨-୧ରେ ଛତିଶଗଡ଼କୁ, ହକି ଝାଡ଼ଖଣ୍ଡ ୩-୧ରେ ହକି ପଞ୍ଜାବକୁ ଏବଂ ଉତ୍ତରପ୍ରଦେଶ ହକି ୨-୧ ଗୋଲ୍‌ରେ ମହାରାଷ୍ଟ୍ର ହକିକୁ ପରାସ୍ତ କରି ନିଜ ନିଜ ଅଭିଯାନ ଜାରି ରହିଥିଲେ। ଆଜିର କ୍ୱାଟର୍‌ଫାଇନାଲ୍ ପର୍ଯ୍ୟାୟ ପରେ ସେମିଫାନାଲ୍‌ରେ ହରିୟାଣା ସହିତ ମଧ୍ୟପ୍ରଦେଶ ଏବଂ ଝାଡ଼ଖଣ୍ଡ ସହିତ ଉତ୍ତରପ୍ରଦେଶର ମୁକାବିଲା ହେବ।

### ବିଶ୍ୱ କ୍ରୀଡ଼ା

## କାଂସ୍ୟ ଜିତି ସମ୍ମାନ ରଖିଲେ ରିଷଭ



**ନୂଆଦିଲ୍ଲୀ, ୧୦।୮:** ଚୀନ୍‌ର ଚେଙ୍ଗଡୁରେ ଚାଲିଥିବା ବିଶ୍ୱ କ୍ରୀଡ଼ାରେ ଯୁବ ତୀରନ୍ଦାଜ ରିଷଭ ଯାଦବ ଶନିବାର ସମ୍ମାନ ରଖିଛନ୍ତି। ଚଳିତ ସଂସ୍କରଣରେ ପ୍ରଥମ ଭାରତୀୟ ଭାବେ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରଥମ ରାଉଣ୍ଡ୍‌ରୁ ଶୀର୍ଷମାନ୍ୟତାପ୍ରାପ୍ତ ଭାରତୀୟ ମିଶ୍ରିତ କମ୍ପାଉଣ୍ଡ୍ ଦଳ ବିଦାୟ ନେବାର ନିରାଶାକୁ ରିଷଭ ଅଳ୍ପକେ ଭରଣା କରିଛନ୍ତି। କୌଣସି ଭାରତୀୟ ମହିଳା ଖେଳାଳି ବି ପଦକ ପର୍ଯ୍ୟନ୍ତ ପହଞ୍ଚିପାରିନଥିଲେ। ଦଶମ ମାନ୍ୟତାପ୍ରାପ୍ତ ରିଷଭ କାଂସ୍ୟ ମୁକାବିଲାରେ ନିଜ ଦେଶର ଏକାଧିକ ଥର ବିଶ୍ୱକପ୍ ସ୍ୱର୍ଣ୍ଣ ବିଜେତା ଅଭିଷେକ ବର୍ମାଙ୍କୁ ୧୪୯-୧୪୭ରେ ପରାସ୍ତ କରିଥିଲେ। ମହିଳା ବ୍ୟକ୍ତିଗତ କମ୍ପାଉଣ୍ଡ୍‌ରେ ପରିଣିତ୍ କୌର୍ ଓ ମଧୁରା ଧାମନଗାଓଁକର ଯଥାକ୍ରମେ ଦ୍ୱାଦଶ ଓ ତୃତୀୟ ମାନ୍ୟତାପ୍ରାପ୍ତ ଥାଇ ଆଗୁଆ ବିଦାୟ ନେଇଥିଲେ। ପଦକ ଦାବିଦାର ଭାବେ ପ୍ରବେଶ କରିଥିଲେ ମଧ୍ୟ ବର୍ମା ଓ ମଧୁରା ମିଶ୍ରିତ ବର୍ଗରେ ଶକ୍ତିଶାଳୀ କୋରିଆଠାରୁ ପ୍ରଥମ ରାଉଣ୍ଡ୍‌ରେ ହାରିଯାଇଥିଲେ।

## ରେକର୍ଡ ଦରରେ ନିଲାମ ହେଲା ଗିଲ୍‌ଙ୍କ ଲର୍ଡସ ଜର୍ସି



**ନୂଆଦିଲ୍ଲୀ, ୧୦।୮:** ନିକଟରେ ଶେଷ ହୋଇଥିବା ଆଣ୍ଡରସନ୍-ତେନ୍ଦୁଲକର ଟେଷ୍ଟ ଶୃଙ୍ଖଳାର ଲର୍ଡସ ଟେଷ୍ଟ୍‌ରେ ଭାରତୀୟ ଅଧିନାୟକ ଶୁବମନ୍ ଗିଲ୍ ପିନ୍ଧିଥିବା ଜର୍ସି ରେକର୍ଡ ୫.୪୧ ଲକ୍ଷ ଟଙ୍କାରେ ନିଲାମ ହୋଇଛି। ଏହି ଜର୍ସିରେ ଗିଲ୍‌ଙ୍କ ଅଟୋଗ୍ରାଫ୍ ଥିବା ସହ ମ୍ୟାଚ୍ ବେଳେ ପିନ୍ଧିଥିବାରୁ ଭିନ୍ନ ଚିହ୍ନ ଥିଲା। ତଥାପି ଜଣେ କ୍ରିକେଟ୍‌ପ୍ରେମୀ ଏହାକୁ ଏତେ ଟଙ୍କାରେ କିଣିବା ନିଲାମକାରୀଙ୍କ ବି ଚକିତ କରିଥିଲା। ଏକ ସ୍ୱେଚ୍ଛାସେବୀ ସଂସ୍ଥା ପାଇଁ ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ଆୟୋଜନ କରାଯାଇଥିବା ଏହି ନିଲାମରେ ଅନ୍ୟ ଖେଳାଳିଙ୍କ ମଧ୍ୟରେ ଯଶପ୍ରୀତ୍ ବୁମ୍‌ରା ଓ ରବୀନ୍ଦ୍ର ଜାଡ଼େଜାଙ୍କ ଜର୍ସି ୪.୯୪ ଲକ୍ଷ ଟଙ୍କା ଲେଖାଏଁ, କେଏଲ୍ ରାହୁଲଙ୍କ ଜର୍ସି ୪.୭୦ ଲକ୍ଷ, ଜୋ ରୁଟ୍‌ଙ୍କ ଜର୍ସି ୪.୪୭ ଲକ୍ଷ, ଟୋପି ୩ ଲକ୍ଷ ୫୩ ହଜାର ଏବଂ ଋଷଭ ପନ୍ତଙ୍କ ଅଟୋଗ୍ରାଫ୍ ଥିବା ଟୋପି ୧.୭୫ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲା।

## ୱେଷ୍ଟଇଣ୍ଡିଜ୍‌କୁ ହରାଇଲା ପାକିସ୍ତାନ



**ତରୌବା, ୧୦।୮:** ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଦିନିକିଆରେ ପାକିସ୍ତାନ ୫ ୱିକେଟ୍‌ରେ ସହଜ ବିଜୟ ହାସଲ କରିଛି। ଏଥିସହ ୩ ମ୍ୟାଚ୍ ଶୃଙ୍ଖଳାରେ ଭ୍ରମଣକାରୀ ମହମ୍ମଦ ରିଜୱାନଙ୍କ ଦଳ ୧-୦ରେ ଆଗୁଆ ହୋଇଛି। ଶୁକ୍ରବାର ରାତିରେ ବ୍ରାଏନ୍ ଲାରା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୪୯ ଓଭରରେ ସମସ୍ତ ୱିକେଟ୍ ହରାଇ ୨୮୦ ରନ୍ କରିଥିଲା। ଏଭିନ୍ ଲିୱିସ (୬୦), ଅଧିନାୟକ ସାଇ ହୋପ୍ (୫୫), ରଷ୍ଟନ୍ ଚେଜ୍ (୫୩) ଅର୍ଦ୍ଧଶତକ ହାସଲ କରିଥିଲେ। ପାକିସ୍ତାନ ପକ୍ଷରୁ ସାହିନ୍ ସାହା ଆଫ୍ରିଦି ସଫଳ ବୋଲର ଭାବେ ୫୧ ରନ୍ ବିନିମୟରେ ୪ ୱିକେଟ୍ ଏବଂ ନସୀମ ଶାହ ୫୫ ରନ୍ ବିନିମୟରେ ୩ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ପାକିସ୍ତାନ ୪୮.୫ ଓଭରରେ ୫ ୱିକେଟ୍ ହରାଇ ୨୮୪ ରନ୍ ସଂଗ୍ରହ କରି ନେଇଥିଲା। ମହମ୍ମଦ ରିଜୱାନ (୫୩) ଓ ବାବର ଆଜମ (୪୭)ଙ୍କ ପାଳି ପରେ ହାସନ୍ ନୱାଜ (୫୪ ବଲ୍‌ରୁ ୬୩* ରନ୍) ଏବଂ ହୁସେନ୍ ତଲତ (୩୭ ବଲ୍‌ରୁ ୪୧* ରନ୍) ମାତ୍ର ୧୧.୩ ଓଭରରେ ୧୦୪ ରନ୍ ଯୋଡ଼ି ପାକିସ୍ତାନକୁ ୭ ବଲ୍ ପୂର୍ବରୁ ବିଜୟୀ କରାଇଥିଲେ। ନୱାଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଓ ତୃତୀୟ ଦିନିକିଆ ଯଥାକ୍ରମେ ରବିବାର ଓ ମଙ୍ଗଳବାର ସେହି ତରୌବାରେ ଖେଳାଯିବ।

# ୟୁନିଟ୍-୩ ଓ ପୋଖରୀପୁଟ ଡିଏଭି ବିଜୟୀ

**ଭୁବନେଶ୍ୱର, ୧୦।୮ (ସଂଚର ବ୍ୟୁରୋ):** ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏସନ୍ ପକ୍ଷରୁ ୟୁନିଟ୍-୧ କ୍ୟାପିଟାଲ୍ ଫୁଟ୍‌ବଲ୍ ଏକାଡେମି ଗ୍ରାଉଣ୍ଡ୍‌ରେ ଚାଲିଥିବା ୩୪ତମ ଜୟନ୍ତ ମହାପାତ୍ର ସ୍ମାରକୀ ଭୁବନେଶ୍ୱର

### ଜୟନ୍ତ ମହାପାତ୍ର ସ୍ମାରକୀ ସ୍କୁଲ୍ ଫୁଟ୍‌ବଲ୍

ଅନ୍ତଃବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ୟୁନିଟ୍-୩ ସରକାରୀ ହାଇସ୍କୁଲ୍ ଏବଂ ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲ୍ ବିଜୟୀ ହୋଇଛନ୍ତି। ୟୁନିଟ୍-୩ ସରକାରୀ ହାଇସ୍କୁଲ୍ ୧-୦ ଗୋଲ୍‌ରେ ସାଇ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌କୁ ପରାସ୍ତ କରିଥିଲା। ସାଇର





ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ଶନିବାର ଏକମାତ୍ର ଗୋଲ୍‌ଟି ରବି ମାଝୀ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲ୍ ୧୩-୦ରେ କିଟ୍ ଇଣ୍ଟର୍‌ନ୍ୟାସନାଲ୍ ସ୍କୁଲ୍‌କୁ ପରାସ୍ତ କରିଥିଲା। ବୈଭବ ପଟେଲ୍ ଓ ସ୍ୱସ୍ତିକ ଦାସ ପ୍ରତ୍ୟେକ ୩ ଲେଖାଏଁ ଏବଂ ହର୍ଷିତ ମହାପାତ୍ର, ଅପ୍ରମିତ ପ୍ରଧାନ, ଆୟୁଷ ଅଂଶୁମାନ ପ୍ରତ୍ୟେକ ୨ ଲେଖାଏଁ ଗୋଲ୍ ସ୍କୋର୍ କରିଥିଲେ। ଅଙ୍କିତ କର ଗୋଟିଏ ଗୋଲ୍ ଦେଇଥିଲେ। ରବି ମାଝୀଙ୍କୁ କ୍ଲବ୍ ଉପସଭାପତି ଅକ୍ଷୟ ଦାସ ଏବଂ ବୈଭବ ପଟେଲ୍‌ଙ୍କୁ ଫୁଟ୍‌ବଲ୍ ପ୍ରଶିକ୍ଷକ ଆର୍‌କେ ମଣ୍ଡଳ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଚନ୍ଦ୍ରକାନ୍ତ ବାରିକ, ଆରତି ମହାନ୍ତି, ସୁନୀଲ ବେହେରା, ସୁଜିତ ପାତ୍ରୋ, ସେଖାୱତ ଖାନ୍, ଶୋଭାଲିନ୍ ପଣ୍ଡା ଏହି ଦୁଇ ମ୍ୟାଚ୍‌କୁ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗଞ୍ଜାମର...

ସେ ତାଙ୍କ ବକ୍ତବ୍ୟରେ କହିଥିଲେଯେ ଆଜିର ନୂଆ ଓଡ଼ିଶା ଗଠନ ହେବାକୁ ଆହୁରି ୧୧ ବର୍ଷ ବାକି। ୨୦୩୬ ସୁଦ୍ଧା ଆମକୁ ବିକଶିତ ଓଡ଼ିଶା ଗଠନ କରିବାକୁ ପଡ଼ିବ। ଗଞ୍ଜାମ ଜିଲ୍ଲାର ବିକାଶ ହେଲେ ଓଡ଼ିଶାର ବିକାଶ ହେବ ଆଉ ଓଡ଼ିଶାର ବିକାଶ ହେଲେ ବିକଶିତ ଭାରତ ଗଠନ ହୋଇପାରିବ। ଗଞ୍ଜାମ ଜିଲ୍ଲାର ଲୋକେ କାମ କରିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଯୋଜନାବଦ୍ଧ ଭାବେ ଆଗାମୀ ୧୦/୧୫ ବର୍ଷ ମଧ୍ୟରେ ବ୍ୟାବସାୟିକ ଅର୍ଥନୀତିକୁ ମଧ୍ୟ ମଜବୁତ କରିବାକୁ ପଡ଼ିବ। ଗଞ୍ଜାମ ଜିଲ୍ଲା ଅର୍ଥନୀତିରେ ଆକର୍ଷିତ ହୋଇ ଦେଶବିଦେଶରୁ ଏଠାକୁ ଲୋକେ ଆସିବେ। ଗଞ୍ଜାମ ଏହାର ପ୍ରୟୋଗଶାଳା ହେବ। ଆଇଜରରେ ୧୧୦୦ କୋଟି ଟଙ୍କା ବ୍ୟୟ କରି ବିଶ୍ୱସ୍ତରରେ ବୈଜ୍ଞାନିକ ପ୍ରୟୋଗଶାଳାର ଯୋଜନା କେନ୍ଦ୍ର ସରକାର କରିଛନ୍ତି। ଭାରତୀୟ ବିରଳ ମୃତ୍ତିକାରେ ଆଗରୁ ୬ ପ୍ରକାର କ୍ରିଟିକାଲ ମିନେରାଲ ଉତ୍ପାଦିତ ହୋଇ ବିଦେଶକୁ ଯାଉଥିଲା। କିନ୍ତୁ ବର୍ତ୍ତମାନ ଦେଶ ଓ ରାଜ୍ୟ ଭିତରେ କିଭଳି ଉପଯୋଗ ହୋଇପାରିବ, ସେନେଇ ଯୋଜନା କରାଯାଇଛି। ସେମି କଣ୍ଡକ୍ଟର ଓ ଇଲେକ୍ଟ୍ରି ଭେହିକିଲରେ ଉକ୍ତ ମିନେରାଲର ଅବଦାନ ରହିଛି। ଏହାଛଡ଼ା ଲୁଣିପାଣିକୁ ମଧୁର ଜଳରେ ପରିଣତ କରିବାକୁ ଭାବା ଆଟମିକ ରିସର୍ଚ୍ଚ ସେଣ୍ଟର ତରଫରୁ ଆରମ୍ଭ କରାଯାଇ ନିକଟସ୍ଥ ଗ୍ରାମଗୁଡ଼ିକୁ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଲକ୍ଷାଧିକ ଟଙ୍କା ବିନିଯୋଗ କରାଯାଇଛି। ସବୁ ଗରିବଙ୍କ ମୁଣ୍ଡ ଉପରେ ପକ୍କାଘର ଯୋଜନା କାର୍ଯ୍ୟକାରୀ କରାଯାଉଛି। ସାଢ଼େ ୩ କୋଟି ଲୋକଙ୍କୁ ଘରେ ନଳ ଯୋଗେ ଜଳ ଯୋଗାଇ ଦିଆଯାଉଛି। ଆହୁରି ମତ୍ସ୍ୟ ସମ୍ପଦକୁ ବି ପ୍ରାଥମିକତା ଦିଆଯାଇଛି। କୃଷି, ବ୍ୟବସାୟ, ଗୋପାଳନ, ମତ୍ସ୍ୟଚାଷ ଆଦିକୁ ରିହାତି ବ୍ୟବସ୍ଥା କରାଯାଇଛି। ଋଷିକୂଲ୍ୟାର ଜଳକୁ ଚାଷକାର୍ଯ୍ୟରେ ବିନିଯୋଗ କରିବାକୁ ହେବ। ଉକ୍ତ ଅଞ୍ଚଳର ପର୍ଯ୍ୟଟନ, କୃଷିଭିତ୍ତିକ ଉତ୍ପାଦନ, ଶ୍ରମ, ଖଣିଜ ସମ୍ପଦ ଆଦିର ସମ୍ଭାବନା ରହିଛି। ଆମ ସମସ୍ତଙ୍କ ମିଳିତ ସହଯୋଗରେ ଗଞ୍ଜାମର ବିକାଶ ଘଟିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ସେହିପରି ବ୍ରହ୍ମପୁର ସାଂସଦ ଡ ପ୍ରଦୀପ କୁମାର ପାଣିଗ୍ରାହୀ ସମାବେଶରେ ଯୋଗଦେଇ କହିଛନ୍ତି ଯେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଆଇଜରର ଉନ୍ନତି ନିମନ୍ତେ ସରକାର ସହଯୋଗର ହାତ ବଢ଼ାଇ ଅନୁଦାନ ଦେଇଛନ୍ତି। ଭାରତୀୟ ବିରଳ ମୃତ୍ତିକାକୁ ଭାରତବର୍ଷରେ ଶ୍ରେଷ୍ଠ କରିବା ସହ ଗଞ୍ଜାମ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହଯୋଗ ଦେଉଛନ୍ତି। ଗରିବ କଲ୍ୟାଣ ନିମନ୍ତେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି।

ଅନ୍ୟପଟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଜିଲ୍ଲାରେ ଶିଳ୍ପର ବିକାଶ ହୋଇଛି। ଶିଳ୍ପର ବିକାଶ ହେଲେ ଜିଲ୍ଲାର ବିକାଶ ହେବ ବୋଲି କହିଥିଲେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ। ସମାବେଶରେ ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣୀ ବିଷୋୟୀ, ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଜିଲ୍ଲାର ସୁଭଦ୍ରା ଯୋଜନା, ପେନସନ ଯୋଜନା, ରାସନ କାର୍ଡ, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ଆୟୁଷ୍ମାନ ଯୋଜନା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା, ମିଶନ୍ କାର୍ଡ ଯୋଜନା ଆଦିର ହିତାଧିକାରୀ, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ନାରାୟଣ ମହାରଣା ଓ ସୁକାନ୍ତ ବେହେରାଙ୍କୁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ପ୍ରମାଣପତ୍ର, ଛତ୍ରପୁର ବ୍ଲକ୍‌ର ସିଏଚ୍ ଆଦିଆମ୍ମା, ରେଖୀ ଦାସ, ଲକ୍ଷ୍ମଣ ବେହେରାଙ୍କୁ ଭତ୍ତା, ଛତ୍ରପୁର ବ୍ଲକ୍‌ର ପଞ୍ଚିକାମନା, କବିତା ସ୍ୱାଇଁ, ଜୟନ୍ତୀ ପ୍ରଧାନଙ୍କୁ ରାସନ୍ କାର୍ଡ, ସୀମାଞ୍ଚଳ ବେହେରା, ଉମାକାନ୍ତ ବେହେରାଙ୍କୁ ଆୟୁଷ୍ମାନ କାର୍ଡ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଏସ୍. ରେଣାବାବୁ ରେଡ୍ଡୀ, ଡି. ମହେଶ ଏବଂ ଗଞ୍ଜାମ ବ୍ଲକ୍‌ର କେ. ଭାରତୀ ରେଡ୍ଡୀ, ଶିବାନୀ ସାହୁ ଓ ସୋନାଲୀ ମହାନ୍ତିଙ୍କୁ ମିଶନ୍ କାର୍ଡ ବଣ୍ଟନ କରାଯାଇଥିଲା। ପ୍ରାରମ୍ଭରେ ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ହାତପାହାନ୍ତାରେ...

୯୦୦ କୋଟି ଟଙ୍କାର ଚିକିତ୍ସା ସୁବିଧା ଦିଆଯାଇଛି। ସେହିପରି ଧନୀ, ଗରିବ ନିର୍ବିଶେଷରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ୮୬୪୪ ହିତାଧିକାରୀଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୩୫ କୋଟି ୬୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ବି ଦିଆଯାଇଛି। ନିରନ୍ତର ବିକାଶ ଧାରାରେ ଆଜି କୋରାପୁଟ ଜିଲ୍ଲା ମଧ୍ୟ ସାମିଲ ହୋଇଛି। ଏବେ ରାଜ୍ୟର ଅନ୍ୟ ଅଞ୍ଚଳ ସହ କୋରାପୁଟବାସୀ ବି ଦେଶର ବଡ଼ ବଡ଼ ସହରରେ ଥିବା ପ୍ରାୟ ୨୯ ହଜାରରୁ ଊର୍ଦ୍ଧ୍ୱ ତାଲିକାଭୁକ୍ତ ଘରୋଇ ହସ୍ପିଟାଲରେ ମାଗଣା ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି। କୋରାପୁଟ ଜିଲ୍ଲାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ ଏପର୍ଯ୍ୟନ୍ତ ୩ ଲକ୍ଷ ୫୪୭ ଟି କାର୍ଡ ବଣ୍ଟନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ମାତ୍ର ବର୍ଷକ ମଧ୍ୟରେ ସରକାରରେ ଅନେକ କିଛି କାର୍ଯ୍ୟ କରିଛନ୍ତି। ଆଗାମୀ ଦିନରେ ଏହି କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ। ଆମ ସରକାର ହେଉଛି ଲୋକଙ୍କ ସରକାର। ଆଗାମୀ ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ ସହ ୨୦୪୭ ବେଳକୁ ବିକଶିତ ଭାରତ ଗଠନରେ ଓଡ଼ିଶାକୁ ଅଗ୍ରଣୀ ସ୍ଥାନରେ ପହଞ୍ଚାଇବା ପାଇଁ ଆମ ସରକାର ଅହରହ ପ୍ରଚେଷ୍ଟା ଜାରି ରଖିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ଶିଳ୍ପ, ନୂଆ ରୋଜଗାର ସୁବିଧା ସୃଷ୍ଟି, ନିରନ୍ତର ଆର୍ଥିକ ବିକାଶ ଆଦି କ୍ଷେତ୍ରରେ ସାରା ଓଡ଼ିଶାରେ ନୂଆ ଯୁଗର ଆରମ୍ଭ ହୋଇଛି। ଏସବୁଥିରେ କୋରାପୁଟ ଜିଲ୍ଲାକୁ ମଧ୍ୟ ସାମିଲ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ତଥା ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଛନ୍ତି ଯେ କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ସେବା ବିକାଶ ଇତିହାସରେ ଆଜି ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ମଞ୍ଚାସୀନ ଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ ସ୍ୱାଗତ ଭାଷଣଦେଇଥିବା ବେଳେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଧନ୍ୟବାଦ ଦେଇଥିଲେ।

### ରାଜଧାନୀ...

ଦଖଲ କରିଥିବା ବେଳେ ବିଜେଡି ମାତ୍ର ଗୋଟିଏ ଆସନ ପାଇଛି। ଏମିତିବି ରାଜର ୭ ଜିଲ୍ଲାରେ ବିଜେଡି ଖାତା ଖୋଲିନି। ତେଣୁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ନେତା ଓ ମନ୍ତ୍ରୀମାନେ ଗ୍ରାଉଣ୍ଡରେ ବୁଲୁଥିବା ବେଳେ ଦିଶାହୀନ ବିଜେଡି କେବଳ ରାଜଧାନୀ ରାଜନୀତିରେ ମାତିଛି।

### ପୁରୁଷ...

ପ୍ରମୋଦ ଲଗାତାର ଭିଡିଓ ପଠାଇ ବ୍ଲାକ୍‌ମେଲ୍ କରୁଥିବାରୁ ଏଥିରେ ଅତିଷ୍ଠ ହୋଇ ତାଙ୍କ ଝିଅ ଆତ୍ମାହୁତି ଦେଇଛି ବୋଲି ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପ୍ରମୋଦ ଓ ଛାତ୍ରୀଙ୍କ ମୋବାଇଲ ଯାଞ୍ଚ ହେବା ପରେ ପ୍ରମୋଦଙ୍କ ମୋବାଇଲ୍‌ରୁ ଛାତ୍ରୀଙ୍କ ମୋବାଇଲ୍‌କୁ ୬୦ରୁ ଅଧିକ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ପଠାଯାଇଥିବା ଜଣାପଡ଼ିଛି। ଗତ ୧୭ ତାରିଖରେ ଛାତ୍ରୀଙ୍କ ବାପାଙ୍କ ମୋବାଇଲକୁ ବି ମଧ୍ୟ ଏକ ଫଟୋ ଆସିଛି। ଆହୁରି କାଠିଆପଡ଼ା ଗ୍ରାମର କେତେକ ବ୍ୟକ୍ତିଙ୍କ ମୋବାଇଲ୍‌କୁ ମଧ୍ୟ ଏହିସବୁ ଫଟୋ ଓ ଭିଡିଓ ପଠାଯାଇଛି। ଯେଉଁମାନେ ବି ଏଥିରେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭିଡିଓ ପଠାଯାଇଥିବା ପ୍ରମାଣ ମିଳିବା ପରେ ପ୍ରମୋଦଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି ଶ୍ରୀ କଛାରିଆ କହିଛନ୍ତି।

### ସନ୍ଦେହ...

ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିନାହିଁ, ତାହାର ଖୋଳତାଡ଼ ହେବା ଜରୁରୀ ହୋଇପଡ଼ିଛି। ଅନ୍ୟପକ୍ଷରେ ଏହି ମାମଲାରେ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କେତେଦୂର ସତ କହୁଛନ୍ତି, ତା'ର ମଧ୍ୟ ତର୍ଜମା ହେବା ଜରୁରୀ। ସୂଚନାଯୋଗ୍ୟ ଯେ ଉତ୍କଳ ବିଶ୍ୱବିଦ୍ୟାଳୟର ଆଇନ ମହାବିଦ୍ୟାଳୟରେ ଏବେ ଅଧ୍ୟକ୍ଷ ଡକ୍ଟର ଜ୍ଞାନେନ୍ଦ୍ର କୁମାର ସାହୁ ସହକାରୀ ପ୍ରଫେସର ହୋଇଥିବା ବେଳେ ତାଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ଏପରି ସ୍ଥିତିରେ ସେ କିପରି ଭାବେ ଇଣ୍ଟରଭ୍ୟୁ ବୋର୍ଡରେ ବସିବା ସହ ଅତିଥି ଅଧ୍ୟାପକ ଚୟନ କ୍ଷେତ୍ରରେ ନିଷ୍ପତ୍ତି ନେଉଛନ୍ତି, ତାହା ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏପରି ସ୍ଥିତିରେ ଏହି ମାମଲା ତଦନ୍ତ ପାଇଁ ଏବେ ଦାବି ହେଉଛି।

### ସମୁଦ୍ରରେ...

ଗୁରୁତର ହେବାରୁ ତାଙ୍କୁ ପୁରୀ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସମ୍ପର୍କରେ ଖବର ପାଇ ଉକ୍ତ ତିନି ଯୁବକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିବା ବେଳେ ପୁଲିସ ଏହି ମାମଲାରେ ତଦନ୍ତ ଆରମ୍ଭ କରିଛି।

### ଅଙ୍ଗନବାଡ଼ି...

ତେଣୁ ଇଲେକ୍ଟ୍ରି କରେଣ୍ଟ ଲାଗି ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଖବର ପାଇ ଯୋଡ଼ା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚଳାଇଛି।

### ଭୁବନେଶ୍ୱରରେ...

ଷ୍ଟାଡିୟମରେ ବିଶ୍ୱ ଆଥଲେଟିକ କଣ୍ଟିନେଟଲ ଟୁର ବ୍ରୋଞ୍ଜ ପ୍ରତିଯୋଗିତା ଆୟୋଜନ କରିବା ଆମ ପାଇଁ ଗୌରବର କଥା। କଳିଙ୍ଗ ଷ୍ଟାଡିୟମରେ ଦୁଇ ଦୁଇ ଥର ହକି ବିଶ୍ୱକପ ସଫଳତାର ସହ ଆୟୋଜନ କରିଛୁ। ରାଜ୍ୟରେ କ୍ରୀଡ଼ାର ଭିତ୍ତିଭୂମିକୁ ଅଧିକ ମଜଭୁତ କରିବାକୁ ଆମେ ସଂକଳ୍ପବଦ୍ଧ। ବିଶ୍ୱ ଅଥଲେଟିକ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ ପ୍ରତିଯୋଗିତା ପରେ ସ୍ୱର୍ଣ୍ଣ ପ୍ରତିଯୋଗିତା ଆୟୋଜନ କରିବାକୁ ଆମକୁ ସୁଯୋଗ ମିଳିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ଆଜି ଏଠାରେ ଉଦ୍‌ଘାଟିତ ଟୁର୍ ବ୍ରୋଞ୍ଜ୍ ପ୍ରତିଯୋଗିତାର ଆୟୋଜନ ମିଳିତ ଭାବେ ଆଥଲେଟିକ୍ସ ଫେଡେରେସନ ଅଫ ଇଣ୍ଡିଆ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ କରୁଛନ୍ତି। ଏଥିରେ ୧୯ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପ୍ରାୟ ୧୭ଟି ଦେଶରୁ ୧୬୦ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ଏଥିରେ ଭାରତର ୯୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ରହିଛନ୍ତି, ସେମାନଙ୍କ ମଧ୍ୟରେ ଓଡ଼ିଶାର ଅନିମେଶ କୁଜୁର, ଶ୍ରାବଣୀ ନନ୍ଦ, ଲାଲୁପ୍ରସାଦ ଭୋଇ, ପ୍ରଜ୍ଞାନ ସାହୁ ପ୍ରମୁଖ। ସୂଚନାଯୋଗ୍ୟ ଯେ ପ୍ରଥମ ଥର ପାଇଁ ଭାରତରେ ଏପରି ଏକ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି, ଯାହାର ସଫଳ ଆୟୋଜନରେ ଓଡ଼ିଶା ସକ୍ଷମ ହୋଇଛି।

### ଜଳ ଜୀବନ ମିଶନ

## କେନ୍ଦ୍ରରୁ ମିଳୁନି ଅର୍ଥ

Har Ghar Jal
Jal Jeevan Mission

**ଭୁବନେଶ୍ୱର, ୧୦।୮:** ଜଳ ଜୀବନ ମିଶନ ଯୋଜନାରେ କେନ୍ଦ୍ର ସରକାର ମଞ୍ଜୁର ଅର୍ଥ ପ୍ରଦାନ କରୁନଥିବାରୁ ରାଜ୍ୟରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଧିମେଇ ଗଲାଣି। କେନ୍ଦ୍ରୀୟ ଟିମ୍ ଓଡ଼ିଶାରେ କରିଥିବା ତଦନ୍ତରୁ ସେଭଳି କୌଣସି ଅନିୟମିତତା ପାଇନଥିଲେ ମଧ୍ୟ ବିନା ଦୋଷରେ ଅର୍ଥ ମଞ୍ଜୁର କରୁନଥିବା ଜଣାଯାଇଛି। ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଜଳ ଜୀବନ ମିଶନରେ ଓଡ଼ିଶା ପାଇଁ ୭୦୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ହେଲେ ଆର୍ଥିକ ବର୍ଷ ସାଢ଼େ ଚାରି ବର୍ଷ ବିତିବାକୁ ଯାଉଥିବାବେଳେ ବରାଦ ଅର୍ଥ ରାଜ୍ୟକୁ ମିଳିପାରୁ ନାହିଁ। ଫଳରେ ପ୍ରତ୍ୟେକ ପରିବାରକୁ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟଜଳ ଯୋଗାଣ ପାଇଁ ରାଜ୍ୟ ସରକାର ଯେଉଁସବୁ ସଂସ୍ଥା ସହିତ ରାଜିନାମା କରିଥିଲେ ସେମାନଙ୍କୁ ଅର୍ଥ ପ୍ରଦାନ କରିପାରୁ ନାହାନ୍ତି। ଏଥିଯୋଗୁଁ ପାନୀୟଜଳ ଯୋଗାଣର ଲକ୍ଷ୍ୟ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବାଭଳି ହୋଇଛି। ସୂଚନାନୁଯାୟୀ କେନ୍ଦ୍ର ସରକାର ଜଳ ଜୀବନ ମିଶନରେ ଯୋଗାଇଥିବା ଅର୍ଥ ରାଜ୍ୟଗୁଡ଼ିକରେ କିଭଳି ବିନିଯୋଗ ହୋଇଛି ତାହାର ସରଜମିନ ତଦନ୍ତ କରିଥିଲେ। ଏଥିପାଇଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଅଧିନରେ ଥିବା ପାନୀୟଜଳ ଓ ପରିମଳ ବିଭାଗର ଗୋଟିଏ ଟିମ୍ ରାଜ୍ୟ ଗସ୍ତରେ ଆସି ଯୋଜନାର କାର୍ଯ୍ୟକାରିତା ପରଖିଥିଲେ। ହେଲେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶାରେ ସେଭଳି କୌଣସି ଅନିୟମିତତା ହୋଇଥିବା ଟିମ୍ ନଜରକୁ ଆସିନାହିଁ। ଅନ୍ୟ ରାଜ୍ୟରେ ପୁଳା ପୁଳା ଅନିୟମିତତା ଧରାପଡ଼ିଥିବାବେଳେ ଓଡ଼ିଶାରେ ପ୍ରକଳ୍ପର କାର୍ଯ୍ୟକାରିତା ସନ୍ତୋଷଜନକ ରହିଛି। ଏହା ସତ୍ତ୍ୱେ ବି ଓଡ଼ିଶା ପାଇଁ ବରାଦ ଅର୍ଥ ମିଳିପାରୁନାହିଁ। ଉଲ୍ଲେଖନୀୟ ଯେ ଜଳ ଜୀବନ ମିଶନରେ କେନ୍ଦ୍ର ସରକାର କେନ୍ଦ୍ରଶାସିତ ଅଞ୍ଚଳ, ଯେଉଁଠାରେ ବିଧାନସଭା ନାହିଁ, ତାହାକୁ ଶତ ପ୍ରତିଶତ ଅନୁଦାନ ପ୍ରଦାନ କରୁଥିବାବେଳେ ପୂର୍ବୋତ୍ତର ରାଜ୍ୟ, ହିମାଳୟ ଅଞ୍ଚଳ ସମେତ ବିଧାନସଭା ଥିବା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୯୦ ପ୍ରତିଶତ ଅଂଶଧନ ଯୋଗାଇ ଦେଇଥାନ୍ତି। ଦେଶର ଅବଶିଷ୍ଟ ରାଜ୍ୟଗୁଡ଼ିକ ୫୦ ପ୍ରତିଶତ ଅଂଶ ପାଇଥାନ୍ତି। ଓଡ଼ିଶାରେ ୮୮ଲକ୍ଷ ୬୬ହଜାର ପରିବାରକୁ ଜଳ ଜୀବନ ମିଶନରେ ସ୍ୱଚ୍ଛ ପାନୀୟଜଳ ଯୋଗାଣ ପାଇଁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ସୁଦ୍ଧା ୬୮ଲକ୍ଷରୁ ଅଧିକ ପରିବାରକୁ ପାନୀୟଜଳ ସଂଯୋଗ ହୋଇଥିବାବେଳେ ଏବେ ବି ୨୦ଲକ୍ଷରୁ ଅଧିକ ପରିବାର ପାନୀୟଜଳ ସଂଯୋଗ ଅପେକ୍ଷାରେ ରହିଛନ୍ତି। ଏମାନଙ୍କୁ ପାନୀୟଜଳ ସଂଯୋଗ ପାଇଁ ଧାର୍ଯ୍ୟ ଲକ୍ଷ୍ୟର ସୀମାକୁ ସରକାର ବାରମ୍ବାର ବୃଦ୍ଧି କରୁଛନ୍ତି। ବହୁ ସଂଖ୍ୟକ ମେଗା ପାନୀୟଜଳ ପ୍ରକଳ୍ପ ଅଧାପନ୍ତରିଆ ସ୍ଥିତିରେ ରହିଛି। ଏହିସବୁ ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଥିବା ସଂସ୍ଥାକୁ ଠିକଣା ସମୟରେ ଅର୍ଥ ପ୍ରଦାନ ଜରୁରୀ ହୋଇ ପଡ଼ିଥିବାବେଳେ କେନ୍ଦ୍ରର ଅର୍ଥ ପ୍ରଦାନରେ ଅହେତୁକ ବିଳମ୍ବ ଏବେ ଏ କ୍ଷେତ୍ରରେ କଣ୍ଟା ସାଜିଛି। କେନ୍ଦ୍ର ସରକାର ଯଦି ତୁରନ୍ତ ଏହି ଯୋଜନାରେ ଅର୍ଥ ପ୍ରଦାନ ନକରନ୍ତି ତେବେ ଅନେକ ପ୍ରକଳ୍ପର କାର୍ଯ୍ୟ ଠପ୍ ହୋଇଯିବ ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ପାନୀୟଜଳ ଯୋଗାଇବା ସମ୍ଭବପର ହେବନାହିଁ। ଉଲ୍ଲେଖନୀୟ ଯେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏହି କେନ୍ଦ୍ରୀୟ ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରୁଥିବାବେଳେ କେନ୍ଦ୍ରରୁ ଅର୍ଥ ନମିଳିବା ବିଭାଗ ପାଇଁ ବଡ଼ ଆହ୍ୱାନ ହୋଇଛି। (ତଥ୍ୟ)

# ବେଉଷଣ ବେଳେ ସାର କଳାବଜାରୀ

**କାକଟପୁର/ଅସ୍ତରଙ୍ଗ,୧୦।୮ (ସଂଚାର ବ୍ୟୁରୋ):** ଧାନ ଚାଷରେ ତର ତର ଚାଷୀ। ଜୋରସୋରରେ ଚାଲିଛି ରୁଆ, ବେଉଷଣା। ଚାଷୀ ଏବେ ଡିଏପି ଓ ପଟାସ ସାର ଲୋଡୁଥିବା ବେଳେ ସରକାରୀ ସ୍ତରରେ କିନ୍ତୁ ନିଅଣ୍ଟିଆ ସ୍ଥିତି। ପ୍ୟାକ୍ସରେ ମିଳୁନି ସାର। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ବିଭିନ୍ନ ଗ୍ରାମରେ ବାହାର ବଜାର ରୁ ଚଢ଼ା ଦରରେ କିଣି ଆର୍ଥିକ ଶୋଷଣରେ ଶିକାର ହେଉଛି ଚାଷୀ। ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସାର ଯୋଗାଣ ରେ ସରକାରୀ ବିଫଳତାର ଜୋରଦାର ଫାଇଦା ଉଠାଇ ଚାଲିଛନ୍ତି ଲାଭଖୋର ବ୍ୟବସାୟୀ। କିଏ ବସ୍ତା ପିଛା ୨ଶହ ତ ଆଉ କିଏ ୫ଶହ ଟଙ୍କା ପର୍ଯ୍ୟନ୍ତ କଷି ଚାଲିଛି। ଧାନ ଚାଷ ପାଇଁ ସାର ଏବେ ନିତାନ୍ତ ଆବଶ୍ୟକ ଥିବାରୁ ଚାଷୀ ମୁଣ୍ଡ କାନ ଆଉଁସି ଚଢ଼ା ଦରରେ ସତ୍ତ୍ୱେ କିଣିବାକୁ ବାଧ ହେଉଛି।

**ବଜାରରେ ଯାହାକୁ ଯେତେ, ଚଢ଼ା ଦରରେ ବିକ୍ରି**

**ଟାର୍ଗେଟରେ ଅଧା ସାର ବି ନାହିଁ ପ୍ୟାକ୍ସରେ**



ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ୬ହଜାର ୧ଶହ ୮୩ ହେକ୍ଟର ଜମିରେ ଖରିଫ ଧାନ ଚାଷ ହେଉଛି। ଚଳିତ ବର୍ଷ ମୌସୁମୀ ବର୍ଷା ଅନିୟମିତତା ମିତତା ଫଳରେ ଚାଷୀ ନିରାଶ ଥିବା ବେଳେ ବର୍ଷା ସେତେ ପରିମାଣ ନଥିବାରୁ ଖୁସି ନାହିଁ। କିନ୍ତୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଚାଷୀ କଷ୍ଟେ ମଷ୍ଟେ ୭୦ପ୍ରତିଶତ ବେଉଷଣ ସାରିଲାଣି। ଏବେ ଚାଷୀ ଡିଏପି ଓ ପଟାସ ସାର ଆବଶ୍ୟକ କରୁଥିବା ବେଳେ ସରକାରୀ ସ୍ତରରେ କିନ୍ତୁ ଯୋଗାଇ ଦେବାରେ ବିଫଳ ହୋଇଛନ୍ତି। ଅସ୍ତରଙ୍ଗ ବ୍ଲକ ଆଳଙ୍ଗପୁର, ଆଳସାହି, ନଗର, ନୂଆଗଡ, ପୋଟଳ ଛକ, ନଈଗୁଆଁ, ସରିପୁର, କେନ୍ଦ୍ରାପଟି, ମାଣ୍ଡୁକି ସବୁଠି ଲାଭ ଖୋର ବ୍ୟବସାୟୀ ଚଢ଼ା ଦରରେ ସାର ବିକ୍ରି କରୁଛନ୍ତି। ଏମିତିକି ଅସ୍ତରଙ୍ଗ ଅଂଚଳରେ ଥିବା ଅନେକ ପ୍ୟାକ୍ସ ରେ ଆଦୌ ସାର ନାହିଁ। ଫଳରେ ଚଢ଼ା ଦର ସତ୍ତ୍ୱେ ଚାଷୀ ବାହାର ବଜାରରୁ କିଣୁଛନ୍ତି।

ସରକାରୀ ସ୍ତରରେ ସାର ମିଳୁନଥିବାରୁ ଏହାର ଭରପୂର ଫାଇଦା ଉଠାଉଛନ୍ତି ଡିଲର ଓ ଚୋରା ସାର ବ୍ୟବସାୟୀ। ଜଗିବାକୁ କି କହିବାକୁ କେହି ନଥିବାରୁ ମନଇଚ୍ଛା ଦର କଷୁଛନ୍ତି ବ୍ୟବସାୟୀ। ଅସ୍ତରଙ୍ଗ ବ୍ଲକ ନୂଆଗଡ ପଂଚାୟତ ଶରତ ସାହୁ କହିଛନ୍ତି ପ୍ୟାକ୍ସ କୁ ବାରମ୍ବାର ଗଲି ସାର ନାହିଁ। ସାର ନ ମିଳିବାରୁ ବାଧ ହୋଇ ବଜାରରୁ ଦେଢ଼ ଗୁଣ ଅଧିକ ଦରରେ କିଣିଲି ବୋଲି କହିଛନ୍ତି। ଏ ନେଇ ଅସ୍ତରଙ୍ଗବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତା କହିଛନ୍ତି ଯଦି କେଉଁଠି କିଏ ଚଢ଼ା ଦରରେ ସାର ବିକ୍ରି କରୁଥାଏ, ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



## ଧୁମ୍‌ଧାମ୍‌ରେ ପ୍ରଥମ ପାଳି ଖୁଦୁରୁକୁଣୀ ଓଷା ପାଳିତ

● ଗାଁ ଗାଁରେ ଭକ୍ତିମୟ ପରିବେଶ

**କାକଟପୁର/ଅସ୍ତରଙ୍ଗ,୧୦।୮ (ସଂଚାର ବ୍ୟୁରୋ):** ବନ୍ଦଇ ଦେବ ଜଗନ୍ନାଥ, କମଳା ଦେବୀଙ୍କ ସଙ୍ଗାତ। ଲକ୍ଷ୍ମୀ ଦେବୀଙ୍କ ପ୍ରାଣ ନାହା, ଶୋଭିତ ଶଙ୍ଖଚକ୍ର ବାହା'। ରବିବାର ସଂଧ୍ୟା ହେଉ ହେଉ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ପ୍ରତିଟି ଗାଁ ସାହି ସାହିରେ, ଗାଁ ଗାଁ ରେ, ଗଳିକନ୍ଦିରୁ ଭାସି ଆସୁଥିଲା ଏହି ପୁରାଣ। ଭାଦ୍ରବ ମାସ(ଅଗଷ୍ଟ-ସେପ୍ଟମ୍ବର) ଆସିଲେ ଏହି ଦୁଇ ପଦକୁ କୁଆଁରୀମାନେ ଗୁଣୁଗୁଣାଉଥିବା ଶୁଣାଯାଏ। ଆଉ ଏଇ ମାସର ପ୍ରତି ରବିବାର ସନ୍ଧ୍ୟାରେ ଉପକୂଳ ଓଡ଼ିଶା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଘରେ ଘରେ ଏକ ଆଧାତ୍ମିକ ପରିବେଶରେ ଏହି ଗୀତକୁ ଝିଅ, ବୋହୂମାନେ ଗାଆନ୍ତି। ଅବସର ଥାଏ 'ଖୁଦୁରୁକୁଣୀ ଓଷା' ବା 'ଭାଲୁକୁଣୀ ଓଷା'। ଭାଇମାନଙ୍କ ଶୁଭ ମନାସି କରାଯାଉଥିବା ଏହି ଓଷାଟି ଓଡ଼ିଆ ଘରର ଗ୍ରାମ୍ୟ ପରମ୍ପରା ଓ ସଂସ୍କୃତି ସହ ଜଡ଼ିତ ହୋଇଛି। ଏବେ ବି ଗାଁ ଗହଳିରେ ଜାକଜମକରେ ପାଳନ କରାଯାଉଛି ଏହି ପର୍ବ। ଯେଉଁ ଘରେ ଝିଅଟିଏ ଅଛି, ସେ ଘରେ ଖୁଦୁରୁକୁଣୀ ଓଷା ପାଳନ କରାଯାଉଥିବା ଲକ୍ଷ୍ୟ କରାଯାଉଛି। ସନ୍ଧ୍ୟାରେ ମା'ଙ୍କ ମୂର୍ତ୍ତି ନିକଟରେ ତଅପୋଇଙ୍କ କାହାଣୀ ଓ ମା' ମଙ୍ଗଳାଙ୍କ ମହିମା ଉପରେ ପର୍ଯ୍ୟବେକ୍ଷିତ ପୁରାଣ ବହି ପଢ଼ି ପୂଜାର୍ଚ୍ଚନା କରାଯାଇଥିଲା।

## ଡାହାଣୀଖିଆ ସେତୁ ନିକଟରୁ ନମ୍ବର ବିହୀନ ସ୍କୁଟି ଉଦ୍ଧାର



**ନାଉଗାଁ,୧୦।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଗାରୋଇ ଫାଣ୍ଡି ଅଧିନ ଡାହାଣିଖିଆ ସେତୁ ନିକଟରୁ ଏକ ନମ୍ବର ବିହିନ ହୁଣ୍ଡା ଆକ୍ଟିଭା ସ୍କୁଟିକୁ ଗାରୋଇ ଫାଣ୍ଡି ପକ୍ଷରୁ ଉଦ୍ଧାର କରାଯାଇଛି। ଗାଡିରେ ନମ୍ବର ପ୍ଲେଟ ନ ଥିବା ହେତୁ ଗାଡିର ସଠିକ୍ ତଥ୍ୟ ମିଳିପାରି ନଥିବା ବେଳେ ଗାଡିର ଚେସିସ୍ ନମ୍ବରରୁ ଉମେଶ ଚନ୍ଦ୍ର ପରିଡ଼ାଙ୍କ ନାମରେ ଗାଡି ରହିଥିବା ବେଳେ ୨୦୨୪ ଡିସେମ୍ବର ମାସରେ ହାଇଦ୍ରାବାଦ ତେଲଙ୍ଗାନାରୁ ଗାଡିଟି କିଣାଯାଇଥିବା ଜଣାଯାଇଛି। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ ଗାଡିଟି ଉକ୍ତ ସେତୁ ନିକଟ ରାସ୍ତା କଡରେ ପଡ଼ି ରହିଥିଲା। କେହି ଗାଡିଟିକୁ ନ ନେବାରୁ ଲୋକମାନେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗାଡିଟିକୁ ଉଦ୍ଧାର କରିଥିବା ଜଣାଯାଇଛି।

ଅନ୍ୟପଟରେ ଗାଡି ଚୋରି ଯାଇଥିବା ସଂକ୍ରାନ୍ତରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଧିନ ତାଳଦା ଗ୍ରାମର ମନୋରଞ୍ଜନ ପରିଡ଼ା ଗତ ୭ ତାରିଖରେ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଦୋକାନ ନିକଟରେ ରାତି ୧୧ଟା ସମୟରେ ରଖି ଥିବା ବେଳେ ସ୍କୁଟି ଗାଡିକୁ କିଏ ନେଇ ଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଗାଡି ଉଦ୍ଧାର ପରେ ମନୋରଞ୍ଜନ ଖବର ପାଇ ଗାରୋଇ ଫାଣ୍ଡିକୁ ଆସି ଗାଡିକୁ ଚିହ୍ନଟ କରିଥିଲେ। କିନ୍ତୁ ଗାଡିର ଆବଶ୍ୟକୀୟ କାଗଜପତ୍ର ଦେଖାଇ ପାରି ନଥିବାରୁ ଫାଣ୍ଡି ଏଏସଆଇ ପ୍ରଶାନ୍ତ କୁମାର ପ୍ରଧାନ ଗାଡିଟିକୁ ଦେଇ ନଥିବା ମତବ୍ୟକ୍ତ କରିଛନ୍ତି।

## 'ସ୍ମାଇଲ' ପକ୍ଷରୁ ଚାରାରୋପଣ

## ଶ୍ମଶାନରେ ଲାଗିଲା 'ମା ପାଇଁ ଗଛଟିଏ'



**ନୟାଗଡ଼,୧୦।୮ (ସଂଚାର ବ୍ୟୁରୋ):** ନୟାଗଡ଼ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ମାଇଲ ନୟାଗଡ଼ ପକ୍ଷରୁ ପବିତ୍ର ଗହ୍ମା ପୂର୍ଣ୍ଣିମା ଅବସରରେ ବୃକ୍ଷରୋପଣ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଆଦର୍ଶ ଶ୍ମଶାନଠାରେ ସ୍ମାଇଲ ନୟାଗଡ଼ ଅଧକ୍ଷ ରବୀନ୍ଦ୍ର କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧରେ ସିଭିଲ ସୋସାଇଟ୍ ପକ୍ଷରୁ ଗୋଦାବରିଶ୍ ସାହୁ, ସାମ୍ବାଦିକ ଭବନ ସଭାପତି ବୈଦ୍ୟ ଭୂଷଣ ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ଅନୀଲ କୁମାର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ । ଶ୍ମଶାନ ପରିସରରେ ଅଁଳା, ଲିମ୍ବ ଓ ଅନ୍ୟାନ ଫଳ ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କାଉନସିଲର କିଷାନ୍ ଦାଶ, ବିଜୟ ପଟ୍ଟନାୟକ, ବିଶ୍ୱଜିତ ନାୟକ, ନିହରା ରଞ୍ଜନ ପଟ୍ଟନାୟକ, ସୂର୍ଯ୍ୟପ୍ରସାଦ ଦାଶ, ନାଗଭୂଷଣ ଦାଶ ପ୍ରମୁଖ ସାମିଲ ହୋଇଥିଲେ ।

## ଓକିଲ ସଂଘ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା




**ବ୍ରହ୍ମପୁର,୧୦।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଓକିଲ ସଂଘ ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨୭ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭର ୧୫ ମିନଟ ପୂର୍ବରୁ "ସ୍ୱାଧୀନତା ଦିବସ ଓ ମୋ ଅନୁଭୂତି " ବିଷୟ ନେଇ ଭାଗ ନେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସୂଚନା ଦିଆଯାଇଥିଲା। ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ କିମ୍ବା ଓଡ଼ିଆରେ ବକ୍ତୃତା ଦେବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ଏଥିରେ ୨ଟି ଇଂରାଜୀ ବିଦ୍ୟାଳୟକୁ ଛାଡି ଅନ୍ୟ ସମସ୍ତ ଓଡିଆ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ। ଆସନ୍ତା ୧୫ ତାରିଖ ସ୍ୱାଧୀନତା ଦିବସ ଅବସରରେ ଗଞ୍ଜାମ ଓକିଲ ସଂଘର ସମ୍ମିଳନୀ କକ୍ଷରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର ସହ ଭାଗ ନେଇଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ବିଚାରପତି ଭାବେ ସଂଘର ସଭାପତି ମନୋଜ ପଟ୍ଟନାୟକ ରହିଥିବା ବେଳେ ଉପସଭାପତି ଡୀର୍ମୁଲ କୁମାର ରେଡ୍ଡୀ ଏବଂ ସଂଘର ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଲଖଣ ମୁର୍ତ୍ତୀ ଓ ଶ୍ରୀନିବାସ ଦାସ ସହଯୋଗ କରିଥିଲେ।

## ସାର୍ବଜନୀନ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ: ଚୁଲି ଚାନ୍ଦାକୁ ଗୁରୁତ୍ୱ



**ନୟାଗଡ଼,୧୦।୮ (ସଂଚାର ବ୍ୟୁରୋ):** ନୟାଗଡ଼ ସହରରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ପୌରଧକ୍ଷା ନିରୁପମା ଖଟେଇ, ପୌର ଉପାଧକ୍ଷ ଗୁରୁପ୍ରସାଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏ ବର୍ଷ କିପରି ଭଲ ଭାବରେ ସାର୍ବ ଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହେବ ସେଥି ନିମନ୍ତେ ଆଲୋଚନା କରାଯାଇଥିଲା। ସାର୍ବଜନୀନ ଦୁର୍ଗା ପୂଜା କମିଟିର ସମ୍ପାଦକ ସୁମନ କୁମାର ସାହୁ ବିଗତ ବର୍ଷରେ ୪ ଲକ୍ଷ ୮୫ ହଜାର ଟଙ୍କା ଆୟ କରାଯାଇଥିବା ବେଳେ ୪ ଲକ୍ଷ ୯୫ ହଜାର ୮ ଶହ ଟଙ୍କା ବ୍ୟୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏବର୍ଷ ପୂଜା ପାଇଁ ୫ ଲକ୍ଷ ୫୦ ହଜାର ଟଙ୍କାର ଆବଶ୍ୟକତା ନିମନ୍ତେ ଆଲୋଚନା କରାଯାଇଥିଲା । ନୟାଗଡ଼ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚୁଲି ଚାନ୍ଦାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ କାଉନସିଲରଙ୍କ ତତ୍ତ୍ୱାବଧାନରେ ଚୁଲି ଚାନ୍ଦା ଆଦାୟ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ପୂର୍ବ ବର୍ଷ ଭଳି ଏବର୍ଷ ସମସ୍ତଙ୍କୁ ନିୟମ ମୁତାବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ନୟାଗଡ଼ ସହରର ସର୍ବ ପୁରାତନ ପୂଜା ଅନୁଷ୍ଠାନ ହେଉଛି ସାର୍ବଜନୀନ ଦୁର୍ଗାପୂଜା କମିଟି। ବିଗତ ୬୪ ବର୍ଷ ତଳେ ତତକାଳୀନ ପ୍ରଶାସନିକ ଅଧିକାରୀ ଭ୍ରମରବର ଜେନା ଓ କିଛି ସାଧାରଣ ଜନତାଙ୍କ ମିଳିତ ଉଦ୍ୟମରେ ଏହି ଅନୁଷ୍ଠାନ ଗଢ଼ି ଉଠିଥିଲା। ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧରେ ସୁ ସମ୍ପର୍କ ଗଢ଼ି ତୋଳିବା ଲକ୍ଷ୍ୟରେ ଏହି ଅନୁଷ୍ଠାନ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରାଯିବା ସହ ଅନାବଶ୍ୟକ ବ୍ୟୟକୁ ବାଦ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ପୂଜାକୁ ସୁଚାରୁ ରୂପେ ପରିଚାଳନା ପାଇଁ ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟ ଦାୟିତ୍ୱ ନିର୍ବାହ କରିବାକୁ ନୟାଗଡ଼ ବିଧାୟକ ପ୍ରସ୍ତାବ ଦେଇଥିଲେ ।

**ଡେରିକି ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଅନିୟମିତତା**

## ଗୋଟିଏ ପ୍ରକଳ୍ପରେ ଲାଗିଛି ୪ପଞ୍ଚାୟତର ୪୨ଟି ଜବ୍‌କାର୍ଡ




**ନାଉଗାଁ,୧୦।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା ମାଧମରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରୀ କରାଯାଉଛି। ହେଲେ ଏହି କାର୍ଯ୍ୟରେ ନିୟମକୁ ଖୁଲମଖୁଲା ଉଲ୍ଲଙ୍ଘନ କରାଯାଇଥିବା ଅଭିଯୋଗ ହେଉଛି। ଡେରିକି ପଞ୍ଚାୟତର କସ୍ତୁରବା ବାଳିକା ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆ ଉନ୍ନତିକରଣ କାର୍ଯ୍ୟ ୨୦୨୨ ମସିହାରେ କରାଯାଇଛି। ଏହି ପ୍ରକଳ୍ପ ପାଇଁ ୪ଟି ପଞ୍ଚାୟତରେ ଥିବା ୧୦ଟି ରାଜସ୍ୱ ଗ୍ରାମରୁ ୪୨ଟି ଜବକାର୍ଡ ବ୍ୟବହାର କରାଯାଇଥିବା ବେଳେ ମୋଟ ୩ ଲକ୍ଷ ୪୦ହଜାର ୨୮୪ଟଙ୍କା ଖର୍ଚ୍ଚ କରାଯାଇଥିବା ଏମ୍‌ଜିଏନ୍‌ଆରଇଜିଏସ୍ ପୋର୍ଟାଲରୁ ଜଣାଯାଇଛି।

ପୋର୍ଟାଲ ତଥ୍ୟ ଅନୁସାରେ ଏହି ପ୍ରକଳ୍ପ ପାଇଁ କୋରୁଅ ପଞ୍ଚାୟତର ଡିହତେଲସରା ଗ୍ରାମରୁ ୨ଟି ଜବକାର୍ଡ, ଡେରିକି ପଞ୍ଚାୟତର ଡେରିକି ଗ୍ରାମରୁ ୧୪ଟି, ଗଙ୍ଗଦା ଗ୍ରାମରୁ ୪ଟି, ତିରୁଣା ପଞ୍ଚାୟତର କୁରିକି ଗ୍ରାମରୁ ୧ଟି, ତେଂଟୋଇ ଗ୍ରାମରୁ ୮ଟି, ଉର ଗ୍ରାମରୁ ୧ଟି, ତିରୁଣାରୁ ୨ଟି, ଶାଳିପଦାରୁ ୧ଟି, ଦହିପାଳରୁ ୭ଟି ଓ ଶିଖର ପଞ୍ଚାୟତର ଅଙ୍ଗେଶ୍ୱରପଡ଼ାରୁ ୨ଟି ଜବକାର୍ଡ ନେଇ ସମୁଦାୟ ୪ଟି ପଞ୍ଚାୟତରେ ଥିବା ୧୦ଟି ରାଜସ୍ୱ ଗ୍ରାମରୁ ୪୨ଟି ଜବକାର୍ଡ ବ୍ୟବହାର କରାଯାଇଛି। ସେହିପରି ଉକ୍ତ ପ୍ରକଳ୍ପ କାର୍ଯ୍ୟ ପାଇଁ ୭୨ଟି ମଷ୍ଟରରୋଲରେ ୧ ହଜାର ୫୪୭ ଟି ଶ୍ରମଦିବସ ସୃଷ୍ଟି କରାଯାଇଛି।

**ସରପଞ୍ଚ ଓ ବିଡିଓଙ୍କ ଅନୁମୋଦନ ଉପରେ ପ୍ରଶ୍ନବାଚୀ**

ନିୟମାନୁସାରେ ଜବକାର୍ଡଧାରୀମାନେ କାମ ପାଇଁ ନିଜ ପଞ୍ଚାୟତ କାର୍ଯ୍ୟାଳୟରେ ଫର୍ମ-୧ ଆବେଦନ କରିବେ। ଯଦି ଧାର୍ଯ୍ୟ ସମୟ ମଧରେ ପଞ୍ଚାୟତର ସରପଞ୍ଚ ଅଥବା ପିଇଓ କାମ ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କୁ କାର୍ଯ୍ୟ ଯୋଗାଇ ନ ପାରିବେ, ତେବେ ନିଜ ପଞ୍ଚାୟତ ନିକଟସ୍ଥ ପଞ୍ଚାୟତରେ ହେଉଥିବା ପ୍ରକଳ୍ପରେ କାର୍ଯ୍ୟ ଯୋଗାଇ ଦେବା ପାଇଁ ବିଡିଓଙ୍କ ନିକଟରେ ଆବେଦନ କରିବେ। ବିଡିଓଙ୍କ ଅନୁମୋଦନକ୍ରମେ ସମ୍ପୃକ୍ତ ଜବକାର୍ଡଧାରୀ ନିଜସ୍ୱ ପଞ୍ଚାୟତରୁ ଅନ୍ୟ ପଞ୍ଚାୟତକୁ ଯାଇ କାର୍ଯ୍ୟ କରିପାରିବେ। ଏଠାରେ ପ୍ରଶ୍ନ ଉଠୁଛି ଏହି ପ୍ରକଳ୍ପରେ ବିଭିନ୍ନ ପଞ୍ଚାୟତର ଜବକାର୍ଡଧାରୀମାନେ କାର୍ଯ୍ୟ କରିଛନ୍ତି। ତେବେ ସେହି ସମୟରେ ଥିବା ସରପଞ୍ଚ ଓ ବିଡିଓଙ୍କର ଅନୁମୋଦନ ନିଆ ଯାଇଛି କି ନାହିଁ ତାହା ତଦନ୍ତ ସାପେକ୍ଷ।

## ବିଜୁଳି ଯୋଗାଣକୁ ଅଧିକ ବିଶ୍ୱସନୀୟ କରୁଛି ଟିପିଏସ୍‌ଓଡିଏଲ୍

● ଏମଭି-୭, ପରଜାଗୁଡା ଓ ସଦାଶିବପୁରରେ ନୂଆ ଟ୍ରାନ୍ସଫର୍ମର ସ୍ଥାପନ ● ଦୁର୍ଗମ ଅଞ୍ଚଳରେ ଭିତ୍ତିଭୂମି ଉନ୍ନତିକରଣକୁ ଗୁରୁତ୍ୱ

**ବ୍ରହ୍ମପୁର,୧୦।୮ (ସଂଚାର ବ୍ୟୁରୋ):** ଦକ୍ଷିଣ ଓଡ଼ିଶାର ଗ୍ରାମୀଣ ଓ ଆଭ୍ୟନ୍ତରୀଣ ଅଞ୍ଚଳକୁ ଗୁଣାତ୍ମକ ବିଜୁଳି ସେବା ପହଞ୍ଚାଇବା ଲକ୍ଷ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି । ଭୌଗୋଳିକ ଦୃଷ୍ଟିକୋଣରୁ ଆହ୍ୱାନପୂର୍ଣ୍ଣ ସ୍ଥାନଗୁଡ଼ିକୁ ପ୍ରାଥମିକତା ଦେଇ କମ୍ପାନୀ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରି ରଖିଛି। ବର୍ଦ୍ଧିତ ବିଜୁଳି ଚାହିଦାକୁ ଦୃଷ୍ଟିରେ ରଖି ଟିପିଏସ୍‌ଓଡିଏଲ୍ ମାଲକାନଗିରିର ଦୂରନ୍ତ ଗ୍ରାମଗୁଡ଼ିକରେ ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର ସ୍ଥାପନ କରିଛି। ଏମଭି-୭ ଗ୍ରାମରେ ୧୧ କେଭି ଓ ଏଲଟି ଲାଇନ ସହ ନୂଆ ୧୦୦ କେଭି ଡିଟିଆର୍ କାର୍ଯ୍ୟକ୍ଷମ କରାଯାଇଛି ପରଜାଗୁଡ଼ା ନର୍ସରୀ ରାସ୍ତାରେ ୧୦୦ କେଭି ଟ୍ରାନ୍ସଫର୍ମର ବସାଯାଇଛି। ସେହିଭଳି ସଦାଶିବପୁର ଗ୍ରାମରେ ବିଜୁଳି ଯୋଗାଣକୁ ଅଧିକ ଭରସାଯୋଗ୍ୟ କରିବା ପାଇଁ ଅତିରିକ୍ତ ୬୩ କେଭିଏ ଡିଟିଆର୍ କାର୍ଯ୍ୟକ୍ଷମ କରାଯାଇଛି ।



ସମୃଦ୍ଧ ଆଦିବାସୀ ଐତିହ୍ୟ, ଘଞ୍ଚ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ପାଇଁ ଜଣାଶୁଣା ମାଲକାନଗିରି ଜିଲ୍ଲାରେ ବିଜୁଳି ଯୋଗାଣ ଏକ ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ହୋଇଥିଲେ ସୁଦ୍ଧା ଟିପିଏସ୍‌ଓଡିଏଲ୍ ଭିତ୍ତିଭୂମି ବିକାଶ ଉପରେ ଲଗାତାର ଧାନ ଦେବା ସହ ଗୁଣାତ୍ମକ ସେବାକୁ ସୁନିଶ୍ଚିତ କରିବା ଦିଗରେ ପ୍ରୟାସ ଜାରି ରଖିଛି। ଏହି ନୂତନ ବିଜୁଳି ଭିତ୍ତିଭୂମିଗୁଡ଼ିକ ସେହି ଅଞ୍ଚଳର ଶତାଧିକ ବାସିନ୍ଦାଙ୍କୁ ଉନ୍ନତ ବିଜୁଳି ସେବା ଯୋଗାଇବା ସହ ସେମାନଙ୍କର ଜୀବନଧାରଣର ମାନରେ ଉନ୍ନତି ଆସିବ ବୋଲି କମ୍ପାନୀ ଆଶା କରୁଛି ।

ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ''ଦକ୍ଷିଣ ଓଡ଼ିଶାର ସୀମାନ୍ତ ଓ ଦୁର୍ଗମ ଜିଲ୍ଲାଗୁଡ଼ିକରେ ବିଦ୍ୟୁତ ଭିତ୍ତିଭୂମି ବିକାଶ ଓ ସେବା ବିଶ୍ୱସନୀୟତା ବୃଦ୍ଧି କରିବା ଦିଗରେ ପ୍ରୟାସ ଜାରି ରହିଛି। ଏହି ଭିତ୍ତିଭୂମି ଉନ୍ନତିକରଣ କେବଳ ବର୍ତ୍ତମାନର ବିଜୁଳି ଚାହିଦାକୁ ପୂରଣ କରିବାକୁ ଉଦ୍ଦିଷ୍ଟ ନୁହେଁ ବରଂ ଏହି ଅଞ୍ଚଳବାସୀମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଓ ସମଗ୍ର ଅଞ୍ଚଳର ଅନ୍ତର୍ଭୁକ୍ତ ବିକାଶ ଦିଗରେ କାର୍ଯ୍ୟ କରିବା ଏହାର ଲକ୍ଷ୍ୟ ଅଟେ। ଦୂରନ୍ତ ଅଞ୍ଚଳଗୁଡ଼ିକରେ ଗୁଣାତ୍ମକ ବିଜୁଳି ଯୋଗାଣ ଦିଗରେ କମ୍ପାନୀ କାର୍ଯ୍ୟ ଜାରି ରଖିଛି।

## ମା' ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ

**ବାଲିଅନ୍ତା,୧୦।୮ (ସଂଚାର ବ୍ୟୁରୋ):** ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ବାଲିଅନ୍ତା ବ୍ଲକ ଅଧୀନ ଅଲାରପୁର ସ୍ଥିତ ମା' ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶିଶୁମାନଙ୍କ ମଧରେ ରକ୍ଷା ବନ୍ଧନ ଉତ୍ସବ ପାଳନ ହୋଇଯାଇଛି । ଏହି ଅବସରରେ ଅଲାରପୁର ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଅନୁଷ୍ଠାନର ପ୍ରମୁଖ ତପସ୍ୱିନୀ ଭଉଣୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାକ୍ଷୀ ପୂର୍ଣ୍ଣିମାର ପୌରାଣିକ କଥାବସ୍ତୁ ଏବଂ ସାମ୍ପ୍ରତିକ ପରିସ୍ଥିତିରେ ନିଶାମୁକ୍ତ ଜୀବନଚର୍ଯ୍ୟା ମଣିଷର ଆଧାତ୍ମିକ ଭାବନାକୁ ସକାରାତ୍ମକ କରାଇବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ବ୍ରହ୍ମକୁମାରୀ ସୁକାନ୍ତି ଭଉଣୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ରାୟ, ଉମାଦେଈ ବ୍ରହ୍ମପୁର ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ସମାଜସେବୀ ପ୍ରଦୀପ୍ତ ମହାନ୍ତି, ଯୁବନେତା ଜଗମୋହନ ସେଠୀ, ଇଂ ପ୍ରଭାସ ବାରିକ ଓ ସାମ୍ବାଦିକ ପ୍ରକାଶ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଗୁରୁଜୀ ଶ୍ରୀକାନ୍ତ ଶେଖର ସାମନ୍ତରାୟ ସଭାପତିତ୍ୱ କରିଥିଲେ ।

## ସମ୍ମାମ୍ ପକ୍ଷରୁ ପୁରୁଷ ଯୌନ ଅକ୍ଷମତା ଓ ବନ୍ଧ୍ୟାତ୍ୱ ସମ୍ପର୍କିତ ସିଏମ୍‌ଇ ଆଣ୍ଡ୍ରୋଏକ୍ସ୍‌ଏଲ୍

**ଭୁବନେଶ୍ୱର,୧୦।୮ (ସଂଚାର ବ୍ୟୁରୋ):** ସମ୍ ଅଲ୍ଟିମେଟ ମେଡିକେୟାର ପକ୍ଷରୁ ପୁରୁଷ ଯୌନ ଅକ୍ଷମତା ଏବଂ ବନ୍ଧ୍ୟାତ୍ୱ ସମ୍ପର୍କିତ କର୍ମଶାଳା ଏବଂ ସିଏମ୍‌ଇ ଆଣ୍ଡ୍ରୋଏକ୍ସ୍‌ଏଲ୍ ୨୦୨୫ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଆୟୋଜିତ ଏହି ଦିନିକିଆ କର୍ମଶାଳାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପୁରୁଷ ଚିକିତ୍ସାବିଜ୍ଞାନୀ ଉପସ୍ଥିତି ରହିଥିଲେ। ଏହି କାର୍ଯ୍ୟକ୍ରମରେ ନ୍ୟାସ୍‌ନାଲ୍ ମେଡିକାଲ୍ କମିଶନ (ଏନ୍‌ଏମ୍‌ସି)ର ଅଧକ୍ଷ ଡକ୍ଟର ବିଜୟ ଓଜା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ବିଶିଷ୍ଟ ବିଶେଷଜ୍ଞମାନଙ୍କ ମଧରେ ବରିଷ୍ଠ ୟୁରୋଲୋଜିଷ୍ଟ, ଆଣ୍ଡ୍ରୋଲୋଜିଷ୍ଟ ଏବଂ ଟ୍ରାନ୍ସପ୍ଲାଂଟ ସର୍ଜନ, ପ୍ରଫେସର (ଡାକ୍ତର) ଦତେଶ୍ୱର ହୋତା, ସମ୍ ଅଲ୍ଟିମେଟର ମେଡିକେୟାର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ ବ୍ରିଗେଡ଼ିୟର (ଡାକ୍ତର) ବିରାଜ ମୋହନ ମିଶ୍ର, ସମ୍ ହସ୍ପିଟାଲର ୟୁରୋଲୋଜି ବିଭାଗର ପ୍ରଫେସର (ଡାକ୍ତର) ଦେବବ୍ରତ ସାବତ ଏବଂ ସମ୍ମାମ୍‌ର ୟୁରୋଲୋଜି ବିଭାଗର ସିନିୟର୍ କନ୍‌ସଲଟାଂଟ ଡାକ୍ତର ପ୍ରଣବ ପଟ୍ଟନାୟକ ଉପସ୍ଥିତ ଥିଲେ। ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରତିଷ୍ଠିତ ଚିକିତ୍ସା ବିଜ୍ଞାନୀମାନେ ମଧ ଯୋଗଦେଇଥିଲେ। ସେମାନଙ୍କ ମଧରେ ଡାକ୍ତର ଦୀପକ ଗୁପ୍ତେ, ଡାକ୍ତର ପ୍ରଶାନ୍ତ ପଟ୍ଟନାୟକ, ଡାକ୍ତର ପ୍ରିୟଙ୍କା କୋଠାରି (ମୁମ୍ବାଇ), ଡାକ୍ତର ପ୍ରିୟରଞ୍ଜନ ନନ୍ଦୀ, ଡାକ୍ତର ନିଳାଞ୍ଜନ ମିତ୍ର (କୋଲକାତା), ଡାକ୍ତର ବିନୀତ ମାଲହୋତ୍ରା (ଦିଲ୍ଲୀ), ଡାକ୍ତର କାର୍ତିକେୟାନ୍ ଭି.ଏସ୍ (ଚେନ୍ନାଇ), ଡାକ୍ତର ପୁଭାଇ ମୁରୁଗାନ୍ (କୋଏମ୍ବାଟୁର), ଡାକ୍ତର ହରପ୍ରୀତ ସିଂ (ଜାମସେଦପୁର) ଏବଂ ଡାକ୍ତର ପ୍ୟାରିଲାଲ୍ ତ୍ରିପାଠୀ (ବରଗଡ଼) ପ୍ରମୁଖ ଉପସ୍ଥିତ ଥିଲେ।




'ଆଣ୍ଡ୍ରୋଲୋଜି ଆମର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ବର୍ଦ୍ଧିତ ପରିସର, ବିଶେଷଜ୍ଞଙ୍କ ଯୋଗ୍ୟତା ଏବଂ କେନ୍ଦ୍ରିତ ତାଲିମ ସହିତ ଏହାକୁ ଅଧିକ ଗୁରୁତ୍ୱ ଦେବା ପାଇଁ ସଂସ୍କାର ଅଣାଯାଉଛି ବୋଲି ଡାକ୍ତର ଓଜା କହିଥିଲେ। ପ୍ରଫେସର(ଡାକ୍ତର) ହୋତା ପୁରୁଷ ଯୌନ ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏହି ପ୍ରସଙ୍ଗକୁ ସମ୍ମୁଖକୁ ଆଣିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ। ବ୍ରିଗେଡ଼ିୟର (ଡାକ୍ତର) ମିଶ୍ର ଏହି ବିଷୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ ଅଲ୍ଟିମେଟ ମେଡିକେୟାରର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ, ପ୍ରକୃତ ସ୍ୱାସ୍ଥ୍ୟସେବା ମାନବ କଲ୍ୟାଣର ପ୍ରତ୍ୟେକ ଦିଗକୁ ସମ୍ବୋଧିତ କରେ। ଏପରିକି ଅକଥିତ ବିଷୟଗୁଡ଼ିକୁ ମଧ ପୁରୁଷ ଯୌନସ୍ୱାସ୍ଥ୍ୟ ଜୀବନର ଗୁଣବତା ଉପରେ ଗଭୀର ପ୍ରଭାବ ପକାଇଥାଏ ବୋଲି ସେ କହିଛନ୍ତି।

ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ ସୋଆ ସର୍ବଦା ଚିକିତ୍ସା ଜ୍ଞାନ ଏବଂ ନବସୃଜନକୁ ଆଗକୁ ବଢ଼ାଇବାରେ ସହାୟକ ହୋଇଛି। ଆଣ୍ଡ୍ରୋଏକ୍ସେଲ୍ ପୁରୁଷ ଯୌନ ସ୍ୱାସ୍ଥ୍ୟ ଏବଂ ବନ୍ଧ୍ୟାତ୍ୱ ଭଳି ଅଣଦେଖା କ୍ଷେତ୍ରଗୁଡିକୁ ସମାଧାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହା ରୋଗୀଙ୍କ ପାଇଁ ଲାଭଦାୟକ ପରିବର୍ତ୍ତନ ଆଣିଥାଏ।

## କ୍ରାନ୍ତିକାରୀ ଶ୍ରମିକ ନେତା ସୁଶାନ୍ତ ମହାନ୍ତିଙ୍କ ସ୍ମୃତିଚାରଣ ସଭା




**ଖୋର୍ଦ୍ଧା,୧୦।୮ (ସଂଚାର ବ୍ୟୁରୋ):** ଜଟଣୀର ଲଢୁଆ ନେତା ତଥା କ୍ରାନ୍ତିକାରୀ ଶ୍ରମିକ ନେତା ସୁଶାନ୍ତ ମହାନ୍ତିଙ୍କ ୨୪ ତମ ସ୍ମୃତି ଚାରଣ ସଭା ଅଗଷ୍ଟକ୍ରାନ୍ତି ଦିବସରେ ସ୍ଥାନୀୟ ବରିଷ୍ଠ ନାଗରିକ ସେବା ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜଟଣୀ ବରିଷ୍ଠ ନାଗିରକ ସେବା ସଂଘ ଓ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେସନର ସଭାପତି ଅବନୀ ରାଉତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ଅନୁଷ୍ଠାନର ସାଧାରଣ ସଂପାଦକ ତଥା ଶିକ୍ଷାବିତ ଜବାହରଲାଲ ସୁବୁଦ୍ଧି, ଉପସଭାପତି ତଥା ପୁର୍ବତନ ସରପଂଚ ଦିବାକର ମଙ୍ଗରାଜ, ସଂପାଦକ ବୈଷ୍ଣବ ଚରଣ ବରାଳ, ଯୁବ ସଂଗଠକ ଅରୁଣ କୁମାର ମହାନ୍ତି, ଶ୍ରମିକ ନେତା ସାରଙ୍ଗଧର ବେହେରା,ଜଟଣୀ ବିକାଶ ପରିଷଦ ଉପସଭାପତି ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ଯୁବ ସଂଗଠକ ସୁଶାନ୍ତ କୁମାର ସାମନ୍ତରାୟ, ସମାଜସେବୀ ସୁଶାନ୍ତ କୁମାର ରାଉତ, ବୈରାଗୀ ଚରଣ ଜେନା, ବିଷ୍ଣୁପ୍ରସାଦ ଘଟୁଆରୀ, ଅଧିବକ୍ତା ଆଶୁତୋଷ ରାୟ, ସମାଜସେବୀ ହବିବୁର ରହମାନ ପ୍ରମୁଖ ସ୍ୱର୍ଗତ ସୁଶାନ୍ତ ମହାନ୍ତିଙ୍କୁ ଓଡିଶାର ଅନ୍ୟତମ ଲଢୁଆ ନେତା ଭାବେ ମତବ୍ୟକ୍ତ କରିଥିଲେ । ଶେଷରେ ଯୁବ ସମାଜସେବୀ ବାସୁଦେବ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।




# ଏମସ୍ ଯିବାକୁ ଡରିଲେଣି ରୋଗୀ

ଚିକିତ୍ସା ସେବାରେ ଏକଦା ସୁନାମ ଆଣିଥିବା ଭୁବନେଶ୍ୱର ଏମସ୍‌କୁ ଯିବାକୁ ଏବେ ରୋଗୀମାନେ ଡରିଲେଣି। ବିଶେଷକରି ବାଲେଶ୍ୱର, ବଳଙ୍ଗା ଓ ରାଇରଙ୍ଗପୁରର ଝିଅମାନେ ଏଠାକୁ ଆସି ଶବ ହୋଇ ଫେରିବା ପରେ ରୋଗୀମାନଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟିହୋଇଛି। ବାଲେଶ୍ୱର ପୀଡିତା ସୌମ୍ୟାଶ୍ରୀ ନିଆଁରେ ପୋଡିହୋଇ ଚିକିତ୍ସାପାଇଁ ଆସିଥିଲେ ଏମସ୍। ହେଲେ ଏଠାରୁ ଶବହୋଇ ଫେରିଥିଲେ। ଏହାର ଠିକ୍ ସପ୍ତାହକ ପରେ ଆସିଥିଲେ ବଳଙ୍ଗା ପୀଡିତା। ଯଦିଓ ଏଠାରୁ ତାଙ୍କୁ ବିମାନରେ ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ପଠାଯାଇଥିଲା, କିନ୍ତୁ ସେଠାରୁ ବି ସେ ଶବହୋଇ ଫେରିଲେ। ଏହି ଦୁଇଟି ଭୟ ଲୋକଙ୍କୁ ଗୋଡାଇଥିବାବେଳେ ଏବେ ରାଇରଙ୍ଗପୁରରୁ ବିଷ ପିଇଥିବା ଆଉଜଣେ ଝିଅ ଉନ୍ନତ ଚିକିତ୍ସା ପାଇଁ ଏମସ୍‌କୁ ଆସି ଆଖିବୁଜିଛନ୍ତି। ତିନି ତିନିଜଣଙ୍କ ମୃତ୍ୟୁ ଏବେ ଭୁବନେଶ୍ୱର ଏମସ୍ ପାଇଁ ଅପ୍ରୀତିକରଣ ପରିସ୍ଥିତି ସୃଷ୍ଟି କରିଥିବାବେଳେ ରୋଗୀମାନେ ଭୟରେ ଏଠାକୁ ଆସିବାକୁ ଡରିଲେଣି। ପଶ୍ଚିମବଙ୍ଗରୁ ଆସୁଥିବାବଳେ କିଛି ରୋଗୀ ଏ ଖବର ପାଇ ରାତାରାତି ଗାଡି ଧରୁଥିବାବେଳେ ଆଉ କିଛି ଏମସ୍‌ମୁହାଁ ରୋଗୀ ସେମାନଙ୍କ ଟିକସ ବାତିଲ କରୁଥିବା ନେଇ ଆଲୋଚନା ଜୋର ଧରିଛି। ତେବେ ଏଭଳି ଗୁରୁତର ରୋଗୀ ଆସିଲେ ମୃତ୍ୟୁ ସୁନିଶ୍ଚିତ ବୋଲି ଆଲୋଚନା କରି ଆଉ କିଛି ରୋଗୀ ମନକୁ ବୁଝାଇ ଦେଉଥିବା ଦେଖିବାକୁ ମିଳୁଛି।




# ହୋମଗାର୍ଡ ନିଯୁକ୍ତିରେ ବାପ ପୁଅଙ୍କ କମାଲ

ରାଜ୍ୟରେ ଚାଲିଥିବା ହୋମଗାର୍ଡ ନିଯୁକ୍ତିରେ ବାପ ପୁଅଙ୍କ କମାଲକୁ ନେଇ ଚର୍ଚ୍ଚା। ବାପ ପ୍ରାର୍ଥୀ ପଠାଉଛନ୍ତି ଓ ପୁଅ ସେମାନଙ୍କର ନିଯୁକ୍ତି ବ୍ୟବସ୍ଥା କରିଦେଉଛନ୍ତି। ଯିଏ ବାପାଙ୍କୁ ଦେଖା କରୁଛି ତାଙ୍କୁ ହୋମଗାର୍ଡ ଚାକିରି ମିଳିଯାଉଛି। ବାପାଙ୍କୁ ଦେଖା କରିଥିବା କହିଲେ ପୁଅ ବି ଫଟାଫଟ୍ ରାଜି ହୋଇଯାଉଛନ୍ତି। ତେବେ ଆଲୋଚନା ଏଥିପାଇଁ ହେଉଛି ଯେ ପୁଅ ଜଣଙ୍କ ଖାକି ବିଭାଗର ଜଣେ ବଡ ଅଧିକାରୀ। ପିତା ଅବଶ୍ୟ ତାଙ୍କ ପାଖରେ ରୁହନ୍ତି ନାହିଁ। ପୁଅ ଜଣଙ୍କ ଉପକୂଳର ଜିଲ୍ଲା ଦାୟିତ୍ୱରେ ଥିବାବେଳେ ପିତା ସେଠାରୁ ତିନ ଚାରିଶହ କିଲୋମିଟର ଦୂରରେ ରୁହନ୍ତି। ହେଲେ ପିତା-ପୁତ୍ରଙ୍କର ଏଭଳି କାରବାରର ଚର୍ଚ୍ଚା ଆସି ରାଜଧାନୀରେ ପହଞ୍ଚିଛି। ତଳିଆ ଖାକିବାବୁମାନେ କରୁଥିବା ଆଲୋଚନା ଅନୁଯାୟୀ ପୂର୍ବରୁ ଏହି ପିତା-ପୁତ୍ରଙ୍କ ନାମରେ ଏଭଳି ଚର୍ଚ୍ଚା ବି ହୋଇଛି। ସେମାନଙ୍କ କଥା ସମସ୍ତେ ଜାଣିଛନ୍ତି। ପୁତ୍ରଙ୍କ ଚାକିରିରେ ପିତାଙ୍କ ଏଭଳି କାରବାର ଯୋଗୁଁ ପାରିବାରିକ ଅଶାନ୍ତି ଜୋରଦାର। ଅବସ୍ଥା ଏଭଳି ଯେ ଖାକି ବାବୁଙ୍କ ବାବୁଆଣି ତାଙ୍କ ପାଖରେ ରହୁନାହାନ୍ତି। ତେବେ ବର୍ତ୍ତମାନ ରାଜ୍ୟରେ ହୋମଗାର୍ଡ ନିଯୁକ୍ତି ଚାଲିଥିବାରୁ ପିତା ଜଣଙ୍କ ପୁଣିଥରେ ସକ୍ରିୟ ହେବା ସହିତ ପୁତ୍ରଙ୍କ ଜରିଆରେ ନିଯୁକ୍ତି ଦିଆଯାଉଥିବା ନେଇ ଚର୍ଚ୍ଚା ଜୋର ଧରିଛି।



# ଯୋଗାଣ ବିଭାଗରେ ବିନ୍ଧା ବାବୁ




ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ଜଣେ ହାକିମଙ୍କର ବିନ୍ଧା ରୋଗ ବାହାରିଛି। ତାଙ୍କ ନିକଟକୁ ଯିଏ ଯାଉଛି ତାଙ୍କୁ ବିନ୍ଧୁଛନ୍ତି। ଏଭଳି ଆଲୋଚନା ବିଭାଗ ସାମ୍ନା କରିଡରରେ ଚାଲିଥିବାବେଳେ ଆମେ ଟିକେ କାନଡେରି ଶୁଣିଲୁ। ବିଭାଗ ଭିତରୁ ବିନ୍ଧା ଖାଇ ଫେରିଥିବା ତିନି ଚାରିଜଣ ବାବୁ କହୁଥିଲେ, ଏହି ବିନ୍ଧା ବାବୁ ଜଣଙ୍କ ବିଭାଗରେ ମାତ୍ର ୧୪ବର୍ଷ ହେଲା ଗାଦିମାଡି ବସିଛନ୍ତି। ଯେତେବେଳେ ବଦଳି କଥା ଉଠୁଛି କାହାକୁ ନା କାହାକୁ ଧରାଧରି କରି ଏଠାରେ ରହିଯାଉଛନ୍ତି। ଦେଣ ନେଣ ରେ ବାବୁ ଏତେ ଦକ୍ଷ ଯେ ବିଭାଗର ଗୁରୁତ୍ୱପୂର୍ଣ୍ଣ କାମ ସବୁ ତାଙ୍କରି ପାଖରେ ରହିଛି। ଯିଏ ଗଲା ତାକୁ ନାନା ଉପରେ ବିନ୍ଧୁ ଛନ୍ତି। ବାବୁ ଏମିତି କାଇଦାରେ ବିନ୍ଧୁଛନ୍ତି ଯେ ଶୁଖିଲା କାଠରୁ ବି ପାଣି ବାହାରିଯିବ। ତେଣୁ ବାବୁଙ୍କ ପାଖକୁ କାମ ପାଇଁ ଆସୁଥିବା ଅନେକ ଏବେ ବାବୁଙ୍କ ବିନ୍ଧାକୁ ନେଇ ଚର୍ଚ୍ଚା କରୁଛନ୍ତି। ଆଉ ଜଣେ ବାବୁ ସେହି ବିନ୍ଧା ବାବୁଙ୍କ ସଂକ୍ରାନ୍ତରେ ମତ ଦେଇ ସେ କିଭଳି ୧୪ବର୍ଷ ହେଲା ଗୋଟିଏ ବିଭାଗରେ ରହିଛନ୍ତି ତାହାର ଆଲୋଚନା ଆରମ୍ଭ କରୁଥିଲେ। ହେଲେ ଏତିକି ବେଳକୁ ବିନ୍ଧା ବାବୁ ଜଣଙ୍କ ସେମାନଙ୍କ ଆଡକୁ ଆସୁଥିବା ଦେଖି ଆଲୋଚନାକାରୀମାନେ ବାଟକାଟି ଚାଲିଯାଇଥିଲେ। ଆମେ ବି ପରିସ୍ଥିତିକୁ ଦେଖି ସେଠାରୁ ତୁରନ୍ତ ପଳାଇ ଆସିବାକୁ ଉଚିତ୍ ମଣିଥିଲୁ।

# ପୁଲିସ୍‌ର ଶ୍ରାଦ୍ଧ କରୁଛନ୍ତି ଛାତ୍ର ସଂଗଠନ



କ୍ଷମତାସୀନ ଦଳର ସମର୍ଥିତ ଛାତ୍ର ସଂଗଠନ ଏବେ ରାଜ୍ୟ ପୁଲିସ୍‌ର ଶ୍ରାଦ୍ଧ କରୁଛି। ଶତାଧିକ ଛାତ୍ରଛାତ୍ରୀ ପୁଲିସ୍ ବିରୋଧି ନାରାବାଜି କରିବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବାଲେଶ୍ୱର ଛାତ୍ର ମୃତ୍ୟୁ ଘଟଣାରେ ଛାତ୍ର ସଂଗଠନ ଏବିଭିପି ଏବେ ରାଜ୍ୟ ପୁଲିସ୍ ସମେତ କ୍ରାଇମବ୍ରାଞ୍ଚ ବିରୁଦ୍ଧରେ ରାସ୍ତାକୁ ଓହ୍ଲାଇଛି। ସଂଗଠନର ଦୁଇ ଦୁଇ ଜଣ ଛାତ୍ରଙ୍କୁ ପୁଲିସ୍ ରାତି ଅଧିଆ ଗିରଫ କରିବାପରେ ଏବେ ଏଭଳି ଅବସ୍ଥା। ତେବେ ଏବିଭିପିର ଏଭଳି ରୁଦ୍ର ଅବତାର ଏବେ ଖୋଦ ସରକାରୀ କଳକୁ ଅଡୁଆରେ ପକାଇ ଦେଇଛି। ସେମାନଙ୍କୁ କିଭଳି ବୁଝାଇବେ ତାହା ବି ଜାଣିପାରୁ ନାହାନ୍ତି। ବାଲେଶ୍ୱର ଛାତ୍ରଛାତ୍ରୀଙ୍କୁ ବୁଝାଇଲା ବେଳକୁ ବାଣୀବିହାରରେ ସରକାରୀଦଳ ସମର୍ଥିତ ଦୁଇଦଳ ଛାତ୍ର ସଂଗଠନ ବି ପିଟାପିଟି ହୋଇ ଥାନାରେ ପହଞ୍ଚିଛନ୍ତି। ଏମାନଙ୍କ ମାମଲା ଫଏସଲା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପୁଲିସ୍ ହାତ ଟେକି ଦେଇଛନ୍ତି। କିଭଳି ମାମଲାର ଫଏସଲା ହେବ ତାହା ସରକାରଙ୍କ ଉପରେ ଛାଡି ଦେଇଛନ୍ତି। ଦୁଇ ସଂଗଠନ ପରସ୍ପର ବିରୁଦ୍ଧରେ ବିଷ ଓଗାଳୁଥିବାବେଳେ ପୁଲିସ୍‌କୁ ବି ଟାର୍ଗେଟ କରିବାକୁ ପଛାଉ ନାହାନ୍ତି। ମୁଣ୍ଡ ଉପରେ ଛାତ୍ରସଂସଦ ନିର୍ବାଚନ ଥିବାବେଳେ ସରକାରଙ୍କ ବିରୁଦ୍ଧରେ ସରକାରୀଦଳ ସମର୍ଥିତ ଛାତ୍ର ସଂଗଠନର ଏଭଳି ଆରୋପ ଓ ପୁଲିସ୍ ବିରୁଦ୍ଧରେ ରାସ୍ତାଘାଟରେ ସ୍ଲୋଗାନ ଦେବା କେବଳ ପୁଲିସ୍ ପାଇଁ ନୁହେଁ, ଖୋଦ୍ ସରକାରଙ୍କ ପାଇଁ ବି ଅଡୁଆ କରିଛି। ମାମଲା କୁଆଡେ ରାଜ୍ୟ ରାଜଧାନୀରୁ ଯାଇ ଦେଶର ରାଜଧାନୀରେ ପହଞ୍ଚିବାପରେ ସ୍ଥିତି ଅଧିକ ଜଟିଳ ହୋଇଥିବା ଆଲୋଚନା ହେଉଛି।

# ହାଡ଼କୁ ଯୋଡୁଛି ବରଗଡ଼ର କାର୍ଡବୋର୍ଡ

ବରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭଙ୍ଗା ହାଡକୁ କାଗଜର କାର୍ଡବୋର୍ଡ ଯୋଡି ଦେଉଛି। ତାହା ପୁଣି ବିନା ଡାକ୍ତରରେ। ଏଭଳି ଚିକିତ୍ସା ଖବର ବରଗଡରୁ ଆସି ରାଜଧାନୀରେ ପହଞ୍ଚିଛି। ସୂଚନା ଅନୁଯାୟୀ ସଡକ ଦୁର୍ଘଟଣାରେ ଜଣେ ଯୁବକ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସେଠାରେ ଜଣାପଡିଲା ଯେ ଦୁର୍ଘଟଣାରେ ଯୁବକଙ୍କ ହାତ ଭାଙ୍ଗିଛି। ହାଡକୁ ଯୋଡିବାକୁ ପଡିବ। ଯନ୍ତ୍ରଣାରେ ଯୁବକ ଜଣଙ୍କ ଛଟପଟ ହେଉଥାନ୍ତି। ଅସ୍ଥିଶଲ୍ୟ ବିଭାଗ କିନ୍ତୁ ଡାକ୍ତର ଶୂନ୍ୟ। ତେଣୁ ସହାୟକ ଆସି ସାହସ ଦେଲେ। ଡାକ୍ତର ନଥିଲେ ପରବାୟ ନାହିଁ। ମୁଁ ସବୁ ଠିକ୍ କରିଦେବି। ଯନ୍ତ୍ରଣାରେ ଛଟପଟ ଯୁବକ ବି କିଛି କହିପାରିଲେ ନାହିଁ। ଭଙ୍ଗା ହାଡକୁ ଯୋଡିବାପାଇଁ ପ୍ରକ୍ରିୟା ଆରମ୍ଭ ହେଲା। ହେଲେ ଯୋଡିବାପାଇଁ ଯେଉଁ ପ୍ଲାଷ୍ଟର, ପାଉଡର ଓ ଅଠା ଆଦି ଦରକାର ତାହା ବଦଳରେ ଭଙ୍ଗା ହାଡ ଚାରିପଟେ କାର୍ଡ ବୋର୍ଡ ଲଗାଇ ଦିଆଗଲା। ଜଣାଗଲା ଯେ ସାତ ମହଲାର ଚକ ଚକିଆ ଡାକ୍ତରଖାନାରେ ଅସ୍ଥିଶଲ୍ୟ ଡାକ୍ତର ନଥିବାରୁ ପ୍ଲାଷ୍ଟର ସାମଗ୍ରୀ ବି ନାହିଁ। ତେଣୁ ସହାୟକ ଜଣଙ୍କ କାର୍ଡବୋର୍ଡରେ କାମ ଚଳାଇ ଦେଉଛନ୍ତି। ଏଭଳି ଚିକିତ୍ସା ସେବା ବରଗଡରେ ଆଲୋଚନାର ବିଷୟ ପାଲଟିଥିବାବେଳେ ତାହା ଆସି ରାଜଧାନୀରେ ପହଞ୍ଚିଛି। ହେଲେ କାର୍ଡବୋର୍ଡ ଚିକିତ୍ସା ପାଇଥିବା ଯୁବକ ଜଣଙ୍କ କେବେ ସୁସ୍ଥ ହେବେ ତାହା କେହି କହିପାରୁ ନାହାନ୍ତି। ରାଜ୍ୟ ସରକାର ସବୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବାକୁ ଘୋଷଣା କରିଥିବାବେଳେ ଏଭଳି ଅଭିନବ ଅସ୍ଥିଶଲ୍ୟ ଚିକିତ୍ସା ଏବେ ବଡ ଆହ୍ୱାନ ହୋଇଛି।



### ଏସ୍‌ଡବ୍ଲ୍ୟୁଆର୍‌ଓ ଜଳ ବିତରଣ ପ୍ରକଳ୍ପ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

# ଲୁଣି ପାଣିରୁ ମିଳିବ ମଧୁର ଜଳ



- ଦୈନିକ ୧.୫ ଏମ୍‌ଏଲଡି ମଧୁର ଜଳ ମିଳିବ
- ଦୂର ହେବ ମାଟିଖାଲ ଓ ଆର୍ଜିପଲ୍ଲୀବାସୀଙ୍କ ସମସ୍ୟା

**ବ୍ରହ୍ମପୁର,୧୦।୮(ସଂଚାର ବ୍ୟୁରୋ):** ଏଣିକି ସମୁଦ୍ରର ଲୁଣି ପାଣି ମଧୁର ଜଳରେ ପରିଣତ ହେବ। ଏନେଇ ଆଜି ଗଞ୍ଜାମ ଜିଲ୍ଲା ଛତ୍ରପୁର ମାଟିଖାଲଠାରେ ଥିବା ଭାରତୀୟ ବିରଳ ମୃତ୍ତିକା (ଆଇଆରଇଏଲ୍) ପରିସରରେ ଡିସାଲାଇନେସନ୍ ଏସଡବ୍ଲ୍ୟୁଆରଓ ଜଳ ବିତରଣ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହା ସମୁଦ୍ରର ଲୁଣି ଜଳକୁ ମଧୁର ଜଳରେ ପରିଣତ କରିବା ଦିଗରେ ପ୍ରକ୍ରିୟାକରଣର ଏକ ପ୍ରକଳ୍ପ। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳର ଜଳ ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଆଜିର ପଦକ୍ଷେପ ପାଇଁ ମୁଁ ସୁସ୍ଥ ସମାଜ ଗଠନ କରିବା ତଥା ସ୍ଥାୟୀ ବିକାଶ ଦିଗରେ କାର୍ଯ୍ୟ କରୁଥିବା ଆଇଆରଇଏଲ୍‌କୁ ଧନ୍ୟବାଦ ଜଣାଉଛି। ଗଞ୍ଜାମ ଏକ ଉପକୂଳବର୍ତ୍ତୀ ଜିଲ୍ଲା ହୋଇଥିବାରୁ ବିଭିନ୍ନ ଜଳ ସମସ୍ୟାର ସମ୍ମୁଖୀନ ହୋଇଆସିଛି। ସମୁଦ୍ର ନିକଟତର ହେବା ସତ୍ତ୍ୱେ ଭୂତଳ ଜଳରେ ଲୁଣିଆ ସ୍ତର ଅଧିକ ଓ ସୀମିତ ମଧୁର ଜଳସମ୍ପଦ ଯୋଗୁଁ ସ୍ୱଚ୍ଛ ପାନୀୟ ଜଳର ଉପଲବ୍ଧତା ଏକ ସ୍ଥାୟୀ ସମସ୍ୟା ହୋଇ ରହିଆସିଛି। କିନ୍ତୁ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧତା ଏକ ମୌଳିକ ଆବଶ୍ୟକତା ହୋଇଥିବା ବେଳେ ଆଜିର ପଦକ୍ଷେପ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳର ଏକ ନିର୍ଭରଯୋଗ୍ୟ ଉତ୍ସ ପ୍ରଦାନ କରିବ। ମାଟିଖାଲ ସମେତ ସ୍ଥାନୀୟ ଅଞ୍ଚଳ ପାଇଁ ଦୀର୍ଘ ଦିନ ଧରି ଏକ ଚ୍ୟାଲେଞ୍ଜ ହୋଇ ରହିଥିବା ଜଳ ଆବଶ୍ୟକତାକୁ ଏହି ପ୍ରକଳ୍ପ ପୂରଣ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଆଶା କରିଛନ୍ତି। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ସଂସ୍ଥାର ସିଏସଆର୍ ପାଣ୍ଠିର ଅନୁଦାନ ୧୩୧ କୋଟି ଟଙ୍କାରେ ନିର୍ମିତ ରାଜ୍ୟରେ ନିଜସ୍ୱ ଏଭଳି ପ୍ରଥମ ପ୍ରକଳ୍ପ ଉଦଘାଟନ କରିଛନ୍ତି। ଏହି ପ୍ରକଳ୍ପରୁ ଦୈନିକ ୧.୫ ଏମ୍‌ଏଲଡି ମଧୁର ଜଳ ମିଳିବ, ଯାହା ପ୍ଲାଣ୍ଟ ଚାହିଦା ସମେତ ନିକଟସ୍ଥ ୨ଟି ଗାଁ ମାଟିଖାଲ ଓ ଆର୍ଜିପଲ୍ଲୀ ବାସିନ୍ଦାଙ୍କ ପାନୀୟ ଜଳର ଆବଶ୍ୟକତା ପୂରଣ କରିବ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ପ୍ଲାଣ୍ଟ ବୁଲିବା ସହ ଏହାର କାର୍ଯ୍ୟକାରିତା ଅନୁଧ୍ୟାନ କରି କମ୍ପ୍ୟୁଟର ମନିଟରିଂ ସିଷ୍ଟମ୍ ମଧ୍ୟ ଦେଖିଥିଲେ। ସ୍ଥାନୀୟ ସାଂସଦ ଡ ପ୍ରଦୀପ ପାଣିଗ୍ରାହୀ, ଅନିତା ଶୁଭଦର୍ଶିନୀ, ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ୧୨ରୁ ୧୪ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା !

■ ୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ



**ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ):** ଓଡ଼ିଶାରେ ଆସନ୍ତା ୧୨ ତାରିଖରୁ ବର୍ଷାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ୧୩ ତାରିଖରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି, ଯାହା ରାଜ୍ୟରେ ବର୍ଷାକୁ ଆହୁରି ତୀବ୍ର କରିପାରେ। ଏହାର ପ୍ରଭାବରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଜାରି ରହିବ। ପାଣିପାଗ ବିଭାଗ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ନେଇ ୱାର୍ଣ୍ଣିଂ ଜାରି କରିଛି। ବିଶେଷକରି ୧୨ ତାରିଖ ପାଇଁ ରାଜ୍ୟର ୪ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ଜଗତସିଂହପୁର ରହିଛି। ଏହିସବୁ ଜିଲ୍ଲାରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ଲଘୁଚାପ କ୍ଷେତ୍ର ଉତ୍ତର ଓଡ଼ିଶା ଓ ନିକଟବର୍ତ୍ତୀ ଅଞ୍ଚଳରେ ଅଧିକ ପ୍ରଭାବ ପକାଇବ। ଫଳରେ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସହ କେତେକ ସ୍ଥାନରେ ପ୍ରଚଣ୍ଡ ବର୍ଷା ହେବାର ଆଶଙ୍କା ରହିଛି। ଏହି କାରଣରୁ ପାଣିପାଗ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନଯିବା ସକାଶେ ମଧ୍ୟ ପରାମର୍ଶ ଦିଆଯାଇଛି। ଏଥିସହ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଓ ଜଳମଗ୍ନ ସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସେହିପରି ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ଓ ପାଣିପାଗ ସୂଚନା ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି।

## ମହାନଦୀକୁ ଡେଇଁଲେ ମହିଳା, ଉଦ୍ଧାର କଲା ଅଗ୍ନିଶମ ବାହିନୀ

● ଅଲଟ୍ରାସାଉଣ୍ଡ୍ ହୋଇ ନ ପାରିବାରୁ ବୁର୍ଲା ସ୍ଥାନାନ୍ତରିତ



**ସମ୍ବଲପୁର,୧୦।୮(ସଂଚାର ବ୍ୟୁରୋ):** ପାରିବାରିକ କଳହରୁ ଜଣେ ମହିଳା ମହାନଦୀକୁ ଡେଇଁ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ ହେଁ ତାଙ୍କୁ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ସମ୍ବଲପୁର ଚାଉଁରପୁରରେ ମହାନଦୀ ବ୍ରିଜ୍ ଉପରୁ ଡେଇଁଥିବା ଉକ୍ତ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର କରାଯିବା ପରେ ସମ୍ପୃକ୍ତ ମହିଳାଙ୍କୁ ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ତେବେ ସମ୍ପୃକ୍ତ ମହିଳାଙ୍କ ବାପ ଘର ସମ୍ବଲପୁର ରେମେଡରେ ହୋଇଥିବା ବେଳେ ଶାଶୂଘର ସୁନାପାଲିରେ। ସ୍ୱାମୀଙ୍କ ସହ କଳହ ହୋଇଥିବାରୁ ଏଥିରେ କ୍ରୋଧାନ୍ୱିତ ହୋଇ ଉକ୍ତ ମହିଳା ଜଣଙ୍କ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ ବୋଲି ବାପ ଘର ଲୋକେ କହିଛନ୍ତି। ଅନ୍ୟପକ୍ଷରେ ମହିଳାଙ୍କୁ ସଦର ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ସେଠାରେ ଅଲ୍‌ଟ୍ରାସାଉଣ୍ଡ୍ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ ହେଁ ଏହି ସୁବିଧା ଉପଲବ୍ଧ ହୋଇପାରିନଥିଲା। ଫଳରେ ସେଠାରୁ ତାଙ୍କୁ ସଦର ହସ୍ପିଟାଲ ନିକଟସ୍ଥ ଏକ ଘରୋଇ କ୍ଲିନିକକୁ ନିଆଯାଇଥିଲା। କିନ୍ତୁ ସେଠାରେ ବି ଅଲଟ୍ରାସାଉଣ୍ଡ ହୋଇ ନ ପାରିବାରୁ ଶେଷରେ ମହିଳା ଜଣଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଖବର ପାଇ ପୁଲିସ୍ ଘଟଣାର ଛାନଭିନ୍ ଚଳାଇଥିବା ଜଣାପଡ଼ିଛି।

## ବାପା-ମା’ଙ୍କ ସାମ୍ନାରେ ଝିଅକୁ ଉଠାଇନେଲେ



### ବାଇକ୍‌ରେ ଆସିଥିଲେ ୪ ଯୁବକ, ଥାନାରେ ଏତଲା

**କପ୍ତିପଦା,୧୦।୮(ସଂଚାର ବ୍ୟୁରୋ):** ମାସ୍କ ପିନ୍ଧି ଆସିଲେ ଆଉ ବାପା-ମା’ଙ୍କ ସାମ୍ନାରେ ଝିଅକୁ ଅପହରଣ କରିନେଇଗଲେ। ବଜାରରେ ଦୋକାନ ବାହାରେ ଠିଆ ହୋଇଥିବା ବେଳେ ୪ ଜଣ ମାସ୍କପିନ୍ଧା ଯୁବକ ବାଇକ୍‌ରେ ପହଞ୍ଚି ଯୁବତୀଙ୍କୁ ଉଠାଇ ନେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦାରେ ଦିନଦ୍ୱିପ୍ରହରେ ଏପରି ଏକ ଅପହରଣ କାଣ୍ଡ ଘଟିଯାଇଛି। ସୁଡ଼ସୁଡ଼ିଆ ଗାଁର ଜନୈକା ଯୁବତୀ ବାପା-ମା’ଙ୍କ ସହ ଗତ ଶୁକ୍ରବାର ସନ୍ଧ୍ୟାରେ କପ୍ତିପଦା ବଜାରକୁ ଯାଇଥିଲେ। ତେବେ ଯୁବତୀ ଜଣଙ୍କ ଯେତେବେଳେ ଦୋକାନ ବାହାରକୁ ଆସିଥିଲେ, ସେତେବେଳେ ହଠାତ୍ ସେଠାରେ ୪ ଜଣ ଯୁବକ ବାଇକରେ ଆସି ତାଙ୍କୁ ଜୋର୍‌ଜବରଦସ୍ତି ବାଇକ୍‌ରେ ବସାଇ ନେଇଯାଇଥିଲେ। ଏଥିରେ ବାପା-ମା’ ହସ୍ତକ୍ଷେପ କରିବାରୁ ଉକ୍ତ ମାସ୍କପିନ୍ଧା ଯୁବକମାନେ ସେମାନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ତୁରନ୍ତ ବାପା-ମା’ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁଲିସ ଉକ୍ତ ଅପହର୍ତ୍ତା ଓ ଅପହୃତା ଯୁବତୀଙ୍କ ସମ୍ପର୍କରେ କୌଣସି ସୂଚନା ପାଇପାରିନାହାଁନ୍ତି। ଏନେଇ ପୁଲିସ ପକ୍ଷରୁ ମଧ୍ୟ କୌଣସି ପ୍ରକାର ସୂଚନା ଦିଆଯାଇନାହିଁ।

## ହାଇୱେ ଡକାୟତି ଯୋଜନା ପଣ୍ଡ: ୮ ଗିରଫ

**ଅନୁଗୁଳ,୧୦।୮(ସଂଚାର ବ୍ୟୁରୋ):** ଏକ ବଡ଼ ଧରଣର ହାଇୱେ ଡକାୟତି ଯୋଜନାକୁ ଭଣ୍ଡୁର କରିଛି ଅନୁଗୁଳ ଟାଉନ୍ ଥାନା ପୁଲିସ। ନାଇଟ୍ ପାଟ୍ରୋଲିଂ ସମୟରେ ପୁଲିସ ହାବୁଡ଼ରେ ୮ ଜଣ ଡକାୟତ ପଡ଼ିଛନ୍ତି। ପାଟ୍ରୋଲିଂ ସମୟରେ କେତେକ ଯୁବକ ହେମସୁରପଡ଼ା ଛକ ନିକଟରେ ଅପରାଧ ଘଟାଇବା ପାଇଁ ଯୋଜନା କରୁଥିବା ନେଇ ପୁଲିସ୍‌ସୂଚନା ପାଇଥିଲା। ପୁଲିସ୍ ତୁରନ୍ତ ସେଠାରେ ପହଞ୍ଚି ସନ୍ଦିଗ୍ଧ ଯୁବକମାନଙ୍କୁ ଠାବ କରିଥିଲେ। ତେବେ ସେମାନେ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ସମୟରେ ହାଟ ଛକ ନିକଟରୁ ପୁଲିସ୍ ସେମାନଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ମଧ୍ୟ ଗୋଟିଏ ସ୍କର୍ପିଓ ଓ ଥର୍ ଗାଡ଼ି ଏବଂ ୪ଟି ଦେଶୀ ପିସ୍ତଲ, ଗୁଳି, ଚାପଡ଼, ମୋବାଇଲ୍ ଓ ୭ ହଜାର ଟଙ୍କା ଜବତ କରାଯାଇଛି। ଗତ କିଛି ଦିନ ହେବ ହାଇୱେରେ ଡକାୟତି ହେଉଥିବା ନେଇ ବରାବର ଅଭିଯୋଗ ହୋଇଆସୁଥିଲା। ଏଥିସହ ଆଜି ଗିରଫ ହୋଇଥିବା ଡକାୟତଙ୍କ ବିରୋଧରେ ପୂର୍ବରୁ ଏକାଧିକ ମାମଲା ରହିଥିବା ବେଳେ ସେମାନେ ସମସ୍ତେ ଜେଲ୍‌ଫେରନ୍ତା ଅପରାଧୀ ବୋଲି ଜଣାପଡ଼ିଛି।

## ରାଜଧାନୀରେ ଯୌତୁକ ଜନିତ ବଧୂ ହତ୍ୟା

**ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ):** ରାଜଧାନୀରେ ବଧୂହତ୍ୟା ହୋଇଥିବା ନେଇ ଅଭିଯୋଗ ହୋଇଛି। ବାହାଘରର ମାତ୍ର ୭ ମାସ ପରେ ସ୍ଥାନୀୟ ଧୀରକୁଟ ବସ୍ତିରେ ରହୁଥିବା ଉକ୍ତ ମହିଳାଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ତୃପ୍ତିମାଳା ନାୟକ। ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ପୁଲିସ୍ ତାଙ୍କ ମୃତଦେହ ଉଦ୍ଧାର କରିଛି। ପାଖାପାଖି ୭ ମାସ ତଳେ ପ୍ରେମ ବିବାହ କରିଥିଲେ ତୃପ୍ତି। ଗତକାଲି ରାତିରେ ଝିଅ ରଶି ଲଗାଇ ଦେଇଥିବା ନେଇ ତୃପ୍ତିଙ୍କ ଘର ଲୋକଙ୍କୁ ଜଣାଇଥିଲେ ତାଙ୍କ ଶାଶୂଘର ଲୋକେ। ଏନେଇ ପରିବାର ଲୋକେ ତୃପ୍ତିଙ୍କୁ ତାଙ୍କ ଶାଶୂଘର ଲୋକେ ଅଧିକ ଯୌତୁକ ଦାବି କରି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ସ୍ଥାନୀୟ ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହି ମାମଲାରେ କାହାରିକୁ ବି ଗିରଫ କରିନଥିବା ଜଣାପଡ଼ିଛି।

### ହସ୍ପିଟାଲରେ ଷ୍ଟାଫ୍ ନର୍ସଙ୍କ ମୃତ୍ୟୁ ମାମଲା

# ମୃତଦେହ ପାଖରୁ ମିଳିଲା ସିରିଞ୍ଜ ଓ ହାତଲେଖା ନୋଟ୍



**ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ):** ସ୍ଥାନୀୟ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଗତ ଶୁକ୍ରବାର ଜନୈକା ଷ୍ଟାଫ୍ ନର୍ସଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଥିବା ବେଳେ ଆଜି ତାଙ୍କ ମୃତଦେହ ନିକଟରୁ ସିରିଞ୍ଜ୍ ସହ ଏକ ହାତଲେଖା ନୋଟ୍ ଜବତ ହୋଇଛି। ସମ୍ପୃକ୍ତ ନର୍ସ ଜଣଙ୍କ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡିର ଶୁଭସ୍ମିତା ରାଉତ ଓରଫ ସୋନାଲି (୨୨) ବୋଲି ଜଣାପଡ଼ିଛି। ତେବେ ମୃତ୍ୟୁର କାରଣକୁ ନେଇ ଏବେ ବି ରହସ୍ୟ ଜାରି ରହିଛି। ଖବର ପାଇ ପରିବାର ଲୋକେ ଗତକାଲି ଭୁବନେଶ୍ୱରରେ ପହଞ୍ଚିବା ସହ ସ୍ଥାନୀୟ ଥାନାରେ ହତ୍ୟା ଅଭିଯୋଗ ନେଇ ମାମଲା ରୁଜୁ କରିଥିବା ବେଳେ ପୁଲିସ୍ ମଧ୍ୟ ତଦନ୍ତ ଆରମ୍ଭ କରିଛି। ପୁଲିସ୍ ସହ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ଜଣାପଡ଼ିଛି। ସେହିପରି ଶୁଭସ୍ମିତାଙ୍କ ମୋବାଇଲକୁ ଜବତ କରି ପୁଲିସ୍ ଖୋଳତାଡ଼ କରୁଛି। ସେହିପରି ପୁଲିସ ସୋନାଲି ରହୁଥିବା ନୀଳାଦ୍ରିବିହାର ଏଟିଏମ୍ ଛକସ୍ଥିତ ଲେଡିଜ୍ ହଷ୍ଟେଲର ଅନ୍ତେବାସୀଙ୍କୁ ମଧ୍ୟ ପଚରାଉଚରା କରିଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ଇତିମଧ୍ୟରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଚନ୍ଦ୍ରଶେଖରପୁର ଥାନାଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ଗତ ଶୁକ୍ରବାର ଶୁଭସ୍ମିତାଙ୍କର ନାଇଟ୍ ଡ୍ୟୁଟି ଥିବାରୁ ସେ ସେ ରାତି ପ୍ରାୟ ୨ଟା ବେଳେ ବାଥ୍‌ରୁମ୍ ଯାଇଥିଲେ ହେଁ ସେଠାରୁ ଆଉ ଫେରି ନ ଥିଲେ। ପରେ ସହକର୍ମୀମାନେ ତାଙ୍କୁ ଖୋଜି ଖୋଜି ବାଥ୍‌ରୁମ୍‌ରେ ଦେଖିବାକୁ ଯାଇଥିଲେ ହେଁ ତାହା ଭିତର ପଟୁ ବନ୍ଦ ରହିଥିଲା। ପରେ ସେମାନେ କବାଟ ଖୋଲିବା ପରେ ଭିତରେ ଶୁଭସ୍ମିତା ଅଚେତ ଅବସ୍ଥାରେ ପଡ଼ିଥିଲେ। ତେବେ ପରେ ତାଙ୍କ ପରିବାର ଲୋକେ ହସ୍ପିଟାଲ୍‌ରେ ପହଞ୍ଚି ଶୁଭସ୍ମିତାଙ୍କ ହାତରେ ଇଞ୍ଜେକ୍ସନ ଫୋଡାଚିହ୍ନ ଥିବା ବେଳେ ପାଟିରେ ଏକ ପାଇପ୍ ପଶି ରହିଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ଏଥିସହ ସେମାନେ ଅଭିଯୋଗ କରିଥିଲେ ଯେ ପୂର୍ବରୁ ହସ୍ପିଟାଲର କେତେ ଜଣ ଅଧିକାରୀ ଶୁଭସ୍ମିତାଙ୍କୁ ନିର୍ଯାତନା ଦେଉଥିଲେ। ତାଙ୍କ ଉପରେ ଆକ୍ରୋଶ ରଖି ସେମାନେ ତାଙ୍କୁ ନିୟମିତ ନାଇଟ୍ ଡ୍ୟୁଟି ଦେଉଥିବାରୁ ଏହାକୁ ନେଇ ଶୁଭସ୍ମିତା ମାନସିକ ଚାପରେ ଥିଲେ। ଏଥିସହ ରାକ୍ଷୀ ପୂର୍ଣ୍ଣିମା ପାଇଁ ଛୁଟି ନ ମିଳିବା ନେଇ ମଧ୍ୟ ଶୁଭସ୍ମିତା ପରିବାର ଲୋକଙ୍କୁ କାନ୍ଦି କାନ୍ଦି କହିଥିଲେ। ତେଣୁ ଶୁଭସ୍ମିତାଙ୍କ ମୃତ୍ୟୁକୁ ନେଇ ଗତକାଲି ହସ୍ପିଟାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ପୁଲିସ୍ କହିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




ଟ୍ରମ୍ପଙ୍କ ଶୁଳ୍କ ମାଡ଼

# କମିଲା କପଡ଼ା ଉତ୍ପାଦନ



ଚେନ୍ନାଇ, ୧୦।୮ : ତାମିଲନାଡୁର ତିରୁପୁର ଦେଶର ଏକ ପ୍ରମୁଖ କପଡ଼ା ଉତ୍ପାଦନ କେନ୍ଦ୍ର। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦% ଶୁଳ୍କ ଲଗାଇବା ପରେ ଏଠାରେ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ବିଶେଷକରି ଆମେରିକାକୁ କପଡ଼ା ରପ୍ତାନି କରୁଥିବା ଅଧିକାଂଶ ନିର୍ମାତା ସେମାନଙ୍କ ଉତ୍ପାଦନ ବନ୍ଦ କରିଦେଇଛନ୍ତି। ଶିଳ୍ପ ପ୍ରତିନିଧିଙ୍କ କହିବାନୁଯାୟୀ, ଆମେରିକାର କ୍ରେତାମାନେ ମଧ୍ୟ ବର୍ତ୍ତମାନର ଅର୍ଡରକୁ ବନ୍ଦ କରିଛନ୍ତି। ଏଥିଯୋଗୁ ଭାରତୀୟ ରପ୍ତାନିକାରୀମାନେ ଅନିଶ୍ଚିତତା ଭିତରକୁ ଚାଲିଯାଇଛନ୍ତି।

ଅଗଷ୍ଟ ୭ରୁ ଭାରତର ରପ୍ତାନି ଉପରେ ଆମେରିକା ୨୫ ପ୍ରତିଶତ ଶୁଳ୍କ ଲଗାଇ ସାରିଛି। ଅଗଷ୍ଟ ୨୭ରୁ ଆଉ ୨୫ ପ୍ରତିଶତ ଶୁଳ୍କ ଲଗାଇବ। ଫଳରେ ମୋଟ ଶୁଳ୍କ ୫୦ ପ୍ରତିଶତରେ ପହଞ୍ଚିବ। ଭାରତ ରୁଷ୍‌ରୁ ଅଶୋଧିତ ତେଲ କିଣୁଥିବାରୁ ଟ୍ରମ୍ପ ଏଭଳି ପଦକ୍ଷେପ ନେଇଛନ୍ତି। ତିରୁପୁର ରପ୍ତାନିକାରୀ ସଂଘ ସଭାପତି କେଏମ୍ ସୁବ୍ରମଣନ୍ କହିଛନ୍ତି, ଏହି ଅଞ୍ଚଳରୁ ବର୍ଷକୁ ପ୍ରାୟ ୪୫ ହଜାର କୋଟି ଟଙ୍କାର ପୋଷାକ ରପ୍ତାନି ହୋଇଥାଏ। ଏଥିରୁ ପ୍ରାୟ ୩୦ ପ୍ରତିଶତ ଅର୍ଥାତ ୧୨ ହଜାର କୋଟି ଟଙ୍କାର ରପ୍ତାନି ଆମେରିକାକୁ ହୋଇଥାଏ। ତେଣୁ ଆମେରିକାକୁ ହେଉଥିବା ମୋଟ ୧୨ ହଜାର କୋଟି ଟଙ୍କାର ରପ୍ତାନିରୁ ଅଧା ବା ୬ ହଜାର କୋଟି ଟଙ୍କାର ରପ୍ତାନି ପ୍ରଭାବିତ ହେବ ବୋଲି ସେମାନେ ଆକଳନ କରିଛନ୍ତି। ଶିଳ୍ପ ପ୍ରତିନିଧିଙ୍କ କହିବାନୁଯାୟୀ, କିଛି ରପ୍ତାନିକାରୀ ଉତ୍ପାଦନ ବନ୍ଦ କରିସାରିଥିବାବେଳେ ଅନ୍ୟମାନେ ବିକଳ୍ପ ଅନୁସନ୍ଧାନରେ ରହିଛନ୍ତି। କେବଳ ଆମେରିକାକୁ ରପ୍ତାନି କରୁଥିବା କମ୍ପାନିଗୁଡ଼ିକ ବଡ଼ଧରଣର କ୍ଷତି ସହିବେ। ସମ୍ଭାବ୍ୟ କ୍ଷତି ସଂପର୍କରେ ଆକଳନ କରାଯିବା ପରେ ଏ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ସୁବ୍ରମଣ୍ୟନ କହିଛନ୍ତି।

## ବିଦେଶମୁହାଁ ଭାରତୀୟ କମ୍ପାନି

ନୂଆଦିଲ୍ଲୀ, ୧୦।୮ : ଭାରତ ବର୍ଷକୁ ୮୭ ହଜାର କୋଟି ଟଙ୍କାର ବୟନ ସାମଗ୍ରୀ ଆମେରିକାକୁ ରପ୍ତାନି କରିଥାଏ। ଟ୍ରମ୍ପ ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରେ ଏହି ରପ୍ତାନି ବାଧାପ୍ରାପ୍ତ ହେବ। ଏଭଳି ସ୍ଥିତିରେ ଭାରତୀୟ କମ୍ପାନିଗୁଡ଼ିକ ବିଦେଶରେ ଥିବା ସେମାନଙ୍କ କାରଖାନାକୁ ଉତ୍ପାଦନ ସ୍ଥାନାନ୍ତର ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ପର୍ଲ ଗ୍ଲୋବାଲ ଇଣ୍ଡଷ୍ଟ୍ରିଜ୍ ନାମକ କମ୍ପାନିର ଏମ୍‌ଡି ପଲ୍ଲବ ବାନାର୍ଜୀ କହିଛନ୍ତି, ଆମେରିକା ବଜାରକୁ ଭାରତ ଅପେକ୍ଷା ଅପେକ୍ଷାକୃତ ଅନୁକୂଳ ସ୍ଥାନରୁ ଉତ୍ପାଦନ ଯୋଜନା କରାଯାଉଛି। ଭିଏତନାମ, ଇଣ୍ଡୋନେସିଆ, ବାଂଲାଦେଶ ଏବଂ ଗୁଏତମାଲା ଭଳି ଦେଶରେ ଥିବା କମ୍ପାନିର କାରଖାନାରୁ ଉତ୍ପାଦନ ନେଇ ଉଦ୍ୟମ ଚାଲିଛି। ବାଂଲାଦେଶ, ଭିଏତନାମ, ଇଣ୍ଡୋନେସିଆ ଭଳି ଦେଶ ଉପରେ ଟ୍ରମ୍ପ ୧୯ରୁ ୨୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ତେଣୁ ଆମେରିକାର ରିଟେଲରମାନେ ଏସବୁ ବଜାରରୁ ଅଧିକ ସାମଗ୍ରୀ କିଣିବାକୁ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଅନ୍ୟ ଏକ ପୋଷାକ ରପ୍ତାନିକାରୀ କମ୍ପାନି ଆମେରିକା ବଜାରକୁ ପଠାଯିବା ପାଇଁ ଥିବା ଅର୍ଡରକୁ ଆଫ୍ରିକାକୁ ସ୍ଥାନାନ୍ତର କରିଥିବା ଜଣାଯାଇଛି। ଆଫ୍ରିକାରେ ଆମର ଏକ କେନ୍ଦ୍ର ରହିଛି। ସେଠାରୁ ଉତ୍ପାଦନ କରିବାକୁ ଯୋଜନା କରାଯାଇଛି ବୋଲି ଜଣେ ଅଧିକାରୀ କହିଛନ୍ତି।

## ବିଜିୟୁରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ), ବିର୍ଲା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଏବଂ ବିର୍ଲା ସ୍କୁଲ ଅଫ୍ ଆପ୍ଲାଏଡ୍ ସାଇନ୍ସର ନବାଗତ ବିସିଏ, ଏମ୍‌ସିଏ ଏବଂ ବିଟେକ୍-୨୦୨୫ ବ୍ୟାଚ୍ ଛାତ୍ରଛାତ୍ରୀଙ୍କୁ ୟୁନିଭରସିଟି ପରିସରରେ ସ୍ୱାଗତ କରାଯାଇଛି। ଏଥିରେ ଇନ୍୨ଆଇଟି ଏଣ୍ଟରପ୍ରାଇଜ୍‌ର ପରିଚାଳନା ନିର୍ଦ୍ଦେଶକ ରୁଦ୍ର ଶଙ୍କର ଶତପଥୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କୃତ୍ରିମ ବୁଦ୍ଧିମତା ସହିତ ନୈତିକତାର ସାମଞ୍ଜସ୍ୟ ଓ ଏଥିରୁ ଉପୁଜୁଥିବା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ବିଶିଷ୍ଟ ଅତିଥି ଭାବେ ଇନ୍୨ଆଇଟି ଏଣ୍ଟରପ୍ରାଇଜ୍‌ର ମହାପ୍ରବନ୍ଧକ ସୁଧାଂଶୁ ଶେଖର ମିଶ୍ର ଜ୍ଞାନ ଏବଂ ଦକ୍ଷତା ବୃଦ୍ଧି ପାଇଁ ପ୍ରତ୍ୟେକ ସୁଯୋଗକୁ ଆପଣେଇବାକୁ ଉପଦେଶ ଦେଇଥିଲେ। ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି ବୈଷୟିକ ଶିକ୍ଷା ସହ ଚରିତ୍ର, ମୂଲ୍ୟବୋଧ ଏବଂ ସାମାଜିକ ଦାୟିତ୍ୱବୋଧତାର ସନ୍ତୁଳନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବିକେ ଦାସ, ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜିର ଡିନ୍ ସଞ୍ଜୟ କୁଅଁର ଯୋଗଦେଇଥିଲେ। ବିର୍ଲା ସ୍କୁଲ ଅଫ୍ ଆପ୍ଲାଏଡ୍ ସାଇନ୍ସର ଆସିଷ୍ଟାଣ୍ଟ ପ୍ରଫେସର ବନ୍ଦିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୩, ୦୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୪,୪୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୩,୦୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୪, ୪୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୩,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୪ ହଜାର ୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୩,୧୯୦ ଟଙ୍କା ଓ ୨୨ କ୍ୟାରେଟ୍ ୯୪, ୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୩,୦୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୪ ହଜାର,୪୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୩,୦୪୦ ଓ ୯୪,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୭,୦୦୦ଟଙ୍କାହୋଇଛି।

## ଅଗଷ୍ଟ ୧୫ରୁ ଲାଗୁ ହେବ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍




ନୂଆଦିଲ୍ଲୀ, ୧୦।୮: ଯଦି ଆପଣ ପ୍ରତିଦିନ ହାଇୱେରେ ଯାତ୍ରା କରନ୍ତି, ତେବେ ଆପଣଙ୍କ ପାଇଁ ଏକ ବଡ଼ ଖବର। ୧୫ ଅଗଷ୍ଟ ୨୦୨୫ରୁ ସାରା ଦେଶରେ ଫାସ୍‌ଟ୍ୟାଗ୍ ଆନୁଆଲ୍ ପାସ୍ ଲଞ୍ଚ ହେବାକୁ ଯାଉଛି। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏହି ଯୋଜନା ଘୋଷଣା କରିଛନ୍ତି। ଏହି ପାସ୍ ବିଶେଷକରି ପ୍ରାଇଭେଟ୍ ଗାଡ଼ି ଅର୍ଥାତ୍ କାର, ଜିପ୍, ଭ୍ୟାନ୍ ପାଇଁ ଉପଯୋଗୀ। ଏଥି ସହ ଏହା କିଛି ହାତଗଣତି ନ୍ୟାସନାଲ୍ ହାଇୱେ ଏବଂ ନ୍ୟାସନାଲ୍ ଏକ୍ସପ୍ରେସୱେର ଟୋଲ୍ ପ୍ଲାଜାରେ ଭାଲିଡ୍ ହେବ।

ଏହା ଏକ ପ୍ରିପେଡ୍ ଟୋଲ୍ ପାସ୍ ଯାହା ଥରେ କିଣିବା ପରେ ଗୋଟିଏ ବର୍ଷ କିମ୍ବା ୨୦୦ଟି ଟ୍ରିପ୍ (ଯେଉଁଟି ପୂର୍ବରୁ ହେବ) ପାଇଁ ଭାଲିଡ୍ ହେବ। ଏହି ପାସ୍ ସହିତ ଲିଙ୍କ୍ ହୋଇଥିବା ଯାନକୁ ଟୋଲ୍ ପ୍ଲାଜାରେ କୌଣସି ଚାର୍ଜ ଦେବାକୁ ପଡ଼ିବ ନାହିଁ। ଏହାର ଅର୍ଥ ହେଉଛି ଏବେ ପ୍ରତ୍ୟେକ ଥର ଟୋଲ୍ ଟ୍ୟାକ୍ସ ଦେବାର ଟେନସନ୍ ଶେଷ ହେବ। ଆପଣମାନେ ଜାଣିରଖନ୍ତୁ ଯେ, ଏହି ପାସର ମୂଲ୍ୟ ୩,୦୦୦ ଟଙ୍କା ରଖାଯାଇଛି। ଯାହା ୨୦୨୫-୨୬ ପାଇଁ ବେସ୍ ପ୍ରାଇସ୍। ଏହି ଆନୁଆଲ୍ ପାସ ମାଧ୍ୟମରେ, ଆପଣ ମାତ୍ର ୩୦୦୦ ଟଙ୍କାରେ ୨୦୦ ଟି ଯାତ୍ରା କରିପାରିବେ, ଅର୍ଥାତ୍ ପ୍ରତ୍ୟେକ ଯାତ୍ରା ପାଇଁ କେବଳ ୧୫ ଟଙ୍କା ଖର୍ଚ୍ଚ ହେବ। ଏଥି ସହ ଆପଣ ଏହାକୁ ହାଇୱେ ଯାତ୍ରା ମୋବାଇଲ୍ ଆପ୍ କିମ୍ବା ଏନଏଚଏଆଇ ୱେବସାଇଟ୍‌ରୁ ଅନଲାଇନରେ କିଣିପାରିବେ। ଏହି ପାସ୍ ଗୋଟିଏ ବର୍ଷ କିମ୍ବା ୨୦୦ ଟି ଯାତ୍ରା ପାଇଁ ଭାଲିଡ ହେବ, ଯେଉଁଟି ପ୍ରଥମେ ସମାପ୍ତ ହେବ। ଏହା ପରେ, ଆପଣଙ୍କର ଫାସ୍‌ଟ୍ୟାଗ୍ ପୁଣି ସାଧାରଣ ପେ-ପର୍-ୟୁଜ୍ ମୋଡକୁ ଯିବ। ଏହି ପାସ୍ ଟ୍ରାନ୍ସଫରେବଲ୍ ନୁହେଁ। ଏହା କେବଳ ସେହି ଗାଡ଼ି ପାଇଁ ଭାଲିଡ୍ ହେବ ଯେଉଁଥିରେ ଫାସ୍‌ଟ୍ୟାଗ୍ ଲାଗିଥିବ ଏବଂ ରେଜିଷ୍ଟର ହେବ। ଏଥି ସହ ଅନ୍ୟ କୌଣସି ଗାଡ଼ିରେ ବ୍ୟବହାର ହେଲେ ଏହାକୁ ଡିଆକ୍ଟିଭେଟ୍ କରିଦିଆଯିବ।

ଏହି ସୁବିଧା କେବଳ ପ୍ରାଇଭେଟ୍, ନନ୍-କର୍ମସିଆଲ୍ ଗାଡ଼ି ଯେପରିକି କାର, ଜିପ୍, ଭ୍ୟାନ ପାଇଁ ଉପଲବ୍ଧ। ଯଦି ଏହା କର୍ମସିଆଲ୍ ଗାଡ଼ି କିମ୍ବା ଅନ୍ୟାନ୍ୟ ବର୍ଗର ଗାଡ଼ିରେ ବ୍ୟବହୃତ ହୁଏ, ତେବେ ପାସ୍ କ୍ୟାନସଲ୍ ହୋଇଯିବ। ଏଥିପାଇଁ 'ବାହାନ' ଡାଟାବେସ୍‌ରୁ ଯାଞ୍ଚ କରାଯିବ। ଯେଉଁମାନେ ପ୍ରତିଦିନ କିମ୍ବା ବାରମ୍ବାର ଟୋଲ୍ ରାସ୍ତାରେ ଯାତ୍ରା କରନ୍ତି ସେମାନଙ୍କ ପାଇଁ ଫାସ୍‌ଟ୍ୟାଗ୍ ଆନୁଆଲ୍ ପାସ୍ ଏକ ଉତ୍ତମ ସୁବିଧା ହେବ। ଏହା କେବଳ ଟଙ୍କା ସଞ୍ଚୟ କରିବ ନାହିଁ ବରଂ ବାରମ୍ବାର ଟୋଲ୍ ବନ୍ଦ ହେବାରୁ ମଧ୍ୟ ମୁକ୍ତି ଦେବ। ଏପରି ପରିସ୍ଥିତିରେ, ୧୫ ଅଗଷ୍ଟ ପୂର୍ବରୁ ରାଜମାର୍ଗ ଯାତ୍ରା ଆପରେ ଏହାକୁ ବୁକ୍ କରନ୍ତୁ ଏବଂ ସ୍ୱାଧୀନତା ଦିବସରୁ ଏକ ନୂଆ ଯାତ୍ରା ଆରମ୍ଭ କରନ୍ତୁ।

## ବନ୍ଦ ହେବ ଗୁଗୁଲର କ୍ରୋମ୍‌ବୁକ୍ ଷ୍ଟିମ୍ ସପୋର୍ଟ ସେବା

ନୂଆଦିଲ୍ଲୀ,୧୦।୮: ଖୁବ୍‌ଶୀଘ୍ର ଗୁଗୁଲ୍ ବନ୍ଦ କରିବାକୁ ଯାଉଛି ଆଉ ଏକ ସ୍ୱତନ୍ତ୍ର ସେବା। ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ଲକ୍ଷ ଲକ୍ଷ ଗେମିଂ ୟୁଜର । ଟେକ୍ କମ୍ପାନୀ କ୍ରୋମବୁକ୍ ବିଟା ପାଇଁ ଷ୍ଟିମ୍‌କୁ ସମର୍ଥନ କରିବା ବନ୍ଦ କରିବାକୁ ଯାଉଛି। ଜାନୁଆରୀ ୧, ୨୦୨୬ରୁ ୟୁଜରମାନେ ଏହାର ସମର୍ଥନ ପାଇବେ ନାହିଁ। ଏହି ସେବା ବନ୍ଦ ହେବା ସହିତ ୟୁଜରମାନେ ଷ୍ଟିମ୍ ମାଧମରେ କ୍ରୋମବୁକ୍‌ରେ ଗେମ୍ ଖେଳିପାରିବେ ନାହିଁ। ପୂର୍ବରୁ ଇନଷ୍ଟଲ ଥିବା ଗେମ୍ ଗୁଡ଼ିକ ମଧ ସ୍ୱୟଂଚାଳିତ ଭାବରେ ହଟିଯିବ। ତଥାପି କମ୍ପାନୀ ଏହି ସେବା ବନ୍ଦ କରିବାର କାରଣ ଦେଇନାହିଁ।

ଗୁଗୁଲ ଏଥିପାଇଁ କ୍ରୋମବୁକ୍ ୟୁଜରଙ୍କୁ ଏକ ବାର୍ତ୍ତା ପଠାଇଛି। ବାର୍ତ୍ତାରେ, ୟୁଜରମାନଙ୍କୁ କୁହାଯାଇଛି ଯେ ସେମାନେ ଷ୍ଟିମ୍ ମାଧମରେ ଖେଳ ଖେଳିପାରିବେ ନାହିଁ। ଜାନୁଆରୀ ୧, ୨୦୨୬ରୁ, ସେମାନେ ଷ୍ଟିମ୍ ଲଞ୍ଚ କରିପାରିବେ ନାହିଁ କିମ୍ବା କୌଣସି ଖେଳ ଇନଷ୍ଟଲ କରିପାରିବେ ନାହିଁ। ତଥାପି, ଏହି ବିଟା ଆପ୍ ଡିସେମ୍ବର ୩୧, ୨୦୨୫ ପର୍ଯ୍ୟନ୍ତ ସଠିକ୍ ଭାବରେ କାମ କରିବ ଏବଂ ୟୁଜରମାନେ ଏହାକୁ ବ୍ୟବହାର କରିପାରିବେ। ତେବେ ଷ୍ଟିମ୍ ଏକ ପିସି ଗେମିଂ ପ୍ଲାଟଫର୍ମ ଯାହା ମାଧମରେ ଆପଣ ପିସି ଅର୍ଥାତ୍ କମ୍ପ୍ୟୁଟରରେ ଖେଳାଯାଉଥିବା ଗେମ୍ ଡାଉନଲୋଡ୍ କରିପାରିବେ। ଏହା ମାଧମରେ



### ଅସୁବିଧାର ସମ୍ମୁଖୀନ ହେବେ ଲକ୍ଷାଧିକ ୟୁଜର୍ସ

ଆପଣ ଗେମ୍ ଭଡା ନେଇପାରିବେ ଏବଂ ଏହାକୁ କିଣି ଡାଉନଲୋଡ୍ ମଧ କରିପାରିବେ। ଏଥିପାଇଁ ଆପଣଙ୍କୁ ଆପଣଙ୍କ ପିସିରେ ଷ୍ଟିମ୍ ଆପ୍ ଡାଉନଲୋଡ୍ କରିବାକୁ ପଡିବ। ୨୦୨୨ରେ, ଗୁଗୁଲ୍ ଷ୍ଟିମ୍ ସହିତ ମିଶି କ୍ରୋମବୁକ୍ ୟୁଜରଙ୍କ ପାଇଁ ଏହାର ବିଟା ସଂସ୍କରଣ ଆରମ୍ଭ କରିଥିଲା, ଯାହା ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ କାମ କରିବ। ଏହା ପରେ, କ୍ରୋମବୁକ୍ ୟୁଜରମାନେ ଷ୍ଟିମ୍ ସମର୍ଥନ ପାଇବେ ନାହିଁ।ଗୁଗୁଲ୍ କ୍ରୋମ୍ବୁକ୍‌ରେ,ୟୁଜରମାନେ ଷ୍ଟିମ୍ ମାଧମରେ ୯୯ଟି ଭିନ୍ନ ଭିନ୍ନ ଗେମିଂ ଟାଇଟଲ୍ ଖେଳିପାରୁଥିଲେ। ତଥାପି, ୟୁଜରମାନେ ଜାନୁଆରୀରୁ ଆଣ୍ଡ୍ରଏଡ୍ ପ୍ଲାଟଫର୍ମରେ ଏହି ଖେଳଗୁଡ଼ିକ ଖେଳିପାରିବେ। ୟୁଜରମାନଙ୍କୁ ଷ୍ଟିମ୍ ବଦଳରେ ଗୁଗୁଲ୍ ପ୍ଲେ ଷ୍ଟୋରରୁ ଖେଳକୁ ଡାଉନଲୋଡ୍ କରିବାକୁ ପଡିବ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୫ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ଶୀଘ୍ର ହେବ ଭାରତ-ଓମାନ ମୁକ୍ତ ବାଣିଜ୍ୟ ଚୁକ୍ତି

ନୂଆଦିଲ୍ଲୀ, ୧୦।୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରେ ଭାରତର ଚିନ୍ତା ବଢ଼ିଯାଇଛି। ଏହାଦ୍ୱାରା ଆମେରିକାକୁ ଭାରତର ରପ୍ତାନି ପ୍ରଭାବିତ ହେବ। ଏଭଳି ସ୍ଥିତିରେ ଓମାନ ସହିତ ଭାରତର ମୁକ୍ତ ବାଣିଜ୍ୟ ରାଜିନାମା ଖୁବ୍ ଶୀଘ୍ର ହେବାକୁ ଯାଉଛି। ପୂର୍ବରୁ ଏହି ରାଜିନାମା ହେବାକୁ ଆଉ ୨ରୁ ୩ ମାସ ସମୟ ଲାଗିବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଏହା ଆହୁରି କମ୍ ସମୟ ମଧ୍ୟରେ ହେବା ନେଇ ଆଶା ସୃଷ୍ଟି ହୋଇଛି।

ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ମୁକ୍ତ ବାଣିଜ୍ୟ ରାଜିନାମାର ନାମ ବ୍ୟାପକ ଅର୍ଥନୈତିକ ସହଭାଗିତା ରାଜିନାମା (ସିଇପିଏ) ରଖାଯାଇଛି। ୨୦୨୩ ନଭେମ୍ବର ମାସରେ ଏଥିପାଇଁ ଆଲୋଚନା ଆରମ୍ଭ ହୋଇଥିଲା। ସଂପ୍ରତି ଓମାନରେ ଏହି ରାଜିନାମା ପାଇଁ ପ୍ରସ୍ତୁତ ଦସ୍ତାବିଜ୍‌କୁ ଆରବିକ୍ ଭାଷାରେ ଅନୁବାଦ କରାଯାଉଛି। ଏହି କାର୍ଯ୍ୟ ଶେଷହେବା ପରେ ଉଭୟ ଦେଶର କ୍ୟାବିନେଟ୍ ଉକ୍ତ ପ୍ରସ୍ତାବକୁ ମଞ୍ଜୁରି ଦେବେ ଏବଂ ଏହାପରେ ଏ ନେଇ ଘୋଷଣା କରାଯିବ।

ଉପସାଗର ସହଯୋଗ ପରିଷଦ (ଜିସିସି)ରେ ଓମାନ ହେଉଛି ଭାରତର ତୃତୀୟ ବଡ଼ ରପ୍ତାନି ସ୍ଥଳ। ଜିସିସିର ଅନ୍ୟତମ ସଦସ୍ୟ ଦେଶ ସଂଯୁକ୍ତ ଆରବ ଏମିରେଟ୍‌ସ ସହିତ ଭାରତର ସମାନ ରାଜିନାମା ୨୦୨୨ ମେ ମାସରୁ କାର୍ଯ୍ୟକାରୀ ହେଉଛି।

୨୦୨୪-୨୫ରେ ଭାରତ ଓ ଓମାନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୦ ବିଲିଅନ ଡଲାର ଅତିକ୍ରମ କରିଛି। ଏଥିରେ ଭାରତର ରପ୍ତାନି ୪.୦୬ ବିଲିଅନ ଡଲାର ଏବଂ ଆମଦାନି ୬.୫୫ ବିଲିଅନ ଡଲାର ରହିଛି। ଓମାନରୁ ଭାରତ ଯେଉଁସବୁ ସାମଗ୍ରୀ ଆମଦାନି କରେ ସେଥିରେ ପେଟ୍ରୋଲିୟମ ସାମଗ୍ରୀ ଓ ୟୁରିଆର ଅଂଶ ପ୍ରାୟ ୭୦ ପ୍ରତିଶତ ରହିଥାଏ। ଉଲ୍ଲେଖଯୋଗ୍ୟ, ଗତମାସ ୨୪ ତାରିଖରେ ବ୍ରିଟେନ ସହିତ ଭାରତର ମୁକ୍ତ ବାଣିଜ୍ୟ ରାଜିନାମା ଘୋଷଣା ହୋଇସାରିଛି। ବ୍ରିଟେନ ସଂସଦର ସ୍ୱୀକୃତି ମିଳିବା ପରେ ଏହା କାର୍ଯ୍ୟକାରୀ ହେବ ବୋଲି ଆଶା ରହିଛି।



## ଭୁବନେଶ୍ୱରରେ 'ଟାଇକନ୍ ୨୦୨୫'




ଭୁବନେଶ୍ୱର,୧୦।୮(ସଂଚାର ବ୍ୟୁରୋ): ଟାଇ ଭୁବନେଶ୍ୱର ପକ୍ଷରୁ ଭୁବନେଶ୍ୱରଠାରେ ଏକ ଅନ୍ତର୍ଜାତୀୟସ୍ତରର ଉଦ୍ୟୋଗିତା ସମ୍ମିଳନୀ, 'ଟାଇକନ୍ ୨୦୨୫' ଆୟୋଜନ କରାଯାଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମକୁ ହସ୍ତତନ୍ତ ଏବଂ ବୟନ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉଦ୍‌ଘାଟନ କରିବା ସହିତ ଓଡ଼ିଶାର ୫୭୪ କିଲୋମିଟର ଉପକୂଳରେଖାକୁ ନୀଳ ଅର୍ଥନୀତି ପାଇଁ ଏକ ବଡ଼ ସୁଯୋଗ ଭାବରେ ଉଲ୍ଲେଖ କରିଥିଲେ। ଓଡ଼ିଶା ସରକାର ଦକ୍ଷତା ବିକାଶ ଏବଂ ଷ୍ଟାର୍ଟଅପ୍ ପ୍ରୋତ୍ସାହନ ମାଧ୍ୟମରେ ଉଦ୍ୟୋଗୀଙ୍କୁ ସମର୍ଥନ ଜାରି ରଖିବେ ବୋଲି ସେ ମତ ଦେଇଥିଲେ। ଶିଳ୍ପ ଏବଂ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଓଡ଼ିଶାର କଂଚାମାଲ, ଚାହିଦା ଏବଂ ପ୍ରଯୁକ୍ତି ଆଧାରିତ ବିକାଶ ଉପରେ ଧ୍ୟାନ ଦେବାକୁ କହିଥିଲେ। ଶକ୍ତି ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ, ଟାଇ ଭୁବନେଶ୍ୱରର ସଭାପତି ଅୟସକାନ୍ତ ମହାନ୍ତି, ଟାଇ ଗ୍ଲୋବାଲ୍‌ର ସଭାପତି ମୁରଳୀ ବୁକାପାଟ୍ଟନମ୍ ଉଦ୍ୟୋଗୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଟାଇ ଭୁବନେଶ୍ୱରର ଉପ-ସଭାପତି ସତ୍ୟବ୍ରତ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିବସରେ ବିଭିନ୍ନ ବିଷୟ ଉପରେ ବୈଷୟିକ ଅଧିବେଶନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀଙ୍କ ସମେତ ୫୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଛନ୍ତି।

ରିଜର୍ଭ ବ୍ୟାଙ୍କର ନୂଆ ନିୟମ

## ୧୫ ଦିନରେ ସମାଧାନ ହେବ ମୃତବ୍ୟକ୍ତିଙ୍କ ବ୍ୟାଙ୍କ ଖାତା ସଂପର୍କିତ ଦାବି

ମୁମ୍ବାଇ, ୧୦।୮ : ମୃତ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ଲକର ସହିତ ଜଡିତ ଦାବିଗୁଡ଼ିକୁ ୧୫ ଦିନ ମଧ୍ୟରେ ସମାଧାନ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏକ ସ୍ୱତନ୍ତ୍ର ପଦକ୍ଷେପ ନେଇଛି। ଏଥିପାଇଁ ଏକ ଚିଠା ସର୍କୁଲାର ଜାରି କରାଯାଇଛି । ମୃତ ବ୍ୟାଙ୍କ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ସେଫ୍ ଡିପୋଜିଟ୍ ଲକରରେ ରଖାଯାଇଥିବା ଜିନିଷଗୁଡ଼ିକସହ ଜଡିତ ଦାବିଗୁଡ଼ିକର ସମାଧାନ ପାଇଁ ମାନକ ପ୍ରକ୍ରିୟା ଆଣିବାକୁ ଆରବିଆଇ ପ୍ରସ୍ତାବ ଦେଇଛି। ସମାଧାନକୁ ଅଧିକ ସହଜ ଏବଂ ସରଳ କରିବା ହେଉଛି ଏହାର ଲକ୍ଷ୍ୟ। ଏ କ୍ଷେତ୍ରରେ ବିଳମ୍ବ ହେଲେ ନୋମିନିଙ୍କୁ କ୍ଷତିପୂରଣ ଦେବାକୁ ଯୋଜନା କରୁଛି। ମୃତ ବ୍ୟାଙ୍କ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ଲକରରେ ରଖାଯାଇଥିବା ଜିନିଷଗୁଡ଼ିକ ସହ ଜଡିତ ଦାବିଗୁଡ଼ିକର ସମାଧାନ ପାଇଁ ଏକ ମାନକ ପ୍ରକ୍ରିୟା ଆଣିବାକୁ ଆରବିଆଇ ପ୍ରସ୍ତାବ ଦେଇଛି। ସମାଧାନକୁ ଅଧିକ ସହଜ ଏବଂ ସରଳ କରିବା ହେଉଛି ଏହାର ଲକ୍ଷ୍ୟ। ଏ କ୍ଷେତ୍ରରେ ବିଳମ୍ବ ହେଲେ ନୋମିନିଙ୍କୁ କ୍ଷତିପୂରଣ ଦେବାକୁ ଯୋଜନା ରହିଛି। ଏହି ଦିଗରେ, କେନ୍ଦ୍ରୀୟ ବ୍ୟାଙ୍କ ଏକ ଡ୍ରାଫ୍ଟ ସର୍କୁଲାର ଜାରି କରିଛି-'ଭାରତୀୟ ରିଜର୍ଭ ବ୍ୟାଙ୍କ (ବ୍ୟାଙ୍କଗୁଡ଼ିକର ମୃତ ଗ୍ରାହକଙ୍କ ସମ୍ପର୍କରେ ଦାବି ସମାଧାନ) ନିର୍ଦ୍ଦେଶାବଳୀ, ୨୦୨୫' ଏବଂ ଅଗଷ୍ଟ ୨୭ ସୁଦ୍ଧା ଏହା ଉପରେ ମତାମତ ଲୋଡିଛି। "ବ୍ୟାଙ୍କ ଦାବି ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ଗ୍ରହଣ କରିବା ପାଇଁ ମାନକୀକରଣ ଫର୍ମ ବ୍ୟବହାର କରିବ," ବୋଲି ଡ୍ରାଫ୍ଟରେ କୁହାଯାଇଛି। ଦାବି ସମାଧାନରେ ବିଳମ୍ବ ହେଲେ କ୍ଷତିପୂରଣ ମଧ୍ୟ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଡ୍ରାଫ୍ଟରେ କୁହାଯାଇଛି ଯେ ଯଦି ଜଣେ ବ୍ୟକ୍ତିଙ୍କୁ ଜମା ଆକାଉଣ୍ଟ କିମ୍ବା ଲକର ପାଇଁ ନୋମିନି କରାଯାଏ, ତେବେ ତାଙ୍କୁ ପରିଚୟ ଏବଂ ଠିକଣା ଯାଞ୍ଚ ପାଇଁ ଦାବି ଫର୍ମ, ମୃତ୍ୟୁ ପ୍ରମାଣପତ୍ର (ମୃତ ଗ୍ରାହକ) ଏବଂ ନୋମିନିଙ୍କ ଆନୁଷ୍ଠାନିକ ଭାବରେ ବୈଧ ଡକ୍ୟୁମେଣ୍ଟ ଦାଖଲ କରିବାକୁ ପଡିବ।



# ହେଇଟି, ଶୁଣୁଛ

ଡ. ଶୁଭେନ୍ଦୁ ମେହେର

ତୁମକୁ ମୁଁ କ'ଣ କମ୍ ଖୋଜିଛି
ଭାବୁଛ ?
ମୋ'ର ତନ୍ମୟତାର ପ୍ରତି ପଲକରେ
ଭାତରେ ଆଉ ଭାତିଆରେ
ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରରେ
ଝୋ ଝୋ ବର୍ଷାରେ ଆଉ,
ଛାତିଥରା ଶୀତରେ ବି ।

ତୁମକୁ ଖୋଜିଲାବେଳେ
ଏ ହୃଦୟ ମନ୍ତ୍ର ସ୍ନାନ କରେ,
ଆତ୍ମା ଶୁଦ୍ଧ ହୁଏ ।
ଆପେ ଆପେ ପାଦ ହଳକରୁ
ଜୋତା ଯୋଡିକ ଖୋଲିଯାଏ ।
ଗ୍ରୀଷ୍ମରେ ଶୀତଳତାର ଅନୁଭବ ହୁଏ
ଆଉ,
ଶୀତରେ ଉଷ୍ମତାର ।

ହେଇଟି, ଶୁଣୁଛ.....!

ମୁଁ ଅହର୍ନିଶି ଖୋଜୁଥିବା
ମୁହୂର୍ତ୍ତ ସମୂହ ହିଁ
ମୋ'ର ସାର୍ଥକ ସ୍ୱପ୍ନ ।

ଜାଣିଛ,
ତୁମକୁ ମନେପକାଇଲା ବେଳେ
ଅଜାଣତରେ ବହି ଯାଉଥିବା ସେ'
ଦୁଇଟୋପା ଲୁହ
ଆଉ,
ଅନିଶ୍ଚିତ ସ୍ୱପ୍ନ ମାନଙ୍କୁ ନେଇ
କେତେ ଆତୁର ମୁଁ ।

ନିସ୍ତବ୍ଧ ରାତିର ଛାତି ଭିତରେ
ରାତି ସବୁ ରତିମଗ୍ନା,
ଚିମୁଟାଏ ବିଶ୍ୱାସ ଭିତରେ
ନିଶ୍ୱାସର ନିଜତ୍ୱ ହଜେଇଛି ।

ଯେତିକି ଦେଇଛ,
ସେତିକି ପ୍ରତିଶୃତି
ଯଥେଷ୍ଟ ମୋ' ପାଇଁ !
ଦେଖିବ ଆସ,
ମୋ'ର କଟି ଯାଇଥିବା
ଡେଣା ହଳକରେ
ଏବେ ପର କଅଁଳୁଛି ।
ନଭ ମଣ୍ଡଳରୁ ଜୀବ ମଣ୍ଡଳ
ସବୁଠି ଖାଲି ପ୍ରେମ ପ୍ରାଚୁର୍ଯ୍ୟର
ଉତ୍ତୁଳ ସାଗର ।

ହେଇଟି, ଶୁଣୁଛ.....!

ମଥା ଛୁଇଁ କଥା ଦେଉଛି
ଯନ୍ତ୍ରଣାର ଜଉଘରେ
ମଧୁର ମୂର୍ଚ୍ଛନା ତୋଳି
ଇହ କାଳରୁ ପର କାଳଯାଏଁ
କର୍ପୁର ଚନ୍ଦନର ଗନ୍ଧେ
ତୁମ ଘର ଅଗଣାରେ
ମହକ ଭରିବି,
ତୁମ ଗାଁ ଡ଼ଙ୍ଗର ଦେହରେ
ସ୍ମୃତିରେ ସହରଟିଏ ତିଆରି କରିବି।
ହେଇଟି, ଶୁଣୁଛ.....!

ଯାଲୋଏ, ସୁବର୍ଣ୍ଣପୁର





# ରୁକସାନା ପରବିନ

ଆଶୁତୋଷ ମିଶ୍ର



ମା'ରେ ତୋ ନାଁ କଣ ? ଗୋବିନ୍ଦ ବାବୁ ଯଥାସମ୍ଭବ ନିଜକୁ ସରଳ କରି ପିଲାଟିକୁ ବାରମ୍ବାର ପଚାରୁଥିଲେ ତା' ପରିଚୟ। କିଏ କହିବ ଏହା ଗୋବିନ୍ଦ ବାବୁଙ୍କ ଆୱାଜ ବୋଲି? ଯାହାଙ୍କର ଗୋଟାଏ ଗର୍ଜନ ଶୁଣିଲେ ଚୋର ଟସ୍କରଙ୍କ ହାଲତ ଖରାପ ହେଇଯାଉଥିଲା। ଗଗନପୁର ଇଲାକାର ସବୁଠୁ କଡ଼ା ଇନିସ୍ପେକଟର ଗୋବିନ୍ଦ ଚନ୍ଦ୍ର ପାଣି, ଆଜି ଆଖି ଓଦା କରି ଛିଡ଼ା ହୋଇଥିଲେ ଶିଶୁଟିର ସାମ୍ନାରେ। କିପରି ତାକୁ କହିବେ, ମା'ରେ ତୋ ସମଗ୍ର ପରିବାର ଜୀବନ୍ତ ଦଗ୍ଧ। ଏବେ ତତେ ଏକେଲା ବଞ୍ଚିବାକୁ ହେବ, ଲଢ଼ିବାକୁ ହେବ ଦୁନିଆ ଦାଣ୍ଡରେ।

ଗତ ରାତିରେ ଜାଫର ଖାଁ ବସ୍ତିରେ ଲାଗିଗଲା ନିଆଁ। ଚାହୁଁଚାହୁଁ ଦୁଇଟି ପରିବାର ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲା। ଫାୟାର ବିଗ୍ରେଡ଼ବାଲା ମାତ୍ର ବଂଚେଇପାରିଥିଲେ ଏହି ଛୋଟ ଝିଅଟିକୁ। କୁନି କଣ୍ଢେଇଟିକୁ ଜାବୁଡି ଧରି ଥରୁଥିବା ଏହି ଛୋଟ ଝିଅଟିକୁ ଫାୟାରମ୍ୟାନ ରମେଶ ବାବୁ ଇନିସ୍ପେକଟର ଗୋବିନ୍ଦ ବାବୁଙ୍କୁ ଜିମା ଦେଲେ। ନିଆଁ ଲାଗିଲା ବେଳେ ପରିବାରର ଅନ୍ୟ ସଦସ୍ୟ ନିଜ ନିଜର ଗୁରୁତ୍ୱପୂର୍ଣ୍ଣ ଜିନିଷ ଅଣ୍ଟାଳି ନେଇଯାଉଥିବା ଦେଖି, ଏ କୁନି ଝିଅ ଟି ତା ପ୍ରିୟ ଜିନିଷକୁ ଜାବୁଡି ଧରିଛି... ଆହାଃ କେଡ଼େ କରୁଣ..... କେଡ଼େ ନିଷ୍ଠୁର ଏ ବିଧାତା... ପିଲାଟି କପାଳରେ ଛେଉଣ୍ଡତା ଯୋଡିଦେଲା।ଗୋବିନ୍ଦ ବାବୁ ପୁନଶ୍ଚ କଅଁଳେଇ ପଚାରିଲେ - ମାଆରେ ତୋ ନାଁ କଣ ? କୁନି ଝିଅଟି ଥର ଥର କଣ୍ଠରେ କହିଲା-ରୁ..କ..ସା..ନା... ପର...ବିନ। ତା କୁନି ଓଠରୁ ସାବଲୀଳ କଣ୍ଠରେ ତା ନିଜ ନାଁ ଟି ବଡ଼ ସୁନ୍ଦର ଲାଗୁଥିଲା। ଗୋବିନ୍ଦ ବାବୁ ଦୁଇଚାରି ଥର ପୁନରାବୃତ୍ତି କଲେ - ରୁକସାନା ପରବିନ, ରୁକସାନା ପରବିନ। ଜୀବନରେ ଅନେକ ମାନ ସନମାନ ପାଇଥିବା ଗୋବିନ୍ଦ ବାବୁ ଙ୍କ ହୃଦୟର କେଉଁ ଏକ ଫାଙ୍କା ସ୍ଥାନରୁ ଝଙ୍କୁରିତ ହେଉଥିଲା ରୁକସାନା ପରବିନର ନାଁ ଟା। ପିଲାଟିଏ ପାଇଁ ଗୋବିନ୍ଦ ବାବୁ ଆଉ ତାଙ୍କ ଧର୍ମପତ୍ନୀଙ୍କର ସମସ୍ତ ଚେଷ୍ଟା ଅସଫଳ ହେବା ପରେ, ଗୋବିନ୍ଦ ବାବୁ ସବୁଦିନ ପାଇଁ ଭୁଲିଯାଇଥିଲେ ପିତୃତ୍ୱ ସୁଖ ଏବଂ ସୁଷମା ଦେବୀ ନିଜକୁ କରିନେଇଥିଲେ ଆଣ୍ଠୁକୁଡ଼ା ପରି ଏକ ଅସମ୍ମାନୀୟ ଶବ୍ଦ ର ଅଧିକାରିଣୀ। ଏ କଅଁଳ ପିଲାଟିକୁ ସରକାରୀ ଅନୁଦାନ ପ୍ରାପ୍ତ ଏନ. ଜି.ଓ କୁ ହସ୍ତାନ୍ତର କରିଦେବେ କି ? ନା ସାଉଁଟି ନେବେ ନିଜ ଅଗଣାରେ ସଜେଇବା ପାଇଁ। ଗୋବିନ୍ଦ ବାବୁ ମାନସ ମନ୍ଥନ କରୁଥିଲେ, ଜୀବନକୁ ଓଲଟେଇ ପଲଟେଇ ବାରବାର ଦେଖୁଥିଲେ, କେଇଟା ପ୍ରଶ୍ନ ବାହାର ଭଗବାନଙ୍କୁ ଓ କେଇଟା ପ୍ରଶ୍ନ ନିଜ ଭିତର ଭଗବାନଙ୍କୁ ପଚାରୁଥିଲେ। ଏ ଯେ ମୁସଲମାନ ବଚା ଟିଏ ? ମୁଁ ହିନ୍ଦୁ ନୈଷ୍ଟିକ ବ୍ରାହ୍ମଣ........। ଧର୍ମ ନିକିତିର ଦୁଇଟି ପଲାରେ ଓଜନ ହେଉଥିଲା ରୁକସାନା ପରବିନ ର ଭାଗ୍ୟ। ଗୋଟିଏ ପଟେ ହୃଦୟ ର ପ୍ରତ୍ୟେକ ଧୂକଧୂକି ରୁ ବାହାରୁଥିବା ପିତୃତ୍ୱ ଲାଳସା ଅନ୍ୟ ପଟେ ମସ୍ତିକ ରୁ ସ୍ନାୟୁ ମାନଙ୍କର ନାନାବିଧ ଶୁଣା ଜ୍ଞାନ। ଗୋବିନ୍ଦ ବାବୁ ବିକଳରେ ଚାହିଁଦେଲେ ପିଲାଟିର ସରଳ ଆଖି ଯୋଡ଼ାକୁ, ନୀରବରେ ଧାରେ ଲୁହ ଚିବୁକ ଦେଇ ବହିଗଲା। ରୁକସାନା କଣ ବୁଝିଲା କେଜାଣି - ଦୌଡଡି ଆସିଲା ଗୋବିନ୍ଦ ବାବୁଙ୍କ ପାଖକୁ - ମେଁ ଆପକୋ ମେରି ଗୁଡିୟା ନେହିଁ ଦିୟା ଇସିଲିଏ ଆପ ରୋ ରେହେହେଁ ନା ରୋୟିଏ ମତ, ୟେ ଲିଜିଏ ମେରି ଗୁଡିୟା, ଆମ୍ଭି କେହତି ହେ ସବକେ ସାଥ ମିଲକେ ଖେଲନା ଚାହିଏ, ତା କୁନି ହାତରେ ଟେକିଦେଲା ଛୋଟ କଣ୍ଢେଇଟିକୁ ଗୋବିନ୍ଦ ବାବୁଙ୍କୁ। ଗୋବିନ୍ଦ ବାବୁଙ୍କ ଆଖିରୁ ଧାରେ ତତଲା ଲୁହ ଜାଗାରେ ବହିଗଲା ନିର୍ମଳ ନିର୍ଝରିଣୀ ଟେ, ଯେଉଁ ନିର୍ଝରିଣୀ ର ପ୍ରତ୍ୟେକ ବୁନ୍ଦା ତାଙ୍କୁ ବୁଝାଉଥିଲା ପବିତ୍ର ଧର୍ମର ପରିଭାଷା।



ବୋଉ କହୁଥିଲା, ବାପାଙ୍କ ଆଖିକୁ ଆଉ ଦିଶୁନି। ପରେ ସଂଶୋଧନ କରିଲା ଓ କହିଲା କମ୍ ଦିଶୁଛି। ମୁଁ ହଠାତ ସେ ରୋଗଟା'ର ନାମ ମନେ ପକାଇନପାରି ବୋଉକୁ ସାନ୍ତ୍ୱନା ଦେଇ କହିଲି, ବୟସ ହୋଇଗଲେ, ଏଇ କମ୍ ଦିଶିବା, କମ୍ ଶୁଭିବାଟା ଗୋଟେ ସାମାନ୍ୟ କଥା ବୋଉ। ଏସବୁରେ ଏତେ ବ୍ୟସ୍ତ ହ'ନା ଯମା। ବୋଉର ମନ ବୁଝିଲାନି। ମୋତେ ଗପ ଶୁଣାଇଲା। ଅବହେଳା ଯୋଗୁଁ ମଦନ କକାଙ୍କ କେମିତି ଆଖି ଦି'ଟା ଏକଦମ୍ ନଷ୍ଟ ହୋଇଗଲା। ଲୋକଟା ବୟସ ଥାଉଥାଉ କଷ୍ଟ ପାଇପାଇ ଚାଲିଗଲା।

ବୋଉ ତାଗିଦା କଲା ମୋତେ। ଜଲଦି ଆସି ବାପାଙ୍କୁ ନେଇ ଅପରେସନ କରାଅ...। ବାପାଙ୍କୁ ପରିଷ୍କାର ଦେଖାଯିବ, ଏକଥା ଭାବି ମୁଁ ପ୍ରଥମେ ଘାବରେଇଗଲି। ପ୍ରତ୍ୟାଶାକୁ କହିବା ମାତ୍ରେ ସିଏ ଜିଭ କାମୁଡି ପକାଇଲା। ମୁଁ ସୁଜୟକୁ ଫୋନ୍ କଲି। ସୁଜୟ ସାନ ମୁଁ ବଡ଼। ଜୟ। ସିଏ ବୋଧେ ବାହାର କାମରେ ଥିଲା। ବିରକ୍ତ ହେଲା। କହିଲା-ବେକାର କଥା ସବୁ। ଏଗୁଡା ଖାଲି ବୋଉର ନାଟ। ମୁଁ ଭାବିଲି, ଝିଲ୍ଲୀକୁ ଜଣାଏ। ଅବଶ୍ୟ ସିଏ ବୋଉଠୁ ଜାଣିସାରିବଣି। ତା'ର ବୋଉସହ ନିତିଦିନିଆ ଟେଲିକାଷ୍ଟ। ଝିଲ୍ଲୀ ଆଗ ହସିଲା। କହିଲା-ବାପାଙ୍କୁ କାହିଁକି କମ୍ ଦିଶିବମ ଭାଇ? ତଥାପି ତୁ ଥରେ ଯା'। ବୋଉର ମନଟା ବୁଝୁ। ମୁଁ ମୋ' କାମ ଆଳକରି ବେଶ୍ କିଛିଦିନ ପାରି ପାଇଗଲି। ବୋଉ ଥିଲା ନଛୋଡ଼ବନ୍ଧା। ଫୋନ୍ ଉପରେ ଫୋନ୍। ଦିନେ ନିଷ୍ପତ୍ତି ନେଲି ଗାଁ କୁ ଯିବି। ପ୍ରତ୍ୟାଶା ପ୍ରଥମେ କଳି କଲା ଓ ଶେଷରେ ମୋତେ



# ଅନ୍ଧତ୍ୱ

ଅମିୟ ବେଜ୍

ସର୍ତ୍ତମୂଳକ ଅନୁମତି ଦେଇଦେଲା। ଗାଁଛକରେ ଓହ୍ଲାଇଲା ବେଳେ ଦେଖିଲି ବାପା। ମୋଟରସାଇକେଲ୍ ଧରି ଛିଡାହୋଇଛନ୍ତି। ବୋଉଟା ଯେ ଏତେ ଚାଲାଖ ହେଲାଣି ମୁଁ ଜାଣିପାରିନି କେମିତି ? ପଚାରିଲି - ସଂଜଟାରେ ତୁମେ ଗାଡି ନେଇ...!

- ଆଗ ତୁ ବସ ଜଲଦି। ଅନ୍ଧାର ହେଲାଣି ପା... ବାପା ଆଜିଯାଏଁ ଚଲାନ୍ତି। ମୁଁ ପଛରେ ବସେ। ମୁଁ ଚଲାଇବା କଥା କହିଲେ ଚିଡ଼ନ୍ତି । ଘରେ ପହଞ୍ଚି ଆଗ ବୋଉକୁ ପଚାରିଲି - ଦିଶୁନି ପା' ତାଙ୍କୁ ? ସିଏ ବିକଳ ହେଇ ଚାହିଁଲା ମୋତେ। ଯେମିତି କି ପୁଅଟେ' ହେଇକି ନିଜ ମା' କଥାକୁ କେମିତି ଅବିଶ୍ୱାସ କରିପାରୁଛି ମୁଁ ? ବୋଉ କିଛି କହିବା ପୂର୍ବରୁ ବାପାଙ୍କ ବସାରୁ କଣଗୋଟେ ଶବ୍ଦ ହେଲା। ଖୁବ୍ ଜୋରରେ। ଧାଇଁଲା ବୋଉ। ପଛେପଛେ ମୁଁ। ଫୁଲଦାନୀଟା ପଡି ଚୁନା ହୋଇଯାଇଛି ତଳେ। ବାପା ଅପରାଧୀଙ୍କ ପରି କହିଲେ - ହାତ ବାଜିଗଲା ...

ମୁଁ ଏବେ ସଅଳ ପଚାରିନେଲି -

- ସତରେ କଣ ବାପା ତୁମକୁ ଭଲକି ଦିଶୁନି ଆଉ ? କେବେଠୁଁ ଏମିତି ?

ବାପା ଉତ୍ତର ଦେଉଥିଲେ -

- ଏଇତ ମାତ୍ର ଅଂଧ ହୋଇଯାଇଛି ରେ ପୁଅ ....

ଘଟଗାଁ, କେନ୍ଦୁଝର



# ସବୁଠୁ ସୁନ୍ଦର ମୋ ଜନମ ଭୂଇଁ

କବି ଭାରତୀ ବାସନ୍ତୀ ଲତା ଜେନା

ସବୁଠୁ ସୁନ୍ଦର ମୋ ଜନମ ଭୂଇଁ
ପୂଣ୍ୟ ମୟୀ ବସୁମତୀ
ତା କୋଳରେ ଶୋଭା ଝରଣା
ତଟିନୀ
କୁଳୁକୁଳୁ ଗାଏ ଗୀତି ।୧।
ହିମାଳୟ ଯାର ମସ୍ତକେ ଶୋଭିତ
ଉଚ୍ଚା କରି ଅଛି ଶିର
ନୀଳ ପାରାବାର ତା ଚରଣ ଧୋଏ
ଜନମ ଭୂମିଟି ମୋର ।୨।
ଜନନୀ ଜଠରୁ ଜନମ ହୋଇଲି
ମାଟି ମାଆ କୋଳେଇ ନେଲା
ସ୍ନେହ ଶରଧରେ ତା ଫଳ ଖୁଆଇ
ବଡ଼ ମୋତେ କରାଇଲା ।୩।
ମା କୋଳରେ ଥାଇ ଜହ୍ନ ମୁଁ
ଦେଖିଛି
ଶୁଣିଛି ଗପ କାହାଣୀ
ବନ ଗହନରୁ ସମୀର ବହୁଛି
ମୋ ମନ ନେଉଛି ଟାଣି ।୪।
ବନ ଉପବନେ ଫୁଲ ଫଳ ହସେ
ରଙ୍ଗର ପସରା ଧରି
ପରଜପତଟି ପୁଷ୍ପେ ଉଡି ବୁଲେ
ମଧୁପ ଶୋଷଣ କରି ।୫।
ସାଗରର ଢେଉ ତରଙ୍ଗ ମାଳାରେ
ଛୁଏଁ ସେ ବାଲୁକା ରାଶି
ଶୁଭ୍ରାତା ଫେନିଳ ଛାପ ଛାଡଯାଏ
ଦରଶନେ ମନ ଖୁସି ।୬।
ଆମ୍ର କୁଞ୍ଜବନେ କୋକିଳର ସ୍ୱନ
ମନକୁ କରେ ହରଣ
କଦମ୍ବ ମାଳତୀ ମହ ମହ ବାସ୍ନା
ସୁରଭିରେ ବିତରଣ ।୭।
ଐଶୌର୍ଯ୍ୟ ଭାରତ ମୋ ଦେଶ
ଜନନୀ
ମାଟି ପାଣି ତା ପବନ
ରତ୍ନ ଗର୍ଭା ସେତ ଲାବଣ୍ୟ ବତୀ
ଗୋ
ସନ୍ତାନକୁ କରେ ଧନ୍ୟ ।୮।
ସବୁ ଖଞ୍ଜି ଅଛି ତା ସନ୍ତାନ ପାଇଁ
ସରଗଠୁ ସେ ମହାନ
ସର୍ବଂସହା ପରା ମୋ ଜନମ ଭୂଇଁ
ଖୁସି ତା ସନ୍ତାନ ଗଣ ।୯।
ତାହାରି ସେବାରେ ମୋ ଜୀବନ
ଦେବି
କା'ପୁରୁଷ ହେବି ନାହିଁ
ବୀରା ରମଣୀର ବୀର ସନ୍ତାନ ମୁଁ
ଶପଥ ଚରଣ ଛୁଇଁ ।୧୦।

ଗାନ୍ଧୀନଗର, ପୋଷ୍ଟ
ଜିଲ୍ଲା: ନବରଙ୍ଗପୁର



# ରାକ୍ଷୀବନ୍ଧନ

ଡଃ ତାନଶ୍ରୀ ପାଣିଗ୍ରାହୀ



ପ୍ରାଚୀନ କାଳରୁ ଓଡିଶା କଳା, ସାହିତ୍ୟ, ସଂସ୍କୃତି, ଆଧାତ୍ମିକତା କ୍ଷେତ୍ରରେ ଭାରତବର୍ଷରେ ନିଜର ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରି ଆସିଛି। ଏହି ସ୍ୱତନ୍ତ୍ରତା ମଧ ପରିଲକ୍ଷିତ ହୁଏ ପର୍ବ ପର୍ବାଣୀ କ୍ଷେତ୍ରରେ... ପର୍ବ ପର୍ବାଣୀକୁ ବାଦ ଦେଇ ଓଡିଶାର ସାମାଜିକ, ସାଂସ୍କୃତିକ, ଆଧାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ। ଭାରତୀୟ ପରମ୍ପରାରେ ରାକ୍ଷୀବନ୍ଧନ ଏକ ମୁଖ୍ୟ ସ୍ଥାନ ଗ୍ରହଣ କରିଛି। ଶ୍ରାବଣ ପୂର୍ଣ୍ଣିମାକୁ ଆମେ ରାକ୍ଷୀ ପୂର୍ଣ୍ଣିମା କହିଥାଉ। ଏହିଦିନ କୃଷିର ଦେବତା ପ୍ରଭୁ ବଳଦେବ ଜୀଙ୍କର ଜନ୍ମଦିନ। ଏହି ଦିନ କୃଷକମାନେ ଶ୍ରାବଣ ପୂର୍ଣ୍ଣିମା ବେଳକୁ କୃଷି କାର୍ଯ୍ୟ ସମାପନ କରି ସାରିଥାନ୍ତି। ତେଣୁ ଏହିଦିନ ଗୋରୁଗାଈମାନଙ୍କୁ ଗାଧୋଇ ଚନ୍ଦନ ସିନ୍ଦୂର ପିନ୍ଧାଇ ଓ ରାକ୍ଷୀ ପିନ୍ଧାଇ ପୂଜା କରିଥାନ୍ତି। ସେଥିପାଇଁ ଏହି ଦିନଟିକୁ ଗହ୍ମାପୂର୍ଣ୍ଣିମା ମଧ କୁହାଯାଏ। କିମ୍ବଦନ୍ତୀ କହେ ଦେବରାଜ ଇନ୍ଦ୍ର ରାକ୍ଷସ ବୃତ୍ରାସୁର ଠାରୁ ଯେତେବେଳେ ବାରମ୍ବାର ପରାସ୍ତ ହୋଇ ବିତାଡିତ ହେଲେ, ସେତେବେଳେ ଇନ୍ଦ୍ରଙ୍କ ସ୍ତ୍ରୀ ଶଚୀ ଶ୍ରାବଣ ପୂର୍ଣ୍ଣିମା ଦିନ ଦେବଗୁରୁ ବୃହସ୍ପତି ଠାରୁ ଅଭିମନ୍ତ୍ରିତ କରି ଏକ ରକ୍ଷାସୂତ୍ର ହାତରେ ବାନ୍ଧିଥିଲେ। ଆଉ ଏକ ଜନଶ୍ରୁତି ମିଳେ ଯେ ଏହି ଦିନ ମୃତ୍ୟୁର ଦେବତା ଯମଙ୍କ ହାତରେ ତାଙ୍କର ଭଉଣୀ ଯମୁନା ରାକ୍ଷୀ ବାନ୍ଧି ଥିଲେ। ଆଶୀର୍ବାଦ ସ୍ୱରୂପ ଯମ ତାଙ୍କୁ ଚିରସ୍ରୋତା କରାଇଥିଲେ। ଫଳରେ ଆଜି ପର୍ଯ୍ୟନ୍ତ ଯମୁନା ନଦୀ ଚିରସ୍ରୋତା ହୋଇ ବହିଯାଉଅଛି। ଦ୍ୱାପର ଯୁଗର କଥା ସ୍ୱୟଂ ଶ୍ରୀକୃଷ୍ଣଙ୍କ ହାତରେ ଦ୍ରୌପଦୀ ରାକ୍ଷୀ ବାନ୍ଧି ଥିଲେ। ଫଳରେ କୁରୁସଭାସ୍ଥଳେ ଦ୍ରୌପଦୀଙ୍କୁ ଶ୍ରୀକୃଷ୍ଣ କୋଟିବସ୍ତ୍ର ପ୍ରଦାନ କରିଥିଲେ। ଆଉ ଏକ ଐତିହାସିକ କାହାଣୀରୁ ଯାହା ଜାଣିବାକୁ ମିଳେ ଚିତ୍ତରର ରାଣୀ କର୍ଣ୍ଣାବତୀ ହୁମାୟୁନଙ୍କ ନିକଟକୁ ରାକ୍ଷୀ ପଠାଇଥିଲେ। ରାକ୍ଷୀ ପାଇବା ବେଳକୁ ନିଜର ସମ୍ମାନ ରକ୍ଷା ପାଇଁ ନିଜେ ନିଜେ ଦେହ ତ୍ୟାଗ କରିସାରିଥିଲେ।

ରାକ୍ଷୀ ସାମାନ୍ୟ ଖଣ୍ଡିଏ ସୂତା ହୋଇପାରେ, କିନ୍ତୁ ଅନ୍ୟ ଜଣକ ହାତରେ ବାନ୍ଧି ସାରିଲା ପରେ ତାହା ଐଶ୍ୱ ରିକ ଶକ୍ତିରେ ଶକ୍ତିମାନ ହୋଇଥାଏ। ଏହି ରାକ୍ଷୀମୂଳରେ କେବଳ ଭ୍ରାତୃଭଗିନୀଙ୍କ ଅନାବିଳ ସ୍ନେହ ଯେ କେବଳ ନିହିତ ଥାଏ ତାହା ନୁହେଁ, ବରଂ ଏହି ପର୍ବ ସୁସ୍ଥ ସମାଜ ଗଠନ କରିଥାଏ। ଭାଇ ଭଉଣୀର ଅନୁପମ ଅନାବିଳ ସ୍ନେହ-ସଦିଚ୍ଛାକୁ ରାକ୍ଷୀ ପୂର୍ଣ୍ଣିମାରେ ମନେ ପକାଏ। ଏହା ସହିତ ଏହି ପର୍ବ ଆମ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରାଏ।

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର**
**ବାଲିଆ, ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



# ସପନର ପଥେ ପଥେ

ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ



ସ୍ୱପ୍ନ ଦେଖିବା ଏକ ସ୍ୱାଭାବିକ ଅବସ୍ଥା। କିଛି ସ୍ୱପ୍ନ ନିଦରେ ଆସେ। ନିଜ ଅଜାଣତରେ। ସଜ ସକାଳର ଅଧା ଖୋଲା ଆଖିରେ ଲାଖି ରହିଥାଏ ତାର କିୟଦଂଶ। କେବେ କେବେ ଦୁଃସ୍ୱପ୍ନ ଦେଖି ରାତି ଅଧରେ ନିଦ ଭାଙ୍ଗି ଯାଏ ତ କେବେକେବେ କିଛି ସୁଖଦ ସ୍ୱପ୍ନ ଅନୁଭୂତି ସାଜି ସ୍ମୃତି ପଟଳରେ କିଛି କାଳ ରହି ଯାଏ। ତେବେ ଏସବୁ ସ୍ୱପ୍ନ ଉପରେ ଆମର ନିୟନ୍ତ୍ରଣ ନଥାଏ। ମନସ୍ତତ୍ତ୍ୱ କହେ ମଣିଷର ଅର୍ଦ୍ଧଚେତନାରେ ଯାହା ରହି ଯାଏ ତାହା ହିଁ ସ୍ୱପ୍ନ ହୋଇ ଫେରେ ଆଖିରେ। ତେବେ ଏହାର କୌଣସି ବିଧିବଦ୍ଧ ନିୟମ ନାହିଁ। ଅନେକ ସମୟରେ ଆମେ ଦେଖୁଥିବା ଦୃଶ୍ୟ ସବୁର ଦୈନନ୍ଦିନ ଜୀବନରେ କୌଣସି ଅବତାରଣା ନଥାଏ। ଅଥଚ ଆମେ ଇଛା କରୁଥିବା କଥା କି ଦୃଶ୍ୟ ଆମେ ଦେଖି ପାରୁନା। ଯେପରି କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ ଆମେ ତାକୁ ଯେତେ ମନେ ପକେଇଲେ ବି ଆଉ ଦେଖି ପାରୁନି। ଦୁଃଖଦ ଅନୁଭବ ସବୁକୁ ଭୁଲି ଯିବା ପାଇଁ ଅବଚେତନ ସଦା ଚେଷ୍ଟିତ ଥାଏ। ମାତ୍ରା କେତେ ଗୁଡ଼ିଏ ଅବଦମିତ ଇଛା ଅବଚେତନରୁ ବେଳେବେଳେ ବାହାରି ଆସେ ସ୍ୱପ୍ନର ରୂପ ନିଏ। ଅନେକ ସମୟରେ କୌଣସି ନୂଆ ଜାଗାକୁ ଗଲେ ଲାଗେ ଯେପରି ଆମେ ଏଠିକି ଆଗରୁ ଆସି ସାରିଛୁ। ତାକୁ ଦେଜା ଭୁ ବୋଲି କୁହାଯାଏ।

ଅନେକ ସମୟରେ ଆମେ ଦିବାସ୍ୱପ୍ନ ଦେଖୁ। ଏହାକୁ ଇଂରାଜୀରେ ଫାଣ୍ଟାସି କୁହାଯାଏ। ଯେତେବେଳେ ଏହା ଏକ ବଦ୍ଧମୁଳ ଧାରଣାରେ ପରିବର୍ତ୍ତିତ ହୁଏ ମନସ୍ତତ୍ତ୍ୱ ଏହାକୁ ଭ୍ରମ ବୋଲି କହେ। ଆଜିର ଯୁବପିଢି ପ୍ରାୟତଃ ଏହି ଭ୍ରମରେ ଆକ୍ରାନ୍ତ। ଜୀବନର ଲକ୍ଷ୍ୟ ସ୍ଥିର କରିବା ପରିବର୍ତ୍ତେ ସେମାନେ ଅଯଥା ଭ୍ରମ ଗୁଡିଏ ପାଳି ରଖୁଛନ୍ତି। ଏହାକୁ ହିଁ ଜୀବନର ସ୍ୱପ୍ନ ଭାବି ନେଉଛନ୍ତି। ଯେତେବେଳେ ଏହି ସ୍ୱପ୍ନ ଗୁଡ଼ିକ ଭାଙ୍ଗି ଯାଉଛନ୍ତି ସ୍ୱପ୍ନଭଙ୍ଗ ଜନିତ ହତାଶାକୁ ସେମାନେ ସହି ପାରୁନାହାନ୍ତି। ଆଜିକାଲି ପ୍ରତ୍ୟେକ ବିଜ୍ଞାନ ପଢୁଥିବା ଡାକ୍ତର କିମ୍ବା ଇଂଜିନିୟର ହେବାର ସ୍ୱପ୍ନ ଦେଖୁଥିବା ବେଳେ କଳା, ବାଣିଜ୍ୟ ପଢୁଥିବା ପିଲାମାନେ ନିଜ ସ୍ୱପ୍ନ ହିଁ ସ୍ଥିର କରି ପାରନ୍ତି ନାହିଁ। ପ୍ରତ୍ୟେକ ବର୍ଷ ଯୁକ୍ତ ଦୁଇ ପିଲାଙ୍କୁ ପଢ଼ାଇବା ବେଳେ ମୁଁ ଏଇ ପ୍ରଶ୍ନଟି ପଚାରି ଏହି ଚିରାଚରିତ ପରିସ୍ଥିତିର ସମ୍ମୁଖୀନ ହୁଏ। କିଛି ଜଣ ଚିରାଚରିତ ରାସ୍ତା ବାଛି ନେବା ବେଳେ କେହି କେହି ଅଲଗା କିଛି କରିବାକୁ ଭାବି ଥାଆନ୍ତି। ପଢୁଥିବା ପାଠ ପ୍ରତି ଆଗ୍ରହ ଥିବା ପିଲାଟି ହିଁ ସେଥିରେ ଆଗେଇ ଯାଇଥାଏ। ମାତ୍ର ଅନ୍ୟ ଜଣଙ୍କ ଚଷମାରେ ଦୁନିଆଁ ଦେଖିବା ପରି ଅନ୍ୟ କାହାରି ସ୍ୱପ୍ନକୁ ନିଜର ଭାବି ନେବା ସବୁବେଳେ ଲକ୍ଷ୍ୟହରା କରି ଛାଡ଼ି ଦିଏ। ମୋର ଇଂରାଜୀ ସମ୍ମାନ ଶ୍ରେଣୀକୁ ଆସୁଥିବା ଅଧିକାଂଶ ପିଲା ବିଜ୍ଞାନରେ ଖରାପ କରିବା କାରଣରୁ କିମ୍ବା ଅନ୍ୟ କୌଣସି ସମ୍ମାନ ନ ପାଇବା କାରଣରୁ ଆସିଥାନ୍ତି। ମାତ୍ର ପାଞ୍ଚ ପ୍ରତିଶତ ପିଲା ନିଜ ଇଚ୍ଛାରେ ଇଂରାଜୀ ଭାଷା ସାହିତ୍ୟର ଅନୁରାଗୀ ହୋଇଥାନ୍ତି। ସେଥିରୁ ମଧ ମାତ୍ର ଦୁଇ ଚାରି ପ୍ରତିଶତ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖି ଥାଆନ୍ତି। କଷ୍ଟ ଲାଗେ ଦେଖିଲେ କି ଆଜିର ଯୁବ ପିଢ଼ିଙ୍କ ଆଖିରେ ସ୍ୱପ୍ନ ନାହିଁ। କିଛି କରିବାର ଲକ୍ଷ୍ୟ ନାହିଁ। ନାରୀ ଶିକ୍ଷା ବଢ଼ିଛି, ନାରୀ ବାଦୀ ବଢ଼ିଛନ୍ତି। ମାତ୍ର କାହିଁ ସେଇ ସ୍ୱପ୍ନ ଯାହା ଗୋଟିଏ ଝିଅକୁ ଆଦର୍ଶ କରି ଗଢି ତୋଳିବ। ରାତି ପାହିଲେ ସାମାଜିକ ଗଣମାଧମରେ ରିଲ ପାଗଳ ଯୁବ ପିଢ଼ି। କେଉଁଠି କିଛି ଘଟଣା କି ଦୁର୍ଘଟଣା ଘଟିଲେ ମତାମତ ଦେଇ ଭର୍ତ୍ତି କରିଦେବେ ପୃଷ୍ଠା। ଅସହିଷ୍ଣୁତା ଓ ଅଶାଳୀନତାର ସୀମା ଟପି ଯାଇ ପାରନ୍ତି ଖୁବ୍ ଶୀଘ୍ର ଏମାନେ। କିଛି ଦିନ ତଳେ ଏକ ହିନ୍ଦୀ ସିନେମା ଦେଖି ଯୁବ ପିଢ଼ି ବେଦନାସିକ୍ତ ତଥା ଅସୁସ୍ଥ ହୋଇ ପଡ଼ିବାର ଦେଖି ସତରେ ଭାବୁଥିଲି ଏମାନଙ୍କ ଭବିଷ୍ୟତ କଣ। ସମାଜରେ, ପରିବାରରେ ଏତେ କଷ୍ଟ, ଯନ୍ତ୍ରଣା ଦେଖି ମୁହଁ ଆଡ଼େଇ ଚାଲି ଯାଉଥିବା ବେଳେ ଏକ ନାଟ୍ୟ ରୂପାନ୍ତର ଦେଖି ହୃଦ୍ ଘାତ ହେବାର କାରଣ କଣ? ତେବେ କଣ ବୁଝି ନେବାକୁ ହେବ ଯେ ମୁଭ ଅନ୍ ପରି ପରିସ୍ଥିତିକୁ ଅତି ସହଜରେ ଗ୍ରହଣ କରିନେଇଥିବା ଯୁବ ପିଢ଼ି ପ୍ରକୃତରେ ବ୍ରେକ୍ ଅପ୍ ପରି ଅବସ୍ଥାରୁ କେବେ ମୁକୁଳି ହିଁ ପାରି ନାହାନ୍ତି। ଗୋଟିଏ ସଂପର୍କ ତୁଟିଗଲେ ବହୁତ୍ କଷ୍ଟ ଲାଗେ। କିନ୍ତୁ ଗୋଟିଏ ସମ୍ପର୍କର ବିକଳ୍ପ ଆଉ ଗୋଟିଏ ସଂପର୍କ ନୁହେଁ। ଜଣେ ଗଲେ ଆଉ ଜଣେ ଆସିବ ନ୍ୟାୟରେ ସେମାନେ ସମ୍ପର୍କକୁ ଦୀର୍ଘସ୍ଥାୟୀ କରିବା ପାଇଁ ଗୁରୁତ୍ୱ ଦିଅନ୍ତି ନାହିଁ। ଶେଷରେ ଗୁଡ଼ାଏ ଅବାଞ୍ଛିତ ସଂପର୍କ ତୁଟିଗଲା ପରେ ଜୀବନର ଅସଲି ଲକ୍ଷ୍ୟ କଥା ମନେ ପଡ଼େ।






ତେବେ ଆଉ କିଛି ସ୍ୱପ୍ନ ଜାଗ୍ରତରେ ଦେଖାଯାଏ। ଯାହା ଆମ ଜୀବନର ଗତି ପଥ ଓ ଲକ୍ଷ୍ୟ ସ୍ଥଳ ସ୍ଥିର କରେ। ପିଲା ବେଳୁ ନିଜର ଲକ୍ଷ୍ୟକୁ ନେଇ ଖୁବ୍ ଦୃଢ଼ ଥିବା ପିଲାଟି ନିଶ୍ଚୟ ଜୀବନରେ କିଛି କରିପାରେ। ଏଇଠି ଗୋଟିଏ କଥା ମନେ ପଡୁଚି।ମୁଁ ନୂଆ ନୂଆ କାଉନସିଲ୍ ଖାତା ଦେଖୁଥାଏ।ଆମର ଜଣେ କଡ଼ା ଚିଫ ଥାଆନ୍ତି। ମୁଁ କାହାକୁ ନିହାତି ପାସ୍ ନ କରେଇ ପାରିଲେ ତାଙ୍କୁ ଦିଏ। ସେ କଣ କରନ୍ତି, ଚାରି ନମ୍ବର କାଟି ଦେଇ ଫେଲ୍ କରେଇ ଦିଅନ୍ତି। ତେଣିକି ଆଉ ତାଙ୍କୁ ଦେଲି ନାଇଁ। ଥରେ ଗୋଟେ ପିଲା ୮୬ ରଖିଲା। ଅତି ସୁନ୍ଦର ଅକ୍ଷର, ଉତ୍ତର ସବୁ ନିଜ ଭାଷାରେ ଲେଖିଛି। ଘୋଷା ପାଠ ନୁହେଁ। ଚିଫ୍ ଦେଖିଲେ। ଦୁଇ ନମ୍ବର କାଟି ଦେଲେ। ମୁଁ କହିଲି, ସାର୍, ଚିଫ ଙ୍କ କାମ କଣ କେବଳ କାଟିବା? ଦୁଇ ନମ୍ବର ଅଧିକା ବି ଦେଇ ପାରିବେ? ଦେଖନ୍ତୁ କି ସୁନ୍ଦର୍ ଅକ୍ଷର, କି ମନଯୋଗ ଦେଇ ଉତ୍ତର ସବୁ ଲେଖିଛି। ନବେ ପାଇବା କଥା। ଏକ ତ ମୁଁ ଡରି ଡରି ନମ୍ବର ଦେଇଚି, ଆପଣ ବି କାଟି ଦେଉଛନ୍ତି। ସେ କଣ ଭାବିଲେ, ଖାତା ଟି ହାତକୁ ନେଲେ ଓ ଚାରି ନମ୍ବର ବଢେଇ ନବେ କରି ଦେଲେ। କହିଲେ, ଏଥର ଖୁସି ତ? ପ୍ରକୃତରେ ଭଲ ଲେଖିଛି। ସେଦିନ ସେ ପିଲାଟି ପରୀକ୍ଷା ଖାତାରେ ଏକ ରଚନା ମଧରେ ଲେଖିଥିଲା, ସ୍ୱପ୍ନ କେବଳ ଦେଖିବା ପାଇଁ ଦେଖା ଯାଏ ନାହିଁ, ପୂରଣ କରିବା ପାଇଁ ଦେଖାଯାଏ। ଭାବୁଛି ସେ ତାର ସ୍ୱପ୍ନ ପୂରଣ କରି ସାରିଥିବ। କିଛି ସ୍ୱପ୍ନ ମଧ୍ଯ ଶେଷ ଯାଏଁ ପୂରଣ ହୋଇ ପାରନ୍ତି ନାହିଁ। ସେକଥା ଆଉ ଥରେ।

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**



# ବଢୁଛି 'ସ୍ଲୋ ଫେଶନ୍'ର ଚାହିଦା



ଫେଶନ୍ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରିଥାଏ। ଏହା ଜଣକ ଡ୍ରେସିଂ, ତା'ର ପସନ୍ଦ, ଚିନ୍ତାଧାରା, ଆଭିଜାତ୍ୟକୁ ଏହା ଦର୍ଶାଏ। ଏବେ ଯୁବପିଢ଼ିମାନେ ଫେଶନେବଲ୍ ଦିଶିବା ପାଇଁ 'ଫାଷ୍ଟ୍ ଫେଶନ୍'କୁ ଗୁରୁତ୍ୱ ଦେଉଛନ୍ତି। ଏହାର ଅର୍ଥ ହେଉଛି ଫଟାଫଟ୍ ବଦଳୁଥିବା ଫେଶନ୍। ଏହାକୁ 'ଫ୍ୟାଡ୍ ଫେଶନ୍' ମଧ୍ୟ କୁହାଯାଏ। ଏହି ଫେଶନ୍ ଖୁବ୍ କମ୍ ସମୟ ପାଇଁ ରହିଥାଏ। ଏହା ଯେଭଳି ଅଚାନକ ଭାବେ ଆସେ, ଠିକ୍ ସେହିପରି ଅଚାନକ ଚାଲିଯାଏ। ତେବେ ସ୍ଲୋ ଫେଶନ୍ ହେଉଛି ଠିକ୍ ତା'ର ବିପରୀତ, ଯାହାକି ସବୁବେଳ ପାଇଁ ଜାରି ରହିଥାଏ।

ଜେଜେମା' କରିଥାନ୍ତି ସ୍ଲୋ ଫେଶନ: ଜେଜେମା', ଆଈ ତଥା ମା'ଙ୍କ ପାଖରେ କିଛି ଶାଢ଼ି ତଥା ଡ୍ରେସ୍ ଏଭଳି ଥାଏ, ଯାହାକୁ ସେମାନେ ପ୍ରତ୍ୟେକ ପର୍ବପର୍ବାଣି ଓ ବିବାହ ଉତ୍ସବରେ ପିନ୍ଧିଥାନ୍ତି। ଆଜି ବି ମଧ୍ୟ ସେହି ଶାଢ଼ିର ଚାହିଦା ରହିଛି। ଏହା ହିଁ ହେଉଛି 'ସ୍ଲୋ ଫେଶନ।' ଏହା ଏମିତି ଏକ ଫେଶନ, ଯାହା ସବୁ ସମୟ ପର୍ଯ୍ୟନ୍ତ ରହିଥାଏ। ପୂର୍ବରୁ ଲୋକମାନେ କପଡ଼ା ପାଇଁ ବହୁ ଖର୍ଚ୍ଚ କରୁଥିଲେ। ଯଦିଓ ସେମାନେ ଥିରୁଟିଏ ଦାମୀ କପଡ଼ା କିଣୁଥିଲେ, ତା'କୁ ଅନେକ ଦିନ ପର୍ଯ୍ୟନ୍ତ ସମ୍ଭାଳି ରଖିବା ସହ ତାହାକୁ ପିନ୍ଧୁଥିଲେ। ଏହି ସଦାବାହର ଫେଶନ୍ ପ୍ରତ୍ୟେକ ପିଢ଼ିରେ ଦେଖିବାକୁ ମିଳୁଥିଲା। ଯାହାକୁ ଏବର ସମୟରେ 'ସଷ୍ଟେନ୍ବଲ ଫେଶନ୍' ବୋଲି କୁହାଯାଉଛି। ଆଜିକାଲି ଅନେକ ଝିଅ ନିଜ ବାହାଘରରେ ମା'ଙ୍କ ଶାଢ଼ି କିମ୍ବା ଲେହେଙ୍ଗାକୁ ପିନ୍ଧିବାକୁ ପସନ୍ଦ କରୁଛନ୍ତି। କାରଣ ଏହି ଆଉଟ୍ଫିଟ୍ ସ୍ଲୋ ଫେଶନର ଅଂଶବିଶେଷ।

ସ୍ଲୋ ଫେଶନର ବିଶେଷତ୍ୱ: ଏହି ଫେଶନରେ ଉନ୍ନତମାନ କପଡ଼ା ବ୍ୟବହାର ହୁଏ। ତେଣୁ ଏ ପ୍ରକାର ଆଉଟ୍ଫିଟ୍ର କପଡ଼ା ମଜଭୁତ୍ ଓ ଦୀର୍ଘସ୍ଥାୟୀ ହୋଇଥାଏ। ଏହାର ଡିଜାଇନ୍ କେବେ ବି ପୁରୁଣା ହୋଇ ନ ଥାଏ। ରାଉଣ୍ଡ ନେକ୍, ଭି-ନେକ୍, ଜରି ଭଳି ହାତ କାମ ମୁଖ୍ୟତଃ ଏଥିରେ ଦେଖିବାକୁ ମିଳିଥାଏ। ତା' ସହ ଏହି ଫେଶନ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ ସାହଯ୍ୟ କରେ। ଏହାସହ ଏହାକୁ ପରିବେଶ ଅନୁକୂଳ ମଧ୍ୟ କୁହାଯାଏ। ନାଇଲନ ଓ କଟନ କପଡ଼ା ଏଥିରେ ସାମିଲ ରହିଛି।

ମହଙ୍ଗା ସ୍ଲୋ ଫେଶନ: ଏହା ଟ୍ରେଣ୍ଡି ସାଙ୍ଗକୁ କେବେ ବି ପୁରୁଣା ହୋଇ ନ ଥାଏ। ଏ ପ୍ରକାର ଡ୍ରେସ୍ ଛୋଟ ଷ୍ଟୋର୍ରେ ଉପଲବ୍ଧ ହୋଇଥାଏ। ଏହା କଟେଜ ଇଣ୍ଡଷ୍ଟ୍ରି, ବୁଣାକାର ଓ ହସ୍ତତନ୍ତକୁ ଲୋକପ୍ରିୟ କରିଥାଏ। ଏହି ପ୍ରକାର ପୋଷାକ କମ୍ ସଂଖ୍ୟକ ତିଆରି କରାଯାଏ। କାରଣ ହାତକାମ ଯୋଗୁଁ ଏହା ମହଙ୍ଗା ହୋଇଥାଏ। ପ୍ରତିବର୍ଷ ଏହି ଫେଶନ ଏକାପ୍ରକାର ରହିଥାଏ। ଗ୍ରାହକଙ୍କ ବରାଦୀ କ୍ରମେ ଏହାକୁ ତିଆରି କରାଯାଏ। ଅବଶ୍ୟ ଏଥିରେ କରାଯାଉଥିବା କାମ ଥାଏ ବେଶ୍ ଉନ୍ନତମାନର।

ପରିବେଶ ପାଇଁ ଉପଯୁକ୍ତ: ସ୍ଲୋ ଫେଶନରେ କପଡ଼ା ଉତ୍ପାଦନ କମ୍ ଓ ଉନ୍ନତମାନର ହୋଇଥାଏ। ଏହା ଦ୍ୱାରା ଫେଶନ ପ୍ରଦୂଷଣ ଉପରେ ରୋକ୍ ଲାଗିଥାଏ। କପଡ଼ା, ରଙ୍ଗ ଓ ସୂତା ଅଯଥା ନଷ୍ଟ ହୋଇ ନ ଥାଏ। ଲୋକମାନେ ଏହି ଡିଜାଇନର ଡ୍ରେସକୁ ଥିରେ ପିନ୍ଧି ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସାଇତି ରଖନ୍ତି। ତା'ସହ ପୁଣି ଥିରେ ପିନ୍ଧିବା ନେଇ କୁଣ୍ଠା ପ୍ରକାଶ କରି ନ ଥାନ୍ତି। ସେହିପରି ବଲିଉଡ୍ ସେଲିବ୍ରିଟି କ୍ୟାଟ୍ରିନା କୈଫ୍, ଅନୁଷ୍କା ଶର୍ମା, ସୋନମ କପୁର ମଧ୍ୟ ଏହି ଫେଶନକୁ ଅନୁସରଣ କରନ୍ତି। ସୋନମ୍ କପୁର ଅଧିକାଂଶ ଅନ୍ତର୍ଜାତୀୟ ସ୍ତରରେ ସ୍ଲୋ ଫେଶନ ଅନ୍ତର୍ଗତ ଭାରତୀୟ ହସ୍ତତନ୍ତକୁ ପରିଚିତ କରାଇଥାନ୍ତି।

ସ୍ଲୋ ଫୁଡ୍ ଆନ୍ଦୋଳନରୁ ଆରମ୍ଭ: ୧୯୮୯ରେ ଫାଷ୍ଟଫୁଡ୍ ବିରୋଧରେ 'ସ୍ଲୋ ଫୁଡ୍ ଅଭିଯାନ' ଚାଲିଥିଲା। ଏହି ଆନ୍ଦୋଳନର ଅନୁପ୍ରେରିତ ହୋଇ ସାମାଜିକ କର୍ମୀ, ଗବେଷକ ଏବଂ ଇକୋଲଜିକାଲ ଡିଜାଇନ କନସଲଟାଣ୍ଟ କାଟେ ଫ୍ଲେଚର ୨୦୦୭ରେ ଫେଶନ ଇଣ୍ଡଷ୍ଟ୍ରିରେ ସ୍ଲୋ ଫେଶନକୁ ନେଇ ଓକିଲାତି କଲେ। ଏହାପରେ ଧୀରେ ଧୀରେ ଏହି ଫେଶନ୍ ଆଦୃତି ଲାଭ କରିବା ଆରମ୍ଭ ହେଲା।

ବଢୁଛି ସ୍ଲୋ ଫେଶନର ପ୍ରଚଳନ: ପରିବେଶ ପ୍ରଦୂଷଣ ମୁଣ୍ଡବିନ୍ଧାର କାରଣ ହୋଇଥିବା ବେଳେ ଏବେ ଫେଶନ ପ୍ରଦୂଷଣ ମଧ୍ୟ ଚର୍ଚ୍ଚାର ଅନ୍ୟତମ ପ୍ରସଙ୍ଗ ହୋଇଛି। ଏହି କାରଣ ଯୋଗୁଁ କିଛି ବର୍ଷ ହେବ ସ୍ଲୋ ଫେଶନର ଚାହିଦା ବଢ଼ିଛି। ଗ୍ରାହକମାନେ ମଧ୍ୟ ଏହି ପ୍ରକାର ଫେଶନକୁ ପସନ୍ଦ କରୁଛନ୍ତି। ଗବେଷକଙ୍କ ଅନୁସାରେ, ଯେବେଠୁ ଲୋକେ ପରିବେଶକୁ ନେଇ ସଚେତନ ହେବା ଆରମ୍ଭ ହେଲେଣି ସେସବୁ ସଷ୍ଟେନବଲ ଫେଶନ ପ୍ରତି ଲୋକଙ୍କ ରୁଚି ବଢ଼ିଛି।






# ଚମକିବ ପ୍ଲାଷ୍ଟିକ୍ ବାସନ

ଅଧିକାଂଶ ଘରେ ପ୍ଲାଷ୍ଟିକ୍ ବାସନକୁସନ ବ୍ୟବହାର କରାଯାଉଛି। ପ୍ଲାଷ୍ଟିକ୍ ପ୍ଲେଟ୍ରୁ ଆରମ୍ଭ କରି ଗିନା ଆଦିକୁ ଠିକ୍ଭାବେ ସଫା କରା ନ ଗଲେ ଅପରିଷ୍କାର ହୋଇଥାଏ। କେମିତି ପ୍ଲାଷ୍ଟିକ୍ ବାସନକୁ ସଫା ରଖିବେ, ଜାଣିବା ସେ ସମ୍ପର୍କରେ।

- ପ୍ଲାଷ୍ଟିକ୍ ବାସନରୁ ତେଲ ଚିକିଟା ଦୂର କରିବା ପାଇଁ ଉଷୁମ ପାଣିରେ ୨-୩ ଚାମଚ ବେକିଂ ସୋଡ଼ା ମିଶାନ୍ତୁ। ଏଥିରେ ପ୍ଲାଷ୍ଟିକ୍ ବାସନ୍କୁ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ। ଏଭଳି କରିବା ଦ୍ୱାରା ବାସନ ପୂରା ସଫା ହୋଇଯିବ ଏବଂ ଚିକିଟାପଣ ବି ଦୂର ହେବ।
- ଭିନେଗାର ବ୍ୟବହାର ରୋଷେଇ ସହ ସଫାସଫି ପାଇଁ ମଧ୍ୟ ବ୍ୟବହାର କରାଯାଏ। ଗୋଟିଏ ପାତ୍ରରେ ପାଣି ନିଅନ୍ତୁ ଏବଂ ସେଥିରେ ୩-୪ ବୁନ୍ଦା ଭିନେଗାର ମିଶାନ୍ତୁ। କିଛି ସମୟ ପରେ ଏହି ପାଣିରେ ପ୍ଲାଷ୍ଟିକ୍ ବାସନ ସଫା କରନ୍ତୁ।
- କଫି ମଧ୍ୟ ବାସନରୁ ଦୁର୍ଗନ୍ଧ ଦୂର କରିବାରେ ସାହାଯ୍ୟ କରେ। ବାସନରୁ ଦୁର୍ଗନ୍ଧ ଦୂର କରିବା ପାଇଁ କଫି ପାଉଡର ଛିଞ୍ଚି ତାହାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାକୁ ବାସନ ମଜା ଲିକ୍ୟୁଡ୍ ସହ ସଫା କରନ୍ତୁ।
- ଦୁଇ ଗ୍ଲାସ୍ ପାଣିରେ ଫାଳେ ଲେମ୍ବୁ ଚିପୁଡ଼ନ୍ତୁ। ତାହାକୁ ଗରମ କରନ୍ତୁ। ଏହି ପାଣିକୁ ବାସନରେ ଢ଼ାଳି କିଛି ସମୟ ଛାଡ଼ି ଦିଅନ୍ତୁ। ପରେ ବାସନ ମାଜନ୍ତୁ। ବାସନରୁ ଦାଗ ଦୂର ହୋଇଯିବ।

# ଚିଙ୍ଗୁଡ଼ି ପୁର କଖାରୁ ଫୁଲ ବରା



ଆବଶ୍ୟକ ସାମଗ୍ରୀ: କଖାରୁ ଫୁଲ: ୫ଟି, ଚିଙ୍ଗୁଡ଼ି: ଅଧା କପ୍, ସିଝା ଆଳୁ: ଅଧା କପ୍, କଟା ପିଆଜ: ଅଧା କପ୍, କଟା କଞ୍ଚା ଲଙ୍କା:ଅଳ୍ପ କିଛି, ଅଦା ରସୁଣ ଛେଚା: ଏକ ଚାମଚ, ଚାଉଳ ଚୁନା: ଏକ କପ୍, ଜିରା: ଅଧା ଚାମଚ, ହଳଦି ଗୁଣ୍ଡ: ଅଧା ଚାମଚ, ଲଙ୍କା ଗୁଣ୍ଡ: ଅଧା ଚାମଚ, ଧନିଆ ପତ୍ର: ଅଳ୍ପ କିଛି, ଧନିଆ ଗୁଣ୍ଡ: ଅଧା ଚାମଚ, ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ।

ପ୍ରସ୍ତୁତି ପ୍ରଣାଳି: ପ୍ରଥମେ କଖାରୁ ଫୁଲକୁ ବାଛି ଧୋଇ ରଖନ୍ତୁ। ସିଝା ଆଳୁକୁ ଚକଟି ରଖନ୍ତୁ। ଏହାପରେ ଚିଙ୍ଗଡ଼ିକୁ ବାଛି ଭଲଭାବେ ଧୋଇ ଲୁଣ ହଳଦି ଗୋଳାଇ ରଖନ୍ତୁ। ଚୁଲାରେ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ତାତିଲେ ଚିଙ୍ଗୁଡ଼ିକୁ ଭାଜି ଅଲଗା ରଖନ୍ତୁ। ପୁଣି ଥରେ କଡ଼େଇ ବସାଇ ତେଲ ଦିଅନ୍ତୁ। ସେଥିରେ ଜିରା ପକାନ୍ତୁ। ଜିରା ଫୁଟିଲେ କଟା ପିଆଜ ଓ କଟା କଞ୍ଚା ଲଙ୍କା ପକାନ୍ତୁ। କଇଛି ସମୟ ପରେ ଅଦା ରସୁଣ ଛେଚା ପକାନ୍ତୁ। ଏହାପରେ ସିଝା ଆଳୁ ଚକଟା, ଭଜା ଚିଙ୍ଗୁଡ଼ି ପକାନ୍ତୁ। ସେଥିରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଏବଂ ଲୁଣ ପକାଇ ଭଲଭାବେ ଗୋଳାନ୍ତୁ। ଧନିଆ ପତ୍ର ପକାଇ ଓହ୍ଲାଇ ଦିଅନ୍ତୁ। ଏବେ ଏକ ପାତ୍ରରେ ଚାଉଳ ଚୁନା ନିଅନ୍ତୁ। ସେଥିରେ ଲୁଣ, ହଳଦି ଓ ଲଙ୍କା ଗୁଣ୍ଡ ପକାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ କଖାରୁ ଫୁଲ ଭିତରେ ଚିଙ୍ଗୁଡ଼ି ପୁର ଦିଅନ୍ତୁ। ଗ୍ୟାସ୍ରେ ତାୱା ବସାଇ ତେଲ ଦିଅନ୍ତୁ ଏବଂ ଚାଉଳ ଚୂନାରେ କଖାରୁ ଫୁଲକୁ ବୁଡ଼ାଇ ସେକନ୍ତୁ। ଧିମା ଆଞ୍ଚରେ କଖାରୁ ଫୁଲର ଦୁଇପାର୍ଶ୍ୱକୁ ଭଲଭାବେ ସେକନ୍ତୁ। ପ୍ରସ୍ତୁତ ହୋଇଗଲା 'ଚିଙ୍ଗୁଡ଼ି ପୁର କଖାରୁ ଫୁଲ ବରା।'

# କେଶରେ ତେଲ ଲଗାଇବାର ଉପାୟ

ମୁଣ୍ଡରେ ଉଷୁମ ତେଲ ମାଲିସ୍ କରିବାର ଅନେକ ଉପକାରିତା ରହିଛି। ଏହା କେବଳ କେଶକୁ ପୋଷଣ ପ୍ରଦାନ କରି ନ ଥାଏ, ବରଂ ଚିନ୍ତାମୁକ୍ତ ରଖିବାରେ ସାହାଯ୍ୟ କରେ। ତେବେ ବେଳେ ବେଳେ କେଶରେ ତେଲ ଲଗାଇବା ସମୟରେ କେଶ ଉପୁଡ଼ିଥାଏ। ଏହାକୁ ନେଇ ଅନେକ ଯୁବତୀ ଚିନ୍ତାପ୍ରକଟ କରନ୍ତି। ଏହାର କାରଣ ହୋଇପାରେ ତେଲ ଠିକ୍ ଭାବେ ମାଲିସ୍ ନ କରିବା। ଏଣୁ କେଶରେ ତେଲ ମାଲିସ୍ କରିବା ପୂର୍ବରୁ କିଛି ଦିଗ ପ୍ରତି ଧ୍ୟାନ ଦେବା ଉଚିତ।

ଓଦା କେଶରେ ଲଗାନ୍ତୁନି ତେଲ: କେଶ ତେଲ ମାଲିସ୍ କରିବା ସମୟରେ ନ ଝଡ଼ୁ ଚାହୁଁଥିଲେ, ଓଦା କେଶରେ ତେଲ ଲଗାଇବା ବନ୍ଦ କରନ୍ତୁ। କେଶ ଓଦା ଥିଲେ ରୋମଛିଦ୍ର ଖୋଲିଯାଏ ଏହି ସମୟରେ କେଶରେ ତେଲ ମାଲିସ୍ କରିବା ଦ୍ୱାରା କେଶ ଛିଡ଼ିଥାଏ।

ଜୋର୍ରେ ମାଲିସ୍ କରନ୍ତୁନି: ଅନେକଜଣ କେଶରେ ତେଲ ମାଲିସ୍ କରିବା ସମୟରେ କେଶ ମୂଳରେ ଜୋର୍ରେ ତେଲ ଲଗାନ୍ତି। ଏହା ଦ୍ୱାରା କେଶ ମୂଳରେ ଚାପ ପଡ଼େ। ଏହା ଦ୍ୱାରା କେଶ ଝଡ଼ିଥାଏ। ସେଥିପାଇଁ ହାଲକା ହାତରେ କେଶରେ ତେଲ ମାଲିସ୍ କରନ୍ତୁ।

ଅଡୁଆ କେଶରେ ଲଗାନ୍ତୁନି ତେଲ: କେଶରେ ତେଲ ଲଗାଇବା ପୂର୍ବରୁ ମୁଣ୍ଡକୁ ଭଲଭାବେ କୁଣ୍ଡାନ୍ତୁ। ଅଡୁଆ କେଶରେତେଲଲଗାଇପରେକୁଣ୍ଡେଇବାଦ୍ୱାରାକେଶବେଶିଝଡ଼ିଥାଏ।ଏହାଦ୍ୱାରାକେଶମୂଳଦୁର୍ବଳହୋଇଥାଏ।

ଅଧିକ ତେଲ ଲଗାନ୍ତୁନି: ସାଧାରଣତଃ ଧାରଣା ଅଛି, କେଶରେ ଅଧିକ ତେଲ ଲଗାଇଲେ କେଶକୁ ପୋଷଣ ମିଳିବ। ମାତ୍ର ଏମିତି କିଛି ବି ନୁହେଁ। ଅଳ୍ପ ତେଲକୁ କେଶରେ ଭଲଭାବେ ମାଲିସ୍ କରିବା ଆବଶ୍ୟକତା ରହିଛି।



# ଉଜ୍ଜ୍ୱଳ ତ୍ୱଚା ପାଇଁ ସେଓ ଚୋପା



ସୁସ୍ଥ ଶରୀର ପାଇଁ ଫଳ ଉପକାରୀ। ତେବେ ଅନେକ ଏହାର ଚୋପାକୁ ଫିଙ୍ଗି ଦେଇଥାନ୍ତି। ଏହି କ୍ରମରେ ସେଓ ଚୋପା ଉଜ୍ଜ୍ୱଳ ସୌନ୍ଦର୍ଯ୍ୟ ପ୍ରଦାନ କରିଥାଏ। ଏହା ତ୍ୱଚା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ମଧ୍ୟ ଦୂର କରେ। ତେବେ ସେଓ ଚୋପାକୁ କିଭଳି ବ୍ୟବହାର କରାଯିବ, ନିମ୍ନ ପ୍ରଦତ୍ତ ଟିପ୍ସରୁ ଜାଣନ୍ତୁ।

- ସେଓ ଚୋପାକୁ ଖରାରେ ଶୁଖାଇ ଗୁଣ୍ଡ କରନ୍ତୁ। ଗୋଟିଏ ପାତ୍ରରେ ସେଓ ଚୋପା ଗୁଣ୍ଡ ନେଇ ସେଥିରେ କ୍ଷୀର ମିଶାନ୍ତୁ।
- ଏହାକୁ ମୁହଁ ଓ ବେକରେ ଭଲଭାବେ ଲଗାନ୍ତୁ। ୨୫ ମିନିଟ୍ ପରେ ମୁହଁକୁ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହି ଫେସ୍ପ୍ୟାକ୍ ବ୍ୟବହାର କରିପାରିବେ।
- ସେହିପରି ସେଓ ଚୋପାରେ କିଛି ଦହି ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ।
- ମୁହଁ ଶୁଖିଯିବା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ଦୁଇଥର ଏହି ପ୍ୟାକ୍ ଲଗାଇବା ଦ୍ୱାରା ମୁହଁ ଉଜ୍ଜ୍ୱଳ ଦିଶିବ।
- ସେଓ ପାଉଡ୍ରେ ଓଟ୍ସ ଓ ଦହି ମିଶାଇ ଲଗାନ୍ତୁ। ଏହା ଦ୍ୱାରା ମୁହଁ କୋମଳ ଓ ସୁନ୍ଦର ଦିଶେ।

# ନଖରୁ ଛାଡ଼ିବ ମେହେନ୍ଦି ଦାଗ



ମହିଳାମାନେ ପୂଜାର୍ପବାଣୀରେ ହାତରେ ମେହେନ୍ଦି ଲଗାଇଥାନ୍ତି। ତେବେ ହାତରୁ ମେହେନ୍ଦି ଛାଡ଼ି ଯାଉଥିବା ବେଳେ ନଖରେ ମେହେନ୍ଦି ଲାଗିଗଲେ ଏହାର ଦାଗ ନଖରେ ବେଶି ଦିନ ପର୍ଯ୍ୟନ୍ତ ରହିଥାଏ। ଏହାକୁ ମଧ୍ୟ ସହଜ ଉପାୟରେ ଛଡ଼ାଇବା ସମ୍ଭବ।

- ପ୍ରଥମେ ଗୋଟିଏ ପାତ୍ରରେ ଅଳ୍ପ ଚିନି ନିଅନ୍ତୁ। ସେଥିରେ ଅଳ୍ପ ଲେମ୍ବୁ ରସ ମିଶାନ୍ତୁ। ଏହାକୁ ଭଲ ଭାବେ ମିଶାଇ ଦାଗ ଉପରେ ଲଗାନ୍ତୁ। କିଛି ସମୟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।
- ସେହିପରି ନଖରେ ନଡ଼ିଆ ତେଲ ଲଗାନ୍ତୁ। ଏହାପରେ ଉଷୁମ ପାଣିରେ ହାତକୁ କିଛି ସମୟ ବୁଡ଼ାଇ ରଖନ୍ତୁ।
- ନଖରୁ ଦାଗ ଛାଡ଼ିବା ସହ ହାତ ମଧ୍ୟ ସଫା ଓ ସୁନ୍ଦର ଦେଖାଯିବ।

### ମିଳୁନି ଆବାସ ଗୃହ

# ଭଙ୍ଗା ଦଦରା ଘରେ ୫ ପ୍ରାଣୀ କୁଟୁମ୍ବ



**ଫିରିଙ୍ଗିଆ,୧୦।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତରେ ବର୍ତ୍ତମାନ ବି ଯୋଗ୍ୟ ଆବାସ ଗୃହ ହିତାଧିକାରୀ ଘର ପାଇନଥିବା ବେଳେ ଅଯୋଗ୍ୟ ହିତାଧିକାରୀ ଆବାସ ଗୃହ ହାତେଇଥିବାରୁ ଯୋଗ୍ୟ ହିତାଧିକାରୀ ଘର ନପାଇ ଅସହାୟ ଅବସ୍ଥାରେ ଭଙ୍ଗା ଦଦରା ଘରେ ଜରିପାଲ ଟାଣି ରହିଥିବା ଦେଖିବାକୁ ମିଳିଛି । ଏଭଳି ଅସହାୟ ଅବସ୍ଥାରେ ଅଛନ୍ତି ବନ୍ଧଗଡ଼ ପଞ୍ଚାୟତ ବନ୍ଧଗଡ଼ ଗାଁର ଚନ୍ଦ୍ରମା ନାୟକଙ୍କ ପରିବାର ।

ପରିବାରରେ ଚନ୍ଦ୍ରମା ନାୟକଙ୍କ ସହ ସ୍ୱାମୀ ଭକ୍ତ ନାୟକ ଏବଂ ପରିବାରରେ ଅନ୍ୟ ୩ ଜଣ ମିଶାଇ ୫ ଜଣ ରହୁଛନ୍ତି । ବର୍ତ୍ତମାନ ନିଜେ ରୋଜଗାର କରି ଚଳିବା ଓ ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇ ପଡ଼ିଥିବା ବେଳେ ଘର ଖଣ୍ଡିଏ କରିବା ମଧ୍ୟ ଅସମ୍ଭବ ହୋଇ ପଡ଼ିଛି। ତେଣୁ ଘର ଖଣ୍ଡିଏ କରି ନ ପାରିବାରୁ ବର୍ଷାରେ ଘର ସାରା ପାଣି ଗଳୁଥିବା ବେଳେ ଘରର କାନ୍ଥ ମଧ୍ୟ ନଷ୍ଟ ହେବାକୁ ବସିଛି।

ଆବାସ ଘର ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଆବାସ ଯୋଜନାରେ ଘର ଖଣ୍ଡିଏ ମଧ୍ୟ ମିଳି ପାରିନାହିଁ। ତେଣୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଚନ୍ଦ୍ରମା ନାୟକ ଏବଂ ପରିବାର । ତୁରନ୍ତ ଆବାସ ଯୋଜନାରେ ସାମିଲ କରି ଘର ଖଣ୍ଡିଏ ଯୋଗାଇ ଦେଲେ ଉପକୃତ ହେବେ ବୋଲି ଚନ୍ଦ୍ରମା କହିଥିବା ବେଳେ ତୁରନ୍ତ ଘର ଖଣ୍ଡିଏ ଯୋଗାଇ ଦେବାକୁ ଦାବୀ ହେଉଛି ।

## ୧୨ରେ ରୋଗୀକଲ୍ୟାଣ ସମିତି ପକ୍ଷରୁ ରକ୍ତଦାନ ଶିବିର

● ଯୋଗଦେବେ ବିଧାୟକ ସନାତନ ବିଜୁଳି

**ବେତନଟୀ,୧୦।୮ (ସଂଚାର ବ୍ୟୁରୋ):** ବେତନଟୀ ଡାକ୍ତରଖାନାରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆସନ୍ତା ଅଗଷ୍ଟ ୧୨ ତାରିଖ ମଙ୍ଗଳବାର ଦିନ ଅନୁଷ୍ଠିତ ହେବ । ବେତନଟୀ ରୋଗୀକଲ୍ୟାଣ ସମିତି ଓ 'ସମ୍ବାଦ-ଆମ ଓଡ଼ିଶା' ମିଳିତ ସହଯୋଗରେ ସକାଳ ୮ ଟାରୁ ଦିନ ୩ଟା ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହି ଶିବିର ସଫଳ ଆୟୋଜନ ପାଇଁ ବେତନଟୀ ଡାକ୍ତରଖାନାରେ ଆଜି ଭାରପ୍ରାପ୍ତ ଡାକ୍ତରଖାନା ଅଧିକାରୀ ସିପୁନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ବଡ଼ସାହି ବିଧାୟକ ସନାତନ ବିଜୁଳି ବୋଲି ସ୍ଥିର ହୋଇଛି। ଏହି ବୈଠକରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ମଞ୍ଜୁଶ୍ରୀ ଦାସ, ବିପିଓ ସସ୍ମିତା ଦାଶ, ଅମିତାଭ ଦାଶ, ସନ୍ତୋଷ ଗିରି, ବିପିନ୍ ବିହାରୀ ପଣ୍ଡା, ସଦାନନ ପରିଡା, ସୁଭଦ୍ରା ଗାଆଣ, ରଞ୍ଜିତା ବିଶୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ମନ୍ଦିର ଚୋରି ଘଟଣାକୁ ୭ ଦିନ ବିତିଲା, ପୁଲିସ ହାତ ଖାଲି



**ଜଗତସିଂହପୁର,୧୦।୮ (ସଂଚାର ବ୍ୟୁରୋ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନଜ଼ୁଆ ଛକ ଠାରେ ମା' ଦୁର୍ଗାଙ୍କ ମନ୍ଦିରରୁ ଚୋରି ଘଟଣାରେ ଆଜକୁ ପ୍ରାୟ ୭ ଦିନ ବିତିଯିଲେ ମଧ୍ୟ ଏପର୍ଯ୍ୟନ୍ତ ତିର୍ତ୍ତୋଲ ପୁଲିସ ଅପରାଧୀଙ୍କ ପାଖରେ ପହଞ୍ଚିବାରେ ବିଫଳ ହୋଇଛି। ଗତ ସପ୍ତାହ ରବିବାର ରାତ୍ରି ସମୟରେ ମା' ଦୁର୍ଗା ଦେବୀଙ୍କର ଅଳଙ୍କାର ସମେତ କଂସା, ପିତଳ ବାସନକୁସନ ସାଙ୍ଗକୁ ଘଣ୍ଟ ଘଣ୍ଟି ଚୋରି ହୋଇଥିବା ଘଟଣାରେ ପୁଲିସ ଚୁପ ହେବା ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରି କି ଜଗନ୍ନାଥପୁରରେ ରାତିରେ କିଛି ଅପରାଧୀ ଗୋଟେ ନିଛାଟିଆ ଗଛମୂଳେ ବସି ଆଡା କରିଥିବା ବେଳେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବାପରେ ମଧ୍ୟ ପୁଲିସର ନୀରବତା ଦେଖା ଦେଇଛି । ଏହାକୁ ନେଇ ଏବେ ପ୍ରଶ୍ନ ଉଠିଛି ଯେ ପୁଲିସ ଅପରାଧୀଙ୍କୁ ଘଣ୍ଟ ଯୋଗାଉଛି କି ? ସେହିପରି ଗତ ବୁଧବାର ଦିନ ଦିପହରରେ ନଜ଼ୁଆ ଛକରୁ ତୁଳଙ୍ଗ ଅଭିମୁଖେ ଯାଉଥିବା ଏକ ଟାଟା ଏସି ଗାଡି ଚାଳକଙ୍କୁ କିଛି ଦୁର୍ବୃତ୍ତ ଧମକାଇ ଟଙ୍କା ନେବା ପରେ ଛାଡ଼ିଦେଇଥିବା ସୂଚନା ମିଳିଛି । ଜନଗହଳିପୂର୍ଣ୍ଣ ଚଉରାରେ ଯଦି ଏଭଳି ଘଟଣା ଘଟେ ତାହାଲେ ସାଧାରଣ ଲୋକଙ୍କ ଘର କେତେ ସୁରକ୍ଷିତ ? ତାହାକୁ ନେଇ ଏବେ ପୁଲିସ ପ୍ରଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାକୁ ଦୃଷ୍ଟିରେ ରଖି ଯଦି ପୁଲିସ ଚୋରଙ୍କୁ ଧରିବାରେ ବିଫଳ ହୁଏ ତେବେ ଅଞ୍ଚଳବାସୀ କାହାକୁ ଭରସା କରିବେ ବୋଲି ଅଭିଯୋଗ ଆଣିଛନ୍ତି ।

## ନାଗବଂଶୀ ହିନ୍ଦୁ ମୁଣ୍ଡା ସମାଜ ଦ୍ୱାରା ବକ୍ସିଂ ଖେଳାଳି ଆୟୁଷ ମୁଣ୍ଡା ସମ୍ବର୍ଦ୍ଧିତ



**ସୁନ୍ଦରଗଡ଼,୧୦।୮ (ସଂଚାର ବ୍ୟୁରୋ):** ବିହାର ରାଜ୍ୟ ଭାଗଲପୁରରେ ଅବସ୍ଥିତ ତିଲକାମାଞ୍ଜି ହଦ୍ରମୁଖୀ ଇଣ୍ଡୋର ଷ୍ଟାଡିୟମ ପରିସରରେ ପ୍ରଥମ ବିହାର କପ - ୨୦୨୫ ଯୁବ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତାରେ ଆୟୁଷ ମୁଣ୍ଡା ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ପାଇଁ ତଥା ମୁଣ୍ଡା ସମାଜର ଗର୍ବ ଆଣିଛନ୍ତି । ଏହି ପରିପ୍ରେକ୍ଷୀରେ ନାଗବଂଶୀ ହିନ୍ଦୁ ମୁଣ୍ଡା ସମାଜ ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ବକ୍ସିଂ ଖେଳାଳି ଆୟୁଷ ମୁଣ୍ଡାଙ୍କୁ ଫୁଲ ତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଉତ୍ତରୋତ୍ତର କାମନା କରିଥିଲେ । ଜିଲ୍ଲା କମିଟିର ସଭାପତି ସୋମନାଥ ମୁଣ୍ଡା, ମହିଳା ସଭାନେତ୍ରୀ ଲକ୍ଷ୍ମୀ କେରକେଟା, ସମ୍ପାଦକ ଟିଙ୍କୁ ମୁଣ୍ଡା, ସହ ସମ୍ପାଦକ କିଶୋର ମୁଣ୍ଡା,ପରାମର୍ଶ ଦାତା ସୁଖଲାଲ ମୁଣ୍ଡା ଓ ଜଟିଆ ମୁଣ୍ଡା ଉପସ୍ଥିତ ରହି ତାଙ୍କ ଘର କଦଳୀମୁଣ୍ଡାରେ ସମ୍ବର୍ଦ୍ଧିତ କରିଥିଲେ । ଆୟୁଷ ମୁଣ୍ଡା ଭଙ୍ଗା ଥାନା ଅନ୍ତର୍ଗତ କଦଳୀ ମୁଣ୍ଡା ଗ୍ରାମର ହେମ ମୁଣ୍ଡା ଓ ସରୋଜିନୀ ମୁଣ୍ଡାଙ୍କ ପୁଅ ଅଟନ୍ତି । ସେ ସପ୍ତମ ଶ୍ରେଣୀ ପଢୁଥିବା ସମୟରୁ ଜିଲ୍ଲାର ଅଣ୍ଡର ଅନୁଷ୍ଠାନ ଜନ ସେବା ସମିତି ଯୋଗିମାଲର ସୁଦକ ବୋକ୍ସ ମାନଙ୍କ ଠାରୁ ତାଲିମ ନେଇ ଅନେକ ଥର ଜିଲ୍ଲା ସ୍ତରୀୟ, ରାଜ୍ୟ ସ୍ତରୀୟ ଓ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଛନ୍ତି ।

## ଖୁଦରୁକୁଣୀ ପୂଜା ଆରମ୍ଭ



**କଣାସ,୧୦।୮ (ସଂଚାର ବ୍ୟୁରୋ):** ପୁରାଣ ବର୍ଣ୍ଣିତ ସାଧାବ ଝିଅ ତପଇ ଉପରେ ତାହାର ଭାଉଜମାନେ କିପରି ଅକଥନୀୟ ଅତ୍ୟାଚାର କରିଥିବା ବେଳେ ତପଇ ମା ମଙ୍ଗଳଙ୍କୁ ଆଶ୍ରୟକରି କିପରି ଉଦ୍ଧାର ହୋଇଥିଲା। ସେଥିପାଇଁ ଆଜିର ଅବିବାହିତ ଯୁବତୀମାନେ ଭାଦ୍ରବ ମାସର ପ୍ରଥମ ରବିବାରରେ ପ୍ରଭାତରୁ ନିଜ ନିଜ ପୋଖରୀ ଓ ନଦୀରେ ସ୍ନାନ କରି ବାଲି ଓ ମାଟିରେ ଏକ ମୂର୍ତ୍ତି କରି ନାନା ରଙ୍ଗବେରଙ୍ଗର ଫୁଲ ଦେଇ ସଜାଇବା ସହ ବିଭିନ୍ନ ଫଳମୂଳ ଦେଇ ପୂଜା କରୁଥିବା ଦେଖିବାକୁ ମିଳିଥିଲା। ସଂଧ୍ୟା ସମୟରେ ଗ୍ରାମମାନଙ୍କରେ ଝିଅମାନେ ମେଳି ହୋଇ ତୋରଣ ତିଆରିକରି ମଙ୍ଗଳାଙ୍କ ମୂର୍ତ୍ତୀ ବସାଇ ପୂଜାର୍ଚ୍ଚନା କରିବା ସହିତ ଖୁଦରୁକୁଣୀ ପୁସ୍ତକ ପଠନ କରୁଥିବା ଦେଖିବାକୁ ମିଳିଥିଲା।

# ହକ୍ ପାଇଁ ରାଜରାସ୍ତାରେ ଗର୍ଜିଲେ ହଜାର ହଜାର ଆଦିବାସୀ




**ରାଇଘର,୧୦।୮ (ସଂଚାର ବ୍ୟୁରୋ):** ଆଜି ବିଶ୍ୱ ଆଦିବାସୀ ଦିବସ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଜନସାଧାରଣ ଏକତ୍ରିତ ହୋଇ ଶକ୍ତି ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା । ଆଦିବାସୀ ସମ୍ପ୍ରଦାୟର ପ୍ରତ୍ୟେକ ଜାତିର ସଭାପତି, ଉପ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ତଥା ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ୮ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।

ସମସ୍ତେ ପ୍ରଥମେ ମଉଳିମା ମନ୍ଦିର ଠାରେ ରୁଣ୍ଡ ହେବା ପରେ ଏକ ବିରାଟ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ନୂତନ ବସଷ୍ଟାଣ୍ଡ ଠାରେ ପହଂଚି ଥିଲେ। ପାରମ୍ପରିକ ବେଶରେ ସମସ୍ତେ ସଜେଇ ହୋଇ ପାରମ୍ପରିକ ବାଜାର ତାଳେ ତାଳେ ନାଚିଗାଇ ମଞ୍ଚ ନିକଟରେ ପହଂଚିବା ପରେ ପ୍ରଥମେ ଦେବାଦେବୀଙ୍କ ପୂଜାର୍ଚନା ସାରି ପତାକା ଉତୋଳନ କରିଥିଲେ। ପରେ ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରି ଅତିଥି ପରିଚୟ ପ୍ରଦାନ କରାଯାଇଥିଲା। ମଞ୍ଚାସିନ ଅତିଥିମାନେ ଆଦିବାସୀ ମାନଙ୍କ ଅଧିକାର ଓ ସୁରକ୍ଷା ଉପରେ ନିଜ ନିଜ ଅବିଭାଷଣ ରଖୁବା ସହିତ ଆଦିବାସୀ ପରମ୍ପରା, ସଂସ୍କୃତି ତଥା ଆଞ୍ଚଳିକ ପର୍ବ ପର୍ବାଣୀକୁ ଜୀବିତ ରଖିବାକୁ ପରାମର୍ଶ ଦେଇଥିଲେ।

ଅଗଷ୍ଟ ୯ ତାରିଖକୁ ବିଶ୍ୱ ଆଦିବାସୀ ଦିବସ ଭାବେ ସରକାରୀ ଛୁଟି ଘୋଷଣା କରାଯିବା ସହିତ ଆଦିବାସୀ ମାନଙ୍କ ପ୍ରମୁଖ ପର୍ବ ପର୍ବାଣୀ ଗୁଡିକ ସରକାରୀ ସ୍ତରରେ ଛୁଟି ଘୋଷଣା କରାଯାଉ ବୋଲି ସମସ୍ତ ମଞ୍ଚାସିନ ଅତିଥିମାନେ ଦାବୀ କରିଥିଲେ। ପରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଭିନ୍ନ ଗ୍ରାମରୁ ଆଦିବାସୀ ଡାନ୍ସ ଗ୍ରୁପର କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରି ମଞ୍ଚାସିନ ଅତିଥି ଓ ଜନସାଧାରଣଙ୍କ ମନରଞ୍ଜନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରବଳ ଜନଗହଳି ହେବାକୁ ଥିବା ଜାଣି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା

## ବ୍ରଜାଘାତରୁ ରକ୍ଷା ପାଇଁ ତାଳଚାରା ରୋପଣ




**କଣାସ,୧୦।୮ (ସଂଚାର ବ୍ୟୁରୋ):** କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାତର ଦେଠିଆପଡ଼ା ଗ୍ରାମରେ ପ୍ରତିଷ୍ଠିତ ଦେଠିଆପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରି•ଳନା କମିଟି ପକ୍ଷରୁ ଗତକାଲି 'ଆସ ଲଗାଇବା ତାଳ ଗଛ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବ୍ରଜପାତ ଜନିତ କ୍ଷୟକ୍ଷତିକୁ କମ କରିବାପାଇଁ କମିଟି ତରଫରୁ ବିଦ୍ୟାଳୟ ନିକଟସ୍ଥ ଲୁଣାନଦୀ ବନ୍ଧରେ ଦୁଇ ପାର୍ଶ୍ୱରେ ତିପୁରୀ କଳଘାଇ ଛକଠାରୁ ଜଙ୍ଘାର ଛକ ପର୍ଯ୍ୟନ୍ତ ପ୍ରାୟ ୩କିମି ରାସ୍ତାର ଦୁଇପାର୍ଶ୍ୱରେ ୧ହଜାର ତାଳ •ରା ରୋପଣ କରାଯାଇଛି। ପ୍ରତ୍ୟେକ ବର୍ଷ ତାଳଗଛ କମ ଥିବାରୁ ବହୁ କ୍ଷୟକ୍ଷତି ବ୍ରଜପାତ ଯୋଗୁଁ ଘଟୁଛି ସରକାରଙ୍କ ପକ୍ଷରୁ ସୂଚନା ଦେବାପରେ ଏହି କ୍ଷୟକ୍ଷତିକୁ କିପରି କମାଯାଇ ପାରିବ ସେଥିପାଇଁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କର ବଡ ଜନସଚେତନତା କାର୍ଯ୍ୟକ୍ରମ ଦେଠିଆପଡ଼ା ଓ ଏକରୁଖା ଗ୍ରାମରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ଅପର୍ତ୍ତି ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଭାପତି ଶରତ କୁମାର ମହାପାତ୍ର, କମିଟିର ସମସ୍ତ ସଭ୍ୟ ସଭ୍ୟା, ସ୍ୱଚ୍ଛାସେବୀ ଅକ୍ଷୟ କୁମାର ବିଶ୍ୱାଳ ଯୋଗଦାନ କରିଥିଲେ।

## 'ରାକ୍ଷୀ ଫର୍ ରକ୍ଷକ' କାର୍ଯ୍ୟକ୍ରମ



**ଫୁଲବାଣୀ,୧୦।୮ (ସଂଚାର ବ୍ୟୁରୋ):** ଆଜି ଫୁଲବାଣୀରେ ସାମାଜିକ ସଂଗଠନ ଯୁବ ମିତ୍ର ଫାଉଣ୍ଡେସନ ତରଫରୁ 'ରଖି ଫୋର୍ ରକ୍ଷକ' କାର୍ଯ୍ୟକ୍ରମ ଗଭୀର ସମ୍ମାନ ଓ ଉତ୍ସାହର ସହିତ ପାଳିତ ହୋଇଛି। ଏହି ପ୍ରୟାସର ମୂଳ ଉଦ୍ଦେଶ୍ୟ ଥିଲା ସମାଜର "ରକ୍ଷକ"- ପୁଲିସ୍, ଅଗ୍ନିଶାମକ, ଚିକିତ୍ସାକର୍ମୀ, ଓ ବନ ବିଭାଗର କର୍ମଚାରୀଙ୍କୁ ସମ୍ମାନ ଓ ଆଭାର ପ୍ରକାଶ କରିବା।

ସମାଜସେବୀ ଦେବାଶିଷ ସାହାଣୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଏସ୍‌ପି କାର୍ଯ୍ୟାଳୟ, ପୁଲିସ୍ ଷ୍ଟେସନ୍, ମେଡିକାଲ୍ ଓ ଫରେଷ୍ଟ ଅଫିସରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ସ୍ଥାନରେ ରକ୍ଷୀ ବାନ୍ଧି ସୁରକ୍ଷା ଓ ସେବାରେ ନିଯୁକ୍ତିତ କର୍ମଚାରୀଙ୍କୁ ସନ୍ଦେଶ ଦିଆଯାଇଥିଲା ଯେ ସମାଜ ସଦା ତାଙ୍କ ସହିତ ଅଛି ଓ ତାଙ୍କ ସେବାକୁ ମୂଲ୍ୟାଙ୍କନ କରୁଛି। ଏହି ସୁବସରରେ ଶ୍ରୁତି ସୁଲଗ୍ନା ତ୍ରିପାଠୀ, ଶ୍ରୀୟ ପ୍ରଧାନ, ପ୍ରାର୍ଥନା ପ୍ରଣୟୀତା ନାୟକ, ଶୁଭଶ୍ରୀ ପାତ୍ର, ସ୍ନିଗ୍ଧା ତ୍ରିପାଠୀ, ଓମ୍ ପ୍ରତ୍ୟୁଷା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସମସ୍ତେ ଏକ ସ୍ୱରରେ କହିଥିଲେ ଯେ ଏପରି ପଦକ୍ଷେପ ମାତ୍ର କାଗଜରେ ନୁହେଁ, ବାସ୍ତବରେ ସମାଜ ଓ ସୁରକ୍ଷାବାହିନୀଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରେ।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

**କଣାସ,୧୦।୮ (ସଂଚାର ବ୍ୟୁରୋ):** କଣାସ ଥାନା ଗଡ଼ସାହି ପଞ୍ଚାୟତର ଗଡ଼ସାହି ଗ୍ରାମରେ ଗତ ଶୁକ୍ରବାର ଦିନ ପ୍ରଭାତରୁ ହୃଷିକେଶ ବଳିୟାରସିଂହ ୫୮ ବର୍ଷଙ୍କର ବିଦ୍ୟୁତ୍ ଆଘାତ୍‌ରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି ହୃଷିକେଶ ନିଜ ବାଡିରେ ଥିବା ଫସଲ କିଆରିକୁ ପାଣି ମଡାଇବା ପାଇଁ ମଟର ଲଗାଇଥିଲେ। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହୃଷିକେଶ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଯାଇଥିଲେ। ପରିବାର ଲୋକେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇ ଆସିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କଣାସ ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିଲେ। ହୃଷିକେଶ ଜଣେ କୃଷକ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଦେବା ପାଇଁ ଗ୍ରାମବାସୀମାନେ ଦାବୀ କରିଛନ୍ତି।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ରକ୍ଷାବନ୍ଧନ ପର୍ବ ପାଳିତ

**ବୈଶିଙ୍ଗା,୧୦।୮ (ସଂଚାର ବ୍ୟୁରୋ):** ବୈଶିଙ୍ଗା ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ବୈଶିଙ୍ଗା ସେବା କେନ୍ଦ୍ର ପରିସରରେ ପବିତ୍ର ରକ୍ଷାବନ୍ଧନ ପର୍ବ ବହୁ ଧୁମଧାମ ପାଳିତ ହୋଇଯାଇଛି। ରକ୍ଷା ବନ୍ଧନ ଭଳି ପବିତ୍ର ପର୍ବ ଭାଇ ଏବଂ ଭଉଣୀ ମଧ୍ୟରେ ଥିବା ସ୍ନେହ, ସଦଭାବନା ଓ ପବିତ୍ରତାର ପର୍ବ ବୋଲି ମତ ପ୍ରକାଶ ପାଇଥିବାବେଳେ ରକ୍ଷା ବନ୍ଧନ ପର୍ବ ଶ୍ରୀମନ୍ଦିର ତଥା ଶ୍ରୀଜଗନ୍ନାଥ ସଂସ୍କୃତିରେ ମଧ୍ୟ ଦେଖିବାକୁ ମିଳିଥାଏ। ବୈଶିଙ୍ଗା ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁପମା ଭଉଣୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରକ୍ଷାବନ୍ଧନ ରୂପକ ପବିତ୍ରତାର ପର୍ବ ପାଳିତ ହୋଇଯାଇଛି। ରାଖୀ ବାନ୍ଧିବା ପୂର୍ବରୁ ବ୍ରହ୍ମାକୁମାରୀ ଅନୁପମା ଭଉଣୀ ଉପସ୍ଥିତ ସମସ୍ତ ଭାଇଭଉଣୀ ମାନଙ୍କୁ ଏହି ପର୍ବର ପ୍ରକୃତ ଅର୍ଥ ବୁଝାଇଥିଲେ। ଏହି ପର୍ବ ଉପଲକ୍ଷେ ସମସ୍ତ ଭାଇ ଏବଂ ଭଉଣୀ ମାନଙ୍କୁ ପବିତ୍ରତାର ସୂଚକ ରାକ୍ଷୀ ବାନ୍ଧିଥିଲେ ।

## ୧୬ରୁ ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକଙ୍କ କାର୍ଯ୍ୟବନ୍ଦ ଡାକରା




**ସୁନ୍ଦରଗଡ଼,୧୦।୮ (ସଂଚାର ବ୍ୟୁରୋ):** ବେସରକାରୀ ଅନୁଦାନ ପ୍ରାପ୍ତ ଓ ଅଣ ଅନୁଦାନ ମହାବିଦ୍ୟାଳୟ ମାନଙ୍କରେ ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ନେଇ ସରକାରଙ୍କ ବୈମାତୃକ ମନୋଭାବ ନେଇ ଅଭିଯୋଗ ହୋଇଛି । ରାଜ୍ୟ ସଂଘ ସଭାପତି ବିଶ୍ୱରଂଜନ ଦାସଙ୍କ ଆହ୍ୱାନ କ୍ରମେ ନୂତନ ସରକାର ଆସିବା ଦିନରୁ ପର୍ଯ୍ୟାୟ କ୍ରମେ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରାଯାଇଛି, ତଥାପି ଫଳ ଶୂନ। ବିଜେପି ସରକାରଙ୍କ କାର୍ଯ୍ୟକାଳ ସମୟ ମଧ୍ୟରେ ଗୁରୁ ଦିବସକୁ କଳା ଦିବସ, ଦେଢ଼ ଲକ୍ଷ ସାଧାରଣ ଜନତାଙ୍କ ଦସ୍ତଖତ, ରାଜ୍ୟରେ ଥିବା ପାଞ୍ଚଟି ଶିକ୍ଷା ନିର୍ଦ୍ଦେଶାଳୟ ମାଧ୍ୟମରେ ଦାବୀପତ୍ର ପ୍ରଦାନ, ମୁଖ୍ୟ ମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ୧୧ ଥର ସାକ୍ଷାତ କରି ଆଲୋଚନା କରିବା, ୩୦ ଟି ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଘଣ୍ଟିଆ ଧାରଣା ସହିତ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ ପରେ ମଧ୍ୟ ସରକାର ଚୁପ୍ ହୋଇ ବସିବା ଅତ୍ୟନ୍ତ ଦୁଃଖଦାୟକ । ଏହାକୁ ରାଜ୍ୟ ସଂଘ ଗଭୀର ନିନ୍ଦା କରିବା ସହ ଆସନ୍ତା ଅଗଷ୍ଟ ୧୬ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ସହିତ ଭୁବନେଶ୍ୱର ସ୍ଥିତ ମହାତ୍ମା ଗାନ୍ଧୀ ମାର୍ଗରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଡାକରା ଦେଇଛି। ସରକାରଙ୍କୁ ନିବେଦନ କରି ଦାବି ପୂରଣ ଦିଗରେ ନୀତିଗତ ନିଷ୍ପତି ନିଅନ୍ତୁ ନଚେତ୍ ଅପ୍ରୀତିକର ପରିସ୍ଥିତି ପାଇଁ ସରକାର ହିଁ ଦାୟୀ ରହିବେ ବୋଲି ଜିଲ୍ଲା ସଂଯୋଜକ ସଞ୍ଜୟ କୁମାର ନାୟକ ଜିଲ୍ଲା ସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ସମ୍ମିଳନୀରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ।

# କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତିକୁ ରାଜସ୍ୱ ଅମଲା ସଂଘର ବିରୋଧ




**ଜୟପୁର,୧୦।୮ (ସଂଚାର ବ୍ୟୁରୋ):** ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶ୍ରୀ ଶଶୀଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସମ୍ମିଳନୀରେ ନରେନ୍ଦ୍ର ନାଥ ତ୍ରିପାଠୀ , ସୁନାକର ରାଉତ ପୂର୍ବତନ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ସଞ୍ଜୟ କୁମାର ପଣ୍ଡା ସମ୍ପାଦକ, ଓ୍ୱାଇ ଶ୍ରୀନିବାସ ରାଓ (ରାଜସ୍ୱ) ଓଡ଼ିଶା ଅମଲା ସଂଘ ବରିଷ୍ଠ ସଦସ୍ୟ ମଞ୍ଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ।

ଶଶୀଭୂଷଣ ଦାଶ୍ ସାମ୍ବାଦିକ ସମ୍ମିଳନୀରେ ବିକ୍ଷୋଭ କରିବା ସହିତ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତିକୁ ଓଡ଼ିଶା ଅମଲା ସଂଘ ବିରୋଧ କରୁଥିବା ଶ୍ରୀ ଦାଶ୍ ସଭାପତି ପ୍ରକାଶ କରିଥିଲେ। ରାଜସ୍ୱ ଅମଲା ସଂଘ କର୍ମଚାରୀ ମାନଙ୍କ ପ୍ରତି କୁଠାରଘାତ କରିଥିବା ମଞ୍ଚିସିନ ଅତିଥି ମତବ୍ୟକ୍ତ କରିଥିଲେ। ପୂର୍ବତନ ସରକାର ରାଜସ୍ୱ ଅମଲା ସଂଘର ଦାବି ପୂରଣ କରିଦେବା ପରେ ମଧ୍ୟ ରାଜସ୍ୱ ଅମଲା ସଂଘ ପୁଣିଥରେ କଣ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରୁଛନ୍ତି ବୋଲି ସଭାପତି ପ୍ରଶ୍ନ କରିଥିଲେ। କର୍ମଚାରୀ ସମନ୍ୱୟ ସମିତି ସରକାରଙ୍କ ନିକଟରେ ଅମଲା ମାନଙ୍କର ପ୍ରବେଶିକା ଦରମା ହାର ଷଷ୍ଠ ବେତନ କମିଶନ ଅନୁସାରେ ୪୨୦୦/- ଗ୍ରେଡ୍ ପେ ପ୍ରଦାନ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାଦ୍ୱାରା ଜିଲ୍ଲା ସ୍ତରୀୟ ସମସ୍ତ ଅମଲା ଉପକୃତ ହେବେ ବୋଲି ଶ୍ରୀ ଦାଶ୍ ସଭାପତି ଗଣମାଧ୍ୟମକୁ କହିଛନ୍ତି। ତେଣୁ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମ୍ପୂର୍ଣ୍ଣ ଅସହଯୋଗ କରିବା ସହିତ ହାସ୍ୟାସ୍ପଦ ବୋଲି ଶ୍ରୀ ଦାଶ୍ କହିଥିଲେ।

ଶେଷରେ ଶ୍ରୀ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ତଥା ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ସମସ୍ତ ମିଡ଼ିଆ ବନ୍ଧୁ ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସମସ୍ତ ଉପସ୍ଥିତ ଅମଲାଙ୍କୁ ଧନ୍ୟବାଦ କରିଥିଲେ।

## ଗଛ ଆମର ଭାଇ, ମହିଳା ବାନ୍ଧିଲେ ରାକ୍ଷୀ

**ବୋରିଗୁମ୍ମା,୧୦।୮ (ସଂଚାର ବ୍ୟୁରୋ):** ଶନିବାର ପବିତ୍ର ରକ୍ଷା ବନ୍ଧନରେ ବୋରିଗୁମ୍ମା ବ୍ଲକ ଝିଲିମିଲି ଗାଁର ମହିଳା ଓ ବନସୁରକ୍ଷା ସମିତିର ମହିଳାଙ୍କ ସମେତ ବାଳକ, ବାଳିକାମାନେ ପରିବେଶ ସହ ପରିସଂସ୍ଥା ସନ୍ତୁଳନ ବଜାୟ ରଖୁଥିବା ଗଛକୁ ପୂଜାର୍ଚନା କରି ଗଛରେ ରାକ୍ଷୀ ବାନ୍ଧିଥିଲେ। ଗ୍ରାମ୍ୟ ଜଙ୍ଗଲ ବା ବଣ ପ୍ରାକୃତିକ ବିପର୍ଯ୍ୟୟ ତଥା ଖରା, ବାତ୍ୟାରୁ ସୁରକ୍ଷା ଦେଇଥାଏ । ଏହି ମହିଳାମାନଙ୍କ ମଧ୍ୟରେ ଧନମତି ନାୟକ, ମମତା ବିଷୋୟୀ, କୋମୁଳୁ ଭତ୍ରାଙ୍କ ସହ ଅନ୍ୟ ମହିଳା ଓ ବାଳକ, ବାଳିକାମାନେ ଉପସ୍ଥିତ ଥିଲେ। ଗାଁର ମହିଳା ଠାରୁ ଆରମ୍ଭ କରି ବାଳିକାମାନେ ପ୍ରଥମେ ନିଜ ନିଜ ଭାଇକୁ ରାକ୍ଷୀ ବାନ୍ଧି ସମସ୍ତେ ଏକ ହୋଇ ନିଜ ଗାଁ ନିକଟରେ ଥିବା ସଂରକ୍ଷିତ ଜଙ୍ଗଲକୁ ଯାଇ ହାତରେ ଫୁଲ ଚନ୍ଦନ ସିନ୍ଦୁର ନଡ଼ିଆ କଦଳୀ ନେଇ ପୂଜାର୍ଚ୍ଚନା କରି ସମସ୍ତେ ଗୋଟିଏ ଗୋଟିଏ ଗଛକୁ ରାକ୍ଷୀ ବାନ୍ଧିଥିଲେ। ଶଙ୍ଖ ଘଣ୍ଟ ହୁଳହୁଳି ଧ୍ୱନୀରେ ପ୍ରକମ୍ପିତ ହେଉଥିଲା ଜଙ୍ଗଲ। ପ୍ରତିବର୍ଷ ଏଭଳି ନିଆରା ଢଙ୍ଗରେ ପାଳନ୍ତି ରାକ୍ଷୀ ପୂର୍ଣ୍ଣିମା। ସେମାନଙ୍କ ଉଦ୍ଦେଶ୍ୟ ହେଲା ଜଙ୍ଗଲ ସୁରକ୍ଷା। ଭାଇ ଯେମିତି ଭଉଣୀକୁ ରକ୍ଷା କରେ ସେହିପରି ଗଛ ଜଙ୍ଗଲ ମଧ୍ୟ ଆମକୁ ଅମ୍ଳଜାନ ଠାରୁ ଆରମ୍ଭ କରି ପବନ ବର୍ଷା ଏବଂ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ରୋଜଗାର ଦେଉଛି। ସେଥିପାଇଁ ଆମେ ଆମ ଜଙ୍ଗଲ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛୁ। ସେମାନେ ଏକ ସୁନ୍ଦର ବାର୍ତ୍ତା ବି ଦେଇଛନ୍ତି ଗଛ ଲଗାଅ କିନ୍ତୁ ନୀଳଗିରି ଗଛ ଲଗାନ୍ତୁ ନାହିଁ କାରଣ ନୀଳଗିରି ପରିବେଶ ନଷ୍ଟ କରୁଛି।



## ସାମୂହିକ ଛୁଟିରେ ଯିବେ ରାଜସ୍ୱ ଅମଲା ସଂଘ



**ସୁବର୍ଣ୍ଣପୁର,୧୦।୮ (ସଂଚାର ବ୍ୟୁରୋ):** କାଲିଠୁଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମସ୍ତ ରାଜସ୍ୱ ଅମଲାମାନେ ସାମୂହିକ ଛୁଟିରେ ରହି ତାଙ୍କର ବହୁ ପ୍ରତୀକ୍ଷିତ ୧୦ ଦଫା ଦାବିଗୁଡିକ ପୂରଣ ନିମିତ୍ତ ଜୋରଦାର ଆନ୍ଦୋଳନ କରିବେ ବୋଲି ଜିଲ୍ଲାର ଅଧ୍ୟକ୍ଷ ନୀଳାମ୍ବର ଶତପଥୀ, ଉପାଧ୍ୟକ୍ଷ ସହଦେବ ମେହେର ସଭାପତି ଜ୍ୟୋତିରଂଜନ ଦାନୀ, ସମ୍ପାଦକ ବନମାଳୀ ମେହେର, କାର୍ଯ୍ୟକାରୀ ସଭାପତି ସିତେଶ ପୂଜାହାରୀ, ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ କୁଅଁର କୋଷାଧ୍ୟକ୍ଷ ଜିତେନ୍ଦ୍ରିୟ ଦୀପ, ମୁଖ୍ୟ ପରାମର୍ଶ ଦାତା ଶ୍ରୀଯୁକ୍ତ ଅଶୋକ ମିଶ୍ର, ସଞ୍ଜୀବ ବାବୁ କାର୍ଯ୍ୟକାରିଣୀ ସଭ୍ୟ ଶିବଦତ୍ତ ଦାଶ, ଦୁଃଖିଶ୍ୟାମ ସେଠୀ, ମଛିନ୍ଦ୍ର ସୁନା, ଦିନେଶ ମିଶ୍ର, ସୁରେଶ ଶର୍ମା, ଜୟଦ୍ରଥ ଜଗଦଲା, ଗୋବିନ୍ଦ ବଡ଼େଇ, ସ୍ୱରୂପ ରଞ୍ଜନ ପୂଜାହାରି ଆକ୍ସନ କମିଟି ଅଧ୍ୟକ୍ଷ ସରୋଜ ପୁରୋହିତ,ବିରେନ୍ଦ୍ର ରଥ, ଶିବାନନ୍ଦ ବାଘ୍,ଚେତନ ପଣ୍ଡା,ଗିରିଧାରୀ ହୋତା, ଦୈତ୍ୟଦେବ ଭୋଇ, ସୂର୍ଯ୍ୟନାରାୟଣ ପୁରୋହିତ, ଦିଲ୍ଲୀପ ମେହେର ଇତ୍ୟାଦି ସମସ୍ତେ ଦୃଢତାର ସହ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଯେବେ ପର୍ଯ୍ୟନ୍ତ ସରକାର ଦାବିଗୁଡିକ ପୂରଣ କରି ନୋଟିଫିକେସନ ବାହାର କରିବେ ନାହିଁ , ସେ ସମୟ ପର୍ଯ୍ୟନ୍ତ ଉକ୍ତ ଆନ୍ଦୋଳନ ଜାରି ରହିବ ଏବଂ ଜନସାଧାରଣଙ୍କ ଅସୁବିଧା ପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଚେତାବନୀ ଦେଇ ଅଛନ୍ତି।

# ଜେନେରିକ ଓ ବ୍ରାଣ୍ଡେଡ ଔଷଧର ଗୁଣବତ୍ତା ଯଦି ସମାନ, ଦରରେ ପ୍ରଭେଦ କାହିଁକି ?



**ବଲାଙ୍ଗିର,୧୦।୮ (ସଂଚାର ବ୍ୟୁରୋ):** ଦେଶ ମଧ୍ୟକୁ ଆମଦାନୀ ଏବଂ ଦେଶରେ ନିର୍ମିତ ହୋଇ ବିକ୍ରି ହେଉଥିବା ସମସ୍ତ ଔଷଧ ଜେନେରିକ ହେଉ କି ବ୍ରାଣ୍ଡେଡ ଭାରତ ସରକାରଙ୍କ ଡ୍ରଗ୍ସ ଆଣ୍ଡ କସ୍ମେଟିକ ଆକ୍ଟ ୧୯୪୦ ଅନୁସାରେ ସମାନ ଗୁଣବତ୍ତା ପାଇଁ ନିର୍ଦ୍ଧାରିତ ମାନଦଣ୍ଡକୁ ପୂରଣ କରିଥାଏ । ଏହି ଆଇନରେ ଦୁଇ ପ୍ରକାର ଔଷଧ ପାଇଁ ଯଥା ଜେନେରିକ ଓ ବ୍ରାଣ୍ଡେଡ ପାଇଁ ଅଲଗା ନିୟମ ଓ ପୃଥକ ପରିଭାଷା ନାହିଁ ବୋଲି ଭାରତ ସରକାରଙ୍କ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ ପକ୍ଷରୁ ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମି ହେମନ୍ତ କୁମାର ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରାଯାଇଛି । ସମସ୍ତ ଔଷଧ ଉପରୋକ୍ତ ଆଇନର ଦ୍ୱିତୀୟ ସୂଚୀ ଅନୁସାରେ ନିର୍ଦ୍ଧାରିତ ମାନଦଣ୍ଡକୁ ପାଳନ କରିବାକୁ ହୁଏ । ରାଜ୍ୟ ଔଷଧ ଲାଇସେନସିଂ କର୍ତ୍ତୃପକ୍ଷ ଔଷଧ ବିକ୍ରି କରିବା ପାଇଁ ଲାଇସେନ୍ସ ଦେଇଥାନ୍ତି ଓ ନିୟମ ଉଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନେବାକୁ ସକ୍ଷମ ବୋଲି ତଥ୍ୟରେ କୁହାଯାଇଛି। ଏହି ତଥ୍ୟ ଭାରତର ଜଏଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ଡ. ଏ ଭିସାଲା ପତ୍ର ନଂ- ଆର ଟି ଆଇ-୧୧୦୧୨(୧୧)/୪୯/୨୦୨୫-୨୪୫୬୨ ଯୋଗେ ପଣ୍ଡାଙ୍କୁ ପ୍ରଦାନ କରିଛନ୍ତି । ଜେନେରିକ ଓ ବ୍ରାଣ୍ଡେଡ ଔଷଧର ଗୁଣବତ୍ତା ଆଇନ ଅନୁଯାୟୀ ସମାନ ବୋଲି ଭାରତ ସରକାରଙ୍କ ଆଇନ ଥିଲେ ମଧ୍ୟ ଏହାର ବିଶ୍ୱାସନୀୟତା ପାଇଁ ସରକାର ବିଶେଷ ପଦକ୍ଷେପ ନେବା ଜରୁରୀ ବୋଲି ସୂଚନା କର୍ମି ପଣ୍ଡା କହିଛନ୍ତି । ଜେନେରିକ ଓ ବ୍ରାଣ୍ଡେଡ ଔଷଧ ଦରରେ ଆକାଶପାତାଳ ପ୍ରଭେଦ ରହିଛି। ଯଦି ପ୍ରଚଳିତ ଆଇନ ଆନୁଯାୟୀ ଗୁଣବତ୍ତା ସମାନ ତାହାହେଲେ ଦରରେ ଏତେ ଭିନ୍ନତା କାହିଁକି ବୋଲି ପଣ୍ଡା ପ୍ରଶ୍ନ କରିଛନ୍ତି । ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଥ୍ୟ ହସ୍ତାନ୍ତର କରି ସୂଚନା କର୍ମି ପଣ୍ଡା ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି ।